# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୧୯ (୨୦ ପୃଷ୍ଠା) | Balasore, Thursday, September 12/2019 | ★★★★

୪୫ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ମୁଦ୍ଦାସର ଜଣେ ଭଲ ବନ୍ଧୁ**

'ପତି ପତ୍ନୀ ଔର ୱ'ର ନିର୍ଦ୍ଦେଶକ ମୁଦାସର ଅଜିଜ୍‌ଙ୍କ ସମ୍ପର୍କରେ ହୁମ୍ମା କୁହନ୍ତି, ସେ ମୋର ପ୍ରେମିକ ନୁହନ୍ତି, ସେ ମୋର ଜଣେ ଭଲ ବନ୍ଧୁ।

୧୬

୧୮

**ଟ୍ରାକ୍ ଏସିଆ କପ୍ ସାଇକ୍ଲିଂରେ ସ୍ୱସ୍ତିଙ୍କୁ ବ୍ରୋଞ୍ଜ**

ଓଡ଼ିଶାର ସ୍ୱସ୍ତି ସିଂ ଟ୍ରାକ୍ ଏସିଆ ଅନ୍ତର୍ଜାତୀୟ ସାଇକ୍ଲିଂ ପ୍ରତିଯୋଗିତାରେ ନୂଆ ଜାତୀୟ ରେକର୍ଡ଼ ପ୍ରତିଷ୍ଠା କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



# ଘୂର୍ଣ୍ଣିବଳୟ: ୪ଦିନ ପ୍ରବଳ ବର୍ଷା

■ ଉତ୍ତର ଓଡ଼ିଶାରେ ବନ୍ୟା ଆଶଙ୍କା

■ ଖୋର୍ଦ୍ଧା, ପୁରୀ, କଟକ ଜିଲାରେ ମାଡ଼ି ରହିଛି ବନ୍ୟାଜଳ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ବର୍ଷା ଜାରି ରହିଛି। ଏବେ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଗୁରୁବାର ଏହା ଝାଡ଼ଖଣ୍ଡ ଏବଂ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳ ବର୍ଷା ହେବ। କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ସୋନପୁର, ସମ୍ବଲପୁର, ବଲାଙ୍ଗୀର, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଏସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ସେହିପରି ଏହି ସମୟରେ ଅନୁଗୋଳ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏହି ଜିଲାଗୁଡିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଗତ ଦୁଇଦିନ ଧରି ରାଜ୍ୟର କେତେକ ନଦୀର ଜଳସ୍ତର ବୃଦ୍ଧିପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ବହୁ ଅଞ୍ଚଳରେ ବନ୍ୟାପାଣି ମାଡ଼ି ରହିଛି। ଆଗକୁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ବିଶେଷକରି ଉତ୍ତର ଓଡିଶାର କେତେକ ନଦୀରେ ବନ୍ୟା ଆସିବା ଆଶଙ୍କା ପ୍ରକାଶ ପାଇଛି।



ଦୟାନଦୀର ଶାଖା ରାଜୁଆ ନଦୀରେ ବନ୍ୟାପାଣି ଆସି ଖୋର୍ଦ୍ଧା ବ୍ଲକ ନରଣଗଡ ପଞ୍ଚାୟତ ମାନପୁର ଗାଁ ଦାଣ୍ଡରେ ପାଣି ଜମି ରହିଛି।

## କଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପକୁ ଜାତିସଂଘର ନା

ନୂଆଦିଲ୍ଲୀ,୧୧।୯(ଆଇଏଏନ୍ଏସ୍): କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟକରଣ କରିବା ପାଇଁ ଉଦ୍ୟମ ଚଳାଇଥିବା ପାକିସ୍ତାନକୁ ନିରାଶ ହେବାକୁ ପଡିଛି। ଜାତିସଂଘ ସୁରକ୍ଷା ପରିଷଦ ପରେ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆର୍‌ସି)ରେ ମଙ୍ଗଳବାର ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇଥିଲା। ତେବେ କଶ୍ମୀର ପ୍ରସଙ୍ଗରେ ଜାତିସଂଘ ହସ୍ତକ୍ଷେପ କରିବ ନାହିଁ ବୋଲି ବୁଧବାର ଏହାର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସ୍ପଷ୍ଟ କରିଦେବା ପରେ ଇସ୍‌ଲାମାବାଦକୁ ଶକ୍ତ ଝଟ୍‌କା ଲାଗିଛି। ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଭାରତ-ପାକ୍ ସମସ୍ୟାର ସମାଧାନ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେବା ପରେ କ୍ରୋଧରେ ଜର୍ଜରିତ ପାକ୍ ଏଥିରେ ତୃତୀୟ ପକ୍ଷର ହସ୍ତକ୍ଷେପ ପାଇଁ ଜାତିସଂଘ ସମେତ ବିଭିନ୍ନ ଦେଶର ସହଯୋଗ ଲୋଡିଥିଲେ ହେଁ ସବୁଆଡୁ ନିରାଶ ହୋଇଛି।

(ସବିଶେଷ ରିପୋର୍ଟ: ପୃଷ୍ଠା-୨)

## ■ ପିଛା ଛାଡୁନି ମାନ୍ଦାବସ୍ଥା
## ଅଗଷ୍ଟରେ ଟାଟା ମୋଟର୍ସ ବିକ୍ରି ୩୨% ହ୍ରାସ

ନୂଆଦିଲ୍ଲୀ,୧୧।୯

ଅଟୋ ସେକ୍ଟରକୁ ମାନ୍ଦାବସ୍ଥା ପିଛା ଛାଡୁନି। ଫଳସ୍ୱରୂପ ଗାଡି ବିକ୍ରି କ୍ରମାଗତ ହ୍ରାସ ହୋଇଚାଲିଛି। ଅଗଷ୍ଟରେ ଟାଟା ମୋଟର୍ସର ବିଶ୍ୱ ସ୍ତରରେ ବିକ୍ରି ୩୨% ହ୍ରାସ ପାଇ ୭୨,୪୬୪ ୟୁନିଟରେ ପହଞ୍ଚିଯାଇଛି। କମ୍ପାନୀ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଟାଟା ମୋଟର୍ସର ସମସ୍ତ ବାଣିଜ୍ୟିକ ବାହନ ଏବଂ ଟାଟା ଡିଉ ରେଞ୍ଜର ହୋଲସେଲ୍ ବିକ୍ରି ୪୫% ଅର୍ଥାତ୍ ୨୫,୩୬୬କୁ ହ୍ରାସ ପାଇଛି। ଆଲୋଚ୍ୟ ମାସରେ ସମସ୍ତ ପାସେଞ୍ଜର ଗାଡ଼ିର ହୋଲସେଲ୍ ଅର୍ଥାତ୍ ପାଇକାରୀ ବିକ୍ରି ୪୭,୦୯୮ ୟୁନିଟ ରହିଛି, ଯାହା କି, ପୂର୍ବବର୍ଷର ଏହି ସମୟ ଅପେକ୍ଷା ୨୨ ପ୍ରତିଶତ କମ୍। ସମୀକ୍ଷାଧୀନ ମାସରେ ୩୯,୬୧୫ ଜାଗୁଆର ଲ୍ୟାଣ୍ଡ ରୋଭର ହୋଲସେଲ୍ ବିକ୍ରି ହୋଇଛି। ଏହି ସମୟରେ ୧୦,୦୯୭ ୟୁନିଟ ଜାଗୁଆର ଏବଂ ୨୯,୫୧୮ ଲ୍ୟାଣ୍ଡରୋଭର ଗାଡ଼ି ବିକ୍ରି କରାଯାଇପାରିଛି। ତେବେ ଅଗଷ୍ଟରେ ଜାଗୁଆର ଲ୍ୟାଣ୍ଡ ରୋଭରର ରିଟେଲ ବିକ୍ରି ୩୪,୧୭୬ ୟୁନିଟ ରହିଛି, ଯାହା କି ପୂର୍ବବର୍ଷର ଏହି ସମୟ ଅପେକ୍ଷା ୬.୭% କମ୍ ବୋଲି ବ୍ରିଟିଶ ଅଟୋ ନିର୍ମାତାଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସେହିପରି ଚାଇନାରେ କମ୍ପାନୀର ଏହାର ବିକ୍ରି ପୂର୍ବବର୍ଷ ତୁଳନାରେ ୧୭.୪% ହ୍ରାସ ପାଇଛି। ଅଗଷ୍ଟରେ ଚାଇନାରେ ୯୭୦୨ ୟୁନିଟ ଜାଗୁଆର ବିକ୍ରି ହୋଇଛି, ଯାହା କି, ପୂର୍ବବର୍ଷ ତୁଳନାରେ ୧୭.୮% କମ। ସେହିପରି ଲ୍ୟାଣ୍ଡରୋଭର ବିକ୍ରି ୧.୪% ହ୍ରାସ ପାଇ ୨୪,୪୭୪ ୟୁନିଟ ହୋଇଛି।

## କଲିକତା, ବାଙ୍ଗାଲୋରକୁ ଝାରସୁଗୁଡ଼ାରୁ ଉଡ଼ିବ ବିମାନ



ଭୁବନେଶ୍ୱର,୧୧।୯(ବ୍ୟୁରୋ) : ରାଜ୍ୟର ପର୍ଯ୍ୟଟନ ଏବଂ ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ବିମାନ ସେବା ବ୍ୟବସ୍ଥାର ସ୍ୱତନ୍ତ୍ର ଭୂମିକା ରହିଛି। ଏହାର ଦୃଢ଼ ଆବଶ୍ୟକତାକୁ ଲକ୍ଷ୍ୟ କରି ରାଜ୍ୟ ସରକାର ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ସେହି କ୍ରମରେ ଝାରସୁଗୁଡାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ନିୟମିତ କରାଯାଇଛି। ଏଥିସହିତ ଝାରସୁଗୁଡାରୁ ୨ଟି ନୂତନ ସ୍ଥାନକୁ ବିମାନ ବ୍ୟବସ୍ଥା କରାଯାଇଛି। ଏହି ସ୍ଥାନଗୁଡିକ ହେଉଛି- କଲିକତା ଏବଂ ବାଙ୍ଗାଲୋର। ଖୁବ୍‌ଶୀଘ୍ର ଏହି ୨ଟି ସ୍ଥାନକୁ ବିମାନ ଚଳାଚଳ କରିବ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନରେ ବସିଥିବା ରାଜ୍ୟସ୍ତରୀୟ ପରିଚାଳନା କମିଟି (ଏସ୍ଏଲ୍ଏମ୍‌ସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗୃହ ବିଭାଗ ତଥା ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଏହି ପ୍ରକଳ୍ପ ସମ୍ପର୍କିତ ଆଉଟଲାଇନ୍ ବୈଠକରେ ପ୍ରଦର୍ଶନ କରିଥିଲେ। ଏହି ବୈଠକରେ ଝାରସୁଗୁଡା ଜିଲାପାଳଙ୍କ ସହ ମଧ୍ୟ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରାଯାଇଥିଲା। ବୈଠକ ପରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଆଗାମୀ ଦିନରେ ଅଧିକ ୨ଟି ବିମାନ ସେବା ବାଙ୍ଗାଲୋର ଏବଂ କଲିକତାକୁ ଯୋଗାଯୋଗ କରାଯିବ ବୋଲି ସେ କହିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହେଲେ ପି.କେ. ମିଶ୍ର

ନୂଆଦିଲ୍ଲୀ,୧୧।୯(ପି.ଟି.)

ଓଡ଼ିଶାରେ ଜନ୍ମିତ ତଥା ବରିଷ୍ଠ ଆଇଏଏସ୍ ଅଫିସର ପ୍ରମୋଦ କୁମାର ମିଶ୍ର ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ପି.କେ. ସିହ୍ନା ପ୍ରଧାନମନ୍ତ୍ରୀଙ୍କ ନୂଆ ପ୍ରମୁଖ ଉପଦେଷ୍ଟା ନିଯୁକ୍ତ ହୋଇଛନ୍ତି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ସେମାନଙ୍କ ନୂଆ ନିଯୁକ୍ତିକୁ ଅନୁମୋଦନ



ପ୍ରମୋଦ କୁମାର ମିଶ୍ର

କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଥିବା ନୃପେନ୍ଦ୍ର ମିଶ୍ରଙ୍କ ଇସ୍ତଫା ପରେ ପ୍ରମୋଦଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ପ୍ରଶାସନ କ୍ଷେତ୍ରରେ ପ୍ରମୋଦଙ୍କ ବିଶେଷ ଅନୁଭୂତି ରହିଛି। ବିଶେଷକରି କୃଷି, ବିପର୍ଯ୍ୟୟ ପରିଚାଳନା, ଶକ୍ତିକ୍ଷେତ୍ର, ଭିତ୍ତିଭୂମି ପାଇଁ ପୁଞ୍ଜି ଲଗାଣ ଉପରେ ତାଙ୍କର ବ୍ୟାପକ ପରିଚାଳନାଗତ ଦକ୍ଷତା ରହିଛି। ଏହାଛଡ଼ା ଦୀର୍ଘ ଚାକିରିକାଳ ମଧ୍ୟରେ ବିଭିନ୍ନ ନୀତି ନିର୍ଦ୍ଧାରଣ, କାର୍ଯ୍ୟକ୍ରମ

**ସିହ୍ନା ହେଲେ ପ୍ରମୁଖ ଉପଦେଷ୍ଟା**

ରୂପାୟନ, ପ୍ରକଳ୍ପ ପରିଚାଳନା ସହିତ ଗବେଷଣା ଏବଂ ଗବେଷଣା ଲବ୍ଧ ଜ୍ଞାନର ପ୍ରକାଶନ ମାଧ୍ୟମରେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖସଚିବ, କୃଷି ଓ ସମବାୟ ମନ୍ତ୍ରଣାଳୟର ସଚିବ, ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ଏବଂ ବିପର୍ଯ୍ୟୟ ପରିଚାଳନା ଦାୟିତ୍ୱକୁ ସେ ଭଲ ଭାବେ ତୁଲାଇ ପାରିଛନ୍ତି। ସେ ବିଶେଷକରି କୃଷି ଓ ସମବାୟ ମନ୍ତ୍ରଣାଳୟର ସଚିବ ଭାବେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ମିଶନ ଆରମ୍ଭ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୨୦୧୯ର ଜାତିସଂଘ ସାସାକାୱା ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି। ୧୯୭୦ରେ ତତ୍‌କାଳୀନ ଗଙ୍ଗାଧର ମେହେର କଲେଜ(ସମ୍ବଲପୁର ବିଶ୍ୱବିଦ୍ୟାଳୟ)ରୁ ଅର୍ଥନୀତିରେ ସ୍ନାତକ ଶିକ୍ଷା ଲାଭ କରି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସମ୍ବଲପୁରରୁ କଲେଜ ଶିକ୍ଷା ସାରି ସେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ଅର୍ଥନୀତିରେ ପ୍ରଥମଶ୍ରେଣୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ତାଙ୍କର ଅନେକ ଗବେଷଣାତ୍ମକ ଓ ଉଚ୍ଚ ଅଧ୍ୟୟନମୂଳକ ପ୍ରବନ୍ଧ ଆନ୍ତର୍ଜାତିକ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଆସୁଛି।

## ଟ୍ରାଫିକ ନିୟମ ବଦଳାଇଲେ ରାଜ୍ୟ ଦାୟୀ
## 'ଟଙ୍କା ନୁହେଁ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟ'



ବିଦେଶ ମୋଟରଯାନ ଆଇନକୁ ଅନୁଧ୍ୟାନ କରିବା ପରେ କେନ୍ଦ୍ର ସରକାର ସଂଶୋଧିତ ଆଇନ ଆଣିଛନ୍ତି: ଗଡ଼କରୀ

ନୂଆଦିଲ୍ଲୀ,୧୧।୯

ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଧାର୍ଯ୍ୟ ଜରିମାନା ରାଶିକୁ ହ୍ରାସ କରାଇବାକୁ ଉଦ୍ୟମ କରୁଥିବା ରାଜ୍ୟ ଏହାର ପରିଣାମ ପାଇଁ ଦାୟୀ ରହିବେ ବୋଲି କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ ଗଡକରୀ ବୁଧବାର କହିଛନ୍ତି। ପାର୍ଲାମେଣ୍ଟ ସଂଶୋଧିତ ମୋଟରଯାନ ଆଇନକୁ ଅନୁମୋଦନ କରିବା ପରେ ଭାଜପା ଶାସିତ ରାଜ୍ୟ ଗୁଜରାଟ ଜରିମାନା କମାଇଥିବାରୁ ଏହା ଦଳକୁ ଶକ୍ତ ଧକ୍କା ଦେଇଛି। କେତେକ ରାଜ୍ୟ ଜରିମାନା ଲାଗୁ କରିବେ ନାହିଁ ବୋଲି କହୁଥିବାବେଳେ ଟଙ୍କାଠାରୁ ଜୀବନ ଅଧିକ ମୂଲ୍ୟବାନ ବୋଲି ଗଡକରୀ କହିଛନ୍ତି। ଜୀବନ ବଞ୍ଚାଇବା ପାଇଁ ମୋଟରଯାନ ଆଇନକୁ କଠୋର କରାଯାଇଛି। ଆଇନ ପ୍ରତି ଲୋକଙ୍କ ଭୟ ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଜରିମାନା ପରିମାଣ ୯୦ ପ୍ରତିଶତ ହ୍ରାସ କରାଯିବ ବୋଲି ଗୁଜରାଟ ସରକାର ମଙ୍ଗଳବାର କହିଥିଲେ। ଏଭଳି ଜରିମାନାକୁ ପଶ୍ଚିମବଙ୍ଗରେ ଲାଗୁ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରୋକ୍‌ଠୋକ କହିଛନ୍ତି। ଭାରତରେ ସଡ଼କ ଦୁର୍ଘଟଣାରେ ବର୍ଷକୁ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ସେମାନଙ୍କ ମଧ୍ୟରୁ ୬୫ ପ୍ରତିଶତଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ। ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ସରକାର ନୂଆ ଆଇନ ଆଣିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଦରକାର। ଏହାକୁ ଦଳ ଓ ରାଜ୍ୟ ସରକାରଙ୍କଠାରୁ ଊର୍ଦ୍ଧ୍ୱରେ ଦେଖାଯିବା ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି। ବ୍ରିଟେନ, କାନାଡା, କାଲିଫର୍ନିଆ ଓ ଆର୍ଜେଣ୍ଟିନା ଭଳି ଦେଶର ମୋଟରଯାନ ଆଇନକୁ ଅନୁଧ୍ୟାନ କରିବା ପରେ କେନ୍ଦ୍ର ସରକାର ସଂଶୋଧିତ ଆଇନ ଆଣିଥିଲେ। ସବୁ ମୁଖ୍ୟମନ୍ତ୍ରୀ ଏହାକୁ ଅନୁଧ୍ୟାନ କରିବା ଉଚିତ ବୋଲି ସେ ମତ ଦେଇଛନ୍ତି।

### 'ଓଡ଼ିଶାରେ ଜରିମାନା କମାଇବାକୁ ବିଚାର ଚାଲିଛି'

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ଟ୍ରାଫିକ୍ ନିୟମକୁ ହେୟଜ୍ଞାନ କରି ଗାଡ଼ିର କାଗଜପତ୍ର ଠିକ୍ କରି ନ ଥିବା ଲୋକମାନେ ଏବେ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି। କାରଣ ସେମାନଙ୍କୁ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଦେବାକୁ ପଡୁଛି ୧୦ଗୁଣା ଜରିମାନା। ଏବେ ଡ୍ରାଇଭିଂ ଲାଇସେନ୍ସଠାରୁ ଆରମ୍ଭ କରି ପ୍ରଦୂଷଣ ସାର୍ଟିଫିକେଟ୍, ବୀମା, ଫିଟ୍‌ନେସ ଓ ଅନ୍ୟାନ୍ୟ କାଗଜପତ୍ର ଯୋଗାଡ଼ ନ କଲେ ରାସ୍ତାରେ ଗାଡ଼ି ଗଡ଼ାଇବା ମୁସ୍କିଲ। ପୂର୍ବରୁ ଅବଧି ପୂରି ଯାଇଥିଲେ ମଧ୍ୟ ଗାଡ଼ିର କାଗଜପତ୍ର ନବୀକରଣ ହେଉ ନ ଥିଲା। ଏବେ ଜୋରଦାର ଧରପଗଡ଼ ପରେ ଗତ କିଛିଦିନ ହେବ ପରିବହନ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି। ବଡ଼ଧରଣର ଜରିମାନା ଯୋଗୁ ବିଭିନ୍ନ ଜାଗାରେ ଅଶାନ୍ତି ସୃଷ୍ଟି ହୋଇଥିଲେ ମଧ୍ୟ ଲୋକେ ନିଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଗାଡ଼ିର କାଗଜପତ୍ର ☞ପୃଷ୍ଠା-୪

## ୱାଇଏସ୍ଆର୍‌ସିପି ବିରୋଧରେ ବିକ୍ଷୋଭ
## ଚନ୍ଦ୍ରାବାବୁ ଗୃହବନ୍ଦୀ

■ ପୁଅଙ୍କ ସମେତ ଟିଡିପିର ଅନେକ ନେତା ଅଟକ



ପୁଅ ନାରା ଲୋକେଶଙ୍କ ସହ ଚନ୍ଦ୍ରାବାବୁ ନାଇଡୁ।

ଅମରାବତୀ,୧୧।୯(ପି.ଟି./ଆଇଏଏନ୍ଏସ୍)

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ଓ ତାଙ୍କ ପୁଅ ନାରା ଲୋକେଶଙ୍କୁ ପୋଲିସ ବୁଧବାର ଗୃହବନ୍ଦୀ କରିଛି। ଜବରଦଖଲ ଉଚ୍ଛେଦରେ ବାସହରା ହୋଇଥିବା ଲୋକଙ୍କ ଉପରେ ଶାସକ ୱାଇଏସ୍ଆର୍ କଂଗ୍ରେସ ପାର୍ଟିର ଆକ୍ରମଣ ପ୍ରତିବାଦରେ 'ଚଲୋ ଅତମାକୁରୁ' ଶୋଭାଯାତ୍ରାରେ ଅମରାବତୀସ୍ଥିତ ବାସଭବନରୁ ଗୁଣ୍ଟୁରକୁ ବାହାରୁଥିବାବେଳେ ପୋଲିସ ଦୁହିଁଙ୍କ ସହ ଦଳର ଅନେକ ନେତା ଓ କର୍ମୀଙ୍କୁ ଅଟକାଇଛି। ଏହାର ପ୍ରତିବାଦରେ ବାପପୁଅ ସକାଳ ୮ଟାରୁ ରାତି ୮ଟା ଯାଏ ଘରେ ଅନଶନରେ ବସିଛନ୍ତି। ଏହାକୁ ନେଇ ରାଜଧାନୀ ଅମରାବତୀ ଓ ଗୁଣ୍ଟୁର ଜିଲାରେ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଗ୍ରାମବାସୀଙ୍କ ଉଚ୍ଛେଦକୁ ବିରୋଧ କରି ଚନ୍ଦ୍ରାବାବୁ କ୍ରିଷ୍ଣାନଦୀ କୂଳ ଉଣ୍ଡାଭଲ୍ଲୀ ବାସଭବନରୁ ଗୁଣ୍ଟୁର ଜିଲାର ପାଲନାଡୁ ଅଞ୍ଚଳକୁ 'ଚଲୋ ଅତମାକୁରୁ' ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ। ହେଲେ ପୋଲିସ ତାଙ୍କୁ ସେଠାକୁ ଯିବାକୁ ଦେଇ ନ ଥିଲା। କେତେଜଣ ଡିଏସ୍‌ପିଙ୍କ ସମେତ ବହୁସଂଖ୍ୟକ ପୋଲିସ କର୍ମୀ ତାଙ୍କ ଘରର ମୁଖ୍ୟ ପ୍ରବେଶପଥ ଓ ଅନ୍ୟ ଗେଟ୍‌ଗୁଡ଼ିକୁ ବନ୍ଦକରି ଦେଇଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କାହା ଦୁଃଖର କାରଣ ହୁଅନା

**ଆଜିର ମନ୍ତବ୍ୟ**

"ଆତଙ୍କବାଦର ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଭାରତ ସମ୍ପୂର୍ଣ୍ଣ ଭାବେ ସକ୍ଷମ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୪-୧୫ ପରଠାରୁ ଦେଶରେ ପବନ ଏବଂ ସୌର ଶକ୍ତି ପରିମାଣ ଯଥାକ୍ରମେ ୩୬,୬୮୭ ମେଗାୱାଟ ଓ ୩୦,୦୭୧ ମେଗାୱାର୍ଟ ବୃଦ୍ଧି ଘଟି ମୋଟ ଅକ୍ଷୟ ଶକ୍ତି ପରିମାଣ ୮୦,୬୩୩ ମେଗା ୱାଟ ଟପିଛି।

- ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 11.09.2019 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 64 | 111 | 121 |
| ANG | 62 | 109 | 119 |
| BHM | 58 | 103 | 113 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


# ତାରରେ ଝୁଲୁଛି ଜୀବନ

■ ସମସ୍ୟା ଘେରରେ ମୋହନା ବ୍ଲକ ରାଜଖମା ଗାଁ

■ ଭରାନଦୀ ପାର ହେବା ପାଇଁ ତାର ଭରସା

ଚନ୍ଦ୍ରଗିରି,୧୧।୯(ଡି.ଏନ.ଏ.)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଉଦ୍ଦେଶ୍ୟ ହେଉଛି ଗ୍ରାମର ବିକାଶ ହେଲେ ଦେଶର ବିକାଶ ହେବ। ମାତ୍ର ଏହିସବୁ ଯୋଜନା କିଛି ଅଞ୍ଚଳବାସୀଙ୍କ ପାଇଁ ପରିହାସ ପାଲଟିଛି ଓ ଯୋଜନା ସାତସପନ। ଏପରି ଏକ ଅଞ୍ଚଳ ହେଉଛି ଗଜପତି ଜିଲା ମୋହନା ବ୍ଲକ ପାହାଡ ପର୍ବତ ଘେରା ଗରଡମା ପଞ୍ଚାୟତ ରାଜଖମା ଗାଁ।

ମୋହନା ସଦର ମହକୁମାଠାରୁ ପ୍ରାୟ ୭୦ କିମି ଦୂର ରାଜଖମା। ପାଣିଗଣ୍ଡା, କଟାମା ଅତିକ୍ରମ କରି ପାପଏକୁ ନଦୀ ପୋଲ ଏବଂ ଢେପାଗୁଡା ଗ୍ରାମ ନିକଟ ପ୍ରଖରସ୍ରୋତା ନାଳ ପାର ହୋଇ ୭ କିମି ଚାଲିବା ପରେ ପଡେ ଗଦାପୁର ନଦୀ। ନଦୀପାର ହେଲେ ରାଜଖମା ଗାଁ। ଏହି ନଦୀରେ ପୋଲ ନାହିଁ। ଖରାଦିନେ ଏହା ଶୁଖିଲା ଥିବାବେଳେ ଲୋକେ ଚାଲି ଚାଲି ଯାଇଥାନ୍ତି। ମାତ୍ର ବର୍ଷାଦିନ ଆସିଲେ ଜଳସ୍ତର ବୃଦ୍ଧି ପାଏ। ପ୍ରାୟ ୮ରୁ ୧୦ ଫୁଟ ପାଣି ଓ ପ୍ରଖର ସ୍ରୋତରେ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇଥାନ୍ତି ଅଞ୍ଚଳବାସୀ। ଏନେଇ ଦୁଇ କୂଳରେ ଥିବା ଦୁଇଟି ଗଛରେ ବନ୍ଧାଯାଇଛି ଏକ ବିଦ୍ୟୁତ୍ ତାର। ଏହି ତାର ଧରି ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ଭରା ନଦୀ ପାର ହୋଇଥାନ୍ତି। ବେଶ୍ ସାବଧାନତା ସହ ପାର ହେବାକୁ ପଡେ। ହାତ ଖସିଲେ କିମ୍ବା ତାର ଛିଡିଲେ ଜୀବନ ଗଲା। ନଦୀ ଆରପଟେ ରାଜଖମା ସହ ଅନ୍ୟ ୫ଟି ଛୋଟ ଆଦିବାସୀ ଗାଁ ମଧ୍ୟ ରହିଛି। ପଞ୍ଚାୟତ ଅଫିସ, ରାଶନ, ସ୍ୱାସ୍ଥ୍ୟସେବା, ଭତ୍ତା ପାଇଁ ଏମାନଙ୍କୁ ନଦୀ ପାର ହେବାକୁ ପଡେ। ପୋଲ ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ। ବର୍ଷବର୍ଷ ଧରି ଅଞ୍ଚଳବାସୀ ଜୀଉଛନ୍ତି ଏପରି ସଂଘର୍ଷମୟ ଜୀବନ। ପୋଲଟିଏ ପାଇଁ ବହୁବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦେଖାକରି କହିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି କୁହନ୍ତି ଗରଡମା ସରପଞ୍ଚ ନରେଶ ମୁଠାମାଝି, ସ୍ଥାନୀୟ ବାସିନ୍ଦା ଗଙ୍ଗା ଗମାଙ୍ଗ, ରାଜେନ୍ଦ୍ର ଦଳାଇ, ଶାରଳା ପ୍ରଧାନୀ, ଝରା ବିଷୋୟୀ, ମନୋଜ ମହାପାତ୍ର ପ୍ରମୁଖ।

ଏନେଇ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କୁ ପଚାରିବାରୁ, ମୁଁ କେତୋଟି ଗାଁରେ ପୋଲ ନିର୍ମାଣ ପାଇଁ ତାଲିକା ପ୍ରସ୍ତୁତ କରିଛି। ସେହି ଗ୍ରାମର ତାଲିକା ନିଶ୍ଚିତ ଥିବ, ଯଦି ବି ନଥିବ ଯଥାଶୀଘ୍ର ଉକ୍ତ ଗରଡମା ଅଞ୍ଚଳକୁ ଭ୍ରମଣ କରି ସମସ୍ୟା ଅନୁଧ୍ୟାନ କରିବା ସହ ସମାଧାନ କରିବି ବୋଲି କହିଛନ୍ତି।



ରାଜଖମା ଗଦାପୁର ନଦୀରେ ବିପଦପୂର୍ଣ୍ଣ ଭାବେ ପାର ହେଉଛନ୍ତି ଲୋକେ।

ଧରିତ୍ରୀ
DHARITRI
ଗୁରୁବାର, ୧୨ ସେପ୍ଟେମ୍ବର ,୨୦୧୯



ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ହର୍ଷବର୍ଦ୍ଧନ ପାଟିଲ ବୁଧବାର ଭାଜପାରେ ଯୋଗଦେଇଛନ୍ତି। ଦକ୍ଷିଣ ମୁମ୍ବାଇରେ ଅନୁଷ୍ଠିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଥିଲେ। ପୁଣେର ଇନ୍ଦରପୁର ଆସନରୁ ବିଧାନସଭାକୁ ୪ ଥର ଜିତିଥିବା ପାଟିଲ ୨୦୧୪ ନିର୍ବାଚନରେ ଏନ୍‌ସିପି ପ୍ରାର୍ଥୀ ଦତ୍ତାତ୍ରେୟ ଭାର୍ନେଙ୍କଠାରୁ ଅଳ୍ପ ଭୋଟ ବ୍ୟବଧାନରେ ହାରିଯାଇଥିଲେ।



# କଶ୍ମୀରରେ ହସ୍ତକ୍ଷେପ କରିବନି ଜାତିସଂଘ

ନୂଆଦିଲ୍ଲୀ,୧୧।୯(ଆଇଏଏନ୍‌ଏସ୍)

- ପାକିସ୍ତାନକୁ ବଡ଼ ଝଟ୍‌କା
- ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ଲାଗି ଗୁଟେରେସ୍‌ଙ୍କ ପରାମର୍ଶ



ଆଣ୍ଟୋନିଓ ଗୁଟେରେସ୍

ଜେନେଭାସ୍ଥିତ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ର ୪୨ତମ ଅଧିବେଶନରେ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବାର ଦିନକ ପରେ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବେ ନାହିଁ ବୋଲି ବୁଧବାର ଏହାର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସ୍ପଷ୍ଟ କରିଦେଇଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଭାରତ-ପାକ୍ ସମସ୍ୟାର ସମାଧାନ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ତାଙ୍କର ଏହି ମନ୍ତବ୍ୟ ନରେନ୍ଦ୍ର ମୋଦି ସରକାରଙ୍କ ପାଇଁ ବଡ଼ ବିଜୟ ହୋଇଥିବାବେଳେ କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତିକୀକରଣ କରାଇବା ପାଇଁ ଉଦ୍ୟମ ଚଳାଇଆସିଥିବା ଇସ୍‌ଲାମାବାଦକୁ ଶକ୍ତ ଧକ୍କା ଲାଗିଛି। ପାକିସ୍ତାନ ଜାତିସଂଘରେ ଦୁଇଥର କଶ୍ମୀର ପ୍ରସଙ୍ଗ ଉଠାଇଲାଣି। ପ୍ରଥମେ ଜାତିସଂଘ ସୁରକ୍ଷା ପରିଷଦରେ ଏନେଇ ଇସ୍‌ଲାମାବାଦ ଅଭିଯୋଗ ଆଣିଥିବାବେଳେ ମଙ୍ଗଳବାର ୟୁଏନ୍‌ଏଚ୍‌ଆର୍‌ସିରେ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲା।

ଗତମାସରେ ଫ୍ରାନ୍ସରେ ଅନୁଷ୍ଠିତ ଜି୭ ସମିଟ୍ ଅବସରରେ ଜାତିସଂଘ ମହାସଚିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଏଥିସହିତ ସେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମହମ୍ମଦ କୁରେଶୀଙ୍କ ସହ ମଧ୍ୟ କଶ୍ମୀର ପ୍ରସଙ୍ଗ ଆଲୋଚନା କରିଥିଲେ। ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଥିବା ମଲିହା ଲୋଧିଙ୍କ ସହ ଗୁଟେରେସ୍ ସୋମବାର ଆଲୋଚନା କରିଥିଲେ। ସମସ୍ତଙ୍କୁ ଗୁଟେରେସ୍‌ଙ୍କର ଗୋଟିଏ ବାର୍ତ୍ତା ଥିଲା। କଶ୍ମୀର ସ୍ଥିତିକୁ ନେଇ ଭାରତ-ପାକ୍ ମଧ୍ୟରେ ବୃଦ୍ଧିପାଇଥିବା ଉତ୍ତେଜନା ସମ୍ପର୍କରେ ସେ ଅବଗତ ଅଛନ୍ତି। ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ପାଇଁ ସେ ଉଭୟ ପକ୍ଷଙ୍କୁ ଅନୁରୋଧ କରିଥିବା ଜାତିସଂଘ ମୁଖ୍ୟଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ସୂଚନା ଦେଇଛନ୍ତି। କଶ୍ମୀର ଏକ ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ନୂଆଦିଲ୍ଲୀ କହିଆସୁଥିବାବେଳେ ଏଥିରେ ତୃତୀୟ ପକ୍ଷ ମଧ୍ୟସ୍ଥତାର ଆବଶ୍ୟକ ନାହିଁ ବୋଲି ଜାତିସଂଘ ସ୍ପଷ୍ଟ କରିଦେଇଛି।

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ପରେ ପାକିସ୍ତାନ ଏହି ପ୍ରସଙ୍ଗ ଜାତିସଂଘରେ ଉଠାଇ ତୃତୀୟ ପକ୍ଷର ହସ୍ତକ୍ଷେପ ଲୋଡ଼ିଥିଲା। ସେଥିରେ ବିଫଳ ହେବା ପରେ ଏବେ ୟୁଏନ୍‌ଏଚ୍‌ଆର୍‌ସିରେ ଭାରତ ବିରୋଧରେ ଅଭିଯୋଗ ଆଣିଥିଲା। ୧୯୪୭ରୁ ଭାରତ ଜମ୍ମୁ-କଶ୍ମୀରକୁ ନିଜ ଭୂଖଣ୍ଡର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦାବି କରୁଛି। ଆଗକୁ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକ୍ ପ୍ରତିପକ୍ଷ ଇମ୍ରାନ୍ ଖାନ୍ କଶ୍ମୀର ପ୍ରସଙ୍ଗ ନେଇ ଉଦ୍‌ବୋଧନ ଦେବେ। ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଗୁଟେରେସ୍ ଯୋଜନା କରିଛନ୍ତି କି ବୋଲି ପ୍ରଶ୍ନ ହେବାରୁ ଡୁଜାରିକ୍ କହିଥିଲେ, ଏଭଳି ମାମଲାରେ ଜାତିସଂଘର ସ୍ଥିତି ନୀତିଗତ ଓ ସବୁବେଳେ ତାହା ହିଁ ରହିବ। ୧୯୭୨ରେ ଭାରତ-ପାକ୍ ମଧ୍ୟରେ ହୋଇଥିବା ସିମ୍‌ଲା ଦ୍ୱିପାକ୍ଷିକ ରାଜିନାମାକୁ ଉଲ୍ଲେଖ କରି ଜାତିସଂଘ ତୃତୀୟ ପକ୍ଷର ମଧ୍ୟସ୍ଥତା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛି। ରାଜିନାମାରେ ଉଲ୍ଲେଖ ଅଛି, ଜମ୍ମୁ-କଶ୍ମୀରର ଚୂଡ଼ାନ୍ତ ସ୍ଥିତି ଜାତିସଂଘ ଚାର୍ଟର ଅନୁଯାୟୀ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରାଯିବ। ଗତମାସରେ ମଧ୍ୟସ୍ଥତା ନେଇ ପାକ୍‌ର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ସହ ଜାତିସଂଘ ଏହା କହିଥିଲା। ମାନବାଧିକାରକୁ ପୂର୍ଣ୍ଣ ସମ୍ମାନ ଜଣାଇଲେ କଶ୍ମୀର ପ୍ରସଙ୍ଗର ସମାଧାନ ହୋଇପାରିବ ବୋଲି ମାନବାଧିକାର ଉଚ୍ଚାୟୁକ୍ତଙ୍କ ଉକ୍ତିକୁ ଡୁଜାରିକ୍ ଦୋହରାଇଥିଲେ।



ନେପାଳରେ କୁମାରୀ ଉତ୍ସବ ପାଳନ ବେଳେ କୁମାରୀ ଦେବୀଙ୍କ ବେଶରେ ସଜ୍ଜିତ କାଠମାଣ୍ଡୁର ଜଣେ କୁନି ଝିଅ।

## ୩୦ ତାଲିବାନ ଆତଙ୍କବାଦୀ ନିହତ

**କାବୁଲ,୧୧।୯(ଆଇଏଏନ୍‌ଏସ୍):** ଆଫଗାନିସ୍ତାନର ଟଖର ପ୍ରଦେଶରେ ଆକାଶମାର୍ଗରୁ ଗ୍ରେନେଡ୍ ମାଡ଼ରେ ୩୦ ତାଲିବାନ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିସହ ଅନ୍ୟ ୩୦ ଆତଙ୍କବାଦୀ ଆହତ ହୋଇଥିବା ଗୋଇନ୍ଦା ସୂଚନା ମିଳିଛି।

ସଶସ୍ତ୍ର ବଳ ରକେଟ୍ ଗ୍ରେନେଡ୍‌ରେ ଆକାଶମାର୍ଗରୁ ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲେ। ଆକ୍ରମଣରେ ୩୦ ଆତଙ୍କବାଦୀ ନିହତ ହେବା ସହ ସେନାର ୩ ଅପହୃତ ଯାନବାହନ ମଧ୍ୟ ଧ୍ୱଂସ ହୋଇଯାଇଛି। ଏହି ଆକ୍ରମଣ ଆଫ୍‌ଗାନ ବାୟୁସେନା ଅଥବା ନାଟୋ ନେତୃତ୍ୱାଧୀନ ମିଳିତ ବଳ ପକ୍ଷରୁ ହୋଇଛି ତାହା କୁହାଯାଇନାହିଁ। ଏନେଇ ତାଲିବାନ ପକ୍ଷରୁ କିଛି ପ୍ରତିକ୍ରିୟା ଆସିନାହିଁ। ବୁଧବାର ୯/୧୧ ଆକ୍ରମଣର ୧୮ ବର୍ଷ ପୂର୍ତ୍ତି ଅବସରରେ ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଆମେରିକା ଦୂତାବାସ ନିକଟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା।



ମଥୁରାରେ ଜରି ଗୋଟାଳିଙ୍କ ସହ କଥା ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଆତଙ୍କବାଦର ମୂଳ ପାକିସ୍ତାନରେ

ମଥୁରା,୧୧।୯(ପି.ଟି.)

**୯/୧୧ ଆକ୍ରମଣକୁ ମନେପକାଇଲେ ମୋଦି**

ଆତଙ୍କବାଦ ଏବେ ସାରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛି। ଏହାର ମୂଳ ପାକିସ୍ତାନର ବହୁ ଗଭୀରକୁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯/୧୧ ଭୟାବହ ଆତଙ୍କବାଦୀ ଆକ୍ରମଣକୁ ମନେପକାଇ କହିଛନ୍ତି। ୧୮ ବର୍ଷ ତଳେ ଆମେରିକା ବାଣିଜ୍ୟ କେନ୍ଦ୍ର ଉପରେ ହୋଇଥିବା ବିମାନ ଆକ୍ରମଣ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ପଡୋଶୀ ଦେଶରେ ଆତଙ୍କବାଦର ପାଳନପୋଷଣ କରାଯାଉଛି। ଏହି ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ନୂଆଦିଲ୍ଲୀ ପୂର୍ଣ୍ଣ ସକ୍ଷମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆଜି ଆତଙ୍କବାଦ ନୀତିରେ ପରିଣତ ହୋଇ ସବୁ ସୀମାକୁ ଲଂଘନ କରିସାରିଲାଣି। ଏହା ଏକ ବିଶ୍ୱ ସମସ୍ୟା ଏବଂ ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛି, ଯାହାର ମୂଳ ଆମ ପଡୋଶୀ ଦେଶରେ ବୋଲି ପାକିସ୍ତାନକୁ ଆକ୍ଷେପ କରି ମୋଦି କହିଥିଲେ। ଏବେ ଆତଙ୍କବାଦ ବିରୋଧରେ ଏବଂ ଏହାକୁ ସହାୟତା ଓ ତାଲିମ ଦେଉଥିବା ଶକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଶ୍ୱକୁ ପ୍ରତିଜ୍ଞା ନେବାର ସମୟ ଆସିଛି। ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଆମେ ଏହି ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ପୂର୍ଣ୍ଣ ସକ୍ଷମ ଯାହା ଅତୀତରେ ପ୍ରମାଣିତ କରିଛୁ ଏବଂ ଭବିଷ୍ୟତରେ ମଧ୍ୟ ଦେଖାଇବୁ ବୋଲି ପ୍ରଧାନମନ୍ତ୍ରୀ ମଥୁରାରେ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଏଡିସିପି) ଶୁଭାରମ୍ଭ କରିବା ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି।

ଆଉ ଏକ ଘଟଣା ପାଇଁ ମଧ୍ୟ ସେପ୍ଟେମ୍ବର ୧୧ ସ୍ମରଣୀୟ। ଏହିଦିନ ସ୍ୱାମୀ ବିବେକାନନ୍ଦ ଶିକାଗୋରେ ଐତିହାସିକ ଉଦ୍‌ବୋଧନ ଦେଇ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି ମୋଦି କହିଥିଲେ। ବିବେକାନନ୍ଦଙ୍କ ଏହି ବକ୍ତୃତା ମାଧ୍ୟମରେ ଭାରତର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଜାଣିଥିଲା। ଏଭଳି ଏକ ଦିନରେ ଆମେରିକାରେ ଆତଙ୍କବାଦୀ ଆକ୍ରମଣ ସାରା ବିଶ୍ୱକୁ ଦୋହଲାଇଦେବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଅଗୁଷ୍ଟା ୱେଷ୍ଟଲାଣ୍ଡ ମନିଲଣ୍ଡରିଂ ମାମଲା

## ରାତୁଲଙ୍କ ଇଡି ରିମାଣ୍ଡ ୫ ଦିନ ବଢ଼ିଲା

ନୂଆଦିଲ୍ଲୀ,୧୧।୯(ପି.ଟି.)



ଅଗୁଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥଙ୍କ ପୁତୁରା ରାତୁଲ ପୁରୀଙ୍କ ଇଡି ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ବୁଧବାର ଆଉ ୫ ଦିନ ବୃଦ୍ଧି କରିଛନ୍ତି। ଗତ ୪ ତାରିଖରେ ଇଡି ତାଙ୍କୁ ଗିରଫ କରିବା ପରେ ଜେରା ପାଇଁ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ପୂରଣ ପରେ ବୁଧବାର ତାଙ୍କୁ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମନିଲଣ୍ଡରିଂ ଦିଗକୁ ନେଇ ରାତୁଲଙ୍କ ନାଁରେ ଇଡି ମାମଲା ରୁଜୁ କରିଥିଲା।

## ଲଶ୍କର ଆତଙ୍କବାଦୀ ନିହତ

ଶ୍ରୀନଗର,୧୧।୯(ପି.ଟି.)

ଜମ୍ମୁ-କଶ୍ମୀରର ସୋପୋର ଅଞ୍ଚଳରେ ଜଣେ ଫଳ ବ୍ୟବସାୟୀଙ୍କ ଘର ଉପରେ ଆକ୍ରମଣ କରିଥିବା ଲଶ୍କର-ଇ-ତୋଇବା ଆତଙ୍କବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଗୁଳିବିନିମୟ ବେଳେ ଗ୍ରେନେଡ ବିସ୍ଫୋରଣରେ ୨ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଲଶ୍କର ଆତଙ୍କବାଦୀ ଅସିଫ୍ ମକ୍‌ବୁଲ ଭଟ୍ଟ ସୋପୋର ସହରରେ ଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ତଲାସୀ ଅଭିଯାନ ଚଳାଇଥିବାବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା।

### ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କୁ ଝଟ୍‌କା

## ପାର୍ଲାମେଣ୍ଟ ସ୍ଥଗିତ ବେଆଇନ

ଲଣ୍ଡନ,୧୧।୯



ବ୍ରେକ୍‌ଜିଟକୁ ନେଇ ବିବାଦ ଜାରି ରହିଥିବାବେଳେ ବ୍ରିଟେନ ପାର୍ଲାମେଣ୍ଟକୁ ସ୍ଥଗିତ ରଖିବା ବେଆଇନ ବୋଲି ସ୍କଟଲାଣ୍ଡର ସେସନ୍ସ କୋର୍ଟ ବୁଧବାର ଘୋଷଣା କରିବା ପରେ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କୁ ଶକ୍ତ ଝଟ୍‌କା ଲାଗିଛି। ପାର୍ଲାମେଣ୍ଟ କାର୍ଯ୍ୟରେ ବାଧା ସୃଷ୍ଟି ଉଦ୍ଦେଶ୍ୟରେ ଏଭଳି କରାଯାଇଥିବା କୋର୍ଟ ମତ ଦେଇଛନ୍ତି। ପ୍ରବଳ ବିରୋଧ ସତ୍ତ୍ୱେ ମଙ୍ଗଳବାରଠାରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ପାର୍ଲାମେଣ୍ଟକୁ ସ୍ଥଗିତ ରଖାଯାଇଛି। ହାଉସ ଅଫ୍ କମନ୍ସର ବାଚସ୍ପତି ଜନ୍ ବେର୍‌କୋଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହାର ବିରୋଧ କରିଥିଲେ। ପାର୍ଲାମେଣ୍ଟ ସ୍ଥଗିତ ଘୋଷଣାକୁ ବ୍ରିଟେନ ସୁପ୍ରିମକୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ କରାଯାଇଛି। ଆସନ୍ତା ମଙ୍ଗଳବାର ଏହାର ଶୁଣାଣି ହେବ। ଅକ୍ଟୋବର ୩୧ ବ୍ରେକ୍‌ଜିଟର ଶେଷ ତାରିଖ ଥିବାବେଳେ ଆଲୋଚନାକୁ ଏଡାଇବା ପାଇଁ ପାର୍ଲାମେଣ୍ଟକୁ ସ୍ଥଗିତ ରଖାଯାଇଥିବା ଲେବର ପାର୍ଟି ସମେତ ଅନ୍ୟ ବିରୋଧୀ ଦଳଗୁଡିକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସେସନ୍ସ କୋର୍ଟଙ୍କ ରାୟକୁ ନେଇ ଆମେ ଅସନ୍ତୁଷ୍ଟ ଓ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ ବୋଲି ସରକାରଙ୍କ ମୁଖପାତ୍ର କହିଛନ୍ତି।

## ଶପଥ ନେଲେ ହିମାଚଳ ରାଜ୍ୟପାଳ

ଶିମ୍‌ଲା,୧୧।୯(ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବନ୍ଦାରୁ ଦତ୍ତାତ୍ରେୟ ବୁଧବାର ହିମାଚଳ ପ୍ରଦେଶର ୨୭ତମ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି। ହିମାଚଳ ପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଧରମଚାନ୍ଦ୍ ଚୌଧୁରୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ୭୨ ବର୍ଷୀୟ ଦତ୍ତାତ୍ରେୟ ମୋଦି ସରକାରଙ୍କ ପ୍ରଥମ ପାଳିରେ ଶ୍ରମ ଓ ନିୟୋଜନ ମନ୍ତ୍ରୀ ଥିବାବେଳେ ପୂର୍ବରୁ ବାଜପେୟୀ ସରକାରଙ୍କ କ୍ୟାବିନେଟରେ ମଧ୍ୟ ସାମିଲ ଥିଲେ। ପୂର୍ବରୁ ହିମାଚଳ ପ୍ରଦେଶ ରାଜ୍ୟପାଳ ଥିବା କାଲରାଜ ମିଶ୍ରଙ୍କୁ ରାଜସ୍ଥାନ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ତାଙ୍କ ସ୍ଥାନରେ ଦତ୍ତାତ୍ରେୟଙ୍କୁ ଅବସ୍ଥାପିତ କରାଯାଇଛି।



ବନ୍ଦାରୁ ଦତ୍ତାତ୍ରେୟଙ୍କୁ ରାଜ୍ୟପାଳଭାବେ ଶପଥ ପାଠ କରାଉଛନ୍ତି ହିମାଚଳ ପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଧରମଚାନ୍ଦ୍ ଚୌଧୁରୀ।

## ଉନ୍ନାଓ ମାମଲା: ଏମ୍ସରେ ଶୁଣାଣି

ନୂଆଦିଲ୍ଲୀ,୧୧।୯
(ପି.ଟି./ଆଇଏଏନ୍‌ଏସ୍)

ଉନ୍ନାଓ ପୀଡ଼ିତା ଚିକିତ୍ସିତ ହେଉଥିବା ନୂଆଦିଲ୍ଲୀର ଏମ୍ସରେ ବୁଧବାର 'ଇନ୍ କ୍ୟାମେରା' ପ୍ରୋସିଡିଂ ଆରମ୍ଭ ହୋଇଛି। ବଳାତ୍କାର ପୀଡ଼ିତାଙ୍କ ବୟାନ ରେକର୍ଡ ପାଇଁ ସେଠାରେ ଏକ ଅସ୍ଥାୟୀ କୋର୍ଟ ପ୍ରତିଷ୍ଠା କରାଯାଇଛି। ଏମ୍ସର ଆପେକ୍ସ ଟ୍ରମା ସେଣ୍ଟରରେ ଜିଲା ଜଜ୍ ଧର୍ମେଶ ଶର୍ମା ତାଙ୍କର ବୟାନ ରେକର୍ଡ କରିଛନ୍ତି। ଭାଜପାରୁ ନିଲମ୍ବିତ ବିଧାୟକ କୁଳଦୀପ ସିଂ ସେନଗାର ଓ ସହଅଭିଯୁକ୍ତ ଶଶୀ ସିଂଙ୍କୁ ମଧ୍ୟ ଅସ୍ଥାୟୀ ଅଦାଲତକୁ ନିଆଯାଇଛି। 'ଇନ୍ କ୍ୟାମେରା' ପ୍ରୋସିଡିଂ ବେଳେ ସର୍ବସାଧାରଣ ଓ ଗଣମାଧ୍ୟମକୁ ଉପସ୍ଥିତ ରହିବାକୁ ଅନୁମତି ଦିଆଯାଇନାହିଁ। ପ୍ରକାଶ ଯେ, ୨୦୧୭ରେ ଗଣବଳାତ୍କାରର ଶିକାର ହୋଇଥିବା ପୀଡ଼ିତା ତାଙ୍କର ସମ୍ପର୍କୀୟଙ୍କ ସହ ଗତ ଜୁଲାଇ ୨୮ରେ କାର୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ତାଙ୍କର ଦୁଇଜଣ ଖୁଡ଼ୀ ପ୍ରାଣ ହରାଇଥିବାବେଳେ ପୀଡ଼ିତା ଗୁରୁତର ହୋଇଥିଲେ। ଏମ୍ସରେ ପୀଡ଼ିତାଙ୍କ ବୟାନ ରେକର୍ଡ ପାଇଁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ଅନୁମତି ଦେଇଥିଲେ। ଏହାପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୀଡ଼ିତାଙ୍କୁ ଲକ୍ଷ୍ନୌର ଏକ ହସ୍ପିଟାଲରୁ ଉନ୍ନତ ଚିକିତ୍ସା ପାଇଁ ବିମାନରେ ଦିଲ୍ଲୀ ଅଣାଯାଇଥିଲା। ଏ ସମ୍ପର୍କିତ ସମସ୍ତ ମାମଲା ଉତ୍ତରପ୍ରଦେଶରୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଛି।

# ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଟ୍ରମ୍ପ୍

ୱାଶିଂଟନ/ନ୍ୟୁୟର୍କ,୧୧।୯ (ଏଏଫ୍‌ପି)



ଠିକ ଅଠର ବର୍ଷ ତଳେ ଆମେରିକା ଉପରେ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ଆକ୍ରମଣ କରିଥିଲା। ଏଥିରେ ପ୍ରାଣ ହରାଇଥିବା ପ୍ରାୟ ୩,୦୦୦ ଲୋକଙ୍କୁ ବୁଧବାର ଆମେରିକାବାସୀ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ୨୦୦୧ରେ ହୋଇଥିବା ଏହି ଘାତକ ଆକ୍ରମଣକୁ ନ୍ୟୁୟର୍କସ୍ଥିତ ଜାତୀୟ ସେପ୍ଟେମ୍ବର ୧୧ ସ୍ମାରକୀରେ ପୀଡ଼ିତଙ୍କ ପରିବାର, ପୋଲିସ ଅଧିକାରୀ, ଅଗ୍ନିଶମ ବାହିନୀ ଓ ନେତାମାନେ ଉପସ୍ଥିତ ରହି ମନେପକାଇଛନ୍ତି। ସେମାନେ ପୂର୍ବାହ୍ନ ୮ଟା ୪୬ରୁ ୯ଟା ୩ ମିନିଟ ପର୍ଯ୍ୟନ୍ତ (ନର୍ଥ ଓ ସାଉଥ୍ ଟାୱାରରେ ଆକ୍ରମଣ ସମୟ) ନୀରବ ପ୍ରାର୍ଥନା କରିଛନ୍ତି। ଆତ୍ମୀୟ ସ୍ୱଜନଙ୍କୁ ହରାଇଥିବା ଲୋକେ ପ୍ଲାକାର୍ଡ ଧରି ସ୍ମାରକୀସ୍ଥଳରେ ପରସ୍ପରକୁ ଆଲିଙ୍ଗନ କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଆମେରିକାର ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଙ୍ଗୀତ ଗାନ କରାଯାଇଛି। ଆକ୍ରମଣରେ ନିହତଙ୍କ ସମ୍ମାନରେ ହ୍ୱାଇଟ୍ ହାଉସ୍ ଉପରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ପୀଡ଼ିତଙ୍କ ପରିବାରକୁ ସ୍ୱାଗତ କରି ନୀରବ ପ୍ରାର୍ଥନା କରିଛନ୍ତି। ପରେ ଟ୍ରମ୍ପ୍ ପେଣ୍ଟାଗନ ଯାଇ ସେଠାରେ ମୃତକଙ୍କୁ ସମ୍ମାନ ଜଣାଇଛନ୍ତି। ସେ ଏହାକୁ 'ପାଟ୍ରିୟଟ୍ ଡେ' ବାର୍ଷିକୀ ଭାବେ ପାଳନ କରି କହିଛନ୍ତି, ଆମେରିକାର ଶକ୍ତି, ସାହସ ଓ ସହାନୁଭୂତି କେବେ ଅସ୍ଥିର ହୋଇନାହିଁ। କ୍ୟାପିଟଲ ହିଲ୍‌ରେ କଂଗ୍ରେସ ସଦସ୍ୟମାନେ ନୀରବ ପ୍ରାର୍ଥନା କରିଥିବାବେଳେ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଶାଙ୍କ୍‌ସଭିଲ୍ଲେରେ ଉଦ୍‌ବୋଧନ ଦେଇଛନ୍ତି।

୨୦୦୧ ସେପ୍ଟେମ୍ବର ୧୧ରେ ଓସାମା ବିନ୍ ଲାଡେନ୍‌ଙ୍କ ନେତୃତ୍ୱାଧୀନ ଅଲ୍-କାଏଦା ୪ଟି ବିମାନକୁ ଅପହରଣ କରିନେଇଥିଲା। ଅପହୃତ ବିମାନ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଓ ପେଣ୍ଟାଗନକୁ ଧକ୍କା ଦେଇଥିଲା। ଫଳରେ ୨,୯୯୬ ନିହତ ହୋଇଥିବାବେଳେ ୬,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାସହ ୧୦ ବିଲିୟନ୍ ଡଲାରର ଭିତ୍ତିଭୂମି ଓ ସମ୍ପତ୍ତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା।



**୯/୧୧ ଆକ୍ରମଣକୁ ୧୮ ବର୍ଷ**


## ମେହସୁଦ୍ ବିଶ୍ୱ ଆତଙ୍କବାଦୀ

ୱାଶିଂଟନ,୧୧।୯



**ଘୋଷଣା କଲା ଆମେରିକା**

୯/୧୧ ଆକ୍ରମଣ ଘଟଣାର ବର୍ଷପୂର୍ତ୍ତି ଅବସରରେ ଆମେରିକା ସରକାର ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ନୂଆ ପଦକ୍ଷେପ ଘୋଷଣା କରିଛନ୍ତି। ବିଶ୍ୱବ୍ୟାପୀ ସନ୍ଦିଗ୍ଧ ଆତଙ୍କବାଦୀ, ସେମାନଙ୍କ ସମର୍ଥକ ଓ ଆର୍ଥିକ ସହାୟତା ଯୋଗାଉଥିବା ସଂଗଠନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାକ୍ଷରରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପାକିସ୍ତାନର ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ମୁଖ୍ୟ ମୁଫ୍‌ତି ନୁର୍ ମେହସୁଦ୍ ସମେତ ୧୨ ଆତଙ୍କବାଦୀଙ୍କୁ ଆମେରିକା ପରରାଷ୍ଟ୍ର ବିଭାଗ ସ୍ୱତନ୍ତ୍ର ବିଶ୍ୱ ଆତଙ୍କବାଦୀ ଘୋଷଣା କରିଛି। ଟିଟିପି ମୁଖ୍ୟ ମୁଲ୍ଲା ଫଜ୍‌ଲୁଲ୍ଲାଙ୍କ ମୃତ୍ୟୁ ପରେ ୨୦୧୮ ଜୁନ୍‌ରେ ମେହସୁଦ୍ ସଂଗଠନର ନେତୃତ୍ୱ ନେଇଥିଲେ। ପାକିସ୍ତାନରେ ହୋଇଥିବା ଏକାଧିକ ଆକ୍ରମଣ ପାଇଁ ଟିଟିପି ନିଜକୁ ଦାୟୀ କରିଥିଲା। ମେହସୁଦ୍ ସମେତ ୧୧ ଆତଙ୍କବାଦୀ ସଂଗଠନର ନେତା, କାର୍ଯ୍ୟକର୍ତ୍ତା ଓ ସହଯୋଗୀଙ୍କୁ ଆମେରିକା ଉକ୍ତ ତାଲିକାରେ ସାମିଲ କରିଛି। ସେଥିରେ ଅଛନ୍ତି ହିଜବାଲ୍ଲା, ଇରାନ୍‌ର କୁଦ୍‌ସ ଫୋର୍ସ, ହମାସ, ପାଲେଷ୍ଟାଇନ୍ ଇସ୍‌ଲାମିକ୍ ଜେହାଦ, ଆଇଏସ୍, ଆଇଏସ୍ ଫିଲିପାଇନ୍ସ, ଆଇଏସ୍-ପଶ୍ଚିମ ଆଫ୍ରିକା, ଅଲ୍ କାଏଦା ଓ ସେମାନଙ୍କ ସହଯୋଗୀ ସଂଗଠନ।




# ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ ବର୍ଜ୍ୟ

## ■ ଗାଇଡ୍ ଲାଇନ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ସ୍ୱଚ୍ଛ ପରିବେଶ ବିକାଶ ପାଇଁ ରାଜ୍ୟରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ ବର୍ଜ୍ୟର ଉପଯୁକ୍ତ ପରିଚାଳନା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ପ୍ଲାଷ୍ଟିକ ବର୍ଜ୍ୟର ଉପଯୁକ୍ତ ପରିଚାଳନା ଓ ପୁନଃବ୍ୟବହାର ନିମନ୍ତେ ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କରି ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ମତପ୍ରକାଶ ପାଇଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ପ୍ଲାଷ୍ଟିକ ବ୍ୟବହାର ବଢାଇବା ପାଇଁ ଏହାର ବୈଷୟିକ, ଆର୍ଥିକ ଏବଂ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସବିଶେଷ କାର୍ଯ୍ୟପନ୍ଥା ଏବଂ ଗାଇଡ ଲାଇନ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ରାସ୍ତା ନିର୍ମାଣ ପ୍ରକଳ୍ପର ଦର ତାଲିକା ସୂଚକାଙ୍କ(ସିଡ୍ୟୁଲ ଅଫ ରେଟ୍)ରେ ଅନ୍ତର୍ଭୁକ୍ତ କରିବା ସହିତ ବାର୍ଷିକ କେତେ ପରିମାଣର ପ୍ଲାଷ୍ଟିକ ବର୍ଜ୍ୟ ରାସ୍ତା ନିର୍ମାଣରେ ବ୍ୟବହାର ହୋଇପାରିବ ତା'ର ଆକଳନ କରିବାକୁ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାସ୍ତା ନିର୍ମାଣରେ ପ୍ରୟୋଗ ନିମନ୍ତେ ପ୍ଲାଷ୍ଟିକର ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାକରଣ ଆବଶ୍ୟକ। ଏହି ପ୍ରକ୍ରିୟାରେ ପ୍ଲାଷ୍ଟିକକୁ ଟୁକୁରା ଟୁକୁରା ଖଣ୍ଡ କରାଯାଇ ପିଚୁରେ ମିଶିବାଭଳି ରୂପାନ୍ତରିତ କରାଯାଇଥାଏ। ଏଥିପାଇଁ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା କରାଯିବ। ରାଜ୍ୟର ଯୁବତୀ,ଯୁବକମାନଙ୍କୁ ଏଥିପାଇଁ ପ୍ରୋତ୍ସାହନ ଦିଆଯିବା ପାଇଁ ସ୍ଥିର ହୋଇଛି। ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ସହିତ ସାମ୍ଭାବ୍ୟ ଉଦ୍ୟୋଗୀମାନଙ୍କୁ ପ୍ରାମାଣିକ କ୍ଷେତ୍ର ପରିଦର୍ଶନରେ(ଏକ୍ସପୋଜର ଭିଜିଟ) ନେବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଶିଳ୍ପ ବିଭାଗ ସଚିବ ହେମନ୍ତ କୁମାରଙ୍କୁ ପରାମର୍ଶ ଦେଇଛନ୍ତି। ଏପରି ଉଦ୍ୟୋଗ ପ୍ରଧାନମନ୍ତ୍ରୀ ନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମରେ ପ୍ରତିଷ୍ଠା କରାଯାଇପାରିବ ବୋଲି ଶର୍ମା କହିଛନ୍ତି।

ଗ୍ରାମାଞ୍ଚଳରେ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ ବର୍ଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମାଧ୍ୟମରେ ସଂଗ୍ରହ କରିହେବ। ସଂଗୃହୀତ ପ୍ଲାଷ୍ଟିକ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ନଗର ଓ ଗୃହ ଉନ୍ନୟନ ବିଭାଗ ମାଧ୍ୟମରେ ସଂଗ୍ରହ କରାଯିବ। ଏହାପରେ ସେଗୁଡ଼ିକର ବର୍ଗୀକରଣ କରାଯାଇ ରାସ୍ତା ନିର୍ମାଣ ଏବଂ ସିମେଣ୍ଟ ପ୍ରସ୍ତୁତିରେ ପୁନଃବିନିଯୋଗର ବ୍ୟବସ୍ଥା କରାଯିବ। ୫୦ ମାଇକ୍ରୋନ୍‌ରୁ କମ ପ୍ଲାଷ୍ଟିକ ବ୍ୟାଗ, କ୍ୟାରି ବ୍ୟାଗ, ବୋତଲ, ପ୍ୟାକିଂ ଦ୍ରବ୍ୟ ଥର୍ମୋକୋଲ ପ୍ରସ୍ତୁତ ସାଜସଜ୍ଜା ସାମଗ୍ରୀ ଆଦିର ଉତ୍ପାଦନ ଓ ବ୍ୟବହାରକୁ ପୂର୍ଣ୍ଣଭାବେ ନିୟନ୍ତ୍ରିତ କରାଯିବ। ଏ ସମ୍ବନ୍ଧିତ ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଯୋଗାଡ଼ କରାଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ୧୧୪ ସହରାଞ୍ଚଳ ଅନ୍ତର୍ଗତ ୨୦୨୪ ୱାର୍ଡରୁ ଦୈନିକ ପ୍ରାୟ ୧୫୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଛି। ରାସ୍ତା ନିର୍ମାଣ ଓ ସିମେଣ୍ଟ କାରଖାନାରେ ଏହାର ପୁନଃବିନିଯୋଗ କରାଗଲେ ପ୍ଲାଷ୍ଟିକ ଯୋଗୁ ସୃଷ୍ଟି ହେଉଥିବା ପରିବେଶ ସମସ୍ୟାର ଅନେକ ପରିମାଣରେ ସମାଧାନ ହୋଇପାରିବ।

# ଭଦ୍ରକ ଜିଲାରୁ ଆରମ୍ଭ ହେଲା ହସ୍ତଶିଳ୍ପୀ ଗଣନା

**ଭୁବନେଶ୍ୱର ୧୧।୯(ବ୍ୟୁରୋ)**

ରାଜ୍ୟରେ ଥିବା ହସ୍ତଶିଳ୍ପ କାରିଗରମାନଙ୍କ ଗଣନା ଆରମ୍ଭ କରିଛି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ। ବୁଧବାରଠାରୁ ପ୍ରଥମେ ଭଦ୍ରକ ଜିଲାରୁ ହସ୍ତଶିଳ୍ପୀମାନଙ୍କ ଗଣନା କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅବସରରେ ଭଦ୍ରକ ସଦର ବ୍ଲକ୍‌ର ଉଗାଳପୁରଠାରେ କାର୍ଯ୍ୟରତ ଟେରାକୋଟା ଶିଳ୍ପୀମାନଙ୍କ ଗଣନା କରାଯାଇଥିଲା। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଗଣନା କାର୍ଯ୍ୟ ଓଡ଼ିଶା ସ୍ପେସ୍ ଅପ୍ଲିକେଶନ ସେଣ୍ଟର(ଓର୍‌ସାକ୍) ଦ୍ୱାରା ଡିଜାଇନ୍ ହୋଇଥିବା ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ 'କୃତି' ଦ୍ୱାରା କରାଯାଉଛି। ଗଣନାକାରୀମାନେ କାରିଗରଙ୍କ ଘରକୁ ଯାଇ ମୋବାଇଲ୍ ମାଧ୍ୟମରେ ସେମାନଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଆପ୍ ମାଧ୍ୟମରେ କାରିଗରଙ୍କ ଗଣନା ନିମନ୍ତେ ଭୁବନେଶ୍ୱରସ୍ଥିତ ସିଡାକ୍ ପରିସରରେ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଥିଲେ।

ପର୍ଯ୍ୟାୟକ୍ରମେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ହସ୍ତଶିଳ୍ପୀ ଗଣନା କରାଯିବ। ସମସ୍ତ କାରିଗର ଏହି କାର୍ଯ୍ୟରେ ସହଯୋଗ କରିବାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଡାକ୍‌ର ସଦସ୍ୟ ସଚିବ ସୀତାକାନ୍ତ ଷଡ଼ଙ୍ଗୀ, ଭଦ୍ରକ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ୍ ମ୍ୟାନେଜର ପୀତାମ୍ବର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### କାରିଗର ସଂଖ୍ୟା କହିବ ମୋବାଇଲ୍ ଆପ୍



ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ଶିଳ୍ପୀ ଗଣନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଶେଷଥର ପାଇଁ ୨୦୦୧-୦୨ ମସିହାରେ ରାଜ୍ୟ ହସ୍ତଶିଳ୍ପୀମାନଙ୍କ ସର୍ଭେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ମୋଟ ୧,୨୯,୯୫୮ ଜଣ କାରିଗର ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ଅନୁଷ୍ଠିତ ହେଉଥିବା ସର୍ଭେ ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲା ଯଥା କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ସୁବର୍ଣ୍ଣପୁର ଓ ସମ୍ବଲପୁରରେ ହେବ। ଓଡ଼ିଶାରେ ଏବେ ୫୦ଟି ହସ୍ତଶିଳ୍ପକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ହସ୍ତଶିଳ୍ପୀମାନଙ୍କୁ ସର୍ଭେ ପ୍ରକ୍ରିୟାରେ ସାମିଲ କରାଯିବ। ଗଣନାରେ ସ୍ୱଚ୍ଛତା ଆଣିବାକୁ ପ୍ରଥମଥର ଲାଗି ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ତଥା ଜିଆଇଏସ୍ ବେସ୍‌ଡ ଆପ୍ଲିକେଶନ ବ୍ୟବହାର କରାଯାଇ ହସ୍ତଶିଳ୍ପୀମାନଙ୍କ ତଥ୍ୟ ସଂଗ୍ରହ କରାଯିବ। ଫଳରେ ସିଧାସଳଖ ଜିଓଗ୍ରାଫିକାଲି ମ୍ୟାପ୍‌ଡ ଡାଟା ବା ଶିଳ୍ପୀଙ୍କ ଭୌଗୋଳିକ ତଥ୍ୟ ସଂଗ୍ରହ ହୋଇପାରିବ।

# ଗଣମାଧ୍ୟମ, ଲୋକସମ୍ପର୍କ ଉପଦେଷ୍ଟା ମାନସ ମଙ୍ଗରାଜଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର,୧୧।୯(ବ୍ୟୁରୋ)**

ମାନସ ରଞ୍ଜନ ମଙ୍ଗରାଜ ବୁଧବାର ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସପ୍ତାହରେ ମାନସଙ୍କୁ ଏହି ପଦରେ ନିଯୁକ୍ତି ଦେଇଥିଲେ। ଦାୟିତ୍ୱ ନେବା ସହ ମାନସ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଗସ୍ତ କରିଥିଲେ। ସେଠାରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦକ ଡ. ଲେଲିନ୍ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକି ଏବଂ ଅନ୍ୟ ଅଧିକାରୀ ମଙ୍ଗରାଜଙ୍କୁ ସାଦର ସ୍ୱାଗତ ଜଣାଇଥିଲେ।



ଦାୟିତ୍ୱ ଗ୍ରହଣ ଅବସରରେ ମାନସ ରଞ୍ଜନ ମଙ୍ଗରାଜ(ମଝି)।

ଦାୟିତ୍ୱ ନେବା ପରେ ମାନସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳ୍ପନା ପ୍ରସୂତ ୫-ଟି କାର୍ଯ୍ୟକ୍ରମକୁ ସଫଳତାର ସହ ପ୍ରୟୋଗ କରାଯିବ। ସେ ନିଜେ ଏଥିପାଇଁ ଯତ୍ନବାନ ହେବା ସହ ବିଭାଗୀୟ କର୍ମଚାରୀଙ୍କୁ ଯତ୍ନବାନ କରାଇବେ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମ୍ୟ। ସେହିପରି ଆଗାମୀ ଦିନରେ ଲୋକସମ୍ପର୍କ, ଖବରକାଗଜ ସଂସ୍ଥା ଓ ଖବରକାଗଜ ପ୍ରତିନିଧି ଏବଂ ସମସ୍ତ ସରକାରୀ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ■ ବଳାତ୍କାର, ହତ୍ୟା ମାମଲାରେ ଦୋଷୀଙ୍କୁ ଫାଶୀ

# ତତ୍କାଳୀନ ଆଇଆଇସି, ସରକାରୀ ଓକିଲ ସମ୍ବର୍ଦ୍ଧିତ

**କଟକ ଅଫିସ, ୧୧।୯**

ଏରସମା ଥାନା ଅଞ୍ଚଳର ନାବାଳିକା ବଳାତ୍କାର ଓ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ କାଳିଆ ଓରଫ ଲବ ମାନାଙ୍କୁ ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ମଙ୍ଗଳବାର ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାର ତଦନ୍ତ ଭାର ତତ୍କାଳୀନ ଏରସମା ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀ ଗ୍ରହଣ କରିଥିଲେ। ଘଟଣା ଘଟିବାର ୪୮ ଘଣ୍ଟା ମଧ୍ୟରେ ସେଠୀ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୬୦ ଦିନ ଭିତରେ ଚାର୍ଜସିଟ ଦାଖଲ କରିଥିଲେ। ତାଙ୍କର ନିରପେକ୍ଷ ଓ ଉଚ୍ଚକୋଟିର ତଦନ୍ତ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। ଏଥିସହିତ ସ୍ୱତନ୍ତ୍ର ପୋକ୍ସୋ ସରକାରୀ ଓକିଲ ଶିବ ପ୍ରସାଦ ମାଝୀଙ୍କ କାର୍ଯ୍ୟଦକ୍ଷତା ଓ ଉଚ୍ଚକୋଟିର ମାମଲା ପରିଚାଳନା ପାଇଁ ତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ବୁଧବାର କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଡିଜିପି ବିଜୟ କୁମାର ଶର୍ମା ଉଭୟଙ୍କୁ ୫ହଜାର ଲେଖାଏଁ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ସେଠୀ ଏବେ ଯାଜପୁର ଜିଲା ସୁକିନ୍ଦା ଥାନାରେ ଆଇଆଇସି ଭାବେ କାର୍ଯ୍ୟରତ ଅଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ନାବାଳିକା ଜଣକ ଗାଁ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ୨୦୧୮ ମାର୍ଚ୍ଚ ୨୦ରେ ସ୍କୁଲରେ ପରୀକ୍ଷା ଦେଇ ସାରିବା ପରେ ଘରକୁ ଫେରି ସାଙ୍ଗମାନଙ୍କ ସହ ଖେଳୁଥିଲେ। ଅପରାହ୍ନ ୩ଟାରେ ଲବ ନାବାଳିକାଙ୍କୁ ଅନ୍ୟତ୍ର ନେଇ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ସାରା ଓଡିଶା ପାଇଁ ଏହା ଏକ ଲଜ୍ଜାଜନକ ଘଟଣା ହୋଇଥିଲା। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦେବା ନେଇ ସ୍ୱର ଉଠିଥିଲା।

କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜିପି ଶର୍ମା କହିଛନ୍ତି, ପରିବର୍ତ୍ତିତ ଆଇନ ଅନୁଯାୟୀ ନାବାଳିକାଙ୍କୁ ବଳାତ୍କାର କରୁଥିବା ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ସହଜ ହୋଇଛି। ଏହା ଦ୍ୱାରା ସମାଜକୁ ଏକ ଦୃଢ ବାର୍ତ୍ତା ଯାଉଛି। ଏପରି ଘୃଣ୍ୟ ଓ ଅମାନବୀୟ କାର୍ଯ୍ୟ ପାଇଁ କ୍ଷମା ନାହିଁ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, ଜଗତ୍‌ସିଂହପୁର ଏସ୍‌ପି ଆର୍. ପ୍ରକାଶ, କ୍ରାଇମବ୍ରାଞ୍ଚ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।





ସରକାରୀ ଓକିଲ ଶିବ ପ୍ରସାଦ ମାଝି ଓ ତତ୍କାଳୀନ ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


## ସର୍ବସାଧାରଣଙ୍କ ପାଇଁ ଘୋଷଣା

INDIAN READERSHIP SURVEY

Media Research Users Council

**ପୃଥିବୀର ସବୁଠାରୁ ବଡ଼ ପାଠକୀୟ ସର୍ବେକ୍ଷଣ ଆପଣ କେଉଁଠାରେ ଦେଖିବାକୁ ପାଇବେ?**
**ନିଶ୍ଚିତ ଭାବେ, ପୃଥିବୀର ସବୁଠାରୁ ବଡ଼ ଗଣତନ୍ତ୍ରରେ।**

ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି) ପୃଥିବୀର ସବୁଠାରୁ ବଡ଼ ପାଠକୀୟ ଏବଂ ଉପଯୋଗ ସର୍ବେକ୍ଷଣ ଆରମ୍ଭ କରିଛି - **ଭାରତୀୟ ପାଠକୀୟ ସର୍ବେକ୍ଷଣ (ଆଇଆର୍‌ଏସ୍)** । ଆଇଆର୍‌ଏସ୍ ହେଉଛି ଏକ ସର୍ବଭାରତୀୟ **ପାଠକୀୟ ଏବଂ ଉପଯୋଗ ଅଧ୍ୟୟନ**, ଯାହା ଖବରକାଗଜ ଓ ମାଗାଜିନ୍‌ର ପାଠକ, ଟିଭି, ରେଡିଓ, ଇଣ୍ଟରନେଟ୍ ଭଳି ଅନ୍ୟାନ୍ୟ ଗଣମାଧ୍ୟମର ଉପଯୋଗ ତଥା **ଉତ୍ପାଦ ମାଲିକାନା ସୂଚନା** ସମ୍ପର୍କିତ ଗୁରୁତ୍ୱ ତଥ୍ୟ ଉପଲବ୍ଧ କରାଇଥାଏ । ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବା ଏବଂ ନିଜ ନିଜର ବ୍ୟବସାୟ ଲକ୍ଷ୍ୟକୁ ହାସଲ କରିବାରେ ଆଇଆର୍‌ଏସ୍ ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସକ୍ଷମ କରିଥାଏ । ଏହି ସର୍ବେକ୍ଷଣ **ନୀଲସେନ ଇଣ୍ଡିଆ** - ଭାରତର ଏକ ସୁପ୍ରତିଷ୍ଠିତ ବଜାର ଗବେଷଣା ଏଜେନ୍ସି ଦ୍ୱାରା ସଞ୍ଚାଳନ କରାଯାଉଛି। ସାକ୍ଷାତ୍‌କାର ସଞ୍ଚାଳନ କରିବା ପାଇଁ ଆପଣଙ୍କ ଘରକୁ ଆସିଥିବା ନୀଲସେନ ସର୍ବେକ୍ଷକଙ୍କୁ ସହଯୋଗ କରିବା ଲାଗି ଆମେ ଆପଣ ତଥା ଆପଣଙ୍କ ପରିବାର ସଦସ୍ୟଙ୍କୁ ଅନୁରୋଧ କରୁଛୁ । ଯଦି ଆପଣ ଯାଞ୍ଚ କରିବାକୁ ଚାହିଁବେ, ତେବେ ଆପଣ ନୀଲସେନ ସର୍ବେକ୍ଷକଙ୍କୁ ତାଙ୍କ ପରିଚୟ ପତ୍ର ମାଗିପାରନ୍ତି ।

**ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି)** ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ଶିଳ୍ପ ସଂସ୍ଥା, ଯେଉଁଥିରେ ପ୍ରମୁଖ ବିଜ୍ଞାପନଦାତା, ପ୍ରକାଶକ, ବିଜ୍ଞାପନ ଏଜେନ୍ସି ଓ ପ୍ରସାରଣକାରୀ / ଅନ୍ୟାନ୍ୟ ଗଣମାଧ୍ୟମ ସ୍ୱତ୍ୱାଧିକାରୀଙ୍କ ପ୍ରତିନିଧିତ୍ୱ ରହିଛି । ଅଧିକ ବିବରଣୀ ପାଇଁ ଦୟାକରି **www.mruc.net**ରେ ଲଗ୍ ଅନ୍ କରନ୍ତୁ।





## ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

### ଧାନ ସଂଗ୍ରହ ବର୍ଷ 2019-20

### ଚାଷୀ ପଞ୍ଜିକରଣ ପାଇଁ ଅନ୍ତିମ ସୁଯୋଗ

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ **17 ସେପ୍ଟେମ୍ବର** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
- ଅଦ୍ୟାବଧି ପଞ୍ଜିକରଣ ଉଦ୍ଦେଶ୍ୟରେ ଆବେଦନ ପତ୍ର ଦାଖଲ କରି ନଥିବା ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ, ନିର୍ଦ୍ଧାରିତ ଫର୍ମରେ ସେମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସମିତି (ପେକ୍ସ / ଲ୍ୟାମ୍ପ / ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବା ପାଣି ପଞ୍ଚାୟତ)ରେ ବର୍ଦ୍ଧିତ ସମୟ ସୀମା ମଧ୍ୟରେ ଆବେଦନ କରିବେ ।
- ଚାଷୀ ପଞ୍ଜିକରଣ ପାଇଁ ଏହା ଅନ୍ତିମ ସୁଯୋଗ । ଏହାକୁ ହାତଛଡ଼ା ନ କରିବା ପାଇଁ ବିନୀତ ଅନୁରୋଧ ।

### ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ (ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ)

- ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.01.9.2019 ରୁ 22.9.2019 ରିଖ ମଧ୍ୟରେ କମ୍ପ୍ୟୁଟରୀକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।
- ଏହି ତଥ୍ୟ ସମ୍ପୃକ୍ତ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମିତି, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ତା.25.9.2019 ରୁ 30.9.2019 ମଧ୍ୟରେ ପ୍ରକାଶନ କରାଯିବ ।
- ସବିଶେଷ ତଥ୍ୟ ସମ୍ପୃକ୍ତ ସମିତିରେ ଉପଲବ୍ଧ କରାଯିବ ଏବଂ ପଞ୍ଜିକୃତ ଚାଷୀ / ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।
- ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା **ତା.3.10.2019** ସୁଦ୍ଧା ଦରଜ କରିପାରିବେ ।
- ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ହେବ ।
- ସମିତି ସମ୍ପାଦକ / ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ / କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।
- ଏକ ନିର୍ଭୁଲ ଓ ସତ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।
- ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।

ଓଡ଼ିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସାଇ ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନଦୀରେ ବନ୍ୟାଜଳ ବୃଦ୍ଧି ପାଉଛି

## ହୀରାକୁଦର ୧୦ ଗେଟ୍ ବନ୍ଦ

ଭୁବନେଶ୍ୱର,୧୧।୯(ବ୍ୟୁରୋ)- ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ, କେତେକ ନଦୀରେ ଏବେ ବନ୍ୟା ଜଳ ବିପଦ ସଙ୍କେତ ନିକଟଦେଇ ପ୍ରବାହିତ ହେଉଛି। ବ୍ରାହ୍ମଣୀ ନଦୀର ଜେନାପୁର, ସୁବର୍ଣ୍ଣରେଖା ନଦୀର ଜାମଶୋଳା ଓ ବଂଶଧାରା ନଦୀର କାଶୀନଗରଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ମହାନଦୀରେ ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ଉପରମୁଣ୍ଡରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପୁଣି ବନ୍ୟା ଆଶଙ୍କା ରହିଛି। ହୀରାକୁଦ ଜଳ ଭଣ୍ଡାରର ୨୦ ଗେଟ୍ ଖୋଲାଯାଇଥିବାରୁ ମହାନଦୀ ଓ ଏହାର ଶାଖାନଦୀ ଫୁଲିବା ଆରମ୍ଭ କରିଛି। କଟକ ଜିଲାର ମହାନଦୀ ତଳିଆ ଅଞ୍ଚଳ ବାଙ୍କୀର କେତେକ ଗାଁ ପାଣିଘେରରେ ରହିଛି। ସେହିପରି ଦୟାନଦୀର ଶାଖା ନଦୀ ରାଜୁଆ ନଦୀରେ ବନ୍ୟା ପାଣି ଆସିବା ଯୋଗୁ ଖୋର୍ଦ୍ଧା ଜିଲାର ୨ ପଞ୍ଚାୟତର ୧୩ ଗାଁ ଗତ ୫ଦିନ ହେବ ପାଣି ଘେରରେ ରହିଛି। ତେବେ ସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ହୀରାକୁଦ ଜଳଭଣ୍ଡାରର ୧୦ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ବାକି ୧୦ ଗେଟ ମଧ୍ୟଦେଇ ଜଳ ପ୍ରବାହିତ ହେଉଛି।

### ରାଜ୍ୟରେ ୪% ଅଧିକ ବର୍ଷା

ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ୍ ପହିଲାରୁ ସେପ୍ଟେମ୍ବର ୧୧ ସୁଦ୍ଧା ରାଜ୍ୟରେ ୧୦୨୭.୨ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୧୦୬୫.୬ ମିମି ହୋଇଛି। ଅର୍ଥାତ୍ ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ବର୍ଷା ହୋଇଛି। କୋରାପୁଟ ଜିଲାରେ ସ୍ୱାଭାବିକଠାରୁ ୪୨ ପ୍ରତିଶତ ଅଧିକ ବର୍ଷା ହୋଇଥିବାବେଳେ ମାଲକାନଗିରି ୨୩, ପୁରୀ ୧୮, ରାୟଗଡା ୧୩, ସୁବର୍ଣ୍ଣପୁର ୧୭, ବଲାଙ୍ଗୀର ୧୭, ବରଗଡ଼ ୧୩, ବୌଦ୍ଧ ୧୭, ଝାରସୁଗୁଡା ଜିଲାରେ ୨୦ମିମି ଅଧିକ ବର୍ଷା ରେକର୍ଡ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ରାଜ୍ୟରେ ବିମାନସେବା ଭିତ୍ତିଭୂମି ଉନ୍ନୟନକୁ ଗୁରୁତ୍ୱ

■ ରାଉରକେଲାରୁ ଭୁବନେଶ୍ୱର, କୋଲକାତା, ରାୟପୁରକୁ ବିମାନସେବା ଲକ୍ଷ୍ୟ
■ ଜୟପୁର ବିମାନବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୯(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନରେ ବସିଥିବା ରାଜ୍ୟସ୍ତରୀୟ ପରିଚାଳନା କମିଟି (ଏସ୍‌ଏଲ୍‌ଏମ୍‌ସି) ବୈଠକରେ ରାଜ୍ୟରେ ବିମାନ ସେବା ସମ୍ପର୍କିତ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ସୁନ୍ଦରଗଡ ଜିଲା ରାଉରକେଲାରେ ଥିବା ଏୟାରଷ୍ଟ୍ରିପ୍‌କୁ ଚଉଡା କରିବା ପାଇଁ ମୁଖ୍ୟ ସଚିବଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଏହି ବିମାନ ବନ୍ଦରର ୫୯୦୦ ଫୁଟ୍‌ର ରନ୍‌ୱେ ରହିଛି, ଏହା ୧୯ ସିଟର ବିଶିଷ୍ଟ ବିମାନ ଉଡାଣ ପାଇଁ ଉପଯୁକ୍ତ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଏହି ବିମାନବନ୍ଦରରେ ଉଡାଣ ପାଇଁ ଏୟାରଲାଇନ୍ସମାନଙ୍କଠାରୁ ବିଡ୍ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି। ରାଉରକେଲାରୁ ଭୁବନେଶ୍ୱର, କୋଲକାତା ଏବଂ ରାୟପୁର ପ୍ରଭୃତି ସ୍ଥାନକୁ ବିମାନ ସେବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବୈଠକରୁ ଜଣାପଡିଛି।

ଅନୁରୂପ ଭାବେ କୋରାପୁଟସ୍ଥିତ ଜୟପୁର ବିମାନବନ୍ଦର କାର୍ଯ୍ୟର ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟର୍ମିନାଲ ବିଲ୍ଡିଂ, ରନ୍ ୱେ ପ୍ରଭୃତି କାର୍ଯ୍ୟକୁ ପୂର୍ତ୍ତ ବିଭାଗ ମାଷ୍ଟରପ୍ଲାନ ଅନୁଯାୟୀ ସାରିବା ପାଇଁ କୁହାଯାଇଛି। ଏଥିପାଇଁ ୫୫ କୋଟି ଟଙ୍କାର ବ୍ୟୟ ଅଟକଳଥିବା ଜଣାପଡିଛି। କଳାହାଣ୍ଡି ଜିଲା ଉତ୍‌କେଳା ଏୟାରଷ୍ଟ୍ରିପ କାର୍ଯ୍ୟର ଅଗ୍ରଗତି ସହ ଏହାର ସାମାଜିକ ପ୍ରଭାବ ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବିସ୍ଥାପନ ତଥା ଥଇଥାନର ବିଶେଷ ଅସୁବିଧା ନାହିଁ, ଏଥିପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିବା ଜନୈକ ଅଧିକାରୀ ସୂଚନା ଦେଇଛନ୍ତି। ଭୁବନେଶ୍ୱର-ଉତ୍‌କେଳା, ଉତ୍‌କେଳାରୁ ରାୟପୁର, ଭୁବନେଶ୍ୱର-ଜୟପୁର, ଭୁବନେଶ୍ୱର-ଝାରସୁଗୁଡା, ଝାରସୁଗୁଡା-ରାଞ୍ଚି ଏବଂ ଭୁବନେଶ୍ୱର-ରାଉରକେଲା ପରି ରୁଟ୍‌ରେ ବିମାନ ସେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ଉଡାଣ ଯୋଜନା ଅଧିନରେ ରାଜ୍ୟର ୪ଟି ବିମାନବନ୍ଦରକୁ ବଛାଯାଇଥିଲା। ଏଗୁଡିକ ହେଉଛି- ରାଉରକେଲା, ଝାରସୁଗୁଡା, ଉତ୍‌କେଳା ଏବଂ ଜୟପୁର, ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନ ବନ୍ଦର ଏହାର ମେଣ୍ଟଭାବେ କାର୍ଯ୍ୟ କରିବ। ଏହି ଯୋଜନାରେ ରାଜ୍ୟ ସରକାର ଜମି, ମାନବ ସମ୍ବଳ ଯୋଗାଇଛନ୍ତି। ପ୍ରାଥମିକଭାବେ ରାଜ୍ୟ ଏହା ଉପରୁ ୫ ପ୍ରତିଶତ ମୂଲ୍ୟଯୁକ୍ତ କର (ଭାଟ) ହ୍ରାସ କରି ଏକ ପ୍ରତିଶତ କରିଥିଲା। ଏଥିସହିତ ୨୦ ପ୍ରତିଶତ ଭାଏବଲ ଗ୍ୟାପ୍ ଫଣ୍ଡିଂ(ଭିଜିପି) ପ୍ରଦାନ କରିଥିଲା। ମେକ୍ ଇନ୍ ଓଡ଼ିଶା ଇନିସିଏଟିଭି କାର୍ଯ୍ୟକ୍ରମରେ ଆଞ୍ଚଳିକ ଯୋଗାଯୋଗକୁ ସାମିଲ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଚନ୍ଦ୍ରାବାବୁ ...

ଆନ୍ଧ୍ରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ ଡି. ଗୌତମ ସୱାଙ୍ଗ୍ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଜରିଆରେ ଏକ ବିବୃତି ଜାରି କରିଛନ୍ତି। ଚନ୍ଦ୍ରାବାବୁଙ୍କୁ ପ୍ରିଭେଣ୍ଟିଭ୍ କଷ୍ଟଡି (ଅପରାଧ କରିପାରନ୍ତି ବୋଲି ହାଜତ)ରେ ରଖାଯାଇଛି। କାରଣ ତାଙ୍କର କାର୍ଯ୍ୟରୁ ପାଲନାଡୁରେ ଉତ୍ତେଜନା ବୃଦ୍ଧି ପାଇବା ସହ ଆଇନଶୃଙ୍ଖଳାରେ ବ୍ୟାଘାତ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଚନ୍ଦ୍ରାବାବୁ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ 'ନିର୍ଯାତନା' ଓ 'ଇତିହାସରେ ଅଭୂତପୂର୍ବ' ବୋଲି ଅଭିହିତ କରିଛନ୍ତି। ସ୍ଥିତି ଭୟଙ୍କର ହୋଇଯାଇଛି। ଟିଡିପିର ବହୁ ଏମ୍‌ପି, ବିଧାୟକ ଓ ନେତାଙ୍କୁ ପୋଲିସ ବିଭିନ୍ନ ସ୍ଥାନରେ ହାଜତରେ ଅଟକ ରଖିଛି। ଅହୁରି ଅନ୍ୟ କେତେଜଣଙ୍କୁ ଗୃହବନ୍ଦୀ କରାଯାଇଛି। ଏହା ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀଙ୍କ ଖଳ ମାନସିକତାକୁ ପ୍ରତିଫଳିତ କରୁଛି। ମୁଖ୍ୟମନ୍ତ୍ରୀ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ତେବେ ସେ ଅତମାକୁରୁ ଗସ୍ତ ବାତିଲ କରିବେ ନାହିଁ। ପୋଲିସ ତାଙ୍କୁ ଯେତେବେଳେ ଅନୁମତି ଦେବ ସେ ସେଠାକୁ ଯିବେ ବୋଲି ବିରୋଧୀ ଦଳ ନେତା ଚନ୍ଦ୍ରାବାବୁ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି, ୧୨୦ ତଫସିଲଭୁକ୍ତ ଜାତି (ଏସ୍‌ସି) ପରିବାରଙ୍କୁ ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଓ ପୋଲିସ ପକ୍ଷରୁ ସେମାନଙ୍କ ଗାଁରୁ ଉଚ୍ଛେଦ କରାଯାଇଛି। ସେମାନେ ଟିଡିପି ଦ୍ୱାରା ପରିଚାଳିତ ଏକ ଶିବିରରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ଗାଁକୁ ଫେରାଇ ନିଆଯିବ। ପୋଲିସ କେତେଦିନ ଗୃହବନ୍ଦୀ ରଖିବ ଦେଖାଯାଉ। ସେ ପୀଡ଼ିତଙ୍କ ସହ ଛିଡ଼ାହୋଇ ସେମାନଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବେ ବୋଲି ଚନ୍ଦ୍ରାବାବୁ କହିଛନ୍ତି। ସେପଟେ ଚନ୍ଦ୍ରାବାବୁ 'ପେଡ୍ ଆର୍ଟିଷ୍ଟ'ଙ୍କୁ ପୀଡ଼ିତ ଭାବେ ବ୍ୟବହାର କରି ଲଜ୍ଜାଜନକ ରାଜନୀତି କରୁଛନ୍ତି ବୋଲି ପ୍ରାଣୀ ସମ୍ପଦ ମନ୍ତ୍ରୀ ମୋପିଦେବି ଭେଙ୍କଟ ରାମନା ସମାଲୋଚନା କରିଛନ୍ତି। ଟିଡିପି ଶାସନ ବେଳେ ତତ୍କାଳୀନ ବାଚସ୍ପତି କୋଡେଲା ଶିବପ୍ରସାଦ ରାଓ ଏବଂ ବିଧାୟକ ୱାଇ. ଶ୍ରୀନିବାସ ରାଓ ପାଲନାଡୁ ଅଞ୍ଚଳରେ ୫ ବର୍ଷ ଧରି ଲୋକଙ୍କ ଅମଳରେ ଦମନଲୀଳା ଚଳାଇଥିଲେ। ସେତେବେଳେ ଚନ୍ଦ୍ରାବାବୁ କେଉଁଠି ଥିଲେ ବୋଲି ସେ ପ୍ରଶ୍ନ କରିବା ସହ ବର୍ତ୍ତମାନ ଜଗନ୍‌ମୋହନଙ୍କ ଶାସନରେ ଏହି ଅଞ୍ଚଳ ଶାନ୍ତିପୂର୍ଣ୍ଣ ରହିଥିବା ରାମନା କହିଛନ୍ତି।

### 'ଓଡ଼ିଶାରେ ଜରିମାନା ...

ଠିକ୍ ରଖିବା ଓ ଟ୍ରାଫିକ୍ ନିୟମ ପାଳନ କରିବାକୁ ଆସ୍ତେ ଆସ୍ତେ ପ୍ରସ୍ତୁତ ହେଉଛନ୍ତି, ଯାହା ପରିବହନ କାର୍ଯ୍ୟାଳୟରେ ହେଉଥିବା ଭିଡ଼ରୁ ସ୍ପଷ୍ଟ ହେଉଛି। କିନ୍ତୁ ରାଜ୍ୟ ସରକାର ଜରିମାନା ପରିମାଣ ହ୍ରାସ କରିବାକୁ ବିଚାର କରୁଛନ୍ତି। ଗୁଜରାଟ ସରକାରଙ୍କ ଭଳି ମୋଟର ଯାନ ଜରିମାନା ପାଖାପାଖି ଅଧା ହ୍ରାସ କରିବାକୁ ସରକାର ଚିନ୍ତା କରୁଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ସଚିବ ଜି. ଶ୍ରୀନିବାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମୋଟର ଯାନ ଆଇନ କାର୍ଯ୍ୟକାରିତାକୁ ନେଇ ଅନ୍ୟ ରାଜ୍ୟଗୁଡ଼ିକର ବ୍ୟବସ୍ଥାକୁ ଅନୁଧ୍ୟାନ କରାଯାଉଛି। ସେମାନଙ୍କ ଗେଜେଟ ନୋଟିଫିକେଶନଗୁଡ଼ିକୁ ଅନୁଧ୍ୟାନ କରାଯିବା ପରେ ଜରିମାନା ରାଶି କମାଇବା ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୧କୁ ସଚିବ ଅଚାନକ ପରିଦର୍ଶନ କରିଥିଲେ। ସେଠାରେ ଡ୍ରାଇଭିଂ ଲାଇସେନ୍ସ, ଲର୍ନିଂ ଲାଇସେନ୍ସ ଆଦି ଦେବାକୁ କି ବ୍ୟବସ୍ଥା କରାଯାଇଛି ସେସବୁର ଅନୁଧ୍ୟାନ କରିଥିଲେ। ଲୋକମାନଙ୍କୁ ଗାଡି କାଗଜପତ୍ର ଯୋଗାଇ ଦେବାକୁ ପରିବହନ କାର୍ଯ୍ୟାଳୟରେ ଅଧିକ କାଉଣ୍ଟର ଖୋଲିବାକୁ ସେ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ତୈଳ, ପେଟ୍ରୋଲିୟମ ଓ ଇସ୍ପାତ କ୍ଷେତ୍ରରେ ପୁଞ୍ଜିନିବେଶ ନେଇ ଆଲୋଚନା କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୧୧।୯(ବ୍ୟୁରୋ):କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଆବୁଧାବିସ୍ଥିତ ଭାରତୀୟ ତୈଳ ମନ୍ତ୍ରଣାଳୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ କମ୍ପାନୀ ଇଞ୍ଜିନିୟର ଇଣ୍ଡିଆ ଲିମିଟେଡ୍ (ଇଆଇଏଲ୍)କୁ ପରିଦର୍ଶନ କରିଛନ୍ତି। ବିଭିନ୍ନ ବୈଦେଶିକ ମନ୍ତ୍ରୀଙ୍କୁ ଏହି ଅବସରରେ ଧର୍ମେନ୍ଦ୍ର ଭେଟିବା ସହ ତୈଳ, ପେଟ୍ରୋଲିୟମ ଓ ଇସ୍ପାତ କ୍ଷେତ୍ରରେ ଭାରତର ପୁଞ୍ଜିନିବେଶ ନେଇ ଆଲୋଚନା କରିଛନ୍ତି। ବିଭିନ୍ନ ରାଷ୍ଟ୍ର ସହ ଅନ୍ୱେଷଣ ଓ ଉତ୍ପାଦନ କ୍ଷେତ୍ରର ସମୀକ୍ଷା ମଧ୍ୟ କରିଛନ୍ତି। ଆବୁଧାବିର ଭାରତୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇଆଇଏଲ୍ କମ୍ପାନୀକୁ ପରିଦର୍ଶନ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି କମ୍ପାନୀ ତୈଳ, ଗ୍ୟାସ ଓ ପେଟ୍ରୋକେମିକାଲ ଶିଳ୍ପକୁ କେନ୍ଦ୍ରରେ ରଖି ଟେକ୍ନୋଲୋଜି ଆଧାରରେ କାର୍ଯ୍ୟ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ଚିନ୍ତା ବଢ଼ିଯାଇପାରେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ।

**ବୃଷ**
ଆଜି ଦ୍ୱିଜା ନକ୍ଷତ୍ର ଯେଉଁ କାମରେ ହାତ ଦେବେ, ସେଥିରେ ନିଶ୍ଚିତ ସଫଳତା ପାଇବେ। କୌଣସି ବନ୍ଧୁ କିମ୍ବା ସହକର୍ମୀ ଅଥବା ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। ତଥାପି ଅଫିସ୍‌ରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ।

**ମିଥୁନ**
ମୃଗଶିରା ନକ୍ଷତ୍ର ହଠାତ୍ ମାନସିକ ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣ ମଧ୍ୟରେ ନ ରଖି ଅନ୍ୟ ଉପରେ ଶୁଖାଇଲେ ତିକ୍ତତା ସୃଷ୍ଟି ହୋଇପାରେ। ନୂତନ କର୍ମାରମ୍ଭ କରିବେ। ପୁନର୍ବସୁ ନକ୍ଷତ୍ର ପ୍ରଶାସନ, ପ୍ରକାଶନ, ରାଜନୀତି,ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ଅଶ୍ଳେଷା ନକ୍ଷତ୍ର ମନ କଥା ମନରେ ରଖି ସବୁ କଥାକୁ ଚିନ୍ତା କରି କାମ କରିବା ଭଲ ହେବ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ।

**ସିଂହ**
ମଘା ନକ୍ଷତ୍ର ବିଭିନ୍ନ ସମସ୍ୟା ଭିତରେ ଗତି କରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। କୌଣସି ନୂତନ କାମ ହାତକୁ ନେଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡିକର ସରଳ ସମାଧାନ କରିପାରିବେ। ପରିବାରବର୍ଗଙ୍କ ସହାୟତା ପାଇ କାମ ହାସଲ କରିପାରନ୍ତି।

**କନ୍ୟା**
ଚିତ୍ରା ନକ୍ଷତ୍ରର ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ଯୋଜନା ବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ।

**ତୁଳା**
ଆଜି ସ୍ୱାତୀ ନକ୍ଷତ୍ର ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ନିରାଶ ମନରେ ଫେରି ଯାଉଥିବା ବନ୍ଧୁଟି ପୁଣି ବାଟରୁ ଲେଉଟି ଆସିବା ଫଳରେ ଆପଣଙ୍କ ମାନସିକ ସ୍ଥିତି ବଦଳି ଯାଇପାରେ। ନିଜର କାମଗୁଡିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ। ଅଫିସ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା**
ଲୋଭରର ପ୍ରତୀକ ଶନିଙ୍କ କୁପ୍ରଭାବରୁ ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ ଓ ସଫଳ ମଧ୍ୟ ହେବେ। ଅନୁରାଧା ନକ୍ଷତ୍ରର ନିଜ ପରିବାରର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ**
ମୂଳା ନକ୍ଷତ୍ର ସକାଶେ କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସରେ ସହକର୍ମୀମାନଙ୍କ ସହଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ।

**ମକର**
ରାହୁ ଷଷ୍ଠ ଭାବରେ ରହିଥିବାରୁ ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ। ଶ୍ରବଣା ନକ୍ଷତ୍ରର ଅସାବଧାନତା ହେତୁ ଧନହାନି ଘଟିପାରେ।

**କୁମ୍ଭ**
ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅଫିସରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। କିନ୍ତୁ ଧନିଷ୍ଠା ନକ୍ଷତ୍ର ପାଇଁ ବନ୍ଧୁରେ କଳହ, ଧନହାନି, ପରିବହନରେ ତର୍କବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି।

**ମୀନ**
ପାପଗ୍ରହ ପ୍ରଭାବରୁ ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଭୁଲ୍ କାମ କରି ମନସ୍ତାପ କରିପାରନ୍ତି।

ଆଜି ଭାଦ୍ରବ ଶୁକ୍ଳପକ୍ଷର ଅଘୋର ଚତୁର୍ଦ୍ଦଶୀ ଗୁରୁବାର, ଅନନ୍ତବ୍ରତ, ସେପ୍ଟେମ୍ବର ୧୨ତାରିଖ, ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୦୧୧।୧୨ମି. ଗତେ ଘ୦୧୨।୫୧ମି. ମଧ୍ୟେ, ଘ୨।୩୦ମି. ଗତେ ଘ୪।୦୯ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୪ମି. ମଧ୍ୟେ ଘ୨।୩୦ମି. ଗତେ, ଘ୩।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୧୪ମି. ଗତେ ଘ୨।୪୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

C.V. Raman ପାଖରେ 17,000 Sqft. plot ବିକ୍ରିହେବ। Contact: 9778928492. D-65689

1500sqft. gharabari plot 30ft wideroad 2km before Xavier University, Bhubaneswar for sale 9937162220. D-66188

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

**PURCHASE**

Land requires on basis of Outright/ Sharing/ Marketing. 9937816565, 9937568585. D-14284

**GENERAL SALE**

Ladies running parlour sale, top posh location with equipments- 9861061565. D-67102

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14206

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

Kajal ayurvedic massage club fully relaxed by smart lady, home service available. 9937637219. D-66960

business

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**AFFIDAVIT**

By virtue of an affidavit sworn before the Executive Magistrate, BBSR on 05.09.2019 I, Pravati Mohapatra, W/o- Bijay Kumar Rana, Plot No. 68/1413, Acharya Vihar, P.S- Saheed Nagar, Bhubaneswar-751007, Dist- Khordha changed my name from Pravati Mohapatra to Pravati Rana. Henceforth, I will be known as Pravati Rana for all puposes. D-14300

**Affidavit sworn in the Court of Shri R. Barik Executive Magistrate, cfns No. 20 Dt. 28.01.2015, that Smt. Manjushree Pattnaik aged about 54 years, W/o- Ashok Kumar Pattnaik, 77, Kharavela Nagar, Janpath, Bhubaneswar 751001 has retired from M/S B N Pattnaik & Co. 77, Kharavela Nagar, Janpath, Bhubaneswar 751001 registered under Office of Inspector General of Registration cum Registrar of firms Odisha, with effect from 31.12.2014, receiving her full and final financial dues and accounts settled as of 31.12.2014. This publication is for all concerned Departments working with M/S B N Pattnaik & Co. and subsequent Gazette Notification.** D-14298

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit before the Executive Magistrate, Bhubaneswar vide CF No. 28 Dt. 10.09.2019 I, Sujogya Mishra, S/o- Manoranjan Mishra and Sanjita Mishra (Mother) solemnly affirm that I shall be known as Sujogya Mishra instead of Sanket S. Mishra and my date of birth is 23.05.1998 for all purposes.
Sujogya Mishra
D-14299

**LEGAL NOTICE**

IN THE COURT OF THE CIVIL JUDGE (SENIOR DIVISION) DHENKANAL

INTESTATE CASE NO. 5/2019

Suchitra Behera and others .......Petitioner
Versus
Batakrushna Sahu and another .......O.Ps

Notice under order-5 Rule-20 C.P.C. readwith Section- 372 of Indian Succession Act 1955

Whereas the petitioner Suchitra Behera W/o- Late Jiten Kumar Sahu, Somyajeet Sahu and Satyajeet Sahu both are sons of Late Jiten Kumar sahu being minors represented by their mother guardian Suchitra Behera of Village- Deogaon, P.o- Kapilash, P.S- Gondia, District- Dhenkanal has filed the above case for grant of succession certificate due to death of Jiten Kumar Sahu and as such it is noticed that if at all anybody else having any interest or objection for grant of such certificate he/ she may appear and contest the case in support of their claim by appearing in person or through pleader on this the 1st day of October 2019 at about 10.30 A.M/P.M failing which the case will be heard and determined exparte.

Given under my hand and seal of this court this the 29th day of August 2019.

Sd/-
CIVIL JUDGE
(SENIOR DIVISION)
DHENKANAL
D-66817

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜିଲା ଚିଠି
## ସୁବର୍ଣ୍ଣପୁର



# ସ୍ୱାସ୍ଥ୍ୟସେବା ଚିନ୍ତା

ସୁବର୍ଣ୍ଣପୁର ଭିତ୍ତିଭୂମି ସାଙ୍ଗକୁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଜିଲା ସ୍ୱାସ୍ଥ୍ୟସେବାକୁ ବିପର୍ଯ୍ୟସ୍ତ କରିପକାଇଛି। ଗୋଟିଏ ସିଏଚ୍‌ସି ଓ ୬ଟି ପିଏଚ୍‌ସିରେ ଜଣେ ହେଲେ ଡାକ୍ତର ନ ଥିବା ବେଳେ ସର୍ବମୋଟ ୭୦ଟି ପଦବୀ ଖାଲିପଡ଼ିଛି। ବିଭିନ୍ନ ବିଭାଗରେ ୧୨୭ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ଜିଲାରେ କାମ କରୁଛନ୍ତି ମାତ୍ର ୫୭ଜଣ। ସେହିପରି ଶତାଧିକ ପାରାମେଡିକାଲ କର୍ମଚାରୀ ପଦବୀ ଖାଲିପଡ଼ିଛି। କେବିକେ ଅନ୍ତର୍ଗତ ଏହି ଜିଲାର ମୁଖ୍ୟ ଡାକ୍ତରଖାନା ସମେତ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ଓ ଅନ୍ୟ ୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ ସ୍ୱଳ୍ପ ସଂଖ୍ୟକ ଡାକ୍ତର ଓ କର୍ମଚାରୀ ଥିବାରୁ ରୋଗୀମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅଧିକାଂଶ ପିଏଚ୍‌ସିରେ ଫାର୍ମାସିଷ୍ଟମାନେ ରୋଗୀଙ୍କୁ ସେବା ଯୋଗାଉଛନ୍ତି। ହରିହରଯୋର, ସିଣ୍ଢୋଲ, ମେଣ୍ଡା, କୋଟ୍‌ସମେଲାଇ, ଭୀମଟିକିରା ଓ ଶଙ୍କରା ଭଳି ପିଏଚ୍‌ସିରେ ଆଦୌ ଡାକ୍ତର ନାହାନ୍ତି, ସମାନ ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ସିଏଚ୍‌ସିଗୁଡ଼ିକରେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ନର୍ସଙ୍କ ଅଭାବ ଯୋଗୁ ଜାତୀୟ ସ୍ୱାସ୍ଥ୍ୟମିଶନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବହୃତ ହୋଇପଡ଼ିରହିଛି। ଉଲୁଣ୍ଡା ସିଏଚ୍‌ସିରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ଟିଯାକ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ତରଭା, ଡୁଙ୍ଗୁରିପାଲି, ବିନିକା ସିଏଚ୍‌ସିରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ବିପିଏଚ୍‌ଓଙ୍କ ସମେତ ଅଧିକାଂଶ ବିଶେଷଜ୍ଞ ଓ ଡାକ୍ତର ପଦବୀ ପୂରଣ ହୋଇନି। ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଦୂରର କଥା ଆବଶ୍ୟକ ସଂଖ୍ୟକ ସାଧାରଣ ଡାକ୍ତରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉନାହିଁ। ଆବଶ୍ୟକ ଯନ୍ତ୍ରପାତିର ଅଭାବ ରହିଛି। ଗରିବ ଲୋକେ ଖର୍ଚ୍ଚାନ୍ତ ହୋଇ ବାହାରେ ବିଭିନ୍ନ ପ୍ରକାର ପରୀକ୍ଷାନିରୀକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଶଯ୍ୟା ଅଭାବରୁ ରୋଗୀମାନେ ତଳେ ଶୋଇରହି ଚିକିତ୍ସିତ ହେଉଛନ୍ତି। ବର୍ଷାଋତୁରେ ଏହି ସମସ୍ୟା ଗୁରୁତର ହୋଇପଡ଼ିଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ, ସ୍ତ୍ରୀ ଓ ପ୍ରସୂତି, ନିଶ୍ଚେତକ, ଚକ୍ଷୁ, ଚର୍ମ, ନାଶା, କାନ, ନାକ ଓ ଦାନ୍ତ, ଶଲ୍ୟ ଓ ପାଥୋଲୋଜି ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ଗ୍ରାମାଞ୍ଚଳରେ ଅଧିକାଂଶ ଗରିବ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ବସବାସ କରୁଥିବାରୁ ଘରୋଇ ଭାବେ ଅର୍ଥ ଦେଇ ଚିକିତ୍ସିତ ହେବା ସେମାନଙ୍କ ପକ୍ଷେ ଅସମ୍ଭବ। ତେଣୁ ସେମାନେ ବାଧ୍ୟହୋଇ ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ମାତ୍ର ଡାକ୍ତର ନ ଥିବାରୁ ସେମାନେ କ୍ୱାକ୍‌ଙ୍କ ହାବୁଡ଼ରେ ପଡ଼ୁଛନ୍ତି ନଚେତ୍ ଗୁଣିଗାରେଡ଼ି ଓ ତନ୍ତ୍ରମନ୍ତ୍ର ଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଛନ୍ତି। ଏଭଳି ସ୍ଥିତିରେ ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକାଯାଇପାରୁନି। ସରକାର ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା ଆବଶ୍ୟକ। ନଚେତ୍ ସ୍ୱାସ୍ଥ୍ୟସେବା ଅଧିକ ବିଗିଡ଼ିଯିବାର ଆଶଙ୍କା ରହିଛି।

– ମୃତ୍ୟୁଞ୍ଜୟ ଶତପଥୀ

# କଟକରେ ଏନ୍‌କାଉଣ୍ଟର: ବୁଦ୍ଧିଆ ଆହତ

**ଗୋଟିଏ ପିସ୍ତଲ, ୨ ରାଉଣ୍ଡ ଗୁଳି ଜବତ**

କଟକ ଅଫିସ,୧୧।୯


ଆହତ ବୁଦ୍ଧିଆ

ପୂଜାକୁ ନେଇ କଟକ ସହର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ବୁଧବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ କମିଶନରେଟ୍ ପୋଲିସ ଏନ୍‌କାଉଣ୍ଟର କରିଛି। ଏଥିରେ ସିଡ଼ିଏ ସେକ୍ଟର-୧୩ ମୁଣ୍ଡାସାହିର ବୁଦ୍ଧିଆ ଦାସ(୨୮) ଆହତ ହୋଇଛନ୍ତି। ତାଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ଦୁଇ ରାଉଣ୍ଡ ଗୁଳି ଓ ମାଗାଜିନ ଜବତ କରାଯାଇଛି। ଗ୍ୟାଙ୍ଗଷ୍ଟର ଟିଟୋର ମୁଖ୍ୟ ସହଯୋଗୀ ଭାବେ ବୁଦ୍ଧିଆ କାର୍ଯ୍ୟ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଡିସିପି ଅଖିଳେଶ୍ୱର ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ୨୨ତମ ଏନକାଉଣ୍ଟର। ଏହାଛଡ଼ା ଚଳିତବର୍ଷର ଏହା ୩ୟ ଏନକାଉଣ୍ଟର। ଗତ ମାର୍ଚ୍ଚ ୧୯ରେ ଯୋବ୍ରା ନିକଟରେ ଓ ଅଗଷ୍ଟ ୨୧ରେ ଜଗତ୍‌ପୁର କେନ୍ଦ୍ରାପଡ଼ା କେନାଲ ରୋଡ଼ ନିକଟରେ କମିଶନରେଟ ପୋଲିସ ପକ୍ଷରୁ ଦୁଇଟି ଏନକାଉଣ୍ଟର ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ବୁଦ୍ଧିଆଙ୍କ ନାମରେ ପୂର୍ବରୁ କଟକର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ଦାଦାବଟି ଓ ଟେଣ୍ଡର ଫିକ୍ସିଂ ଘଟଣାରେ ସେ ସହରରେ ବେଶ୍ ସକ୍ରିୟ ଥିଲେ। ଗତ ୩ ତାରିଖରେ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ବୁଦ୍ଧିଆ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିଲେ। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଆଇପିସି ଧାରା ୩୪୧, ୨୯୪, ୩୮୬, ୫୦୬ ଅନୁଯାୟୀ ପୋଲିସ ଏକ ମାମଲା(ନଂ.୨୮୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରି କି ପୂର୍ବରୁ ଏଭଳି ଭାବେ ବନ୍ଧୁକ ଦେଖାଇ ବୁଦ୍ଧିଆ ଦାଦାବଟି ଆଦାୟ କରୁଥିବା ପୋଲିସ ଅଭିଯୋଗପତ୍ରରେ ଦର୍ଶାଯାଇଥିଲା। ବୁଧବାର ଭୋର ସମୟରେ ବୁଦ୍ଧିଆ ସେକ୍ଟର-୧୩ ଠାରେ ନିର୍ମାଣାଧୀନ ଏକ କୋଠାରେ ଲୁଚି ରହିଛି ବୋଲି ପୋଲିସ ଖବର ପାଇଥିଲା। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟ ରାସ୍ତାରେ ଜାଲ ବିଛାଇଥିଲା। ପରେ ଚାଉଳିଆଗଞ୍ଜ ଆଇଆଇସି ଦୀପକ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉକ୍ତ ନିର୍ମାଣାଧୀନ କୋଠା ନିକଟରେ ପହଞ୍ଚିଥିଲା। ଏହା ଦେଖିବା ପରେ ବୁଦ୍ଧିଆ ଖସିଯିବାକୁ ଉଦ୍ୟମ କରିବା ସହ ପାଖରେ ରଖିଥିବା ପିସ୍ତଲରୁ ପୋଲିସ ଉପରକୁ ଗୁଳି ଚଳାଇଥିଲା। ଏଥିରେ କନଷ୍ଟେବଳ ବିଶ୍ୱଜିତ ସାମନ୍ତରାୟ ଆହତ ହୋଇଛନ୍ତି। ପରେ ଆଇଆଇସି ଦୀପକ ନିଜ ସର୍ଭିସ୍ ରିଭଲଭର୍‌ରୁ ପାଲଟା ଗୁଳି ଚାଳନା କରିବାରୁ ବୁଦ୍ଧିଆଙ୍କ ବାମଗୋଡ଼ରେ ଗୁଳିଟି ବାଜିଥିଲା। ଫଳରେ ପୋଲିସ ସେଠାରୁ ତାଙ୍କୁ କାବୁ କରି ଚିକିତ୍ସାଲାଗି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସା ପରେ ବୁଦ୍ଧିଆଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଫସଲ ବୀମା, ସବ୍‌ସିଡି ପାଇଁ ରାସ୍ତାରେ ଚାଷୀ

ସମ୍ବଲପୁର/କୁଚିଣ୍ଡା,୧୧।୯ (ବ୍ୟୁରୋ/ଡିଏନ.ଏ.)


କୁଚିଣ୍ଡାରେ ଚାଷୀ ଧାରଣାରେ ବସିଛନ୍ତି।

- କୁଚିଣ୍ଡାରେ ୧୨ ଘଣ୍ଟିଆ ମହାବନ୍ଦ
- ରାସ୍ତାରୋକୋ ଯୋଗୁ ଯାତାୟାତରେ ବାଧା
- ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ

ସମ୍ବଲପୁର ଜିଲା କୁଚିଣ୍ଡାରେ ବୁଧବାର ଚାଷୀମାନେ ୧୨ ଘଣ୍ଟିଆ ବନ୍ଦ ପାଳନ କରିଛନ୍ତି। ଫସଲ ବୀମା ଓ ସବ୍‌ସିଡି ନ ମିଳିବାରୁ ଉପଖଣ୍ଡର ଚାଷୀ ତାତି ଉଠିଥିଲେ। କୁଚିଣ୍ଡା ଉପଖଣ୍ଡସ୍ତରୀୟ ମିଳିତ କୃଷକ ସଂଗଠନ ଓ କୃଷକ ସୁରକ୍ଷା ସମିତି ପକ୍ଷରୁ ଦିଆଯାଇଥିବା ବନ୍ଦ ଡକରା ଯୋଗୁ କୁଚିଣ୍ଡା ବ୍ଲକ ଓ ଏନ୍‌ଏସି ଅଞ୍ଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଯାନ ବାହନ ଅଟକି ରହିଥିଲା। ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ, ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀ, ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। କୁଚିଣ୍ଡା ଟାଉନ ଜନଶୂନ୍ୟ ହୋଇ ପଡିଥିଲା। ଭୋଜପୁର, କେଶେଇବାହାଲ, କୁସୁମି କୁଚିଣ୍ଡା ଆଦି ସ୍ଥାନରେ ଚାଷୀ ସଂଗଠନକୁ ଲୋକେ ସମର୍ଥନ ଜଣାଇଥିଲେ। ବିଭିନ୍ନ ରାଜନୈତିକ ଦଳ, ମହିଳା ସଂଗଠନ, ସାମାଜିକ ସଂଗଠନ ଏହି ବନ୍ଦରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡାରେ ପୂର୍ବତନ ବିଧାୟକ ରବି ନାଏକ, କୁଚିଣ୍ଡା ଚାଷୀ ସଂଗଠନର ସଭାପତି ଜୟନ୍ତ ପ୍ରଧାନ, ମହେନ୍ଦ୍ର ବାଘ, ମଳୟ ପରିଡାଙ୍କ ସମେତ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ରହି ବନ୍ଦର ନେତୃତ୍ୱ ନେଇଥିଲେ। ରାସ୍ତରୋକୋରେ କୁଲୁଣ୍ଡି କୃଷକ ସଂଗଠନ ସଭାପତି ପସନ୍ନ ପ୍ରଧାନ, ଖର୍ସନମାଳ କୃଷକ ସଂଗଠନ ସଭାପତି ଭକ୍ତ ପ୍ରସାଦ ପଣ୍ଡା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନ, ଗଜାନନ ନାଏକଙ୍କ ସମେତ ହଜାର ହଜାର ଚାଷୀ ସାମିଲ ହୋଇଥିଲେ।

କୁଚିଣ୍ଡା ଉପଖଣ୍ଡରେ ୨୦୧୮ ଖରିଫ ଋତୁରେ ଫସଲ ନଷ୍ଟ ହୋଇଛି। ରୋଗ ପୋକ ଲାଗିବା ଓ ଅଦିନିଆ ବର୍ଷା ଯୋଗୁ ଫସଲ ହାନି ହୋଇଛି। ଫଳରେ ଚାଷୀ ଆଉ ଫସଲ ଉପାର୍ଜନ କରି ପାରି ନ ଥିଲା। ଏଥିପାଇଁ ରାଜ୍ୟ ସରକାର ଚାଷୀଙ୍କୁ ଇନପୁଟ ସବ୍‌ସିଡି ଦେବାକୁ ଘୋଷଣା କରିଥିଲେ। ସେହିପରି ପରିସଂଖ୍ୟାନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ କ୍ଷୟକ୍ଷତି ଆକଳନ କରାଯାଇଥିଲା। ହେଲେ ବର୍ଷେ ହେବ ବୀମା ଟଙ୍କା ମିଳୁନାହିଁ କି ଇନପୁଟ ସବ୍‌ସିଡି ବି ସରକାର ଦେଇ ନାହାନ୍ତି। ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ କେହି ଶୁଣୁ ନାହାନ୍ତି। ଏଣୁ ଚାଷୀମାନେ ପୂର୍ବରୁ ବନ୍ଦ ଡାକରା ଦେବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ପୂର୍ବ ଘୋଷଣା ମୁତାବକ କୁଚିଣ୍ଡା ଉପଖଣ୍ଡକୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ୫୩ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରିଥିଲେ। ଫଳରେ ସକାଳ ୬ରୁ ସନ୍ଧ୍ୟା ୬ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଯାତାୟତ ବନ୍ଦ ରହିଥିଲା। ପଡିଆବାହଲ ନିକଟସ୍ଥ କୁଲୁଣ୍ଡି ଗାଁ ଛକରେ ମଧ୍ୟ ଚାଷୀମାନେ ରାସ୍ତାରୋକୋ କରିଥିଲେ। ମୁଢେନପାଲି, ଖର୍ସନମାଳ, କୁଲୁଣ୍ଡି ପଞ୍ଚାୟତର ପ୍ରାୟ ୧ ହଜାର ଚାଷୀ ରାସ୍ତାକୁ ଓହ୍ଲାଇଥିଲେ। ଏପରିକି ଚାଷୀମାନେ ଦୁଇ ଚକିଆ ଗାଡିକୁ ମଧ ଛାଡୁ ନ ଥିଲେ । ଫଳରେ ରାସ୍ତାରେ ଯାଉଥିବା ଲୋକେ ହଇରାଣ ହୋଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଅଲୋଚନା କରି ନ ଥିବା ଜଣାପଡ଼ିଛି।

**WALK-IN-INTERVIEW**

Applications are invited from desirous candidates having 55% marks at P.G. Level for the Post of Lecturer on purely Contractual basis in Odia, Economics, Sociology and Philosophy. Interested candidates are asked to present in the college on 17.09.19 at 10.30 A.M. with their Biodata and Testimonials to attend the interview.

Cont : 8249599583
993898800

Sd./- Principal cum- Secretary
Dr. Harekrushna Mahatab
Degree College, Kupari, Balasore

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)



ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

(Regd. No. MSCS/CR/333/2010)

**SAHARA CREDIT COOPERATIVE SOCIETY LIMITED**
Regd. Office: Sahara India Bhawan, 1, Kapoorthala Complex, Aliganj, Lucknow-226024 , Telefax : 0522-2330155

**NOTICE**

Notice is hereby given that the 10th Annual General Body Meeting of the Members of Sahara Credit Cooperative Society Limited will be held on Friday, September 27, 2019 at 11:00 a.m. at 3rd Floor, Sahara India Tower, Kapoorthala Complex, Lucknow – 226024, to transact the following business:

**BUSINESS ON AGENDA**
1. To confirm the minutes of last General body Meeting.
2. To consider and adopt the audited financial statement of accounts for the F. Y. 2018-19.
3. To consider and approve the Audit Report and Annual Report for the F.Y. 2018-19.
4. To consider the creation of specific reserve and other funds.
5. To announce dividend distribution for the Financial Year 2018-19.
6. To consider the disposal of net profit.
7. To approve the annual budget for the Financial Year 2020-21.
8. To approve the annual action plan for the Financial Year 2020-21.
9. To consider and approve the appointment of Statutory Auditors for the F.Y. 2019-20.
10. To consider the list of employees who are relatives of members of the Board or of the Managing director.
11. To consider and approve election process for electing the new Board.
12. Any other item, if any, with the permission of Chairman.

By order of the Board
For Sahara Credit Cooperative Society Limited
Sd/-
Managing Director

Place: Lucknow
Date: 31/08/2019

**Note:** Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 12:00 noon on the same day i.e. 27th September, 2019 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

### ମତ୍ସ୍ୟ ବିଭାଗ କାର୍ଯ୍ୟାଳୟକୁ ମନ୍ତ୍ରୀଙ୍କ ଅଚାନକ ଗସ୍ତ

# ଅନୁପସ୍ଥିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୯(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ପୂର୍ବାହ୍ନରେ ବାଲୁଗାଁସ୍ଥିତ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ପରିଦର୍ଶନ ସମୟରେ ମନ୍ତ୍ରୀ କର୍ମଚାରୀମାନଙ୍କ ଉପସ୍ଥାନ ଯାଞ୍ଚ କରିଥିଲେ। ପରେ କାର୍ଯ୍ୟାଳୟ ବୁଲିଦେଖିବା ସହିତ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ୫'ଟି' ମନ୍ତ୍ରକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ କାର୍ଯ୍ୟାଳୟରେ ଅନୁପସ୍ଥିତ କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ମନ୍ତ୍ରୀ ଅପରାହ୍ନରେ ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଦୟାନନ୍ଦ ଆଙ୍ଗ୍ଲୋବେଦିକ ଡିଗ୍ରୀ ମହାବିଦ୍ୟାଳୟ ଅଚାନକ ଗସ୍ତ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ମନ୍ତ୍ରୀ କଲେଜ ଓ ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଏହି ସମୟରେ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରଙ୍କ ବହୁଳ ଉପସ୍ଥାନ ଦେଖି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ତେବେ ମହାବିଦ୍ୟାଳୟ ପରିସର ଓ ପରିବେଶ ସଫାସୁତୁରା ନ ଥିବାରୁ ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହ ଆସନ୍ତା ୩ ମାସ ମଧ୍ୟରେ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରି ମହାବିଦ୍ୟାଳୟ ରୂପରେଖ ବଦଳାଇବା ପାଇଁ ଅଧ୍ୟକ୍ଷଙ୍କୁ ତାଗିଦ୍ କରିଥିଲେ। ଆଲୋଚନା ସମୟରେ ମହାବିଦ୍ୟାଳୟର ବିଦ୍ୟୁତ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ କହିଥିବାବେଳେ ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସାତ ଦିନ ମଧ୍ୟରେ ସମାଧାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମହାବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟାକୁ ବିଭାଗୀୟ ସ୍ତରରେ ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପଟ୍ଟା ପାଇଁ ଲାଞ୍ଚ, ଆର୍‌ଆଇ, ପିଅନ ଗିରଫ

ବ୍ରହ୍ମପୁର ଅଫିସ/ଧରାକୋଟ, ୧୧।୯(ଡି.ଏନ.ଏ.)

ଜଣେ ଆବେଦନକାରୀଙ୍କ ଜମି ପଟ୍ଟା ପାଇଁ ବୁଧବାର ୧୫୦୦ ଟଙ୍କା ଲାଞ୍ଚ ନେଇ ଧରାକୋଟ ତହସିଲ ଅଧୀନ ମୁଣ୍ଡମରାଇ ରାଜସ୍ୱ ନିରୀକ୍ଷକ ସୀମାଞ୍ଚଳ ପାଢ଼ୀ ଓ ପିଅନ ସନ୍ତୋଷ କୁମାର ଗୌଡ଼ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଛନ୍ତି। ମାମଲା ନଂ. ୨୪/୧୯ରେ ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଆରଆଇ ସୀମାଞ୍ଚଳଙ୍କ ଗୋଷାଣୀନୂଆଗାଁ ବାସଭବନରେ ଓ ପିଅନ ସନ୍ତୋଷଙ୍କ ପୁରୁଷୋତ୍ତମପୁର ହାଣ୍ଡିଘର ପାତ୍ରସାହିରେ ଥିବା ବାସଭବନରେ ମଧ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଧରାକୋଟ ଥାନା ବରିଗୁଡ଼ା ଗ୍ରାମର ଦାସିଆ ଦାଶ ଜୁନ ୧୧ରେ ଗାଁରେ ଏକ ଜମି କିଣିଥିଲେ। ଏହାର ପଟ୍ଟା ପାଇଁ ସେ ଧରାକୋଟ ତହସିଲରେ ଆବେଦନ କରିଥିଲେ। ଏଥିପାଇଁ ମୁଣ୍ଡମରାଇ ଆରଆଇ ସୀମାଞ୍ଚଳ ଆବେଦନକାରୀଙ୍କ ପୁଅ ପବିତ୍ରଙ୍କୁ ୧୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ପବିତ୍ର ଆରଆଇ ସୀମାଞ୍ଚଳଙ୍କୁ ୧୫୦୦ ଟଙ୍କା ଲାଞ୍ଚ ଦେବା ବେଳେ ତାଙ୍କ ନିକଟରେ ଠିଆ ହୋଇଥିବା ପିଅନ ସନ୍ତୋଷଙ୍କୁ ଉକ୍ତ ଟଙ୍କା ଦେବା ପାଇଁ ସେ କହିଥିଲେ। ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଲାଞ୍ଚ ଟଙ୍କା ସନ୍ତୋଷଙ୍କଠାରୁ ଜବତ କରିଥିଲେ।



Individual Choices.
Incredible Style Statements.

PUJA COLLECTION 2019
This festive season, enchant the world with your mesmerizing style statement. Come, explore the latest Puja Collection at Kalamandir.

10% SPECIAL PUJA DISCOUNT

kalamandir ODISHA'S MOST POPULAR FASHION SHOP
କଳାମନ୍ଦିର ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009


Banarasis | Kanjeevarams | Odissis | Printed Silks | Brocades | Jamevars | South Silks | Balucharis
Gadwals | Suitings | Shirtings | Suits | Jackets | Kurta Pyjamas | Sherwanis | Exclusive Readymades
Kidswear | Ladieswear | Furnishing | Dress Materials

RK SWAMY BBDO KALA 2903/19

### ■ ଡିହଡୋଳ ଫରେଷ୍ଟ ସେକ୍ସନରେ ଦନ୍ତା ଆତଙ୍କ

# ୨ଚାଷୀଙ୍କୁ ଦାନ୍ତରେ ଭୁସି ଲହୁଲୁହାଣ କଲା

ପରଜଙ୍ଗ, ୧୧।୯(ଡି.ଏନ.ଏ.)


ଦନ୍ତାହାତୀ କେନାଲରେ ଫସିଛି।

- ଦୌଡୁଥିବାବେଳେ ଖସିପଡ଼ି ୫ ଆହତ
- ରେଙ୍ଗାଳି କେନାଲରେ ଘଣ୍ଟାଏ ଫସିଲା
- ଫରେଷ୍ଟଗାର୍ଡଙ୍କ ସ୍କୁଟି ଭାଙ୍ଗି ଚୂରମାର

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡ଼ୋଳ ଫରେଷ୍ଟ ସେକ୍ସନରେ ବୁଧବାର ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ହାତୀ ଦାନ୍ତରେ ଭୁସିଦେବାରୁ ୨ଜଣ ଚାଷୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚାନ୍ଦପୁର ଗ୍ରାମର ପଞ୍ଚାନନ ସାହୁ (୫୦) ଏବଂ ବାରିହାପୁର ଗ୍ରାମର ଅନ୍ତର୍ଯ୍ୟାମୀ ରାଉଳ (୬୮)। ହାତୀ ମୁହଁରୁ ଜୀବନ ବଞ୍ଚାଇ ପଳାଉଥିବାବେଳେ ଖସିପଡ଼ି ଚାନ୍ଦପୁର ଗ୍ରାମର ଉଷା ସାହୁ, କାମାକ୍ଷାପ୍ରସାଦ ସାହୁ, ଉତ୍ସବ ସାହୁ, ଗୋବିନ୍ଦ ସାହୁ, ତ୍ରିଲୋଚନ ସାହୁ ପ୍ରମୁଖ ଗୁରୁତର ହୋଇଛନ୍ତି।

ଭୋର୍ ସମୟରେ କନ୍ତୁର ଗ୍ରାମ ନିକଟ ଜଙ୍ଗଲରୁ ଉକ୍ତ ହାତୀ ବାହାରି ଚାନ୍ଦପୁର ଗାଁ ମୁହାଁ ହୋଇଥିଲା। ଏହି ସମୟରେ ସଜରାବାହାଲପଶି ଅଞ୍ଚଳରେ ପଞ୍ଚାନନ ଚାଷ କାମ କରୁଥିବାବେଳେ ହାତୀ ତାଙ୍କୁ ପଛପଟୁ ଦାନ୍ତରେ ଭୁସିବା ପରେ ଶୁଣ୍ଢରେ ଉଠାଇ ଫିଙ୍ଗି ଦେଇଥିଲା। ସୂଚନା ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପଞ୍ଚାନନଙ୍କୁ ଆକ୍ରମଣ କରି ଦୌଡ଼ି ପଳାଉଥିବାବେଳେ ବଡ଼ଝରା ଗ୍ରାମ ନିକଟ ରେଙ୍ଗାଳି ମୁଖ୍ୟ ବାମ କେନାଲରେ ଉକ୍ତ ଦନ୍ତା ଖସିପଡ଼ିଥିଲା। ହାତୀଟି ସାଢ଼େ ୭ଟାରୁ ପାଖାପାଖି ଘଣ୍ଟାଏ ଧରି କେନାଲରେ ଫସି ରହିଥିଲା। ଡିହଡ଼ୋଳ, ମୁକ୍ତାପଶି ସେକ୍ସନର ବନ କର୍ମଚାରୀ ପହଞ୍ଚି ବାଣ ଫୁଟାଇ ଘଉଡ଼ାଇବାକୁ ପରେ ହାତୀ ବାହାରକୁ ଉଠିଥିଲା। ତେବେ ଉତ୍ୟକ୍ତ ହାତୀ କେନାଲ ହୁଡ଼ାରେ ଥିବା ଫରେଷ୍ଟ ଗାର୍ଡ ପ୍ରଶାନ୍ତ ସାହୁଙ୍କ ସ୍କୁଟିକୁ ଭାଙ୍ଗି ଚୂରମାର କରିଦେଇଥିଲା। ବନ କର୍ମଚାରୀ ଘଉଡ଼ାଇ ଦେବା ପରେ ହାତୀଟି ୫୩ନଂ. ଜାତୀୟ ରାଜପଥ ପାର ହୋଇ ବସୋଇ ଅଞ୍ଚଳକୁ ପଶିଯାଇଥିଲା। ଏହି ସମୟରେ ଗୋଧିମୁଣ୍ଡା ଅଞ୍ଚଳରେ ଧାନକ୍ଷେତରେ କାମ କରୁଥିବା ଅନ୍ତର୍ଯ୍ୟାମୀଙ୍କୁ ପିଠିକୁ ଦାନ୍ତରେ ଭୁସି ଦେଇଥିଲା। ସେଠାରେ କାମ କରୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଢେଙ୍କାନାଳ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ଗାର୍ଡ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବନ ବିଭାଗ ପକ୍ଷରୁ ଅନ୍ତର୍ଯ୍ୟାମୀଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଉକ୍ତ ଦନ୍ତାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡ଼ିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର।
–ଶ୍ରୀମା





ପରିବେଶ ପରିଚିନ୍ତା

# କାହା ଦୁଃଖର କାରଣ ହୁଅନା

ମାନେକା ଗାନ୍ଧୀ

ଅନେକ କାର୍ଯ୍ୟ ଆମେ ବିନା ବିଚାରରେ କରିଥାଉ ଏବଂ ସେଥିପାଇଁ ଅନେକଙ୍କ ଦୁଃଖଯନ୍ତ୍ରଣାର କାରଣ ହୋଇଥାଉ। ମୋ ବିଶ୍ୱରେ ପରମେଶ୍ୱରଙ୍କ ଦଶ ଅନୁଜ୍ଞା: ମିଛ କୁହ ନାହିଁ, ମାତାପିତାଙ୍କୁ ସମ୍ମାନ ଦିଅ ଇତ୍ୟାଦିର କିଛି ଅର୍ଥ ନାହିଁ। ମୋ ବିଶ୍ୱରେ କେବଳ ଗୋଟିଏ ଅନୁଜ୍ଞା ଅଛି: ତୁମେ କାହାରି ଦୁଃଖଯନ୍ତ୍ରଣାର କାରଣ ହୁଅ ନାହିଁ। ସଂକ୍ଷେପରେ କହିଲେ, ସଚେତନ ହୋଇ ବଞ୍ଚ। କ'ଣ ଖାଉଚ, କେଉଁଠି ଚାଲୁଚ, କ'ଣ ବ୍ୟବହାର କରୁଚ, କ'ଣ କହୁଚ ଓ କ'ଣ ଆଶା କରୁଚ, ସେସବୁକୁ ଭଲକରି ତନଖି ଦେଖ। ତାହା କରିପାରିଲେ ତୁମେ ଏକ ସଫଳ ଓ ସାର୍ଥକ ଜୀବନ ଜିଇପାରିବ ଏବଂ ସାରା ଦୁନିଆ ନିଜକୁ ତୁମ ପାଦତଳେ ଅଜାଡ଼ି ଦେବ।

ଚମଡ଼ା, ମାଂସ, ଅଣ୍ଡା, କ୍ଷୀର– ଏସବୁ ପାଇଁ ମୋ ଦୁନିଆରେ ତ କେବଳ 'ନା' ହିଁ 'ନା' ରହିଛି। କିନ୍ତୁ କିଛି ଚିନ୍ତା ନ କରି ଆପଣ ଏପରି ଆଉ କିଛି କାର୍ଯ୍ୟ କରନ୍ତି, ଯାହା କରିବା ଉଚିତ ନୁହେଁ ବା ନ କରିଥିଲେ ଭଲ ହୋଇଥାନ୍ତା।

ବୋନସାଇ (ବାମନୀକୃତ ଗଛ) କିଣନ୍ତୁ ନାହିଁ, ରଖନ୍ତୁ ନାହିଁ ବା ଗ୍ରହଣ କରନ୍ତୁ ନାହିଁ। ଏଗୁଡ଼ିକ ପ୍ରକୃତରେ ବଡ଼ ଗଛ, ଯାହାର ବାରମ୍ବାର ଚେର କାଟି ଓ ବଢ଼ିବାକୁ ନ ଦେଇ ବାମନ କରି ଦିଆଯାଏ। ତିନି ଇଞ୍ଚ ଗଭୀର କୁଣ୍ଡ ଭିତରେ ଏକ ଅଶ୍ୱତ୍ଥ ବୃକ୍ଷ ଭଳି ନିଜର ଅବସ୍ଥା ହୋଇଥିଲେ କିପରି ଅନୁଭବ କରିଥାନ୍ତେ କଳ୍ପନା କରନ୍ତୁ। ଚାଇନିଜମାନେ ଗୋଟିଏ ଝିଅ ଜନ୍ମ ହେବା ପରେ ପରେ ତା' ପାଦକୁ ବାନ୍ଧିଦେଲେ ଏବଂ ସେ ବଡ଼ ହେବା ପରେ ତା'ର ପାଦ ସେଇ ଦୁଇ ଇଞ୍ଚର ହୋଇ ରହିଗଲା। ସେ ସାରା ଜୀବନ ଦୁଃଖଯନ୍ତ୍ରଣାରେ କଟାଇଲେ। ଗଛମାନଙ୍କ କ୍ଷେତ୍ରରେ ବି ସେଇ ଏକା ଅନୁଭବ ହୋଇଥାଏ। ଏ ବାମନୀକରଣ ପ୍ରକ୍ରିୟା ହେଉଛି ଅତ୍ୟନ୍ତ ନୃଶଂସ ଓ ନୀତିବିଗର୍ହିତ। ଧନୀ ଲୋକମାନେ ନିଜ ଘରର ଶୋଭା ବଢ଼ାଇବା ପାଇଁ ଓ ଆତ୍ମବଡ଼ିମା ଦେଖାଇବା ପାଇଁ ଏହିସବୁ ଗଛ କିଣନ୍ତି। ଯେଉଁମାନେ ଏ ବୋନସାଇ ଗଛ ତିଆରି କରନ୍ତି, ସେମାନେ ଅତ୍ୟନ୍ତ ନୃଶଂସ ଓ ପ୍ରକୃତି ଉପରେ କ୍ଷମତା ବିସ୍ତାର କରିବାକୁ ଚାହାନ୍ତି। ସେମାନେ ନିଜ ସପକ୍ଷରେ ଏତିକି ସଫେଇ ଦେଇଥାନ୍ତି: ଆମେ ଏ ଗଛଗୁଡ଼ିକୁ ମାଗଣା ଖାଦ୍ୟ ଓ ପାଣି ଦେଉଛୁ। ତାଙ୍କୁ ରୋଗପୋକ କବଳରୁ ରକ୍ଷା କରୁଛୁ, ସେମାନଙ୍କ କ୍ଷତ ସ୍ଥାନରେ ଔଷଧ ଲଗାଇ ଦେଉଛୁ, ଆମେ ସେମାନଙ୍କ ପାଣିପାଗକୁ ନିୟନ୍ତ୍ରିତ କରୁଛୁ ଏବଂ ସେମାନେ ଏକ ସହଜ ଜୀବନ ବଞ୍ଚୁଛନ୍ତି। ତା'ହେଲେ ଜେଲରେ ଥିବା ମଣିଷଙ୍କ ପ୍ରତି ଏବଂ ପରୀକ୍ଷାଗାରରେ ବ୍ୟବହୃତ ପ୍ରାଣୀମାନଙ୍କ ପ୍ରତି ବି ତ ସେହିପରି ଆଚରଣ କରାଯାଏ।

ବାହାଘର ପାର୍ଟିରେ ଘୋଡ଼ାମାନଙ୍କୁ ବ୍ୟବହାର କରନ୍ତୁ ନାହିଁ। ଏମାନେ ସାଧାରଣତଃ ମାଈ ଘୋଡ଼ା ଓ ଧଳା ରଙ୍ଗର, ତେଣୁ ସେମାନେ ସହଜରେ ଅଂଶୁଘାତର ଶିକାର ହୋଇଥାନ୍ତି। ଘୋଡ଼ାମାନଙ୍କର କାନ ଓ ମୁହଁ ଅତ୍ୟନ୍ତ ସମ୍ବେଦନଶୀଳ। ବାହାଘର ସ୍ଥଳରେ ପହଞ୍ଚିବା ପାଇଁ ସେମାନଙ୍କୁ ମାଇଲ ମାଇଲ ଚାଲିବାକୁ ପଡ଼େ, ତା'ପରେ ଘଣ୍ଟା ଘଣ୍ଟା ଧରି ବରଯାତ୍ରୀ ପାର୍ଟି ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଠିଆ ହୋଇ ରହିବାକୁ ପଡ଼େ। ତା'ପରେ ଘଣ୍ଟା ଘଣ୍ଟା ଧରି ମାଇକ୍, ବାଜା, ବାଣ, ଲୋକଙ୍କ ପାଟିତୁଣ୍ଡ ଓ ଚିତ୍କାର ଆଦିର ଅତି ଉଚ୍ଚ କାନଫଟା ଶବ୍ଦ ସହ୍ୟ କରିବାକୁ ପଡ଼େ। ସେମାନେ ଯେପରି କାମୁଡ଼ିବେ ନାହିଁ ଓ ନିୟନ୍ତ୍ରଣରେ ରହିବେ, ସେଥିପାଇଁ ତାଙ୍କ ନାକ ଓ ପାଟିରେ ଦଉଡ଼ି ଭିଡ଼ା ହୋଇଥାଏ। ଏହାଦ୍ୱାରା ସେମାନଙ୍କ ପାଟିରୁ ରକ୍ତ ଝରେ, ଘାଆ ହୋଇଯାଏ, ଦାନ୍ତର ସ୍ଥାୟୀ କ୍ଷତି ହୁଏ ଏବଂ ଅଶେଷ ଯନ୍ତ୍ରଣା ହୁଏ। ମଣ କରିବା ତାଲିମ ସମୟରେ ସେମାନଙ୍କୁ ପ୍ରବଳ ପିଟାଯାଏ। କୌଣସି ପ୍ରାଣୀର ଏପରି ଯନ୍ତ୍ରଣା ସମୟରେ ଆପଣ ବିବାହ ଉତ୍ସବରେ ମଉଜ କରିବାକୁ ଚାହାନ୍ତି ? ଏହା କ'ଣ ଆପଣଙ୍କୁ ଖୁସି ଦେଇପାରିବ ?

ଚଢ଼େଇକୁ ପଞ୍ଜୁରିରେ ରଖିବା, ମାଛକୁ କାଚ ପାଣିପାତ୍ରରେ ରଖିବା ଓ କୁକୁରକୁ ଫିତାରେ ବା ଚେନ୍‌ରେ ବାନ୍ଧି ରଖିବା ମଧ୍ୟ ସେମାନଙ୍କ ପ୍ରତି ନିର୍ଯାତନା ଛଡ଼ା ଆଉ କିଛି ନୁହେଁ। କୁକୁର ଦଉଡ଼ିବାକୁ ଚାହେଁ ଓ ଏଣେ ତେଣେ ଶୁଙ୍ଘିବାକୁ ଚାହେଁ। କିନ୍ତୁ ଅନେକ ମାଲିକ କୁକୁରକୁ ବାହାରକୁ ବୁଲାଇ ନେଲାବେଳେ ଚେନ୍‌ରୁ ଆଦୌ ଖୋଲନ୍ତି ନାହିଁ। ମାଲିକ ଯେତିକି ବେଗରେ ଚାହାନ୍ତି, କୁକୁର ସେତିକି ବେଗରେ ତାଙ୍କ ସହ ଚାଲନ୍ତି। କୁକୁରକୁ ବୁଲାଇ ନେବା ବେଳେ ତା'ର ମଳ ସଫା କରିବାକୁ ଭୁଲନ୍ତୁ ନାହିଁ, ନ ହେଲେ ଅନ୍ୟ ଲୋକମାନେ ବିରକ୍ତି ପ୍ରକାଶ କରିବେ।

ପୋଷା ଚଢ଼େଇମାନଙ୍କୁ ଖାଇବାକୁ ଦିଅନ୍ତୁ କିନ୍ତୁ ସେମାନଙ୍କୁ ପାଉଁରୁଟି ଦିଅନ୍ତୁ ନାହିଁ। ପାଉଁରୁଟିରେ ମଇଦା ଓ ଚିନି ଛଡ଼ା କୌଣସି ପୌଷ୍ଟିକତା ନ ଥାଏ। ଏହା ସେମାନଙ୍କ ଭୋକ ମାରିଦିଏ ଓ ସେମାନଙ୍କ ପ୍ରାକୃତିକ ଖାଦ୍ୟ ଯଥା କୀଟ, ଫଳ ଓ ମଞ୍ଜି ଖାଇବାରୁ ବଞ୍ଚିତ କରେ, ଯାହା ସେମାନଙ୍କୁ ସୁସ୍ଥ ରଖିବା ସହ ବଢ଼ିବାରେ ସାହାଯ୍ୟ କରିଥାନ୍ତା। ଅନୁପଯୁକ୍ତ ଖାଦ୍ୟ ସେମାନଙ୍କୁ ଅସୁସ୍ଥ କରିଥାଏ। ପାଉଁରୁଟି ଓଦା ହେବା ପରେ ଅଠାଳିଆ ହୋଇ ତାଙ୍କ ପାକସ୍ଥଳୀରେ ଲାଗିରହି ପଚିଯାଏ ଓ ସେମାନଙ୍କ ମୃତ୍ୟୁର କାରଣ ହୋଇପାରେ। ପାଉଁରୁଟି ଛୋଟ, ଶୁଖିଲା ଓ ବାସି ହୋଇଥିଲେ ମଧ୍ୟ ସମସ୍ୟା ଦେଖାଯାଏ। ତେଣୁ ଚଢ଼େଇମାନଙ୍କୁ ସେମାନଙ୍କ ପ୍ରାକୃତି ଖାଦ୍ୟ, ବାଦାମ, ସୂର୍ଯ୍ୟମୁଖୀ, କଖାରୁ ଓ ନାଉ ମଞ୍ଜି, ଚାଉଳ ଓ ଖଟା ଫଳ ବ୍ୟତୀତ ଋତୁକାଳୀନ ଫଳ ଆଦି ଖାଇବାକୁ ଦିଅନ୍ତୁ।

ଘରେ ବା ଅଫିସରେ ଆକ୍ୱାରିୟମ୍ ରଖିବା ଅନାବଶ୍ୟକ। ପଞ୍ଜୁରି ଭିତରେ ଥିବା ଚଢ଼େଇ ପରି ମାଛମାନେ ଏଥିରେ ଖୁବ୍ କଷ୍ଟ ପାଇଥାନ୍ତି। ମାଛମାନେ ସମୁଦ୍ରରେ ମାଇଲ ମାଇଲ ପହଁରନ୍ତି, ଆକ୍ୱାରିୟମ୍ ଭିତରେ ସେ ସୁଯୋଗ କାହିଁ ? ଖାଇବାକୁ ଦିଆଗଲେ ମଧ୍ୟ ବନ୍ଦୀ ଜୀବନ କାହାକୁ ବି ସୁଖ ଦେଇପାରେ ନାହିଁ। ଅନ୍ୟ ପ୍ରଜାତିର ମାଛଙ୍କ ଗହଳି ଭିତରେ ଆକ୍ୱାରିୟମ୍ ଭିତରେ ସେମାନେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି। ସେମାନଙ୍କୁ ମାଛ ଖାଦ୍ୟ ନାମରେ ଅନ୍ୟ ମାଛଙ୍କ ମଳା ଶୁଖିଲା ଦେହର ଗୁଣ୍ଡ ଖାଇବାକୁ ମିଳେ। ଏପରି କୁଖାଦ୍ୟ ଓ ପରିବେଶରେ କେଇ ସପ୍ତାହ ଭିତରେ ସେମାନଙ୍କ ମୃତ୍ୟୁ ଘଟେ। ଆପଣମାନେ ନିଜେ ଏ କାର୍ଯ୍ୟରୁ ଦୂରରେ ରହିବା ସହ ଅନ୍ୟମାନଙ୍କୁ ବିରୋଧ କରିବା ଉଚିତ।

ପ୍ଲାଷ୍ଟିକ୍ ଥଳି ଭିତରେ ଘରର ବଳକା ଖାଦ୍ୟ, ପରିବା ବା ଫଳ ଚୋପା ଆଦି ଫୋପାଡ଼ନ୍ତୁ ନାହିଁ। ଭୋକିଲା କୁକୁର ଓ ଗାଈମାନେ ତାକୁ ଖାଇ ମୃତ୍ୟୁମୁଖରେ ପଡ଼ନ୍ତି। ଗାଈମାନଙ୍କ ପେଟରେ ପ୍ଲାଷ୍ଟିକ୍ ଜରିଗୁଡ଼ିକ ଜମା ହୋଇ ପ୍ରତିମାସରେ ଲକ୍ଷାଧିକ ଗାଈ ମୃତ୍ୟୁବରଣ କରୁଛନ୍ତି। ବରଂ ବିଭିନ୍ନ ପ୍ରକାର ବଳକା ଖାଦ୍ୟକୁ ଅଲଗା ଅଲଗା କରି ଏମିତି ଜାଗାରେ ଖୋଲା ପକାନ୍ତୁ, ଯେମିତି ବୁଲା ପ୍ରାଣୀ ବା ଚଢ଼େଇ ଖାଇପାରିବେ।

Email: gandhim@nic.in

# ଶିକ୍ଷା, ସମାଜ ଓ ସାମାଜିକତା



ଜଷ୍ଟିସ୍ ଡ. ଦୀପକ ମିଶ୍ର

ଏକ ଶ୍ରେଣୀକକ୍ଷରୁ ହିଁ ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣ କରିହେବ, ଏ ମନ୍ତବ୍ୟ ରାଷ୍ଟ୍ରୀୟ ଶିକ୍ଷା କମିଶନଙ୍କର। ତେଣୁ ଶିକ୍ଷାନୁଷ୍ଠାନ କେବଳ ଇଟା–ବାଲି–ପଥର–ସିମେଣ୍ଟ–ଲୁହାଛଡ଼ ତିଆରି କଂକ୍ରିଟ କୋଠରି ନୁହେଁ, ତାହା ଜ୍ଞାନ–ଉତ୍ସର ଭଣ୍ଡାର ଓ ପ୍ରଜ୍ଞାର ନାଭିକେନ୍ଦ୍ରଠୁ ବି ଅଧିକ। ସେଠାରୁ ପ୍ରବାହିତ ଶିକ୍ଷା–ଝର ସମାଜକୁ ସ୍ଥାଣୁତ୍ୱରୁ ମୁକ୍ତି ଦିଏ ଏବଂ ବିକଶିତ କରେ।

ଆନନ୍ଦଦାୟକ ଅସାଧାରଣ ଅନୁଭୂତି ଓ ଉଚ୍ଚାଭିଳାଷ ବିନା ଜୀବନଟା ଯେ ନିରସ ଓ ଫମ୍ପା ଏ କଥା ସମସ୍ତଙ୍କୁ ଜଣା। ତେଣୁ ଯେକୌଣସି ସମାଜର ବିକାଶ ସାଧନ ପାଇଁ ସର୍ବୋତ୍ତମ ମାଧ୍ୟମ ହେଉଛି ଶିକ୍ଷା। ଶିକ୍ଷା ଦ୍ୱାରା ଲୋକଶକ୍ତିକୁ ଅଧିକ କ୍ରିୟାଶୀଳ କରିହୁଏ। ୨୦୧୩ ମସିହାରେ ମିଚେଲ ଓବାମା ଇଷ୍ଟର୍ନ କେନ୍‌ଟୁକି ୟୁନିଭର୍ସିଟିରେ ଯେଉଁ ଅଭିଭାଷଣ ଦେଇଥିଲେ, ତାହା ଏଠାରେ ସ୍ମରଣଯୋଗ୍ୟ। ଛାତ୍ରୀଛାତ୍ର ରଚନାତ୍ମକ କାର୍ଯ୍ୟରେ ନିୟୋଜିତ ହେବାକୁ ସେ ଅନୁରୋଧ କରି କହିଥିଲେ ଯେ, ଯେଉଁମାନଙ୍କ ସହ ମତଭେଦ ଅଛି, ସେମାନଙ୍କ ସହ ମିଶିବାକୁ କିଛି ସମୟ ଦିଅନ୍ତୁ। ଅସମ୍ମତି ପ୍ରକାଶ କରିବା ଅର୍ଥ ନୁହେଁ ଯେ ବୈରତା ସୃଷ୍ଟି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା। ଏକ ପ୍ରଗତିଶୀଳ ସମାଜ ପାଇଁ ବିଭିନ୍ନ ମତ ବା ମନ୍ତବ୍ୟ ସ୍ୱାଗତଯୋଗ୍ୟ। ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ଏହା ଉଲ୍ଲିଖିତ, ଯାହା ଭ୍ରାତୃଭାବକୁ ସୁଦୃଢ଼ କରେ। ମହାବିଦ୍ୟାଳୟ ଶିକ୍ଷା ପ୍ରତ୍ୟେକ କଲେଜପଢ଼ୁଆଙ୍କ ଜୀବନରେ ପରିବର୍ତ୍ତନ ଓ ବିକାଶର ଏକ ଉଲ୍ଲେଖନୀୟ ପର୍ଯ୍ୟାୟ। ବ୍ୟକ୍ତିତ୍ୱ ବିକାଶର ଏହା ଗୁରୁତ୍ୱପୂର୍ଣ୍ଣ ଆଧାର। କଲେଜ ଜୀବନରେ ଆହରଣ କରିଥିବା ଶିକ୍ଷା, ଦକ୍ଷତା ଓ ଜ୍ଞାନ ସାରା ଜୀବନ ବ୍ୟକ୍ତି ପାଖରେ ରହିଯାଏ।

ଜୀବନକୁ ସଫଳତା ଦିଗରେ ଆଗେଇନେବାକୁ କଲେଜ ଜୀବନର ଶିକ୍ଷା କେବଳ ସହାୟକ ନୁହେଁ, ଏହା ବ୍ୟକ୍ତିର ଲୁକ୍କାୟିତ ବୌଦ୍ଧିକତା ଓ ଜ୍ଞାନ ପିପାସାର ଉଚ୍ଚତର ସାମର୍ଥ୍ୟକୁ ଉନ୍ମୋଚନ କରିଥାଏ। ଯଦି ଏହି ଅନ୍ତର୍ନିହିତ କ୍ଷମତାକୁ ଆବିଷ୍କାର କି ଉଦ୍ଦୀପିତ କରା ନ ଯାଏ, ଏହା ଛୋଟ ଛୋଟ ବିପଦ ସୃଷ୍ଟି କରେ। ଅନ୍ୟପକ୍ଷରେ ଏହି କ୍ଷମତାର ସର୍ବାଧିକ ବିନିଯୋଗ ଦକ୍ଷ ବୃତ୍ତିଧାରୀ ଗଢ଼ିବା ସହିତ ଅଜଣା ଆହ୍ୱାନର ମୁକାବିଲା ପାଇଁ ସାମର୍ଥ୍ୟ ଆଣି ଦେଇଥାଏ।

ଆସନ୍ତା କିଛିବର୍ଷ ମଧ୍ୟରେ ଭାରତ ବହୁ ଘଟଣାର ସମ୍ମୁଖୀନ ହେବ। ଭିଜନ–୨୦୨୦ର ଲକ୍ଷ୍ୟ ରହିବ କ୍ରିୟାଭିମୁଖୀ। ଦ୍ରୁତ ପରିବର୍ତ୍ତନଶୀଳ ତଥା ଆହ୍ୱାନଯୁକ୍ତ ବିଶ୍ୱରେ ଅନ୍ତହୀନ ଶିକ୍ଷାକୁ ଉପେକ୍ଷା କରିବା ଅସ୍ପୃହଣୀୟ। ଶିକ୍ଷା ଥରକର କାର୍ଯ୍ୟ ନୁହେଁ, ସମ୍ଭାବନାକୁ ଖୋଜିବା ଏକ ଅସରନ୍ତି ପ୍ରକ୍ରିୟା। ଶିକ୍ଷାର ଶେଷ ବୋଲି କିଛି ନାହିଁ। ଶିକ୍ଷା ପ୍ରକ୍ରିୟାର ବିଶେଷତ୍ୱ ହେଉଛି ଏହା ସର୍ବଥା ଗତିଶୀଳ ଓ ଜ୍ଞାନୋଦ୍ଦୀପକ। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହନ୍ତି, ମଣିଷର ମନ ମହାସାଗରଠୁ ଗଭୀର ଓ ମହାଶୂନ୍ୟଠାରୁ ଅଧିକ ପରିବ୍ୟାପ୍ତ। ଶିକ୍ଷା ସହ ସମ୍ପୃକ୍ତ ଶିକ୍ଷକ ବା ଶିକ୍ଷାର୍ଥୀଙ୍କୁ ପୂର୍ଣ୍ଣପ୍ରାଣରେ ଶିକ୍ଷାର ବିକାଶମୂଳକ ଚିନ୍ତାଧାରାକୁ ଆପଣାଇବାକୁ ପଡ଼ିବ। ଶିକ୍ଷା ସମାଜ ବିକାଶର ମାର୍ଗଦର୍ଶକ ଓ ଉତ୍ପ୍ରେରକ। ଜନଗଣଙ୍କୁ ଶକ୍ତିଶାଳୀ କରିବାରେ ଏହା ଏକ ଅବିଚ୍ଛେଦ୍ୟ ମାଧ୍ୟମ ବୋଲି କୁହାଯିବ। ନିପୀଡ଼ିତ ଜନତାଙ୍କ ସଶକ୍ତୀକରଣ ଓ ସାହଚର୍ଯ୍ୟ ପାଇଁ ଶିକ୍ଷାର ଭୂମିକାକୁ ଭୁଲିଗଲେ ଚଳିବ କି? ଉତ୍ତର ନିଶ୍ଚୟ ନା। ସେମାନଙ୍କ ଉତ୍ଥାନର ମୌଳିକ ଓ ବୈଷୟିକ ଉପକରଣ ହେଉଛି ଶିକ୍ଷା। ସ୍ୱାମୀ ବିବେକାନନ୍ଦଙ୍କ ମତରେ ଯେଉଁ ଶିକ୍ଷା ସାଧାରଣ ମଣିଷକୁ ତା'ର ଜୀବନ ସଂଗ୍ରାମରେ ସହଯୋଗ କରିପାରେ ନାହିଁ, ଯାହା ମାନବ ଚରିତ୍ରକୁ ସଜାଡି ସୁଦୃଢ଼ କରିପାରେ ନାହିଁ, ମାନବୀୟ ପ୍ରେମରେ ଯାହା ଉଚ୍ଛଳ ନୁହେଁ ଏବଂ ଯେଉଁଥିରେ ସିଂହର ପରାକ୍ରମ ନାହିଁ, ତାକୁ ଶିକ୍ଷା ବୋଲି କହିବାର ଯଥାର୍ଥତା କ'ଣ ?

ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷାରେ ନିର୍ଦ୍ଦିଷ୍ଟ ମେଳ ପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇଦେବା ଯେକୌଣସି ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ। ଏହାର ଅଭାବରେ ରାଷ୍ଟ୍ରର ଆର୍ଥିକ–ସାମାଜିକ ବିକାଶ ବିଘ୍ନିତ ହୁଏ। ଏ ପ୍ରସଙ୍ଗରେ ନୋବେଲ ବିଜୟୀ ପ୍ରଫେସର ଅମର୍ତ୍ତ୍ୟ ସେନ କହନ୍ତି, ଶିକ୍ଷାର କକ୍ଷ ବାହାରେ ଯଦି ଅମେ ଜନତାର ବିପୁଳ ଅଂଶକୁ ବାଦ୍ ଦେଇ ଚାଲିଥିବା, ତେବେ ପରିଣତିରେ ଆମେ ଆଂଶିକ ସୁରକ୍ଷିତ ଏକ ବିଶ୍ୱ ହିଁ ଗଢୁଥିବା। ଜନସମୁଦାୟକୁ ଗଢ଼ି ବିସ୍ତାରିତ କରିବା ଶିକ୍ଷାର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏଥିସହ ଛାତ୍ରୀଛାତ୍ରଙ୍କ ସମଷ୍ଟିଗତ ସ୍ୱାଭାବିକ ପ୍ରବୃତ୍ତି ଓ ବ୍ୟକ୍ତିତ୍ୱର ବିକାଶ କରିବା ମଧ୍ୟ ଶିକ୍ଷାର ଲକ୍ଷ୍ୟ। ଅନ୍ୟ ଅର୍ଥରେ କୁହାଯିବ ଯେ ଶିକ୍ଷା ମାନବିକ ଜୀବନ ପ୍ରକ୍ରିୟାର ଦିଗ୍‌ବଳୟକୁ ପ୍ରସାରିତ କରେ। ଜ୍ଞାନାର୍ଜନ ଶିକ୍ଷାର କେବଳ ଗୋଟିଏ ଦିଗ। ଶିକ୍ଷା ବିକାଶରେ ଏହାର ଭୂମିକା ଅତୁଳନୀୟ। ମାନବବାଦ, ଶୃଙ୍ଖଳା, ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଜିଜ୍ଞାସା ପାଇଁ ଆଗ୍ରହ ଓ ସଂସ୍କାର ଆଦି ଭଲ ଗୁଣଗୁଡ଼ିକ ଉତ୍ପନ୍ନ କରିବା ଶିକ୍ଷାର ବୈଶିଷ୍ଟ୍ୟ। ମାନବ ଜୀବନକୁ ଆଲୋକିତ କରିବାରେ ଏସବୁର ଆବଶ୍ୟକତା ରହିଛି।

ଉତ୍ତମ ଶିକ୍ଷା ବ୍ୟବସ୍ଥାରେ ନୈତିକତା ଉଚିତ ଆଚରଣ ଓ ଯୁକ୍ତିଯୁକ୍ତ ମୂଲ୍ୟବୋଧ ଥାଏ, ଯାହା ଅତୀତ ଓ ଭବିଷ୍ୟତର ବିଭ୍ରାନ୍ତିକର ତଥା ହାନିକାରକ ନିଷ୍ପତ୍ତିକୁ ନିଷ୍ପ୍ରଭ କରିଥାଏ। ଆମ ଶିକ୍ଷାନୁଷ୍ଠାନଗୁଡିକରେ କାମ କରିବା ପାଇଁ ପ୍ରତିଭାବାନ ଓ ବୌଦ୍ଧିକ ଶକ୍ତିସମ୍ପନ୍ନ, ସାଧୁତାସମ୍ପନ୍ନ ଗବେଷକଙ୍କର ପ୍ରୟୋଜନୀୟତା ରହିଛି। ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାକୁ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ବୁଝି ଗବେଷକଙ୍କୁ ଅଭିନବ ସମାଧାନ ପନ୍ଥା ବାହାର କରିବାକୁ ପଡ଼ିବ। ଏକବିଂଶ ଶତାବ୍ଦୀରେ ସମାଜର ଅଭିବୃଦ୍ଧି ଜ୍ଞାନ ଓ ଅଭିନବତ୍ୱ ଉପରେ ନିର୍ଭର କରେ। ଗବେଷଣା, ଅଭିନବତ୍ୱ ଓ ଅବିରତ ଶିକ୍ଷାକୁ ଉତ୍ସାହିତ କରୁଥିବା ଶିକ୍ଷାୟତନ ଦ୍ୱାରା ହିଁ ଏହା ସମ୍ଭବ। ଉନ୍ନତ ଗବେଷଣାଲବ୍ଧ ସିଦ୍ଧାନ୍ତକୁ କେବଳ ଶିକ୍ଷାୟତନ ଭିତରେ ସୀମିତ ନ ରଖି ଯଥାସମ୍ଭବ ଏହାର କାର୍ଯ୍ୟାନ୍ୱୟନ କରିବାକୁ ହେବ। ଏଥିପାଇଁ ଗବେଷକ ଓ ଯୋଜନା ପ୍ରଣୟନକାରୀଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ 'ଶିକ୍ଷକ ଶିକ୍ଷା ଜାତୀୟ ପରିଷଦ' ମାମଲାରେ ଅନୁଧ୍ୟାନ କରି କହିଛନ୍ତି ଯେ, ଅନୁଶୀଳନପୂର୍ଣ୍ଣ ବିକଶିତ ତାଲିମ ଓ ତୀକ୍ଷ୍ଣ ବୁଦ୍ଧି ଶକ୍ତି ଦ୍ୱାରା ଶିକ୍ଷାରେ ପରିଶୁଦ୍ଧତା ଓ ପୂର୍ଣ୍ଣତା ହାସଲ କରାଯାଇପାରିବ। ସେଥିପାଇଁ ଉନ୍ନତ ଶିକ୍ଷାଦାନ ଶିକ୍ଷକଙ୍କ ଉତ୍ତମ ରୁଚି ଓ ଧର୍ମର ପରିଚାୟକ। ଜଣେ ଭଲ ଶିକ୍ଷକ ଦେଶର ସୁବ୍ୟବସ୍ଥିତ ସଭ୍ୟତାର ପ୍ରତିନିଧିତ୍ୱ କରିଥାଏ।

ଆଲବର୍ଟ ଆଇନଷ୍ଟାଇନ କହନ୍ତି, ଅଧ୍ୟୟନକୁ କଦାପି ବୋଝ ଭାବନ୍ତୁ ନାହିଁ। ଜ୍ଞାନ ଆହରଣକୁ ବରଂ ଏକ ଈର୍ଷାଯୋଗ୍ୟ ସୁଯୋଗ ଭାବନ୍ତୁ। ଆମ ପ୍ରତ୍ୟେକଙ୍କର ଯଦିଓ ବ୍ୟକ୍ତିଗତ ଲକ୍ଷ୍ୟ ଓ ସ୍ୱପ୍ନ ରହିଛି, କିନ୍ତୁ ସେସବୁ ସମ୍ପୂର୍ଣ୍ଣ ଭାବେ ଆତ୍ମକେନ୍ଦ୍ରିକ ନ ହୋଇ ସମାଜମୁଖୀ ହେବା ଆବଶ୍ୟକ। କାରଣ ଶିକ୍ଷାର ଉପଯୋଗରେ ମରୁଭୂମି ନୁହେଁ, ମରୁଦ୍ୟାନ ସୃଷ୍ଟି ହିଁ ଆମର ଲକ୍ଷ୍ୟ। ଅତୀତକୁ ସମ୍ମାନ କରିବା ଦ୍ୱାରା ଭବିଷ୍ୟତକୁ ଶକ୍ତି ସଂଚାରିତ କରିହୁଏ। ଆଜିର ପରିବର୍ତ୍ତନଶୀଳ ସମାଜରେ ବ୍ୟକ୍ତିସତ୍ତା ହିଁ ସର୍ବାଧିକ ଶକ୍ତିଶାଳୀ ପରିବର୍ତ୍ତନକାରୀ– ଆମକୁ ଏହା ମନେରଖିବାକୁ ହେବ। କହିବା ବହୁଳ୍ୟ ଯେ, ଛାତ୍ର ଜୀବନରୁ ହିଁ ବ୍ୟକ୍ତିସତ୍ତାର ଭୂମିପୂଜନ ହୋଇଥାଏ।

(ଷ୍ଟିୱାର୍ଟ ସାଇନ୍ସ କଲେଜର ହୀରକ ଜୟନ୍ତୀ ଉତ୍ସବରେ ଜଷ୍ଟିସ୍ ମିଶ୍ରଙ୍କ ଇଂଲିଶ ଅଭିଭାଷଣ: ଓଡ଼ିଆ ରୂପାନ୍ତର–ଡ. ନୃସିଂହ ଷଡ଼ଙ୍ଗୀ)

## ପାଠକ ଶ୍ରେଷ୍ଠ ବିଚାରକ

### କାନ ଫୋଡ଼ା, ବେକ ମୋଡ଼ା

ମହାଶୟ,

ରାସ୍ତା ଉପରେ ଅନେକ ଯୁବ ଚାଳକ ସେମାନଙ୍କ ମୋବାଇଲ ଫୋନର ମାତ୍ରାଧିକ ବ୍ୟବହାର କରି ଅନେକାଂଶରେ ବିପଦକୁ ଟାଣି ଆଣୁଛନ୍ତି। ଗାଡି ଚଲାଇଲା ବେଳେ ମୋବାଇଲ କଡ଼୍‌କୁ କାନରେ ଫୋଡି ରୋମାଣ୍ଟିକ ଗୀତ ଶୁଣିବା ସହିତ ବେକ ମୋଡି ଅନ୍ୟମାନଙ୍କ ସହିତ କଥା ହେବା ଦ୍ୱାରା ସେମାନଙ୍କ ଗାଡିର ବେଗ ଓ ଦିଗ ଉପରେ ନିୟନ୍ତ୍ରଣ ରହୁନାହିଁ। ଫଳରେ ଦୁର୍ଘଟଣା ଘଟୁଛି। ଏଣୁ ସରକାର ଗାଡ଼ି ଚଳାଇବା ବେଳେ ହେଲମେଟ ନ ପିନ୍ଧିବା ଓ ମୋବାଇଲ ବ୍ୟବହାର ଉପରେ ଯେଉଁ ଜରିମାନା ଆଦାୟ କରୁଛନ୍ତି ତାହା ସ୍ୱାଗତଯୋଗ୍ୟ।

ମଙ୍ଗୁଳି ଚରଣ ନିଶଙ୍କ, ରାମଚଣ୍ଡୀ, ନରଣଗଡ଼, ଖୋର୍ଦ୍ଧା

### ଭଦ୍ରକରେ ସରକାରୀ ମେଡିକାଲ ଜରୁରୀ

ବାଲେଶ୍ୱର ଓ ବାରିପଦାରେ ମେଡିକାଲ କଲେଜ ସ୍ଥାପନା ପରେ ଭଦ୍ରକର ନେତାମାନଙ୍କ ଜିଲା ପ୍ରୀତି ହଠାତ୍ ବଢ଼ିଗଲା। ଦଳମତ ନିର୍ବିଶେଷରେ ସେମାନେ ଭଦ୍ରକରେ ଗୋଟିଏ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି କଲେ। ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଘୋଷଣା ନିଆଁରେ ଘିଅ ଢାଳିବା ପରି ହେଲା। ପ୍ରକୃତରେ ଭଦ୍ରକରେ ମେଡିକାଲ କଲେଜଟିଏ ନିହାତି ଜରୁରୀ। ଆମ ଭଦ୍ରକ ଜିଲାର ବିଧାୟକ, ସାଂସଦମାନେ ବିଧାନସଭା ଓ ସଂସଦରେ ପାଟି ଫିଟାଇବା ଉଚିତ। କାରଣ ବର୍ତ୍ତମାନ ଯିଏ ଚିତ୍କାର କରିପାରିଲା ସିଏ ପାଇବା ଭଳି ନୀତିରେ ଶାସନ ଚାଲିଛି।

ଅରୁଣ କୁମାର ନାୟକ, ମାନସ କୁମାର ଜେନା, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଭାରତରେ କୃଷକ ଆତ୍ମହତ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଥିବା ବେଳେ ପଞ୍ଜାବରେ ଘଟିଥିବା ଏକ ଆତ୍ମହତ୍ୟାର ରହସ୍ୟ ଜାଣିବା ପରେ ସମସ୍ତେ ସ୍ତବ୍ଧ ହୋଇଯିବେ। ଋଣ ବୋଝ ଯୋଗୁ ଆତ୍ମହତ୍ୟା କରିବା ଦ୍ୱାରା ପୂରା ବଂଶ ବୁଡିଯିବା କଥା ଶୁଣିଲେ ବିଶ୍ୱାସ କରିହେବନି। କିନ୍ତୁ କଥାଟି ସତ। ଗୋଟିଏ ଋଣ ପାଇଁ ଚାରି ପିଢି ହେଲା ଆତ୍ମହତ୍ୟା କରୁଛନ୍ତି କୃଷକ। ବର୍ନାଲା ଜିଲା ଭୋତନାରେ ରହୁଥିବା ଏକ କୃଷକ ପରିବାରର ଜଣେ ସଦସ୍ୟ ଋଣ କରିଥଲେ। ଶେଷରେ ଚତୁର୍ଥ ପିଢିର ଉତ୍ତରାଧିକାରୀଙ୍କ ପାଖରେ ପହଞ୍ଚିଥିଲା ଏହି ଋଣ ବୋଝ ଯାହା ପାଇଁ ପରିବାରର ପଞ୍ଚମ ବ୍ୟକ୍ତି ଲବପ୍ରୀତ ସିଂ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ୨୨ ବର୍ଷୀୟ ଲବପ୍ରୀତଙ୍କ ଜେଜେଙ୍କ ବାପା, ଜେଜେବାପା, ଜେଜେଙ୍କ ଭାଇ ଓ ବାପା ଏହି ଋଣ ପାଇଁ ପୂର୍ବରୁ ଆତ୍ମହତ୍ୟା କରିସାରିଛନ୍ତି। ସ୍ଥାନୀୟ ସରପଞ୍ଚ ବୁଦ୍ଧ ସିଂ କହନ୍ତି, ଲବପ୍ରୀତଙ୍କ ଜେଜେବାପାଙ୍କ ବାପା ଯୋଗୀନ୍ଦର ସିଂ ଋଣ କରି ୪୦ ବର୍ଷ ପୂର୍ବରୁ ଆତ୍ମହତ୍ୟା କରିଥିଲେ। ଏହାପରେ ଋଣ ଭାର ଲବପ୍ରୀତଙ୍କ ଜେଜେବାପା ଭଗବାନ୍‌ଙ୍କ ଉପରେ ପଡିଲା। ପିଆଜରୁ ଆୟ କମ୍ ହେବାରୁ ସେ ମଧ୍ୟ ୨୫ ବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ପରେ ତାଙ୍କ ଜେଜେଙ୍କ ଭାଇ ନାହରଙ୍କ ଉପରକୁ ଋଣ ବୋଝ ଆସିଲା, ମାତ୍ର ଶେଷରେ ସେ ବି ତାହା ଶୁଝି ନ ପାରି ୧୦ ବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ପରେ ଲବପ୍ରୀତଙ୍କ ବାପା ମଧ୍ୟ ଆତ୍ମହତ୍ୟା କଲେ। ଏହି ପରିବାର ପାଖରେ ୫୦ ବର୍ଷ ତଳେ ୧୩ ଏକର ଚାଷଜମି ଥିଲା। ଏବେ ୧ ଏକରରୁ କମ୍ ଜମି ରହିଛି। ଏତେ କମ୍ ଜମିରେ ଚାଷ କରି ଋଣ ଶୁଝିବା ସମ୍ଭବ ନ ହେବାରୁ ଲବପ୍ରୀତ ଆତ୍ମହତ୍ୟା କରିବା ପରେ ଘରେ ଏବେ ତାଙ୍କ ମା', ଜେଜେମା' ଓ ଜଣେ ଭଉଣୀ ଅଛନ୍ତି।

## ଚିରନ୍ତନୀ

ନୀରସ ଧରଣୀ ବସେ ଚାହିଁ ଯଥା ବରଷା ଆଶାରେ
ପ୍ରକାଶିବ ଛନ୍ଦ ତା'ର ପଲ୍ଲବିତ କୁସୁମ–ଭାଷାରେ
ଛନ୍ଦହୀନ ରମଣୀର ଅପ୍ରକାଶ ପ୍ରାଣ
ଅକାରଣ ଭଜେ ମ୍ରିୟମାଣ।
ନୁହେ ନୁହେ ଅକାରଣ ଅର୍ଦ୍ଧସ୍ଫୁଟ ଆହତ ମଞ୍ଜରୀ
ଅପ୍ରକାଶ ବାଣୀ ଯେତେ ମିଳାଇଛି, ହୋଇନାହିଁ ଧରି
ପ୍ରତି ଅଣୁ ପରମାଣୁ ନୋହେ ଅକାରଣ,
କୋଟି କୋଟି ଜୀବନ ମରଣ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | C | | | | | 2 | | | | 3 | | | |
| 8 | | | | | 0 | | C | E | | 7 | | | | |
| 3 | 1 | E | | D | | | | A | 2 | | | | 4 | 7 |
| | 5 | 7 | | 3 | 1 | | | | | | B | C | 8 | |
| | | | | E | | | | | | 4 | | | 1 | |
| | | | B | | | 7 | | 3 | | 1 | | | 0 | |
| | | 4 | 8 | | | | | 1 | | | 5 | 2 | A | C |
| | | | | 2 | 3 | | 9 | | 6 | | | | | |
| | C | | 7 | 1 | | | | | | | 4 | | 9 | |
| | 3 | 1 | | | | | | | A | | | 7 | 5 | D |
| 5 | E | | | | 7 | | | C | | | | | | 8 |
| D | | | | | | | | | | 2 | 1 | | B | |
| 0 | | 8 | C | | | | | | 3 | | | A | | |
| | 7 | | | 4 | | A | | 8 | E | 6 | | 0 | | |
| | 4 | | D | A | E | | 0 | | 9 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 2 | 7 | E | C | 8 | A | 0 | 6 | B | 9 | 3 | D | 4 |
| 6 | D | A | 0 | 3 | 4 | 1 | 2 | 9 | C | E | 5 | 8 | B | 7 |
| 8 | E | C | A | 2 | 9 | D | B | 6 | 3 | 7 | 4 | 0 | 1 | 5 |
| 0 | 9 | 3 | B | D | 6 | 7 | 4 | 5 | 2 | 1 | 8 | A | C | E |
| B | 4 | 7 | 1 | 5 | 8 | C | 3 | E | 0 | A | D | 9 | 2 | 6 |
| D | A | E | 5 | 9 | 2 | 6 | 1 | C | 8 | 0 | B | 7 | 4 | 3 |
| 4 | 6 | B | D | 8 | 7 | 0 | E | 3 | A | 5 | 1 | C | 9 | 2 |
| 7 | 3 | 5 | C | 1 | A | B | 9 | 4 | D | 2 | E | 6 | 0 | 8 |
| 1 | C | 9 | E | 0 | 3 | A | 8 | 2 | 7 | 4 | 6 | B | 5 | D |
| 2 | 0 | 8 | 4 | 6 | B | 5 | 7 | D | 9 | 3 | C | E | A | 1 |
| C | 8 | 4 | 2 | A | E | 3 | 5 | 1 | B | 9 | 7 | D | 6 | 0 |
| 3 | B | 1 | 6 | C | 0 | E | D | A | 5 | 8 | 2 | 4 | 7 | 9 |
| A | 5 | 0 | 9 | 7 | D | 4 | 6 | 8 | 1 | C | 3 | 2 | E | B |
| E | 2 | 6 | 8 | B | 5 | 9 | 0 | 7 | 4 | D | A | 1 | 3 | C |
| 9 | 7 | D | 3 | 4 | 1 | 2 | C | B | E | 6 | 0 | 5 | 8 | A |

ଗତକାଲିର ଉତ୍ତର

# ଦେଶଭକ୍ତିର ପରିଚୟ ଛୋଟ ପରିବାର



ସୟଦ୍ ସଫିର୍ ଅଲି

ଗତ ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣର ଏକ ପ୍ରମୁଖ ଅଂଶ ଥିଲା ଦେଶଭକ୍ତିର ପରିଚୟ ଛୋଟ ପରିବାର। ଏପରି ଏକ ମହାନ୍ ଚିନ୍ତାଧାରାକୁ ଗଣମାଧ୍ୟମଗୁଡ଼ିକ ନିଜ ନିଜ ଶୈଳୀରେ ଉପସ୍ଥାପିତ କଲେ। କେଉଁଠି ଅତିରଞ୍ଜିତ ତ କେଉଁଠି ବାସ୍ତବତାଠାରୁ ଦୂରରେ। କିଛି ତଥାକଥିତ ନେତା ଏହାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉପରେ ଲଦିଦେଇ ଭାରତକୁ ଆସନ୍ନ ଭୟର ଖୋରାକ ଯୋଗାଇବାରେ ଲାଗିଗଲେ।

ଅନେକ ନେତାଙ୍କ ଆକ୍ଷେପ ମୁସଲମାନ ଜନସଂଖ୍ୟା ଉପରେ। ଜନସଂଖ୍ୟା ନିଶ୍ଚିତ ରୂପେ ବୃଦ୍ଧି ପାଇଛି ଏଥିରେ ଦ୍ୱିମତ ନାହିଁ। ଏହା ମାନିବାକୁ ପଡ଼ିବ ଯେ, ଅନ୍ୟାନ୍ୟ ଧର୍ମର ଲୋକସଂଖ୍ୟାର ଶତକଡ଼ା ଅଭିବୃଦ୍ଧି ଅପେକ୍ଷା ମୁସଲମାନଙ୍କ ଅଭିବୃଦ୍ଧିର ଶତକଡ଼ା ହାର କିଛି ଅଧିକ ରହିଛି। ତେବେ ପୂର୍ବ ତିନୋଟି ଦଶନ୍ଧି ମଧ୍ୟରେ ଭାରତର ଜନଗଣନାକୁ ଯଦି ହିସାବକୁ ନିଆଯାଏ ତେବେ ଅନ୍ୟ ଏକ ହିସାବ ଆମ ସାମ୍ନାକୁ ଆସୁଛି, ଯାହାକୁ ସାରା ଭାରତବର୍ଷ ସ୍ୱୀକାର କରିବାକୁ ପଡ଼ିବ। ତାହା ସୂଚାଇ ଦିଏ ଯେ, ବିଗତ ତିନି ଦଶନ୍ଧିରୁ ଏହି ଅଭିବୃଦ୍ଧିର ଶତକଡ଼ା ହାର କ୍ରମଶଃ ନିମ୍ନଗାମୀ। ଏହାକୁ କ୍ୱଚିତ୍ ଗଣମାଧ୍ୟମ ଲୋକଲୋଚନକୁ ଆଣୁଛନ୍ତି।

୧୯୮୧ ଜନଗଣନା ଅନୁସାରେ ଭାରତରେ ଇସଲାମ ଧର୍ମାବଲମ୍ବୀଙ୍କ ସଂଖ୍ୟା ୮.୦୩ କୋଟି ଥିଲା। ୧୯୯୧ ଜନଗଣନା ଅନୁସାରେ ଏହି ସଂଖ୍ୟା ୧୦.୬୭ କୋଟିରେ ପହଞ୍ଚିଲା। ଅର୍ଥାତ୍ ଏହି ସମୟ ମଧ୍ୟରେ ମୁସଲମାନ ଜନସଂଖ୍ୟା ଅଭିବୃଦ୍ଧିର ହାର ୩୨.୮୮ ପ୍ରତିଶତ ହୋଇଥିଲା। ଏହାର ପରବର୍ତ୍ତୀ ଜନଗଣନା ବର୍ଷ ୨୦୦୧ ମସିହାରେ ମୁସଲମାନଙ୍କ ସଂଖ୍ୟା ୧୩.୮୨ କୋଟି ହେଲା। ଅର୍ଥାତ୍ ଅଭିବୃଦ୍ଧିର ଶତକଡ଼ା ହାର ୨୯.୫୨ରେ ପହଞ୍ଚିଲା। ବର୍ତ୍ତମାନ ୨୦୧୧ ଜନଗଣନାର ହିସାବ ଅନୁଯାୟୀ ମୁସଲମାନଙ୍କ ସଂଖ୍ୟା ୧୭.୨୨ କୋଟିରେ ପହଞ୍ଚିଛି, ଯାହାର ଶତକଡ଼ା ଅଭିବୃଦ୍ଧି ହାର ୨୪.୬୦। ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ମୁସଲମାନଙ୍କ ଅଭିବୃଦ୍ଧି ହାର ଭାରତ ପାଇଁ ସେତେ ଚିନ୍ତାଜନକ ନୁହେଁ, ଯେତେ ଏହାକୁ ଅତିରଞ୍ଜିତ କରାଯାଉଛି। ୧୯୯୧ ଜନଗଣନା ସମୟରେ ଯେତେବେଳେ ଏହାର ଅଭିବୃଦ୍ଧି ହାର ଶତକଡ଼ା ୩୨.୮୮ ହୋଇଥିଲା ଏବେ ତାହା କ୍ରମଶଃ ଶତକଡ଼ା ୮.୨୮ ପ୍ରତିଶତ ନିମ୍ନଗାମୀ ହୋଇ ଅଭିବୃଦ୍ଧିର ଶତକଡ଼ା ହାର ୨୪.୬ରେ ପହଞ୍ଚିଛି।

ଅନ୍ୟ ପକ୍ଷରେ ଆଉ ଏକ ପରିସଂଖ୍ୟାନକୁ ତର୍ଜମା କଲେ ଆଶ୍ଚର୍ଯ୍ୟ ଲାଗେ ଯେ, ଯଦି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦେଶଭକ୍ତିର ତତ୍ତ୍ୱକୁ ଗ୍ରହଣ କରାଯାଏ, ତେବେ ୧୪୯ ଲୋକ ସଭା ସଦସ୍ୟ ନିଜର ଦେଶଭକ୍ତି ପରିଚୟଠାରୁ ଦୂରେଇ ଯିବେ। ଯାହାଙ୍କର ତିନି ବା ତତୋଽଧିକ ସନ୍ତାନ ରହିଛନ୍ତି। ଦୁଇ ପ୍ରମୁଖ ଦଳର ସଦସ୍ୟଙ୍କ ମଧ୍ୟରୁ ୯୬ ଜଣ ଭାଜପାର ଓ ୮ ଜଣ କଂଗ୍ରେସର ସଭ୍ୟ ଅଛନ୍ତି। ବୋଧହୁଏ ସମ୍ପୃକ୍ତ କାଁ ଭାଁ କେତେଜଣଙ୍କୁ ଛାଡ଼ିଦେଲେ ପ୍ରାୟ ଅନ୍ୟ ସମସ୍ତେ ୧୯୫୨ ମସିହା ପରେ ବିବାହ କରିଥିବେ।

ତେଣୁ ଜନସଂଖ୍ୟା ବୃଦ୍ଧି ପାଇଁ କେବଳ ମୁସଲମାନଙ୍କୁ ଲକ୍ଷ୍ୟ କରି ଅତିରଞ୍ଜିତ ବିବୃତି ଦେବା ବା ପ୍ରଚାର ପ୍ରସାର କରାଇବା ଆଦୌ ସମୀଚୀନ ନୁହେଁ। ଗଣମାଧ୍ୟମ ଏପରି ବିଷୟ ଉପରେ ଦାୟିତ୍ୱସମ୍ପନ୍ନ ଭାବେ କର୍ତ୍ତବ୍ୟ ପାଳନ କରି ଖବର ପ୍ରସାର କରିବା ଉଚିତ। ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ, ମୁସଲମାନ ଜନସଂଖ୍ୟା ବୃଦ୍ଧି ହାର ଅନ୍ୟ ଧର୍ମାବଲମ୍ବୀଙ୍କ ଜନସଂଖ୍ୟା ବୃଦ୍ଧି ହାର ତୁଳନାରେ ଅଧିକ ରହିଛି। କିନ୍ତୁ ଅଧିକାଂଶ ମୁସଲମାନ ପରିବାର ନିୟୋଜନ ନିମନ୍ତେ ଅସ୍ତ୍ରୋପଚାରକୁ ନ ଆଦରିଲେ ମଧ୍ୟ ସେମାନେ ଏକ ବା ଦୁଇ ସନ୍ତାନରେ ସୀମିତ ରହିଛନ୍ତି। ସନ୍ତାନର ଉଚିତ ଲାଳନପାଳନ, ଶିକ୍ଷା, ସ୍ୱାସ୍ଥ୍ୟ ପରି ଆବଶ୍ୟକତାକୁ ଲକ୍ଷ୍ୟ ରଖି ସେମାନେ ସନ୍ତାନ ସଂଖ୍ୟାକୁ ସୀମିତ ରଖିଛନ୍ତି। ଅନ୍ୟ ପକ୍ଷରେ ଦେଖିଲେ ଅନେକ ଶିକ୍ଷିତ ହିନ୍ଦୁ ପରିବାରରେ ମଧ୍ୟ ଦୁଇରୁ ଅଧିକ ସନ୍ତାନ ଜନ୍ମ ନେଇଛନ୍ତି। ଯଦିବା ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଶିକ୍ଷାର ଅବନତିକୁ ଜନସଂଖ୍ୟା ବୃଦ୍ଧି ସହିତ ଯୋଡ଼ି ଦିଆଯାଏ, ଏହା ମଧ୍ୟ ସତ୍ୟ ଯେ, ଦେଶରେ ଅବହେଳିତ ବୋଲି କୁହାଯାଉଥିବା ତଫସିଲଭୁକ୍ତ ଜାତି, ଉପଜାତିଙ୍କ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷାନୀତିରେ ଯେପରି ଅନେକ ଯୋଜନା ଅଛି, ମୁସଲମାନ ସମ୍ପ୍ରଦାୟ ସେ ପ୍ରକାର ସୁବିଧା ସୁଯୋଗରୁ ବଞ୍ଚିତ। ଯେ କୌଣସି ସରକାର କ୍ଷମତାକୁ ଆସିବା ପୂର୍ବରୁ ମୁସଲମାନ ଓ ସଂଖ୍ୟାଲଘୁ ଶବ୍ଦର ବହୁଳ ବ୍ୟବହାର କରିଚାଲନ୍ତି। ମୁସଲମାନଙ୍କ ଅବନତି ପାଇଁ କ୍ଷମତାରେ ଥିବା ସରକାରକୁ ସମାଲୋଚନା କରନ୍ତି, କିନ୍ତୁ କ୍ଷମତାକୁ ଆସିବା ପରେ ଯଥା ପୂର୍ବଂ ତଥା ପରମ୍। ଏବେ ସମୟ ଆସିଛି, ସରକାର ଏ ଦିଗରେ ଚିନ୍ତା କରନ୍ତୁ। ମୁସଲମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କେବଳ କୁମ୍ଭୀର କାନ୍ଦଣା ନ କାନ୍ଦି କିଛି ଶିକ୍ଷାନୀତି ପ୍ରଚଳନ କରନ୍ତୁ ଏବଂ ଏହି ନୀତିରେ ସ୍ୱତନ୍ତ୍ର ଯୋଜନାମାନ ସ୍ଥାନିତ କରନ୍ତୁ। ଆବଶ୍ୟକ ସ୍ଥଳେ ମୁସଲମାନଙ୍କ ଶିକ୍ଷାର ପ୍ରସାର ପାଇଁ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ କମିଟି ଗଠନ କରି ମତାମତ ନିଅନ୍ତୁ। ନିଜର ସ୍ୱାର୍ଥ ପାଇଁ କେବଳ ଧର୍ମ ଧର୍ମ ମଧ୍ୟରେ ଦୂରତା ବଢ଼ାଇଲେ ବା ଅନ୍ୟ ପକ୍ଷରେ ସାଧାରଣ ଶିକ୍ଷାକୁ ବିରୋଧ କରିବା ପାଇଁ ତଥାକଥିତ ଧର୍ମଗୁରୁମାନେ ମତାଇ ଚାଲିଲେ ହୁଏତ ସାମୟିକ ଭାବରେ କୌଣସି ଦଳ, ଗୋଷ୍ଠୀ ବା ବ୍ୟକ୍ତି ବିଶେଷ ଲାଭବାନ ହୋଇପାରେ। ସାମଗ୍ରିକ ଭାବରେ ମୂଲ୍ୟାୟନ କଲେ ଏପରି ଚିନ୍ତାଧାରା ରଖୁଥିବା କିଛି ନେତା ଓ ତଥାକଥିତ ଧର୍ମଗୁରୁମାନଙ୍କ ପାଇଁ ଦେଶର ଉନ୍ନତି ବଦଳରେ ସମାଜ କେବଳ ଦୂଷିତ ହୋଇଚାଲିଥିବ।

ମୀନାବଜାର, ଢେଙ୍କାନାଳ, ମୋ–୯୪୩୯୬୨୫୬୧୦

## ୨୫ ବର୍ଷ ତଳର ଧରିତ୍ରୀ

୧୨ ସେପ୍ଟେମ୍ବର ୧୯୯୪

- ଉତ୍ତରାଖଣ୍ଡ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ମାନିନେବାକୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବ ପ୍ରକାଶ କରିଥିବା ବେଳେ ରାଜ୍ୟ କଂଗ୍ରେସ ତାଙ୍କ ସରକାରଠାରୁ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି।
- ଓଡିଶାରେ ଭୋଟରମାନଙ୍କୁ ଫଟୋ ପରିଚୟପତ୍ର ପ୍ରଦାନ ପାଇଁ ରାଜ୍ୟ ସରକାର ୩୬ କୋଟି ଟଙ୍କା ମଞ୍ଜୁର କଲେ।

## ସଂକ୍ଷେପରେ

### ଗାଁକୁ ପଶିଲେ ହାତୀ, ଲୋକେ ଆତଙ୍କିତ

ବସ୍ତା,୧୧।୯(ସ୍ୱ.ପ୍ର.): ମୟୂରଭଞ୍ଜ ଜିଲାର ସୀମାନ୍ତବର୍ତ୍ତୀ ବାଲେଶ୍ୱର ଜିଲା ବସ୍ତା ବ୍ଲକ ପତ୍ରଝଡ଼ା ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ମଙ୍ଗଳବାର ରାତିରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର କମାରଡ଼ିହା ପଞ୍ଚାୟତର ପାଞ୍ଚମାଣିଆ, ଗୁଡ଼ିଖିଣିଆ ଗ୍ରାମରେ ଦୁଇଟି ହାତୀ ପଶି ଆତଙ୍କ ଖେଳାଇବା ସହିତ ବ୍ୟାପକ କ୍ଷତି ଘଟାଇଥିଲେ। ଗ୍ରାମବାସୀ ହାତୀଗୁଡ଼ିକୁ ଘଉଡ଼ାଇବାକୁ ଚେଷ୍ଟା କରିବା ବେଳେ ସେମାନେ ବସ୍ତା ବ୍ଲକର ପତ୍ରଝଡ଼ା ଗ୍ରାମକୁ ପଶି ପାଖରେ ଥିବା କାଜୁ ଜଙ୍ଗଲକୁ ପଳାଇଥିଲେ। ହାତୀଙ୍କ ସୁରକ୍ଷା ନେଇ ବନବିଭାଗ ତତ୍ତ୍ୱାବଧାନରେ ମଙ୍ଗଳବାର ରାତିରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇଥିଲା। ହେଲେ ବିଭାଗ ପକ୍ଷରୁ ହାତୀ ଘଉଡାଯାଇ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ନେଇ ବସ୍ତା ଫରେଷ୍ଟଗାର୍ଡ଼ ମୀନାରାଣୀ ବେହେରାଙ୍କୁ ପଚାରିବାରୁ ହାତୀଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା କହିଛନ୍ତି।

### ସ୍କୁଲ କବାଟ ଦେବା ବେଳେ ଛାତ୍ରଙ୍କ ଆଙ୍ଗୁଠି ଭାଙ୍ଗିଲା

ସଜନାଗଡ଼,୧୧।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ସହର ସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅସାବଧାନତା କାରଣରୁ ଜଣେ ପ୍ରଥମଶ୍ରେଣୀ ଛାତ୍ରଙ୍କ ବାମହାତର ୨ଟି ଆଙ୍ଗୁଠି ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ବୁଧବାର ସ୍କୁଲ୍ ଛୁଟି ହେବା ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀ ପିଲାଙ୍କୁ ଝରକା ଓ କବାଟ ଦେବା ପାଇଁ କହିଥିଲେ। ସ୍ଥାନୀୟ ଘାଟଘର ସାହିର ୬ ବର୍ଷର ଜଣେ ଛାତ୍ର କବାଟ ଦେଉଥିବା ବେଳେ ତାଙ୍କ ବାମହାତ ଆଙ୍ଗଠି କବାଟ ଫାଙ୍କରେ ଚାପି ହୋଇଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ନୀଳଗିରି ଡାକ୍ତରଖାନା ନିଆଯାଇ ସେଠାରୁ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କବାଟ ଚାପରେ ଆଙ୍ଗୁଠି ଦ୍ୱୟର ହାଡ ଭାଙ୍ଗିଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

### ସୋର ପଞ୍ଚାୟତ ସମିତିର ବୈଠକ

ସୋର, ୧୧।୯ (ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଅତସୀ ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପର୍ଶୁରାମ ଧଡା, ବିଡିଓ ଚାର୍ଲସ ନାୟକ ଓ ଉପାଧ୍ୟକ୍ଷ ରତିକାନ୍ତ ମହାନ୍ତି ପ୍ରମୁଖ ବୈଠକରେ ଯୋଗ ଦେଇ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସହ ଜନକଲ୍ୟାଣ ଯୋଜନା ନେଇ ଆଲୋଚନା କରିଥିଲେ। ବ୍ଲକରେ ଜିଜିୱାଇ, ଏନ୍‌ଆର୍‌ଜିଏସ୍, ମହିଳା ଶିଶୁ ବିକାଶ, ପନୀୟ ଜଳ ଓ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଆବାସ ଯୋଜନା ଆଲୋଚନାରେ ସ୍ଥାନ ପାଇଥିଲା। ପଞ୍ଚାୟତର ଜନ ପ୍ରତିନିଧି ଓ ଲୋକଙ୍କ ସହଯୋଗରେ ଏହି ବ୍ଲକକୁ ଜିଲାରେ ଅଗ୍ରଣୀ କରି ଗଢ଼ିବାକୁ ବିଧାୟକ ସହଯୋଗ ଲୋଡ଼ିଥିଲେ। ସହକାରୀ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଜେନା, ଜିପିଓ ସୁଧୀର ସାହୁ, ଏପିଓ କଳ୍ପନା ଦୀକ୍ଷିତ, ପିଏ ମହେଶ୍ୱର ବେହେରା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ୧୫ ପରିବାର ଜଳବନ୍ଦୀ

ବାହାନଗା ,୧୧।୯(ଡି.ଏନ.ଏ.)

- ରାସ୍ତା ନିର୍ମାଣ ପରେ ହୋଇପାରୁନି ବର୍ଷାଜଳ ନିଷ୍କାସନ
- ନୟନଯୋରି ଅବରୋଧ ହଟାଇ ପାରୁନି ପ୍ରଶାସନ
- ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ ଲୋକେ


ପାଣିରେ ପଶି ଲୋକେ ଯାତାୟାତ କରୁଛନ୍ତି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ଗ୍ରାମର ୬ ନମ୍ବର ୱାର୍ଡର ୧୫ ପରିବାର ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଗ୍ରାମରେ ନୂଆ କରି ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ସେମାନଙ୍କ ଲାଗି ଦୁଃଖ ଆଣି ଦେଇଛି। ରାସ୍ତା ଉଚ୍ଚା ହୋଇଥିବା ବେଳେ ଲୋକଙ୍କ ଘର ନିଚା ହୋଇଯାଇଛି । ଜଳ ନିଷ୍କାସନ ଲାଗି ଉପଯୁକ୍ତ ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନଙ୍କ ଘରଦ୍ୱାର ବର୍ଷାପାଣିରେ ସବୁବେଳେ ବୁଡି ରହୁଛି। ପୂର୍ବରୁ ବସିଥିବା ହୋମପାଇପକୁ ଠିକା ସଂସ୍ଥା ବାହାର କରିଦେଇ ଥିବା ଏବଂ ନୟନଯୋରୀ ଜବରଦଖଲରେ କରାଯାଇଥିବା କାରଣରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଏ ସମ୍ପର୍କରେ ସେମାନେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ସୁଫଳ ନ ପାଇବାରୁ ଶେଷରେ ବୁଧବାର ବାହାନଗା ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସାହିର ବାସନ୍ତୀ ସେଠୀ–୧, ବାସନ୍ତୀ ସେଠୀ–୨, ଭାରତୀ ସେଠୀ, ସଂଯୁକ୍ତା ସେଠୀ, ନାରାୟଣ ସେଠୀ, କରୁଣାକର ସେଠୀ ପ୍ରମୁଖ ମହିଳା ଓ ପୁରୁଷ ଏଥିର ସାମିଲ ହୋଇଥିଲେ। ଗତ ଅଗଷ୍ଟ ମାସରେ ତହସିଲ ପକ୍ଷରୁ ନୟନଜୋରି ଜବରଦଖଲ ଉଚ୍ଛେଦ ଲାଗି ଜମି ମାପଚୁପ କରାଯାଇଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବର୍ଷାଜଳ ନିଷ୍କାସନ ସମସ୍ୟା ନେଇ ଲୋକେ ଧାରଣା ଦେବା ପରେ ଅପରାହ୍ନ ସାଢେ଼୬ ଟା ସମୟ ରେ ଅତିରକ୍ତ ତହସିଲଦାର ବିନୋଦ ଚନ୍ଦ୍ର ପଣ୍ଡା ଧାରଣାସ୍ଥଳକୁ ଆସି ସାହିର ମହିଳା ପୁରୁଷଙ୍କୁ ବୁଝାଶୁଝା କରିଥିଲେ। ପରେ ସେ ଗ୍ରାମକୁ ଯାଇ ଜଳବନ୍ଦୀ ସ୍ଥାନବଚଲି ଦେଖିଥିଲେ। ଦୁଇଦିନ ଭିତରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେବାରୁ ଲୋକେ ଧାରଣାରୁ ଉଠିଥିଲେ। ଗତ ମଙ୍ଗଳବାର ଲୋକଙ୍କ ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ଅଜୟ ବେହେରା ଓ କନିଷ୍ଠ ଯନ୍ତ୍ରୀ ଅଣାକାର ଜେନା ସାହିରେ ଥିବା ଜଳବନ୍ଦୀ ଅଞ୍ଚଳ ବୁଲି କିପରି ଜଳ ନିଷ୍କାସନ ହୋଇପାରିବ ସେବାବଦରେ ଠିକାଦାରଙ୍କ ସହିତ ଅଲୋଚନା କରିଥିବା ଜଣାପଡିଛି।


ବର୍ଷା ଜଳ ନିଷ୍କାସନ ଦାବିରେ ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା।

## ଜଳେଶ୍ୱରରେ ଡେଙ୍ଗୁ ଭୟ

ଜଳେଶ୍ୱର,୧୧।୯

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଭିନ୍ନ ରାଜ୍ୟକୁ କାର୍ଯ୍ୟକରିବାକୁ ଯାଉଥିବା ଯୁବକମାନେ ଏହି ରୋଗରେ ଆକ୍ରାନ୍ତ ହୋଇ ଘରକୁ ଫେରି ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳର ପରିବେଶ ଠିକ୍ ନ ଥିବାରୁ ଏଠାରେ ମଧ୍ୟ ଡେଙ୍ଗୁ ବ୍ୟାପିପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ହାଇଦ୍ରାବାଦକୁ କାମ କରିବାକୁ ଯାଇଥିବା ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଅଞ୍ଚଳର ଜଣେ ଯୁବକ ସେଠାରେ କିଛିଦିନ ଅସୁସ୍ଥ ରହିବା ପରେ ରକ୍ତର ନମୁନା ପରୀକ୍ଷା କରାଯିବାରୁ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡିଥିଲା। ସେ ଏବେ ଘରକୁ ଫେରି ଏଠାରେ ଚିକିତ୍ସିତ ହେଉଛନ୍ତି । ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲ ନେବାକୁ ସ୍ଥିର କରିଛନ୍ତି। ସେହିପରି ଗୋବରଘଟା ଅଞ୍ଚଳର ଜଣେ ଯୁବକଙ୍କ ରକ୍ତର ନମୁନା ପରୀକ୍ଷାରୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି। ସେ ହାଇଦ୍ରାବାଦରୁ ଘରକୁ ଫେରୁଥିବା ଜଣାପଡିଛି। ଏଡି ପରିପ୍ରେକ୍ଷୀରେ ଆକ୍ରାନ୍ତଙ୍କୁ ଉପଯୁକ୍ତ ଚିକିତ୍ସା କରାଯିବସହ ଅଞ୍ଚଳର ଡେଙ୍ଗୁ ରୋଗ ଯେଭଳି ନ ବ୍ୟାପିବ ସେଥିଲାଗି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି।

## ୨୧ଦିନିଆ ରିଫ୍ରେସର କୋର୍ସ ଉଦ୍‌ଘାଟିତ



ରିଫ୍ରେସର କୋର୍ସ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ,୧୧।୯

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱବ୍ୟାଙ୍କ ସହାୟତାରେ ଗତ ୧୦ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୨୧ଦିନିଆ ରିଫ୍ରେସର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ, ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଆଇଡ଼ିପି ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର, ସହ ସଂଯୋଜକ ଡ. ପଦ୍ମନୀତା ରାଉତରାୟ, ଟ୍ରେନିଂ ନୋଡ଼ାଲ ଅଫିସର ଡ. ଉମାକାନ୍ତ ଦାଶ, ଟ୍ରେନିଂ କୋଅର୍ଡିନେଟର ଡ. ସୁନୀଲ କୁମାର ପାଢ଼ୀ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ସଭାପତି ସଚ୍ଚିଦାନନ୍ଦ ଦେହୁରୀ, ଡାଇରେକ୍ଟର କଲେଜ ଡେଭଲପ୍‌ମେଣ୍ଟ ଡ. ରଶୀନ୍ଦ୍ର କୁମାର ନାୟକ ଯୋଗ ଦେଇ ରିଫ୍ରେସର କୋର୍ସର ଉପାଦେୟତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୨୩ ମହାବିଦ୍ୟାଳୟର ୨୫ଜଣ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦାନ କରିଛନ୍ତି।

## ରୋଗୀଙ୍କୁ ସ୍ଥାନାନ୍ତର କରାଯିବା ନେଇ ଉଦ୍‌ବେଗ

ବାଲେଶ୍ୱର ଅଫିସ,୧୧।୯

ବାଲେଶ୍ୱର ଜିଲା ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ନ ଯୋଗାଇ କଟକ ବଡ଼ଡାକ୍ତରଖାନାକୁ ପଠାଯାଉଥିବା ନେଇ ବାଲେଶ୍ୱର ନାଗରିକ ଅଧିକାର ସୁରକ୍ଷା ଓ ଦୁର୍ନୀତି ନିବାରଣ ସଂଘ ପକ୍ଷରୁ ଅଭିଯୋଗ କରାଯାଛି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ନାରୀସଂଘ ପରିସରରେ ଆୟୋଜିତ ଏକ ବୈଠକରେ ସଂଘର ସଭାପତି ତଥା ପୂର୍ବତନ ପ୍ରଶାସକ ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ସମସ୍ୟା ନେଇ ଏଭଳି ଅଭିଯୋଗମାନ ଉଠାଇଥିଲେ। ଏହାର ସମାଧାନ ପାଇଁ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରାଯିବ ବୋଲି ବୈଠକରେ ସାମୂହିକ ନିଷ୍ପତ୍ତି ନିଆଯାଇଥିବାର ଜଣାପଡ଼ିଛି। ସେହିପରି ପରିବେଶ ସୁରକ୍ଷା ଲାଗି ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଉପେନ୍ଦ୍ର ନାଥ ପାତ୍ର, ଦୀପ୍ତିକାନ୍ତ ମିଶ୍ର, ମନୋରଞ୍ଜନ ପାଲ, ଯଶୋଦାନନ୍ଦନ ଆଶ୍, ବାସନ୍ତୀ ନାୟକ, ଅପର୍ଣ୍ଣା ମହାପାତ୍ର, ନବ ପୋଥାଳ, ହେମଲତା ଦାସ, ମଦନ ଖଣ୍ଡେଲୱାଲ, ସମାଜସେବୀ ଗୋପାମୁଦ୍ରା ମହାପାତ୍ର ଓ ସଂଗଠନର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ରେଳଷ୍ଟେଶନରେ 'ସ୍ୱଚ୍ଛ ଭାରତ ସପ୍ତାହ' ଶୁଭାରମ୍ଭ

ବାଲେଶ୍ୱର ଅଫିସ,୧୧।୯

ବାଲେଶ୍ୱର ରେଳ ଷ୍ଟେଶନ ପରିସରରେ 'ସ୍ୱଚ୍ଛ ଭାରତ ସପ୍ତାହ' ପାଳନ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନ ୭ଟା ସମୟରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶୁଭାରମ୍ଭ କରିଛନ୍ତି। ଷ୍ଟେଶନ ପରିସରରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ରେଳ ଷ୍ଟେଶନ ଭିତର ଓ ବାହାରେ ଥିବା ଅଳିଆକୁ ଝାଡୁ ମାରି ସଫା କରିଥିଲେ। ଏଥିସହ ଷ୍ଟେଶନ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ସଫେଇ କରାଯାଇଥିଲା। ଏହି ଅବସରରେ ସେଠାରେ ଥିବା ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ସ୍ଥାନୀୟ ଇଷ୍ଟର୍ଣ୍ଣ ସର୍କଲ କଣ୍ଟ୍ରାକ୍ଟରସ୍ କ୍ଲବ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ନିମନ୍ତେ କନାରେ ପ୍ରସ୍ତୁତ କରାଯାଇଥିବା ୫ହଜାର ବ୍ୟାଗ କେନ୍ଦ୍ରମନ୍ତ୍ରୀ ଲୋକଙ୍କୁ ବାଣ୍ଟି ଏ ନେଇ ସଚେତନ କରାଇଥିଲେ। କ୍ଲବର ସଭାପତି ଅଦ୍ୱୈତ କୁମାର ଖୁଣ୍ଟିଆ, ସମ୍ପାଦକ ଫାଲ୍‌ଗୁନି ମହାପାତ୍ର, ହରେକୃଷ୍ଣ ପଣ୍ଡା, ରାମଚନ୍ଦ୍ର ମହାକୁଡ଼, ଶାନ୍ତନୁ ପଣ୍ଡା, ସଞ୍ଜିବ ନାୟକ ପ୍ରମୁଖଙ୍କ ସହ ପୂର୍ବତନ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ମହାପାତ୍ର, ଯୁବନେତା ପ୍ରଦୀପ୍ତ ପତି, ଚନ୍ଦ୍ରଶେଖର ନନ୍ଦ, ସମର ଶଙ୍କର କାନୁନ୍‌ଗୋ, ସିପ୍ରା ବାଜପେୟୀ, ସବିତା ପାଣିଗ୍ରାହୀ, ଅଜିତ ମିଶ୍ର, ବୀରେନ୍ଦ୍ର ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## 'ପ୍ରାଣୀ ସମ୍ପଦ ବିକାଶରେ ଆର୍ଥିକ ସମୃଦ୍ଧି ନିର୍ଭରଶୀଳ'

ସିମୁଳିଆ,୧୧।୯(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ବିଭିନ୍ନ ଅତିଥିଙ୍କ ଗହଣରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବକ୍ତବ୍ୟ ରଖୁଛନ୍ତି।

- ପ୍ରାଣୀରୋଗ ନିୟନ୍ତ୍ରଣ ଉପରେ ଗୁରୁତ୍ୱ
- କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ

ପ୍ରାଣୀ ସମ୍ପଦର ବିକାଶରେ ଦେଶର ଆର୍ଥିକ ସମୃଦ୍ଧି ନିର୍ଭରଶୀଳ। ଗୋ ପାଳନ ସମେତ ଛେଳି କୁକୁଡା ଆଦି ପାଳନ କରି ଚାଷୀମାନେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ। ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବା ସହ ମାନବ ସମ୍ବଳ ବିକାଶ ସାଧନ ହେବ ବୋଲି ବୁଧବାର ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ 'ରାଷ୍ଟ୍ରୀୟ ପ୍ରାଣୀରୋଗ ନିୟନ୍ତ୍ରଣ ଓ ଦେଶବ୍ୟାପୀ କୃତ୍ରିମ ପ୍ରଜନନ' କାର୍ଯ୍ୟକ୍ରମ ଅବସରରେ ଅତିଥି ଓ ବକ୍ତାମାନେ କହିଛନ୍ତି।

ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ, ବର୍ତ୍ତମାନ ବିଜ୍ଞାନର ଅଗ୍ରଗତି ଯୋଗୁ କୃଷିର ବିକାଶ ଘଟିଛି। କୃଷି ବିକାଶ କ୍ଷେତ୍ରରେ ବୈଜ୍ଞାନିକମାନଙ୍କ ଅବଦାନ ଅତୁଳନୀୟ । ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇ ପ୍ରାଣୀ ସମ୍ପଦର ବିକାଶରେ ମାନବ ସମ୍ବଳର ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଏମ୍‌ପି ମଞ୍ଜୁଲତା ମଣ୍ଡଳ କୃଷି କ୍ଷେତ୍ରରେ ପ୍ରଗତି ପାଇଁ ସେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ସୂଚନା ଦେଇଥିଲେ।

ଭଦ୍ରକ ପ୍ରାଣୀ ଚିକିତ୍ସାଳୟର ଡା. ରାଜେଶ କୁମାର କୁଅଁର କହିଥିଲେ, ବ୍ରୁସେଲା ଓ ଫାଟୁଆ ରୋଗରେ ଅଧିକ ଗୋରୁ ଆକ୍ରାନ୍ତ ହେଉଛନ୍ତି। ଗୋରୁଙ୍କ ଠାରୁ ମନୁଷ୍ୟକୁ ବ୍ରୁସେଲା ରୋଗର ଜୀବାଣୁ ସଂକ୍ରମଣ ହେଉଛି। ଟିକାକରଣ ମାଧ୍ୟମରେ ଏହାର ନିରାକରଣ ସମ୍ଭବ ବୋଲି ସେ କହିଥିଲେ। ଏହି ଅବସରରେ ଚାଷୀଙ୍କ ଉଦ୍ଦେଶ୍ୟରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶତାଧିକ ଚାଷୀ ଏହାକୁ ଦେଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ଉତ୍ସବରେ ସିମୁଳିଆର ପୂର୍ବତନ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ବର୍ତ୍ତମାନ ତିହିଡ଼ିର ଡାକ୍ତର ରଞ୍ଜନ କୁମାର ଦାସ ଯୋଗ ଦେଇ କୃତ୍ରିମ ପ୍ରଜନନ ଓ ଉନ୍ନତ ସଙ୍କର ଜାତୀୟ ଗୋପାଳନ ଦ୍ୱାରା ଚାଷୀଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରାମେଶ୍ୱର ପଣ୍ଡା, ଭଦ୍ରକ ଜିଲାର ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗଗନ ଚରଣ ପଣ୍ଡା, ରାଣିତାଲ ଆଞ୍ଚଳିକ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ପ୍ରଫେସର ଡ. ଶ୍ୟାମସୁନ୍ଦର ମହାପାତ୍ର, ସମାଜସେବୀ ଅଶୋକ ବଳ ପ୍ରମୁଖ ମାନବ ସମ୍ବଳ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଅତିଥି ପରିଚୟ ଦେବା ସହ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମତ୍ସ୍ୟ ବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବ ଶେଷରେ ରାଷ୍ଟ୍ରୀୟ ବନ୍ଦନା ଗାନ କରାଯାଇଥିଲା।

## ମନେ ପଡ଼ନ୍ତି

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ପ୍ରଶ୍ନମାଳା ରାଉତରାୟ**
ରାଇସିମୁଳୀ, ବ୍ରହ୍ମଗିରୀ, ପୁରୀ
ତିରୋଧାନ: ୨୦।୦୯।୨୦୦୨

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ପୁଅ, ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭାଉଜ, ପୁତୁରା, ପୁତୁରା ବୋହୂ ଓ ଆତ୍ମୀୟସ୍ୱଜନ।

ଧ–୫୬୧୮୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭
(ଶୁକ୍ଳପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ

ଧ–୧୪୩୦୨

## ବୌଦ୍ଧିକ ସମ୍ପତ୍ତି ଅଧିକାର ସଚେତନତା

ବାଲେଶ୍ୱର ଅଫିସ,୧୧।୯

ବାଲେଶ୍ୱର ଆଇଟିଆଇସ୍ଥିତ ଶିଳ୍ପାଞ୍ଚଳଠାରେ ଥିବା ଉଦ୍ୟୋଗ ଭବନ ପରିସରରେ ବୌଦ୍ଧିକ ସମ୍ପତ୍ତି ଅଧିକାର 'ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟ୍‌ସ' (ଆଇପିଆର୍) ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲାର ୫୦ରୁ ଊର୍ଦ୍ଧ୍ୱ ଶିଳ୍ପପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମାଇକ୍ରୋ ସ୍ମଲ୍ ମିଡ଼ିୟମ୍ ଏଣ୍ଟରପ୍ରାଇଜେସ୍–ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଏମ୍‌ଏସ୍‌ଏମ୍‌ଇ–ଡିଆଇ) ଭାରତ ସରକାର, କଟକ ଓ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ଏହା ଆରମ୍ଭ କରାଯାଇଥିଲା। ଏମ୍‌ଏସ୍‌ଏମ୍‌ଇ–ଡିଆଇର ଉପନିର୍ଦ୍ଦେଶକ ଡ. ପ୍ରଜ୍ଞାସ୍ମିତା ସାହୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଭାରତ ସରକାରଙ୍କ କୋଲକାତା ଟ୍ରେଡ୍ ମାର୍କ ବିଭାଗ ପୂର୍ବାଞ୍ଚଳ ଅଧିକାରୀ ଡ. ଡି. ଚକ୍ରବର୍ତ୍ତୀ ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏମ୍‌ଏସ୍‌ଏମ୍‌ଇ–ଡିଆଇର ନିର୍ଦ୍ଦେଶକ ଡ. ଏସ୍.କେ. ସାହୁ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ସିଟିସିସିର ମୁଖ୍ୟ ଓ ବରିଷ୍ଠ ପରାମର୍ଶଦାତା ଡ. ଏସ୍. କେ. କର ଆଇପିଆର୍‌ର ଉପାଦେୟତା ବୁଝାଇଥିଲେ। ଜିଲା ଶିଳ୍ପ କେନ୍ଦ୍ରର ମ୍ୟାନେଜର ସତ୍ୟାନନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘର ସଭାପତି ହିମାଂଶୁ ଦାସ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏଭଳି କାର୍ଯ୍ୟକ୍ରମରୁ ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ।



ଆଇପିଆର୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତା।

**Government of Odisha**
**Department of Panchayati Raj & Drinking water**
**OFFICE OF THE PANCHAYAT SAMITI, BHADRAK**
**INVITATION OF BIDS (IFB)**
**Bid Identification No. PSD-03/2019-20**
e-mail:- ori-bbhadrak@nic.in, FAX/TEL: 06784-250268

Bid documents consisting of work, estimated amount for put to tender, cost of tender paper, EMD, time of completion, class of contractor (Registered Panchayat Samiti, Bhadrak contractors only will be eligible for these tender), the set of terms & conditions of contract and other necessary documents can be seen from the Office of Panchayat Samiti, Bhadrak.

| | | | |
|---|---|---|---|
| 1. | Name of the work | : | As per DTCN. |
| 2. | No. of works | : | 44 nos. of individual packages |
| 3. | Estimated cost for put to tender | : | As per DTCN |
| 4. | Period of completion | : | 01 (one) calendar month each |
| 5. | Date & time of availability of bid documents | : | From 12.09.2019 at 10.30 AM to 21.09.2019 at 5.00 PM |
| 6. | Last date/time for receipt/ drop of bids in the office | : | 21.09.2019 at 5.00 PM |
| 7. | Date of opening of Bids | : | 23.09.2019 at 11.30 AM |
| 8. | Class of Contractor | : | 'C'& 'D' class |
| 9. | Name of the Officer Inviting Bids | : | Block Development Officer, Panchayat Samiti, Bhadrak |

Further details can be seen from the Office of Panchayat Samiti, Bhadrak on working hours. Any addendum/ corrigendum/ cancellation of tender can also be seen office of undersigned. The detailed information is also available on district website "www.bhadrak.nic.in"

*Sd./- Block Development Officer*
*Panchayat Samiti, Bhadrak*

**ବିଜ୍ଞାପନ**
**ପୁରୀ ମୁକାମ ଶ୍ରୀଯୁକ୍ତ ସିଭିଲ୍ ଜଜ୍, (ଜୁନିୟର ଡିଭିଜନ), ପୁରୀ**
ଅର୍ଡର ୫ ରୁଲ୍ ୨୦ ମତେ
ଟାଇଟଲ୍ ସୁଟ୍ ନଂ୧୨୧/୧୯୮୨ମ୍ବର
ଅରକ୍ଷିତ ସାହୁ (ମୃତ)
ମଲ୍ଲୀ ସାହୁ ଓଗେର ....ବାଦୀ।
–ବନାମ–
ନରସିଂହ ଦାସ ମହାପାତ୍ର (ମୃତ)
ତିଳୋତ୍ତମା ଦାସ ମହାପାତ୍ର ଓଗେର ....ପ୍ରତିବାଦୀ।
**ପ୍ରତିବାଦୀ ନଂ୧ (ବି) ଡଃ. ବିଷ୍ଣୁପ୍ରିୟା ଦାସ ମହାପାତ୍ର, ବ୫୪ର୍ଷ, ପିତା: ନରସିଂହ ଦାସ ମହାପାତ୍ର, ସାକିନ: ଦୋଳମଣ୍ଡପ ସାହି, ଥାନା: ପୁରୀ ଟାଉନ, ପୋଷ୍ଟ/ଜିଲ୍ଲା: ପୁରୀ ।**
ଏତଦ୍ୱାରା ତୁମ୍ଭେ ପ୍ରତିବାଦୀଙ୍କୁ ଜଣାଇ ଦିଆଗଲା ଯେ, ତଫସିଲ ସମ୍ପତ୍ତି ପକ୍ଷେ ବାଦୀ ମଲ୍ଲୀ ସାହୁ, ସ୍ୱାମୀ: ଅରକ୍ଷିତ ସାହୁ, ସାକିନ: ମାର୍କଣ୍ଡେଶ୍ୱର ସାହି, ଥାନା: ପୁରୀ ଟାଉନ, ପୋଷ୍ଟ/ଜିଲ୍ଲା: ପୁରୀ ଓଗେର, ପ୍ରତିବାଦୀ ନଂ୧(ଏ) ତିଳୋତ୍ତମା ଦାସ ମହାପାତ୍ର ଓଗେରଙ୍କ ବିରୁଦ୍ଧରେ ସତ୍ତ୍ୱ ଦଖଲ ସାବ୍ୟସ୍ତ ଦାବିରେ ଅତ୍ର ଅଦାଲତରେ ମୋକଦ୍ଦମା ଦାୟର କରିଅଛନ୍ତି। କିନ୍ତୁ ତୁମ୍ଭେ ପ୍ରତିବାଦୀ ଡଃ. ବିଷ୍ଣୁପ୍ରିୟା ଦାସ ମହାପାତ୍ର ଏହି ମୋକଦ୍ଦମା ବାବଦରେ ସମସ୍ତ ଜାଣିଶୁଣି କାଳବିଳମ୍ବ କରିବା ଉଦ୍ଦେଶ୍ୟରେ ରହି ଏଥିରେ ହାଜର ହେଉନାହିଁ। ତେଣୁ ତୁମ୍ଭଙ୍କୁ ଜଣାଇ ଦିଆଗଲା ଯେ, ଉକ୍ତ ମୋକଦ୍ଦମା ତା୧୫।୧୦।୧୯ରିଖକୁ ବିଚାରାଧୀନ ରହିଅଛି। ଏଥିରେ ତୁମ୍ଭେ କିମ୍ବା ତୁମ୍ଭର କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ହାଜର ହୋଇ ତୁମର ଆପତ୍ତି ବା ଜବାବ ଦେବେ। ଏଥିପକ୍ଷେ ତ୍ରୁଟି କଲେ ଆଇନ ଅନୁସାରେ ଉକ୍ତ ମୋକଦ୍ଦମା ବିଚାର କରାଯିବ। ପରେ କୌଣସି ଆପତ୍ତି ଶୁଣାଯିବ ନାହିଁ।
**ତଫସିଲ ସମ୍ପତ୍ତି**
ଜିଲ୍ଲା ; ପୁରୀ, ଥାନା: ପୁରୀ ସହର, ମୌଜା ; ମାର୍କଣ୍ଡେଶ୍ୱର ସାହି, ଖାତା ନଂ୯୮ମ୍ବର (ଅଠାନବେ), ପ୍ଲଟ ନଂ୩୩୨ମ୍ବର (ତିନିଶତ ବତିଶି), ଏ୦.୫୯୦ଡି. (ପାଞ୍ଚଶତ ନବେ ଡିସିମିଲ) ସମ୍ବନ୍ଧ ଏ୦.୩୨୮ଡି. (ତିନିଶତ ଅଠେଇଶି ଡିସିମିଲ) ହଜାରିକିଆ ମାପ ମତେ। Area Ac0.242 Zero point two four two on the south and Ac0.020 decimals Zero point two zero on the north, ଏହାର ହାଲ ପ୍ଲଟ ନଂ୧୫୦ମ୍ବର (ଏକଶତ ପଚାଶ), ଏ୦.୧୩ଡି. (ତେର ଡିସିମିଲ), ପ୍ଲଟ ନଂ୧୫୦/୧୪୨୦ମ୍ବର (ଏକଶତ ପଚାଶ ବିଭକ୍ତ ଏକ ହଜାର ଚାରିଶତ କୋଡ଼ିଏ)। ଉତ୍ତର–ଦକ୍ଷିଣ ଲମ୍ବ ୨୦୦ କଡ଼ି। ଏହାର ପୂର୍ବ–ପଶ୍ଚିମ ଓସାର ୬୧/୨ କଡ଼ି। ଉତ୍ତର–ଦକ୍ଷିଣ ସ୍କେଚ୍ ମ୍ୟାପ ନାଲି ଚିହ୍ନିତ କରାଯାଇଅଛି।
07th ଅଦ୍ୟ ତା୦୯।୨୦୧୯ ରିଖେ ଅଦାଲତଙ୍କ ମୋହର ସ୍ୱାକ୍ଷର କ୍ରମେ ଦିଆଗଲା।
**ସ୍ୱା./- ସିଭିଲ୍ ଜଜ୍, ଜୁନିୟର ଡିଭିଜନ, ପୁରୀ**
**୦୭।୦୯।୧୯**

## ସଂକ୍ଷେପରେ

### ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ବୈଶିଙ୍ଗା,୧୧।୯(ଡି.ଏନ୍.ଏ.)- ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଓ କେନ୍ଦୁଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ମଙ୍ଗଳବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବୈଶିଙ୍ଗା ପଞ୍ଚାୟତରେ ୮୦ ଜଣ ଓ କେନ୍ଦୁଆ ପଞ୍ଚାୟତରେ ୧୪୦ ହିତାଧିକାରୀ ଘର ପାଇବା ପାଇଁ ମନୋନୀତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦୮ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଶିଙ୍ଗା ସରପଞ୍ଚ ଇନ୍ଦ୍ରାବତୀ ମୁର୍ମୁ ଓ କେନ୍ଦୁଆ ସରପଞ୍ଚ ସ୍ନିଗ୍ଧାରାଣୀ ହାସଁଦା ଉପସ୍ଥିତ ଥିଲେ। ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୪ଟି କିସ୍ତିରେ ଟଙ୍କା ପଠାଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ମିଶ୍ର କହିଛନ୍ତି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୁଆମରା,୧୧।୯(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ଡିଗ୍ରୀ ମହାବିଦ୍ୟାଳୟର ଉଭୟ ବିଜ୍ଞାନ ଓ କଳାର ଚଳିତ ବର୍ଷ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଉତ୍ସବରେ ଅଧକ୍ଷ ସୁବଳ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଇଂଲିଶ ଅଧାପକ ଅଶ୍ୱିନୀ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ଅଧାପକ ପ୍ରଭାତ ସେନାପତି, ଅବନୀ କୁମାର ମହାନ୍ତି, ବିବେକାନନ୍ଦ ଗିରି, ବିଶ୍ୱନାଥ ବେହେରା, ଛତିଶ ଦାସ, ଗୋପୀନାଥ ପଣ୍ଡା, ଅଧାପିକା ରଶ୍ମିତା ମହାର୍ଣ୍ଣା,ମଧୁସ୍ମିତା ପତି ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବାରିପଦା ଅଫିସ,୧୧।୯


ଟ୍ରାଫିକ ପୋଷ୍ଟ ନ ଥିବାରୁ ମହିଳା ପୋଲିସ କର୍ମଚାରୀମାନେ ରାସ୍ତା କଡ଼ରେ ଠିଆ ହୋଇଛନ୍ତି।

■ନାହିଁ ଅତ୍ୟାଧୁନିକ ଟ୍ରାଫିକ୍ ପୋଷ୍ଟ
■ଟ୍ରାଫିକ୍ ପରିଚାଳନା ପାଇଁ ହୋମଗାର୍ଡ ଭରସା

ରାଜ୍ୟର ସର୍ବପୁରାତନ ସହର ଭାବେ ପରିଚିତ ବାରିପଦା ସହରରେ ଟ୍ରାଫିକ ଅବ୍ୟବସ୍ଥା ଲାଗିରହିଛି। ଏଠାରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ତଥା ଅଟୋମେଟିକ ଲାଇଟ ପୋଷ୍ଟ, ଆବଶ୍ୟକ କର୍ମଚାରୀ ତଥା ଭିତ୍ତିଭୂମି ଅଭାବ ରହିଛି। ଜିଲା ପୋଲିସ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ସହରବାସୀ ବିଭିନ୍ନ ସମୟରେ ଗୁରୁତର ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରରେ ୧୪ଟି ଟ୍ରାଫିକ ପୋଷ୍ଟ ରହିଛି। ଏହି ପୋଷ୍ଟଗୁଡିକ ପାଇଁ ୨୧ କନେଷ୍ଟବଲ, ୨ ହାବିଲଦାର ଓ ଜଣେ ଏସଆଇ ଦାୟିତ୍ୱରେ ରହିବା କଥା। କିନ୍ତୁ ବର୍ତ୍ତମାନ ୧୨ କନଷ୍ଟେବଲ, ୨ ହାବିଲଦାର ଓ ଜଣେ ଏଏସଆଇ ରହିଛନ୍ତି। ଆବଶ୍ୟକ କର୍ମଚାରୀ ନ ଥିବାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ପୋଷ୍ଟଗୁଡିକରେ ହୋମଗାର୍ଡଙ୍କୁ ନିୟୋଜିତ କରାଯାଉଛି। ଏହି ହୋମଗାର୍ଡଙ୍କ ଭରସାରେ ସହରରେ ଟ୍ରାଫିକ ବ୍ୟବସ୍ଥା ପରିଚାଳିତ ହେଉଛି। ସେହିପରି ସହରର ଗୋଟିଏ କିମ୍ବା ଦୁଇଟି ଟ୍ରାଫିକ ପୋଷ୍ଟକୁ ଛାଡି ଦେଲେ ଅନ୍ୟଗୁଡିକରେ ପୋଲିସ କର୍ମଚାରୀମାନେ ଖରା ବର୍ଷାରେ ଠିଆ ହୋଇ କାର୍ଯ୍ୟ ସମ୍ପାଦକ କରୁଥିବା ଦେଖିବାକୁ ମିଳେ। ସହରରେ ବହୁ ଗୋଲେଇ ଛକ ଥିବା ବେଳେ ଏଠାରେ ଲୋକେ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବାରୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସେହିପରି ୧ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ବାରିପଦା ସହରରେ ଟ୍ରାଫିକ ଥାନାର ଆବଶ୍ୟକତା ଥିବାବେଳେ କେବଳ ଗୋଟିଏ ଟ୍ରାଫିକ ଆଉଟ ପୋଷ୍ଟ ରହିଛି। ଜିଲା ପୋଲିସ ପକ୍ଷରୁ ବାରିପଦାରେ ଏକ ଟ୍ରାଫିକ ଥାନା ପ୍ରତିଷ୍ଠା ପାଇଁ ପ୍ରସ୍ତାବ ପଠାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେହିପରି ସହରରେ ମେଡିକାଲ କଲେଜ ସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଥିବାରୁ ପ୍ରତିଦିନ ଜିଲା ତଥା ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡଖଣ୍ଡରୁ ବହୁ ଲୋକ ନିୟମିତ ଭାବେ ଏଠାକୁ ଆସିଥାନ୍ତି। ମାତ୍ର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ସହରକୁ ନୂଆ ଆସୁଥିବା ଲୋକେ ଖରାପ ଅନୁଭୂତି ନେଇ ଫେରିଥାନ୍ତି। ଅନ୍ୟପକ୍ଷେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମାଙ୍କ ଘର ଏହି ସହରରେ। ତେଣୁ ଏଠାକାର ଟ୍ରାଫିକ ବ୍ୟବସ୍ଥା ସୁଧାରିବା ଦିଗରେ ସେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାରିପଦା ସଦର ଏସଡିପିଓ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ଟ୍ରାଫିକ ପୋଷ୍ଟଗୁଡିକ ପାଇଁ ଅଧିକ କର୍ମଚାରୀ ନିଯୁକ୍ତି ସକାଶେ ବିଭାଗକୁ ଅବଗତ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭାଗ ଗୁରୁତ୍ୱ ଦେଉଛି ବୋଲି ମଧ୍ୟ ସେ କହିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା


ସଡ଼କ ସୁରକ୍ଷା ଶୋଭାଯାତ୍ରାରେ ପୋଲିସ ଓ ଛାତ୍ରୀଛାତ୍ରମାନେ।

କପ୍ତିପଦା,୧୧।୯(ଡି.ଏନ୍.ଏ.)

କପ୍ତିପଦା ବ୍ଲକ୍ ଶରତ ଥାନାଧିକାରିଣୀ ରୀନା ବକ୍ସଲଙ୍କ ନେତୃତ୍ୱରେ ନୂତନ ଟ୍ରାଫିକ ଆଇନ ଓ ସଡ଼କ ସୁରକ୍ଷା ସମ୍ବନ୍ଧରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରରେ ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ଏନଏସଏସ ବିଭାଗର ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ଯୋଗଦେଇ ହାତରେ ପ୍ଲାକାର୍ଡ଼ ଧରି ନୂତନ ଟ୍ରାଫିକ୍ ଆଇନ୍ ଓ ସଡ଼କ ସୁରକ୍ଷାର ବିଭିନ୍ନ ନିୟମକାନୁନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଥାନାଧିକାରିଣୀ ବକ୍ସଲ ଓ ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ବକ୍ତବ୍ୟ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥାନା ପକ୍ଷରୁ ଜମାଦାର ପ୍ରବୋଧ କୁମାର ନାୟକ, ସିଲୁ ମଲ୍ଲିକ୍, ଜଗମୋହନ ସିଂ, ସୌରୀବାଳା ଲେଙ୍କା, ଭଞ୍ଜ କିଶୋର ମହାନ୍ତ, ସୁଖିଲ ମୁର୍ମୁ ଓ ମହାବିଦ୍ୟାଳୟ ପକ୍ଷରୁ ପ୍ରତାପ କୁମାର ଦାସ, ଅଶୋକ କୁମାର ସାହୁ, ଯୁବ ରେଡକ୍ରସ କାଉନସେଲର ମନୋରଞ୍ଜନ ବିହାରୀ, ସୀତାକାନ୍ତ ଦାସ, ବିଦ୍ୟାଧର ବେହେରା, ଶରତ ପରିଡ଼ା ଓ ପ୍ରଦୀପ କୁମାର ଦଳେଇ ପ୍ରମୁଖ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦକଦକ ମନ,**
**ଦୁମୁଦୁମୁ ଗମନ**
**ଦାନ ଦେଲା ଲୋକଠାରେ କଲେ ଅଭିମାନ**
**-ଏ ମନ୍ଦ।**

ମନରେ ଦୃଢ଼ତା ନ ଥିଲେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଦୁମୁଦୁମୁ ଚାଲିବା ଉଚ୍ଛୃଙ୍ଖଳ ଭାବକୁ ଦର୍ଶାଇଥାଏ। ସେହିପରି ଦାନୀ ବ୍ୟକ୍ତିର ଦାନକୁ ନେଇ ଅଭିମାନ କରିବସିବା ଅଶୋଭନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଆର ମୁହଁରେ କିଣିବ,**
**ଦୁଆର ମୁହଁରେ ବିକିବ।**

ଦୁଆର ମୁହଁରେ କିଣିଲା ବେଳେ ଭଲ ଭାବରେ ଦେଖି ପରକ୍ଷୀ, ବାଛିବୁଛି ନିଜ ପସନ୍ଦର ଜିନିଷ କିଣିବାକୁ ଢେର୍ ସମୟ ମିଳିଥାଏ। ଦୋକାନ,ବଜାର ଭଳି ତରତର କରିବାକୁ ଅନ୍ୟ ଗରାଖ ନ ଥାଏ। ସେହିପରି ଦୁଆର ମୁହଁରେ ବିକିବା ଦ୍ୱାରା ଯାହା ଦି' ପଇସା ହେଲା ସାଥେ ସାଥେ ମିଳିଯାଏ। କହି ବୋଲି କରି ଖରାପ ଜିନିଷ ମଧ୍ୟ ବିକି ଦେଇ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମିଳିତ ଜନ ଅଭିଯୋଗ ଶୁଣାଣି


ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର,୧୧।୯(ଡି.ଏନ୍.ଏ.)- ରାଇରଙ୍ଗପୁର ଉପ ଜିଲାପାଳଙ୍କ ବୈଠକ ଗୃହ ପରିସରରେ ମଙ୍ଗଳବାର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଭରଦ୍ୱାଜ ଓ ଜିଲା ଆରକ୍ଷୀ ଅଧୀକ୍ଷକ ପରମାରସ୍ମିଥ ପୁରୁଷୋତ୍ତମ ଦାସ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ରାଇରଙ୍ଗପୁର ବ୍ଲକ ଅଞ୍ଚଳର ୭ଟି ଓ ପୌରାଞ୍ଚଳ ଅଧୀନ ମୋଟ ୭୮ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଉପ ଜିଲାପାଳ ଧର୍ମାନନ୍ଦ ବେହେରା, ସହକାରୀ ଜିଲାପାଳ ଭୂବନେଶ ଦେବଦାସ ପାଟିଲ, ପିଏ ଆଇଟିଡିଏ ଅନନ୍ତ ନାରାୟଣ ସିଂ ଲାଗୁରୀ, ଏସଡିଏମଓ ଡା. ଛତିଶଚନ୍ଦ୍ର ମହାନ୍ତ, ଅତିରିକ୍ତ ଏସ୍‌ପି ଅଶୋକ କୁମାର ପଟ୍ଟନାୟକ, ଏସଡିପିଓ ଅମୂଲ୍ୟ କୁମାର ଧର, ଟାଉନ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ସମେତ ସବ୍‌ଡିଭିଜନ ଅନ୍ତର୍ଗତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ଆଇସିଡିଏସ କାର୍ଯ୍ୟାଳୟ ଅଧିକାରୀଗଣ, ଜଳସେଚନ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି। କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ। ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

FINANCE

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ।
୨% ସୁଧ ୪୦%ଛାଡ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BUSINESS

EDUCATION

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ୍ୟ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଏସ୍‌ପିଙ୍କ ରାଇରଙ୍ଗପୁର ଗସ୍ତ

ରାଇରଙ୍ଗପୁର,୧୧।୯(ଡି.ଏନ.ଏ.)-

ମୟୂରଭଞ୍ଜ ଏସ୍‌ପି ପରମାରସ୍ମିଥ ପୁରୁଷୋତ୍ତମଦାସ ନୂତନ କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଥମଥର ରାଇରଙ୍ଗପୁର ସବଡିଭିଜନକୁ ୨ ଦିନିଆ ଗସ୍ତ କରିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିସହ ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନସ୍ଥ ମଡେଲ ଟାଉନ ଥାନା ସମେତ ଗୋରୁମହିଷାଣୀ, ବାଦମପାହାଡ଼, ଯାମଦା, ତିରିଙ୍ଗ, ବହଳଦା ଏବଂ ବିଶୋଇ ସମେତ ବିଭିନ୍ନ ଥାନା ପରିଦର୍ଶନ କରି ସମ୍ପୃକ୍ତ ଥାନା ଅଧିକାରୀମାନଙ୍କ ସହ ଥାନାର ଆଇନଶୃଙ୍ଖଳା ଏବଂ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିବା ଜଣାଯାଇଛି। ଗସ୍ତ ଅବସରରରେ ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନସ୍ଥ ବିଭିନ୍ନ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ଏସପି କହିଥିଲେ।

### ଚୋର କୋର୍ଟ ଚାଲାଣ

ବୈଶିଙ୍ଗା,୧୧।୯(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଆଞ୍ଚଳିକ ଡାକ୍ତରଖାନା ପରିସରରେ ଥିବା ଏକ ଔଷଧ ଦୋକାନରୁ ଚୋରି କରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ତରୁଣ ଜେନା ବୋଲି ପୋଲିସ କହିଛି। ଏଥିନେଇ ଥାନାରେ ଏକ ମାମଲା (ନଂ.୧୬୭/୧୯) ରୁଜୁ ହୋଇଛି।

### ଶିଶୁ ସୁରକ୍ଷା ଶିବିର କାଗଜକଲମରେ ସୀମିତ

# ୫ ଅନାଥ ଶିଶୁ ନିରାଶ୍ରୟ

ବଡ଼ସାହି,୧୧।୯(ସ୍ୱ.ପ୍ର)

ସମାଜର ଅମୂଲ୍ୟ ସମ୍ପଦ ହେଉଛନ୍ତି ଶିଶୁ। ଶିଶୁ ସମ୍ପଦର ସୁରକ୍ଷା ଓ ସୁବିନିଯୋଗ କରିବା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ଏଭଳି ଏକ ବାର୍ତ୍ତା ନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକରେ ଶିଶୁ ସୁରକ୍ଷା ସଚେତନତା କର୍ମଶାଳା ଆୟୋଜନ କରାଯାଉଛି। ଏହି ଅବସରରେ ବଡ଼ସାହି ବ୍ଲକ ପରିସରରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସିଡିପିଓ କୁନ୍ତିମଣି ପାତ୍ର, କୋ-ଅର୍ଡିନେଟର ନରେନ୍ଦ୍ର ନାଥ ସିବାବୁ, ଶାନ୍ତିଦେବ ସାମଲ, ଶଙ୍କର ଚନ୍ଦ୍ର କର ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟା ସଭ୍ୟମାନେ ଉପସ୍ଥିତ ଥିଲେ। ତେବେ ଅନାଥ ଶିଶୁଙ୍କୁ ଥଇଥାନ କରିବା, ବାଲ୍ୟ ବିବାହକୁ ରୋକିବା, ଶିଶୁ ଶ୍ରମିକ ନିଷେଧ ଆଦି ଯୋଜନା ସମ୍ପର୍କରେ ଏହିଭଳି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଏହା କେବଳ କାଗଜ କଲମରେ ସୀମିତ ରହୁଥିବା ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଏହି ବ୍ଲକ ଅଧୀନ ଜାରକାଣୀ ପଞ୍ଚାୟତ କଦମଡିହି ଗ୍ରାମରେ ଥିବା ୫ ଅନାଥ ଶିଶୁ କ୍ଷେତ୍ରରେ। ୩ ବର୍ଷ ପୂର୍ବେ ବାପା ଅଜଣା ରୋଗରେ ମୃତ୍ୟୁ ବରଣ କରିବା ପରେ ପରିବାର ବୋଝ ସହି ନ ପାରି ମାଆ ବୁଧୁନୀ(୪୫) ଅଗଷ୍ଟ ୨୯ତାରିଖରେ ବିଷପିଇ ଆତ୍ମହତ୍ୟା କରିଥିଲେ । ଫଳରେ ତାଙ୍କର ୫ ଶିଶୁ ଅନାଥ ହୋଇ ପଡ଼ିଥିଲେ। ଖାଇବାକୁ ନ ପାଇ ସେମାନେ ଭୋକ ଉପାସରେ ଆଉଟୁପାଉଟୁ ହେଉଛନ୍ତି । ପରପିଣ୍ଡାରେ ଆଶ୍ରୟ ନେଇ ସାହି ପଡିଶାଙ୍କ ହାତଟେକା ଖାଦ୍ୟକୁ ଏହି ଅନାଥ ଶିଶୁମାନେ ଅନାଇ ଚାହିଁଛନ୍ତି। ଏ ସମ୍ପର୍କରେ ଗତ ୩୧ ତାରିଖ 'ଧରିତ୍ରୀ'ରେ ଏକ ଖବର 'ମା'ଙ୍କ ମୃତ୍ୟୁ ପରେ ଅସହାୟ ୫ ଅନାଥ ଶିଶୁ' ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପାଇବାର ୧୨ଦିନ ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଅସହାୟ ଶିଶୁମାନଙ୍କ ପ୍ରତି ଅଣଦେଖା କରାଯାଉଥିବାରୁ ଶିଶୁମାନଙ୍କ ସୁରକ୍ଷା ନେଇ କାର୍ଯ୍ୟକାରୀ ହେଉଥିବା ଯୋଜନା ସତେ ଯେପରି ପ୍ରହସନ ପାଲଟିଛି ବୋଲି ବୋଲି ଅଞ୍ଚଳବାସୀ କହିଛନ୍ତି । ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ମୋ ପାଖରେ ଖବର ନଥିଲା ଓ ଆସନ୍ତାକାଲି ଏହି ୫ ଅନାଥ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ଶିଶୁ ସୁରକ୍ଷା ଆଲୋଚନା ଶିବିରରେ ଉପସ୍ଥିତ ଅଧିକାରୀ।

# ବହଳଦାର ପ୍ରସିଦ୍ଧ ଇନ୍ଦ୍ର ଉତ୍ସବ ଆରମ୍ଭ



ରାଜପୁରୋହିତଙ୍କ ନେତୃତ୍ୱରେ ବ୍ରାହ୍ମଣମାନେ ପୂଜା କରୁଛନ୍ତି।

ବହଳଦା,୧୧।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବହଳଦାର ପ୍ରସିଦ୍ଧ ଇନ୍ଦ୍ରଉତ୍ସବ ମଙ୍ଗଳବାର ରାତିରେ ଆରମ୍ଭ ହୋଇଛି । ରାଜାରାଜୁଡା ସମୟରୁ ଆରମ୍ଭ ହୋଇଥିବା ଏହି ନିଆରା ଓ ସ୍ୱତନ୍ତ୍ର ଉତ୍ସବ ନିରବିଚ୍ଛିନ୍ନ ଭାବେ ଚାଲିଅସୁଛି। ଏହା ଆଉ କୈଣସିଠାରେ ଦେଖାଯାଏ ନାହିଁ । ରାଜବଂଶ ତଥା ସମଗ୍ର ମୟୂରଭଞ୍ଜ ଜିଲାର ଆରାଧ୍ୟ ଦେବୀ ମା' କିଚକେଶ୍ୱରୀଙ୍କର ଶାରଦୀୟ ଦୁର୍ଗାପୂଜାର ଏହା ଆଦ୍ୟଉତ୍ସବ। ସପ୍ତପୁରୀ ଅମାବାସ୍ୟା ସନ୍ଧ୍ୟାରେ ମା'ଙ୍କ ପାଖରେ କାକରାଭୋଗ ଲାଗିବା ପରେ ତା'ପରଦିନ ରାଜପୁରୋହିତ ଅଶୋକ କୁମାର ସାମନ୍ତରାୟଙ୍କ ମାର୍ଗଦର୍ଶନରେ ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ କୁଲଡିହା ଜଙ୍ଗଲରୁ ପାରମ୍ପରିକ ପୂଜାର୍ଚ୍ଚନା ପରେ ଏକ ସୁଉଚ୍ଚ ଶାଳଗଛ ସଂଗ୍ରହ କରାଯାଇଥିଲା। ଏକାଦଶୀ ତିଥିରେ ଇନ୍ଦପଡ଼ିଆରେ ଉକ୍ତ ଶାଳଗଛ ଅଗରେ ବାଉଁଶରେ ନିର୍ମିତ ଏକ ଛତ୍ର ବା ଛତା ବନ୍ଧାଯାଏ। ସେଦିନକୁ ସ୍ଥାନୀୟ ଲୋକ ଅଧାର୍ସଗୀ କୁହନ୍ତି। ପବିତ୍ର ସୁନିଆ ଦିନ ସନ୍ଧ୍ୟାରେ ମା'ଙ୍କ ମନ୍ଦିରରୁ ପୂଜା କରାଯାଇ ତାଙ୍କ ପ୍ରତୀକ ସ୍ୱରୂପ ବାଉଁଶ ଦଣ୍ଡକୁ କଳାଶାଢ଼ୀରେ ଆବୃତ କରି ରାଜପୁରୋହିତ, ମନ୍ଦିର ପୂଜକ, ମନ୍ଦିରର ଦୁର୍ଗାପୂଜା ପାଇଁ ବରଣି ବ୍ରାହ୍ମଣ ସମେତ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ବାଜାରୋଷଣୀ ଓ ପଟୁଆରରେ ଇନ୍ଦପଡିଆ ଯାଇଥିଲେ। ସେଠାରେ ମା'ଙ୍କ ପ୍ରତୀକ ଦଣ୍ଡ, ଐରାବତ ହସ୍ତୀ ଉପରେ ବିରାଜମାନ ଦେବରାଜ ଇନ୍ଦ୍ରଙ୍କ ମୃଣ୍ମୟ ମୂର୍ତ୍ତି, ଚାରିଦିଗର ଦେବତାମାନଙ୍କୁ ପୂଜାପରେ ପୂର୍ବରୁ ପ୍ରସ୍ତୁତ ଛତ୍ରକୁ ଉପସ୍ଥିତ ଶ୍ରଦ୍ଧାଳୁମାନେ ହୁଳହୁଳି, ଶଙ୍ଖଘଣ୍ଟା ଶବ୍ଦ ଭିତରେ ମୋଟା ଦଉଡି ଦ୍ୱାରା ଟାଣି ଦଣ୍ଡାୟମାନ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା। ଅଖପାଖର ହଜାର ହଜାର ସଂଖ୍ୟକ ମହିଳା ଶିଶୁ ପଡିଆରେ ଉପସ୍ଥିତ ରହି ଛତ୍ରକୁ ମୁଣ୍ଡିଆ ମାରୁଥିବା ଦେଖାଯାଇଥିଲା। କଥିତ ଅଛି ଯେ, ସ୍ୱାଭାବିକ ବର୍ଷା ଓ ଭଲ ଫସଲ ଅମଳ ପାଇଁ ଦେବରାଜ ଇନ୍ଦ୍ରଙ୍କୁ କୃତଜ୍ଞତା ଜଣାଇବା ସକାଶେ ଏହି ପୂଜା କରାଯାଏ । ପୂର୍ବରୁ ମାସାଧିକ କାଳ ଏହି ମେଳା ଲାଗୁଥିବା ବେଳେ ବର୍ତ୍ତମାନ ଏହା ସୀମିତ ହୋଇଯାଇଛି । ଏହି ଲୋକପର୍ବ ଅନ୍ୟତ୍ର ଦେଖାଯାଏ ନାହିଁ ତେଣୁ ପ୍ରଶାସନ ଏହାର ବ୍ୟାପକ ପ୍ରଚାର ଓ ରକ୍ଷଣାବେକ୍ଷଣ ପାଇଁ ଦୃଷ୍ଟି ଦେବା ଆବଶ୍ୟକ ।

# ଉଦଳା ମହାବିଦ୍ୟାଳୟ ଇଂଲିଶ ବିଭାଗରେ ସେମିନାର

ଉଦଳା,୧୧।୯(ଡି.ଏନ୍.ଏ.)

ଉଦଳା ମହାବିଦ୍ୟାଳୟର ଇଂଲିଶ ବିଭାଗ ପକ୍ଷରୁ ବୁଧବାର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ରାମେଶ୍ୱର ପ୍ରଧାନ ଏହି ଆଲୋଚନାଚକ୍ରରେ ଯୋଗଦେଇ ଇଂଲିଶ ବିଷୟ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଛାତ୍ରୀଛାତ୍ରମାନଙ୍କୁ ଇଂଲିଶ ସାହିତ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଯତୀନ କୁମାର ମହାକୁଡ, ଅଧ୍ୟାପକ ରେହେନା ସୁଲତାନା, ମଧୁସ୍ମିତା ସିଂ ଉକ୍ତ ମଧ ଆଲୋଚନା କରିଥିଲେ । ଛାତ୍ରୀ ମଧୁସ୍ମିତା ବେହେରା, ଶ୍ୱେତପଦ୍ମା ଦାଶ, ଛାତ୍ର ମନୋରଞ୍ଜନ ରାଉଳ, ଦିବ୍ୟଜ୍ୟୋତି ବେହେରା ପ୍ରମୁଖ ଏହି ସେମିନାରରେ ଦାୟିତ୍ୱ ସମ୍ପାଦନ କରିଥିଲେ।




ଉଦଳା ମହାବିଦ୍ୟାଳୟର ଇଂଲିଶ ବିଭାଗ ସେମିନାରରେ ଯୋଗ ଦେଇଥିବା ଅଧ୍ୟାପକ ଓ ଛାତ୍ରୀଛାତ୍ର।

# ମୁଣ୍ଡାରୀବାନି ବିଦ୍ୟାଳୟ ଉଦ୍‌ଘାଟିତ

ବାରିପଦା ଅଫିସ,୧୧।୯

ବାରିପଦା ବ୍ଲକ ଅନ୍ତର୍ଗତ ଛେନାଧୁଆ କଇଁଫୁଲିଆ ଗ୍ରାମସ୍ଥିତ ମୁଣ୍ଡାରୀବାନି ବିଦ୍ୟାଳୟକୁ ସାରସକଣା ପୂର୍ବତନ ବିଧାୟକ ଭାଦବ ଚନ୍ଦ୍ର ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ବିର୍ସା ମୈଦାନରେ ନନ୍ଦଲାଲ ସିଂହଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାରତମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂହ ତାଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ ମୁଣ୍ଡାରୀ ଭାଷା ଓ ମୁଣ୍ଡାରୀବାନିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଦାବି କରିଥିଲେ। ମୁଣ୍ଡାରୀବାନିର ପ୍ରଚାର ଓ ପ୍ରସାର ପାଇଁ ବିର୍ସାମୁଣ୍ଡା ସ୍ମୃତି କମିଟିର ସଭାପତି ରାଜେନ୍ଦ୍ରନାଥ ସିଂହ, ସରପଞ୍ଚ ଫକୀରଚରଣ ସିଂ, ଦୁଇ ୱାର୍ଡମେମ୍ବର ଶ୍ୟାମଚରଣ ସିଂ, ପର୍ଶୁରାମ ସିଂ, ସ୍କୁଲ ସେକ୍ରେଟାରୀ ସୁଶାନ୍ତ କୁମାର ସିଂ, ରୋହିଦାସ ସିଂ, ସନାମଣି ସିଂ ପ୍ରମୁଖଙ୍କ ଉଦ୍ୟମରେ ଗଠିତ ଏହି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ସିଂହ ପରାମର୍ଶ ଦେଇଥିଲେ । ମୁଣ୍ଡାରୀ ଭାଷା ଓ ସଂସ୍କୃତିର ସୁରକ୍ଷା ତଥା ନାରୀ ଶିକ୍ଷା ଓ ନିଶା ନିବାରଣ ଉପରେ ସହଯୋଗ କରିବା ପାଇଁ ମୁଖ୍ୟବକ୍ତା ଭାରତମୁଣ୍ଡା ସମାଜର ସଭାପତି ରବୀନ୍ଦ୍ରନାଥ ସିଂହଙ୍କ ସମେତ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ଉପଦେଷ୍ଟା ମନୋଜ କୁମାର ମୁଣ୍ଡା, କୋଷାଧ୍ୟକ୍ଷ ବାଇଧର ସିଂ, ସହଦେବ ସିଂ, ରାମେଶ୍ୱର ସିଂ, ଗୁରୁଚରଣ ସିଂ, ମନୋରଞ୍ଜନ ସିଂ, ଡାକ୍ତର ମହେନ୍ଦ୍ରନାଥ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ରାଜେନ୍ଦ୍ର ନାଥ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଲକ୍ଷ୍ୟ ସ୍ଥିର କରି ପ୍ରଚେଷ୍ଟା କଲେ ସଫଳତା ମିଳେ'




ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି।

କପ୍ତିପଦା,୧୧।୯(ଡି.ଏନ୍.ଏ.)-

କପ୍ତିପଦା ବ୍ଲକ୍ ନୁଦୁଡିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫକୀର ଚରଣ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଦିଲ୍ଲୀପ କୁମାର ଦୀକ୍ଷିତ, ମୁଖ୍ୟ ବକ୍ତା ଭାବେ ଔପଦା ମହାବିଦ୍ୟାଳୟର ପୂର୍ବତନ ଅଧ ଡ.ଶ୍ୟାମସୁନ୍ଦର ପଣ୍ଡା, ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଶିକ୍ଷାଦାନ ଅଧିକାରୀ ପ୍ରମୋଦ କୁମାର ରାଉତ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନେ ନିଷ୍ଠାର ସହିତ ପାଠ ପଢିବା ସହିତ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ଲକ୍ଷ୍ୟ ସ୍ଥିର କରି ପ୍ରଚେଷ୍ଟା ଜାରି ରଖିଲେ ସଫଳତା ନିଶ୍ଚୟ ମିଳେ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ନିରଞ୍ଜନ ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡାଙ୍କ ସଂଯୋଜନାରେ ସଂଗୀତ ଗାନ କରାଯାଇଥିଲା । ଅଧ୍ୟାପକ ଡ. କମଳାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।


## DIRECTORATE OF MEDICAL EDUCATION & TRAINING ODISHA

**Request for Proposal on Integration of Ambulance Services for Golden Hour Management**

**No. 12288 Dt. 07.09.2019**

**No.316-E:-** Proposals are hereby invited from reputed agencies for Integration of Ambulance Services for Golden Hour Management. The prospective agencies are to submit the proposal in the prescribed format so as to reach the undersigned on or before 23.09.2019 through speed post/ registered post/ courier. The details of the terms and conditions of the RFP and the forms & annexures are available in the website of DMET, Odisha i.e. **www.dmetodisha.gov.in** in the news and event section.

10016/11/0025/1920 **Sd./- Jt. DMET, Odisha**

## ODISHA SPACE APPLICATIONS CENTRE (ORSAC)

Department of Science & Technology, Government of Odisha
Plot no. 45/48, Jayadev Vihar, Near Gopabandhu Academy of Administration
Unit-16, Bhubaneswar

**ORSAC RFP No. 10 / 2019**

No.CAD-375 :-

**RFP (TENDER) FOR SELECTION OF TECHNICAL PARTNER FOR SUPPORT SERVICE TO EXECUTE PART OF PROJECT UNDER Odisha Road Geo-Spatial DSS**

Odisha Space Applications Centre (ORSAC) invites sealed bids from eligible technical partners for selection for support service to execute part of project under Odisha.

Experienced and established firms are invited to submit their RFP in the prescribed formats. The complete RFP document can be downloaded from the following websites. www. orsac.gov.in and www.odisha.gov.in.

28007/11/0008/1920 **Chief Executive**

## OFFICE OF THE NOTIFIED AREA COUNCIL, BINKA

**Dist.-Subarnapur, Pin-767019**
**E-mail id - nacbinka@gmail.com, Phone/Fax : 06654-241113**
**E-Tender Call Notice No.1368 /10.09.2019**

**Tender Reference No.BINKA-NAC-02/2019-20**

Bid Documents consisting of work, Estimated Cost, Cost of Tender Paper, EMD. Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

| | | |
|---|---|---|
| 1 | Type of the work | Civil work |
| 2 | No. of works | 01 No. |
| 3 | Estimated Cost | As per DTCN |
| 4 | Period of Completion | As per DTCN |
| 5 | Date & Time of Bidding from | Dtd : 12.09.2019 after 10.00 A.M. |
| 6 | Last date & time for receipt online | Dtd : 18.09.2019 upto 05.00 P.M. |
| 7. | Documents will be received by Post/ Tender Box available in the O/o Executive Officer on or before: | Dtd : 19.09.2019 upto 05.30 P.M. |
| 8 | Bids received shall be opened on | Dtd : 20.09.2019 at 10.00 A.M. |
| 9 | Name and address of the Officer inviting Bid | **Executive Officer, Binka N.A.C** |

Further details can be seen from the procurement portal i.e. **www.tendersorissa.gov.in**

**Sd./- Executive Officer**
**Notified Area Council, Binka**

## NOTICE INVITING E-TENDERS

CENTRE FOR MODERNIZING GOVERNMENT INITIATIVE (CMGI)

**Tender Enquiry No.: CMGI/PCU/ DR-HRMS/2018/581/1068, Dt. 07.09.2019**

**No.CAD-376:-** e – Tenders through Odisha Tenders Portal (https://tendersodisha.gov.in) are invited for procurement of Disaster Recovery (DR) Site for HRMS and other projects of CMGI.

Tender Documents can be downloaded from CMGI website **(www.cmgi.org.in)** and Odisha e-Tenders Portal **(https://tendersodisha.gov.in)**.

The authority reserves the right to reject any or all the tenders without assigning any reason thereof.

The last date of submission of the e -Tender in Odisha e – Tender Portal **(https://tendersodisha.gov.in)** is 09.10.2019.

Executive Director, Centre for Modernizing Government Initiative (CMGI) 1ST floor, A-2, Toshalibhawan, Satya Nagar, Bhubaneswar, Odisha

**09008/11/0001/1920** **Executive Director**

See Career Appointment on every Wednesday & Saturday

## ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବଡ଼ମ୍ବା

**ନୋଟିସ ସଂଖ୍ୟା.୫୭୮** **ସାଧାରଣ ନୋଟିସ** **ତାରିଖ: ୧୦।୦୯।୨୦୧୯**

ବଡମ୍ବା ବ୍ଲକ ଅନ୍ତର୍ଗତ କଦନା ଅଙ୍ଗନବାଡି କେନ୍ଦ୍ରର ସାହାଯ୍ୟକାରିଣୀ ଶ୍ରୀମତୀ ଶାନ୍ତିଲତା ପରିଡା, ସ୍ୱା: ଗୋବର୍ଦ୍ଧନ ପରିଡା, ସା-କଦନା, ପୋଷ୍ଟ-କଙ୍କଡାଯୋଡି, ଥାନା-ବଡମ୍ବା, ଜିଲ୍ଲା-କଟକ, ତା-୦୭।୦୫।୨୦୧୯ରୁ ଅଦ୍ୟାବଧି କଦନା ଅଙ୍ଗନବାଡି କେନ୍ଦ୍ରରେ ଅନୁପସ୍ଥିତ ଅଛନ୍ତି। ଏଣୁ ଏତଦ୍ୱାରା ଜଣାଇ ଦିଆଗଲା ଯେ, ଏହି ନୋଟିସ ଜାରି ହେବାର ୭ ଦିନ ମଧ୍ୟରେ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଯୋଗଦାନ କରିବେ। ନଚେତ ଆପଣଙ୍କୁ କଦନା ଅଙ୍ଗନବାଡି କେନ୍ଦ୍ରର ସାହାଯ୍ୟକାରିଣୀ ପଦବୀରୁ ବହିସ୍କୃତ କରାଯିବ।

**ସ୍ୱା./-ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବଡ଼ମ୍ବା, କଟକ**

## ODISHA HYDRO POWER CORPORATION LTD.

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At / P.O.: BARINIPUT; DIST.: KORAPUT – 764006
PHONE: - (06854) 242001 FAX: - (06854) 242038
e-mail: sgmel_ukhep@ohpcltd.com
CIN No. U40101OR1995SGC003963 CAD-378

**1ST CORRIGENDUM TO TENDER CALL NOTICE NO. 09/2019-20 DATED: 19.08.2019**

Name of Work:- "Supply of 11KV Line Materials to UKHEP, Bariniput.

The last date of Sale, Receipt and Opening of Tender Paper against this office Tender Call Notice No. 09/2019-20 Dated: 19.08.2019 are hereby extended and re-scheduled as follows:-

(1) Sale of tender paper : From dtd. 18.09.2019 to 13:00 Hrs. of 27.09.2019
(2) Last Date & Time of Receipt of Tender Paper. : Up to 16:00 Hrs. of Dated: 27.09.2019
(3) Date & Time of Opening of Tender. : At 16:30 Hrs. of Dated: 27.09.2019

All other terms & conditions of the Tender remain unchanged.

For details of the Tender documents, Terms & Conditions and down loading please refer our Web site: www.ohpcltd.com.

C & P Head,
Upper Kolab HEP, OHPC Limited,
Bariniput

04002/11/0021/1920

## GOVERNMENT OF ODISHA OFFICE OF THE EXECUTIVE ENGINEER, P.H. DIVISION, SAMBALPUR

**Phone No. : (0663)-2412135, Fax No. : (0663) 2412335**
**Email ID : eephdsbp@gmail.com, eephsbp@nic.in**
**NOTICE INVITING TENDERS** No.179-C

**NATIONAL COMPETITIVE BIDDING THROUGH e-Procurement**

**Bid Identification No. EEPHSBP-07/2019-20 Dt. 06.09.2019**

| | | |
|---|---|---|
| 01. | No. of the Work | 1 No. Work. |
| 02. | Type of Bid. | Single Bid System |
| 03. | Estimated Cost | Rs. 6.15 lakhs |
| 04. | Period of Completion | 60 (Sixty) days . |
| 05. | Date & Time of availability of bid document in the portal | From 11.00 AM of dt. 16.09.2019 to 5.00 PM of 27.09.2019 |
| 06. | Last date / time of receipt of bids in the portal | 5.00 PM of 27.09.2019. |
| 07. | Date & Time of opening of technical bids | At 11.30 AM of 30.09.2019. |
| 08. | Name and Address of the Officer Inviting Bid | **Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist-Sambalpur-768 001.** |

Further details can be seen from the website **http://tenders.ori.nic.in** or **www.tendersorissa.gov.in**

**Sd./- Executive Engineer**
**P.H. Division, Sambalpur**

**13026/11/0008/1920**

## ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
## OFFICE OF THE DISTRICT ELECTION OFFICER & COLLECTOR, MALKANGIRI

**No. 2021/ VII-6/2019** **Dated the 11th September 2019**

NOTICE INVITING SEALED TENDER (RPF) FOR PREPARATION OF PHOTO ELECTORAL ROLL & ELECTORS PHOTO IDENTITY CARD

The District Election Officer & Collector, Malkangiri proposes to select one Computer Firm for the Special Summary Revision of Photo Electoral Roll and preparation of Electoral Photo Identity Cards (EPIC) for Malkangiri Sub-Division.

Sealed Tender for Request for Proposals (RFP) are invited by Speed / Registered Post only from eligible Computer Firm (s). The last date for submission of RFP is 26.09.2019 latest by 5.00 PM.

For details and downloading the documents please visit the district website at **www.malkangiri.nic.in.** The undersigned reserves the right to accept or reject any or all the tenders without assigning any reason thereof.

**Sd./- District Election Officer & Collector, Malkangiri**

## NATIONAL INSTITUTE OF FASHION TECHNOLOGY, BHUBANESWAR

(Ministry of Textile, Govt. of India)
NIFT Campus, IDCO Plot No.24, Opposite KIIT School of Management, Chandaka Industrial Estate, Patia, Bhubaneswar-751024,
Ph: 0674-2305700 Fax : 2305710, Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for "Hiring of Vehicles for office use, last date of receipt of e-tender is **03.10.2019 till 2 PM. Details available in e-tender portal and NIFT website https://niftetenders.eproc.in/ http://www.nift.ac.in**

**Director**

## OFFICE OF THE MUNICIPAL COUNCIL, BELPAHAR

**Tel.: 06645-250458, Fax: 06645-250236, E-mail: nacbelpahar@gmail.com**

**"e" PROCUREMENT NOTICE**
**BID REFERENCE NO.- EO/BPHM/02/19-20**
**BID IDENTIFICATION NO.- 2019_ORULB_56183**
**TENDER CALL NOTICE NO.- 2480, DT. 10.09.2019**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

| | | |
|---|---|---|
| Name of the Work | : | Construction of 5 TPD capacity Micro Composting Centre (MCC) at Kadupada under Belpahar Municipality |
| No. of Works | : | 01 No. |
| Estimated Cost | : | Rs.54,48,000.00 |
| Period of Completion | : | 3 (Three) Calendar Months |
| Date & Time of availability of the bid documents in the portal | : | From Dt.12.09.2019 at 10.00 A.M. to Dt.23.09.2019 upto 5.00 P.M. |
| Last date/time for receipt of bids in the portal | : | Dt.23.09.2019 upto 05.00 P.M. |
| Submission of Original Financial documents (Bid cost & EMD) by Regd. Post/Speed Post | : | From Dt.24.09.2019 to 30.09.2019 during office hours on working days. |
| Bids received online shall be opened on | : | 11.00 A.M. and onwards on Dt.01.10.2019 |
| Name & address of the officer inviting Bid | : | Executive Officer, Belpahar Municipality |

Further the details can be seen from the procurement portal: **www.tendersorissa.gov.in**. If any addendum/corrigendum/cancellation of tender shall be publish in the above website only.

**Sd./- Executive Officer, Belpahar Municipality**

## ODISHA HYDRO POWER CORPORATION LTD.,

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

**No. HHEP/PUR-112/ 6544** **Date : 10.09.2019** CAD-377

**NOTICE INVITING TENDER NO HHEP-50/2019**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed suppliers for supply of the following materials as mentioned below

| Sl. No. | Description of services | Cost of tender paper (non-refundable) in Rs. | EMD in shape of DD/ BC only (Refundable) in Rs. |
|---|---|---|---|
| 1 | 2 | 3 | 4 |
| 1 | Supply of stationary items and printing of foms (as per sample) for HHEP, Burla, OHPC Ltd. | Rs. 2360/- (Rs. 2000/- + GST @ 18%) | 2213.00 |

- Period of availability of tender: at OHPC website **From dtd. 17.09.2019 to dtd. 26.09.2019**
- Last date & Time of receipt of tender : **Dtd 27.09.2019 upto 01.00PM**
- Date & Time of opening of Techno Commercial bid: **Dt 27.09.2019 at 04.00 PM**

Further details of the tender documents / terms & conditions / corrigendum / errata / addendum if any will only be obtained from our official website www.ohpcltd.com.

**Sd/-**
**C&P Head, HHEP, Burla**

**04007/11/0024/1920**

# ନୂଆ ରାସ୍ତା ଏବେ ବିପଦସଙ୍କୁଳ

**କେନ୍ଦୁଝର, ୧୧।୯ (ସ୍ୱ.ପ୍ର.)**

- ନିମ୍ନମାନର କାମ ଯୋଗୁ ଗାର୍ଡୱାଲ ଫାଟିଗଲାଣି
- ନିଆଯାଉନି ପଦକ୍ଷେପ

ବାଂଶପାଳ ବ୍ଲକର ମୁଖ୍ୟସଡକ ଯୋଜନାରେ ସିଂହଡିହି ଠାରୁ କାଦଡିହା ରାସ୍ତା ନିର୍ମାଣ ଚାଲିଥିବା ବେଳେ ଏହି ରାସ୍ତାରେ ନିର୍ମାଣ ହୋଇଥିବା ପୋଲ କାମର ମାନକୁ ନେଇ ସ୍ଥାନୀୟ ଲୋକ ମାନେ ପ୍ରଶ୍ନ ଉଠାଇଛନ୍ତି। ଏହି ପୋଲର ଆପ୍ରୋଚ ରାସ୍ତାର ଗାର୍ଡୱାଲ କମ ଉଚ୍ଚତାରେ ଥିବାରୁ ବାହାର ପାଣି ଓ ମାଟି ରାସ୍ତା ଉପରେ ପଡୁଛି । ପାଣି ଗଡି ପୋଲ ଉପରକୁ ତଳକୁ ଗଡି ଯାଉଥିବାରୁ ରାସ୍ତା ଓ ପୋଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହୁଛି। ମାଟି ପଡି ରାସ୍ତା ଓ ପୋଲ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ନୂଆ ତିଆରି ହୋଇଥିବା ଗାର୍ଡ ୱାଲ ନିମ୍ନମାନର କାମ ହୋଇ ଥିବାରୁ ଫାଟି ଗଲାଣି। ସେହିପରି ପୋଲର ଗୋଟିଏ ପାର୍ଶ୍ୱ ଖୋଲା ଥିବାରୁ ଯାତାୟାତ କରୁଥିବା ଗାଡି ଓ ଲୋକ ପୋଲ ତଳକୁ ଖସିପଡିବା ଆଶଙ୍କା ରହୁଛି। ସେହିପରି ରାସ୍ତାରେ ଡ୍ରେନ ନ ଥିବାରୁ ଏବଂ ରାସ୍ତା ସାଇଡ ଠିକ ଭାବରେ ରୋଲିଂ ହୋଇନଥିବାରୁ ମୋରମ/ମାଟି ଦବିଯାଇ ଦୁର୍ବଳ ଅବସ୍ଥାରେ ରହିଛି। ଏନେଇ କନିଷ୍ଠ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ଦୋଳଗୋବିନ୍ଦ ମହାରଣାଙ୍କୁ ପଚାରିବାରୁ କମ ଅର୍ଥ ବରାଦ ଯୋଗୁ ପୋଲର ସାଇଡ କାମ ହୋଇ ପାରିନାହିଁ। କାମର ବିଲ ପୈଠ ହୋଇନାହିଁ। କାମର ମାନ ଦେଖିବା ପରେ ବିଲ ପୈଠ ହେବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ପଛୁଆ ବାଂଶପାଳ ବ୍ଲକ ହେଉଛି କେତେକ ବିଭାଗ ପାଇଁ ଦୁର୍ନୀତିର ଗନ୍ତାଘର। ଏହି ବ୍ଲକ ତଥା ଆଦିବାସୀଙ୍କ ବିକାଶ ପାଇଁ ପାଣି ବୋହିବା ଭଳି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ରାସ୍ତାଘାଟ, ଓ ଲୋକଙ୍କ ଅବସ୍ଥା ଦେଖିଲେ ଦୁର୍ନୀତି ଗନ୍ଧ ବେଶ ବାରି ହେଉଛି । ଏହି ବ୍ଲକରେ କେତେକ ନିର୍ଦ୍ଦିଷ୍ଟ ଠିକାଦାର ଓ ଠିକାସଂସ୍ଥା ବିଭିନ୍ନ ବିଭାଗର ହାତବାରିଶୀ ସାଜି କୋଟି କୋଟି ଟଙ୍କାର କାମ କରିଆସୁଥିବା ବେଳେ ସେସବୁର ତଦାରଖ ଠିକ ଭାବରେ କରାଯାଉନଥିବାରୁ ବ୍ୟାପକ ଦୁର୍ନୀତି ହେଉଛି। ନିମ୍ନମାନର କାମ କରିବା କାମ ନ ହୋଇ ବିଲ କରାଯାଉଥିବାରୁ ଅସନ୍ତୋଷ ବଢୁଛି। କାମ ନ କରି ସ୍ପେଶାଲ ମରାମତି ନାମରେ ନିର୍ବାଚନ ସମୟରେ କୋଟି କୋଟି ଟଙ୍କା ନିର୍ଦ୍ଦିଷ୍ଟ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ଦେଇ କାମ କରାଯାଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏସବୁ କାମର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଇବାକୁ ଦାବି ହେଉଛି।

## ସଂକ୍ଷେପରେ

### ଅଟୋ- ବାଇକ୍ ଧକ୍କା: ୪ ଗୁରୁତର

**ଆନନ୍ଦପୁର,୧୧।୯(ସ୍ୱ.ପ୍ର.)**- ଆନନ୍ଦପୁର ୧୩ ନଂ ଓ୍ୱାର୍ଡ଼ ସୁଡୁସୁଡିଆ ରାସ୍ତାରେ ବାଇକ୍ ଓ ଅଟୋ ମୁହାଁମୁହିଁ ହେବା ଫଳରେ ୪ ଜଣ ଗୁରୁତର ହେବା ସହିତ ଦୁଇ ଜଣ ଆହତ ହୋଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅଟୋଟି ଆନନ୍ଦପୁରରୁ ୪ ଜଣ ଯାତ୍ରୀ ଧରି ଶାଳଡା ବାଇପାସ୍ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ସମ୍ମୁଖରୁ ଧକ୍କା ହୋଇଥିଲା। ବାଇକ୍‌ରେ କାଲୁପଡା ଅଞ୍ଚଳର ସସ୍ମିତା ନାଥ ଓ ଉଲ୍ଲାସ ନାଥ ରହିଥିବାବେଳେ ସସ୍ମିତା ଗୁରୁତର ଆହତ ହୋଇଛନ୍ତି। ସେହିଭଳି ଅଟୋଟିରେ ବାଉଁଶନାଳି ଅଞ୍ଚଳର ପାଣ୍ଡବ ଜେନା, ବିଦୁ ଜେନା, ପାର୍ବତୀ ଜେନା, ସାବିତ୍ରୀ ଜେନା ଥିବାବେଳେ ସାବିତ୍ରୀଙ୍କୁ ଛାଡିଦେଇ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ୬ ଜଣ ଆହତ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ଜଙ୍ଗଲକୁ ପଶିଲେ ଦୁଇ ଦନ୍ତା ହାତୀ

**ହାଟଡିହୀ,୧୧।୯(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ ହସ୍ତୀ ଅଭୟାରଣ୍ୟରେ ଦୁଇଟି ଦନ୍ତା ହାତୀ ପ୍ରାୟ ତିନି ମାସ ହେବ ଉତ୍ପାତ ଚଳାଇଥିଲେ। ଦନ୍ତାଙ୍କ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ବି ଘଟିଥିଲା। ଏହି ଦୁଇ ଦନ୍ତା ଶିମିଳିପାଳ ଜଙ୍ଗଲରୁ ବାଟହୁଡି ପଳାଇ ଆସିଥିଲେ। ଏଥିସହ ଆଖପାଖ ଅଞ୍ଚଳରେ ଦନ୍ତା ଫସଲ ନଷ୍ଟ କରିଥିବାବେଳେ ଘର ଦ୍ୱାର ଭାଙ୍ଗି ପକାଇଥିଲା। ଆନନ୍ଦପୁର ଡିଏଫଓ ଅଜିତ୍ ଶତପଥୀଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀମାନେ ହାତୀକୁ ସଦା ସର୍ବଦା ଜଗିଥିବାବେଳେ ହାତୀ ଘଉଡ଼ାଇବାରେ ବି ନିୟୋଜିତ ଥିଲେ। ଇତି ମଧ୍ୟରେ ଦୁଇ ଦନ୍ତାଙ୍କ ମଧ୍ୟରୁ ଗୋଟିଏ ଦନ୍ତା ମୟୂରଭଞ୍ଜ -ବାଲେଶ୍ୱର ଆଡକୁ ଚାଲିଯାଇଥିବା ହଦଗଡ ରେଞ୍ଜର ସୁରେନ୍ଦ୍ର ନାଥ ହେମ୍ବ୍ରମ୍ କହିଛନ୍ତି। ଅନ୍ୟ ଦନ୍ତାଟି ମଝିରେ ମଝିରେ ବାହାରକୁ ବାହାରୁଥିବା ସୂଚନା ଦିଆଯାଇଛି। ତେଣୁ ବନ କର୍ମଚାରୀମାନେ ଉକ୍ତ ଦନ୍ତାକୁ ନଜର ରଖିଛନ୍ତି।

### କାନ୍ଥ ପଡ଼ି ଜଣେ ଗୁରୁତର

**ତେଲକୋଇ, ୧୧।୯(ଡି.ଏନ.ଏ.)**- ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗି ପଞ୍ଚାୟତ ସରେଇ ଗ୍ରାମରେ କାନ୍ଥପଡି ପୁରୁଷୋତ୍ତମ ପ୍ରଧାନ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ଅନୁଯାୟୀ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବୁଧବାର ସକାଳ ସମୟରେ ନିଜ ଘର ପିଣ୍ଡାରେ ବସିଥିବାବେଳେ ଘରର ମାଟି କାନ୍ଥ ଭୁଶୁଡ଼ି ପଡିଥିଲା। ହାତ ଓ ଗୋଡରେ ଗୁରୁତର ଆଘାତ ଲାଗିଥିଲେ ହେଁ ଚିକିତ୍ସା ପରେ ଡାକ୍ତର ବିପଦ ମୁକ୍ତ ଥିବା କହିଛନ୍ତି ।

### ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସଚେତନତା

**ଯୋଡ଼ା ୧୧।୯ (ଡି.ଏନ.ଏ.)**- କେନ୍ଦୁଝର ଜିଲା ଯୋଡା ପୌରପାଳିକା ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ ଘଣ୍ଟିକାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ ଏକ କର୍ମଶାଳା ବୈଠକ ପୌରପାଳିକାର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢଯୋଶୀ, ଯୋଡା ପୌରପାଳିକା ପରିମଳ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, ପୌରପାଳିକା ଅଧିକାରୀ ତ୍ରିବେଣୀ ସାହୁ, ସୁପ୍ରଭା ପାଣିଗ୍ରାହୀ ଓ ଯୋଡା ପୌରପାଳିକାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ । ପୌରପାଳିକାର ବିଭିନ୍ନ ସ୍ଥାନରେ ଥିବା ସମୂହ ଶୌଚାଳୟ ଗୁଡିକର ସଠିକ ରକ୍ଷଣାବେକ୍ଷଣ ଅଭାବରୁ ଏହି ଶୌଚାଳୟ ଗୁଡିକ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ଏଣୁ ଏହାକୁ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରାଇବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ନିଜେ କିଭଳି ଏହାର ରକ୍ଷାଣବେକ୍ଷଣ କରିବେ ଏହାର ପ୍ରଶିକ୍ଷଣ ଦିଆଯାଇଥିଲା । ଯୋଡା ସହରର ପ୍ରତି ୱାର୍ଡରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ପ୍ରତି ଘରକୁ ଯାଇ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ କିପରି ଅଲଗା କରି ପୌରପାଳିକା ଡଷ୍ଟବିନ୍ ଗାଡିରେ ଦେବେ ସେନେଇ ଲୋକଙ୍କୁ ସଚେତନ କରାଇବା ଉପରେ ଆଲୋଚନା କରାଯାଇଥିଲା । ମାଇକ୍ରୋ କମ୍ପୋଷ୍ଟିଂ କାରଖାନା ହେବା ପରେ ସ୍ୱୟଂ ସହାୟକ ଗୋଷ୍ଠୀ ସେଥିରୁ ଆର୍ଥିକ ଲାଭ ପାଇପାରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପାଢଯୋଶୀ କହିଥିଲେ।

## ସୁଧୁରୁନି ରାସ୍ତା ଦୁରବସ୍ଥା

# ପ୍ରଶାସନକୁ ଘେରିଲେ ମହିଳା



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳା ।

**ଆନନ୍ଦପୁର,୧୧।୯(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ୧୩ନଂ ୱାର୍ଡ ଜଅଁରା ମଧ ଦେଇ ଯାଇଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଜଅଁରାବାସୀ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ସମ୍ପୃକ୍ତ ରାସ୍ତାର ମରାମତି କରା ନ ଗଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ମାତ୍ର ବର୍ଷକ ତଳେ ସଂପୃକ୍ତ ରାସ୍ତା ନୂଆ ଭାବେ ନିର୍ମାଣ କରାଯାଇଥିବାବେଳେ ଏହା ଠିକ୍ ଭାବେ ନିର୍ମାଣ କରାଯାଇ ନ ଥିବା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନ ଥିବାରୁ ବର୍ଷା ଦିନେ ଜଳରେ ବୁଡି ରହିବା ଫଳରେ ରାସ୍ତାର ଅବସ୍ଥା ଧୀରେ ଧୀରେ ଶୋଚନୀୟ ହୋଇପଡିଲାଣି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହିତ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ରାସ୍ତା କଡରେ ପାଣି ଜମିରହି ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ଘଟଣାକୁ ନେଇ ଜଅଁରା ଗ୍ରାମର ମହିଳାମାନେ ବାରମ୍ବାର ପୌର କାର୍ଯ୍ୟାଳୟରେ ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରିନି। ଫଳରେ ମହିଳାମାନେ ବାଧ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଶୋଚନୀୟ ରାସ୍ତାର ଅବସ୍ଥାରେ ସୁଧାର ଅଣା ନ ଗଲେ ମହିଳାମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଦିଲ୍ଲୀରେ ଓଡ଼ିଆ ସ୍ୱେଚ୍ଛାସେବୀ ସମ୍ମାନିତ

**ହାଟଡିହୀ, ୧୧।୯(ଡି.ଏନ୍.ଏ.)**



ଚନ୍ଦ୍ରମୌଳୀ ମହାନ୍ତିଙ୍କୁ ସ୍ୱେଚ୍ଛାସେବୀ ଗ୍ରୁପ୍ ପାଇଁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ନାହା ଗ୍ରାମର ଶିକ୍ଷକ କୋଦଣ୍ଡଧର ମହାନ୍ତିଙ୍କ ପୁଅ ଚନ୍ଦ୍ରମୌଳୀ ଦିଲ୍ଲୀରେ ଯୁବ ଇଞ୍ଜିନିୟର୍ ଭାବେ କାର୍ଯ୍ୟକରନ୍ତି। ଏଥିସହ ସାମାଜିକ କାର୍ଯ୍ୟକୁ ସେ ବେଶ ଗୁରୁତ୍ୱ ଦେଇଥିବାବେଳେ ବିଭିନ୍ନ ଅଞ୍ଚଳର ବ୍ୟକ୍ତିଙ୍କୁ ନେଇ ସର୍ଭ ଫର୍ ପିପୁଲ ନାମରେ ଏକ ସ୍ୱେଚ୍ଛାସେବୀ ଗ୍ରୁପ ଗଠନ କରିଛନ୍ତି। ଗ୍ରୁପ ଜରିଆରେ ସମସ୍ତ ସଦସ୍ୟାସଦସ୍ୟ ଜିଲା ବ୍ୟତୀତ ବାହାର ଅଞ୍ଚଳରେ ବି ଅସହାୟ, ରୋଗାଗ୍ରସ୍ତ ଓ ଦୁଃଖୀ ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି। ସ୍ୱଚ୍ଛ ଭାରତ ଓ ସାମାଜିକ କାର୍ଯ୍ୟ ପାଇଁ ଉକ୍ତ ଗ୍ରୁପ ଦିଲ୍ଲୀରେ ସମ୍ମାନିତ ହୋଇଛି। ନୂଆଦିଲ୍ଲୀ ମ୍ୟୁନିସିପାଲିଟି କର୍ପୋରେସନ୍ କନଫରେନସ୍ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ଜିଏନଏନ ନିଉଜ, ଜଗତଜନନୀ ସେବା ସଂସ୍ଥା ଓ ଶାଖା ଫାଉଣ୍ଡେସନ ତରଫରୁ ଉକ୍ତ ବୈଠକ ଆୟୋଜିତ ହୋଇଥିଲା। ୬୦ରୁ ୭୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଜିଏନଏନ ନ୍ୟୁଜର ପ୍ରତିଷ୍ଠାତା ଓମପାଲ ପ୍ରସାଦ, ଦିଲ୍ଲୀ ରଜୋରୀ ଗାର୍ଡେନ୍‌ର ଏସିପି କେ.ଏସ.ଏନ.ସୁବୁଧୀ, ଜଗତଜନନୀ ସେବା ସଂସ୍ଥାନର ପ୍ରତିଷ୍ଠାତା ରୁନା ଜୀ, ଉତ୍ତରପ୍ରଦେଶ ଆସ୍ଥା ଆଶ୍ରମର ଆସ୍ଥା ମା' ପ୍ରମୁଖ ଉପସ୍ଥିତ ରହି ସର୍ଭ ଫର ପିପୁଲକୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ସମ୍ମାନ ଗ୍ରୁପର ପ୍ରତିଷ୍ଠାତା ଚନ୍ଦ୍ରମୌଳୀ ଗ୍ରହଣ କରିଥିଲେ।

## ପୁଣି ଖଟିଆରେ ବୁହା ହେଲେ ରୋଗୀ

**କେନ୍ଦୁଝର, ୧୧।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଛଡାଡିହି ଗାଁକୁ ରାସ୍ତା ନ ଥିବାରୁ ୫ କି.ମି. ଖଟିଆରେ ବୁହା ହୋଇ ମେଡିକାଲକୁ ଗଲେ ମହିଳା ରୋଗୀ । ଗତ ମଙ୍ଗଳବାର ଛଡାଡିହି ଗାଁର ସୁରେଶ ମୁଣ୍ଡାଙ୍କ ପତ୍ନୀ ନାମସି ମୁଣ୍ଡା ହଠାତ ଅସୁସ୍ଥ ହୋଇପଡିଥିଲେ। ଗାଁ କୁ ସବୁଦିନିଆ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା । ଫଳରେ ବାଧ ହୋଇ ନାମସିକୁ ଏକ ଖଟିଆରେ ଗାଁ ଲୋକେ ୫ କି.ମି. ବୋହି ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାରମ୍ବାର ଏହିପରି ଘଟଣା ଘଟୁଛି। ନିୟମିତ ଭାବେ ଏହିପରି ଖଟିଆରେ ବୁହା ହୋଇ ମେଡିକାଲ ନିଆଯାଉଥିବା ଦେଖିବାକୁ ମିଳୁଛି । ଏ ନେଇ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ରାସ୍ତା ସମସ୍ୟାର ସମାଧାନ ହେଉନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବାଇକ୍‌କୁ ପିଟିଲା ଦଶଚକିଆ

# ଉଦ୍ୟାନ ବିଭାଗ କର୍ମଚାରୀଙ୍କ ମୃତ୍ୟୁ

**ଆନନ୍ଦପୁର, ୧୧।୯(ସ୍ୱ.ପ୍ର.)**

୨୦ ନଂ ଜାତୀୟ ରାଜପଥ ଶାଳପଡାଠାରେ ଏକ ଦଶଚକିଆ ଭାରିଯାନ ଗୋଟିଏ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବାଇକ ଆରୋହୀ ହେଉଛନ୍ତି କେନ୍ଦୁଝର ଜିଲା ସ୍ୱାମପାଟଣା ନିକଟ ପାତୁଳି ଗ୍ରାମର ସଦାନନ୍ଦ ମହାନ୍ତ(୫୩)। ସେ ଆନନ୍ଦପୁର ଉଦ୍ୟାନ ବିଭାଗ କର୍ମଚାରୀ ଭାବେ କାର୍ଯ୍ୟରତ ଅଛନ୍ତି। ବୁଧବାର ସଦାନନ୍ଦ ଶାଳପଡାଠାରେ ଥିବା ଏକ ମାଂସ ଦୋକାନରୁ ମାଂସ ନେଇ ନିଜ ଭଡାଘର ବାସଭବନକୁ ଯାଉଥିବା ସମୟରେ ଜାତୀୟ ରାଜପଥର ଶାଳପଡା ଠାରେ ଏକ ଦଶଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସେ ବାଇକରୁ ଘୋଷାରି ହୋଇ କିଛି ବାଟ ଯିବା ପରେ ନିକଟରେ ଥିବା ଡିଭାଇଡରେ ତାଙ୍କର ମୁଣ୍ଡ ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଘସିପୁରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଦଶଚକିଆର ପତ୍ତା ମିଳି ନ ଥିବା ଜଣାପଡିଛି। କର୍ମଚାରୀଙ୍କ ଏଭଳି ଦୁର୍ଘଟଣାକୁ ନେଇ ଉଦ୍ୟାନ ବିଭାଗର ଅନ୍ୟ କର୍ମଚାରୀମାନଙ୍କ ମହଲରେ ଗଭୀର ଶୋକପ୍ରକାଶ ପାଇଛି। ପୋଲିସ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କୁ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ସର୍ଭିସ୍ ରୋଡଗୁଡିକ ମରାମତି ହେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ କିଛି ସମୟ ପାଇଁ ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗିରହିଥିଲା।



ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

# ଟାଟା ଷ୍ଟିଲ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର





ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଯୋଡ଼ା, ୧୧।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ବାମେବାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଟାଟାଷ୍ଟିଲ ପକ୍ଷରୁ ଏକ ଦିନିକିଆ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରକୁ ଟାଟା ଷ୍ଟିଲ ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସର ମୁଖ୍ୟ ଅମିତ କୁମାର ଦୁବେ, ବାମେବାରୀ ମାଙ୍ଗାନିଜ୍ ମାଇନ୍ସର ବରିଷ୍ଠ ପ୍ରବନ୍ଧକ ରିମଲାଲ ଯୋଶୀ ଓ ଟାଟାଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା । ବାମେବାରୀ, ବେଲଦା, କୁଣ୍ଡପୋଶି, ଜମୁନାପୋଷି, ଭଣ୍ଡାରିଡିହା, ଜଗନ୍ନାଥପୁର, ଉଛବାଲି, ହେଁସାବେଡା, ବେଗୁନିଆ ସାହି ଓ ବିଡିପି ଅଞ୍ଚଳରୁ ପ୍ରାୟ ୫୦୯ ଜଣ ରୋଗୀ ଏହି ଦିନିକିଆ ଶିବିରରେ ସ୍ୱାସ୍ଥ୍ୟସେବା ଲାଭ କରିଥିଲେ। ଟାଟା ଷ୍ଟିଲ ଯୋଡା ହସ୍ପିଟାଲ ଓ ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥାର ୬ଜଣ ବିଶେଷଜ୍ଞ ଡାକ୍ତର ଏହି ଶିବିରରେ ନିଜର ସେବା ଯୋଗାଇ ଦେଇଥିଲେ। ଶିବିରରେ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିବା ସହିତ ଭେଷଜ, ଚର୍ମ, ଶିଶୁ, ସ୍ତ୍ରୀ ରୋଗ ଓ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରିଥିଲେ। ଶିବିରରେ ରୋଗର ସଠିକ୍ ନିରୂପଣ ପାଇଁ ରୋଗୀମାନଙ୍କ ରକ୍ତ ପରୀକ୍ଷା କରାଯିବା ସହିତ ଗର୍ଭବସ୍ଥା ଓ ମ୍ୟାଲେରିଆ ଚିହ୍ନଟ ପାଇଁ ଅନୁସନ୍ଧାନ କରାଯାଇଥିଲା ।

## ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ପାଇଁ ସଚେତନତା

**ପାଟଣା,୧୧।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକର ୨୦ଟି ପଞ୍ଚାୟତରେ ବୁଧବାର ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ଓ ପ୍ଲାଷ୍ଟିକ ବ୍ୟବହାରରେ କିଭଳି ରୋକ ଲଗାଯାଇପାରିବ ତାହା ଉପରେ ଏକ ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଛି। ପ୍ଲାଷ୍ଟିକ ତିଆରି ବ୍ୟବହୃତ ସାମଗ୍ରୀ ଚା' କପ, ପାଣି ଗ୍ଲାସ ଓ ପଲିଥିନ ବ୍ୟବହାରର ଅପକାରିତା ଉପରେ ନୋଡାଲ ଅଫିସର ମାନେ ଲୋକମାନଙ୍କୁ ସଚେତନ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ଯୋଗ ଦେଇଥିବା ବେଳେ ଓ ନୋଡାଲ ଅଫିସର ଭାବେ ବ୍ଲକର ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, ଜଳ ପରିମଳ ବିଭାଗ ଯନ୍ତ୍ରୀ ସୁବୋଧ କୁମାର ମଣ୍ଡଳ, ସସ୍ମିତା ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ସାନ୍ତ୍ୱନା ଦାସ, ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାୟକ, ଜିପିଓ ରଶ୍ମିରେଖା ମହାନ୍ତି ଓ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଏବଂ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଗ୍ରାମରୋଜଗାର ସେବକମାନେ ଯୋଗ ଦେଇଥିଲେ।

## ବଡ଼ବିଲରେ ବିଶାଳ ଘଣ୍ଟାସ୍ତମ୍ଭ ସ୍ଥାପନ ହେବ

# ୭୫ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ

**ବଡବିଲ, ୧୧।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ସହର ମଧ୍ୟଭାଗରେ ଥିବା ପୂର୍ତ୍ତ ଓ ଗୃହ ବିଭାଗ ଡାକବଙ୍ଗଳା ପରିସରରେ ସୁଦୂର ଦୃଶ୍ୟମାନ ନିମନ୍ତେ ଏକ ଘଣ୍ଟାସ୍ତମ୍ଭର ନିର୍ମାଣ ନିମନ୍ତେ ବୁଧବାର ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱାରୀ ଶିଳାନ୍ୟାସ କରିଛନ୍ତି। ଉପଜିଲାପାଳ ପ୍ରଥମେ ଶିଳାନ୍ୟାସ ନିମନ୍ତେ ଏକ ଫଳକର ଉନ୍ମୋଚନ କରିଥିଲେ। ସିଏସଆର ଯୋଜନାରେ ରୁଙ୍ଗଟା କମ୍ପାନୀ ମୋଟ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସ୍ତମ୍ଭର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯାଇ ଡିସେମ୍ବର ଶେଷ ସୁଦ୍ଧା ଉଦ୍‌ଘାଟନର ଲକ୍ଷ୍ୟ ରଖାଯାଇଥିବା ଏଚଆର ଓ ଆଡମିନ ଯୁଗ୍ମ ସଭାପତି ରାମୁ ଅଗ୍ରୱାଲ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକୁ ପୌରପରିଷଦ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କ ତଦାରଖରେ ହେବ ବୋଲି ଜଣାପଡିଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ହୀରକ ମଜୁମଦାର ଓ ଲଳିତ ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଚମ୍ପୁଆ ଉପଜିଲାପାଳ ପାରୁଲ ପଟାୱାରୀ ଶିଳାନ୍ୟାସ ଫଳକ ଉନ୍ମୋଚନ କରୁଛନ୍ତି।

# ମରଣଯନ୍ତା ପାଲଟିଛି କିଡ୍‌କୋ ରାସ୍ତା

**ଝୁମ୍ପୁରା, ୧୧।୯(ଡି.ଏନ.ଏ.)**

ପଳାଶପଙ୍ଗାଠାରେ ୨୦ନଂ ଜାତୀୟ ରାଜପଥକୁ ଗୋଟିଏ ପାର୍ଶ୍ୱରେ କିଡ୍‌କୋ ରାସ୍ତା ସଂଯୋଗ କରୁଥିବାବେଳେ ଅନ୍ୟପାର୍ଶ୍ୱରେ ବାମେବାରୀ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ଯୋଡା ଖଣି ମଣ୍ଡଳରୁ ଟ୍ରକ ଯୋଗେ ଖଣିଜ ପରିବହନ ହେଉଥିବା ଏହି କିଡ୍‌କୋ ରାସ୍ତା ଖଣିଜ ପରିବହନ ସହିତ ରାସ୍ତା ପାର୍ଶ୍ୱରେ ନୟାଗଡ, ପ୍ରଜନପୁର ରେଲୱେ ସାଇଡିଙ୍ଗ ଥିବାରୁ ଏହା ବହୁତ ଗୁରୁତ୍ୱ ବହନ କରୁଛି । ଦିନରାତି ସବୁ ସମୟରେ ହଜାର ହଜାର ଖଣିଜ ବୋଝେଇ ଟ୍ରକ ଚଳାଚଳ ହୋଇଥାଏ। କିଡ୍‌କୋ ରାସ୍ତାର ଦୁଇ ପାର୍ଶ୍ୱରେ ୨ଟି ଟୋଲ୍ ଗେଟ ବସାଯାଇ ଟୋଲ୍ ଆଦାୟ ମଧ୍ୟ ଚାଲିଛି। ହେଲେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାସ୍ତା ମରାମତି ହେଉନାହିଁ। କିଡ୍‌କୋ ରାସ୍ତାର ପଳାଶପଙ୍ଗାଠାରୁ ପ୍ରଜନପୁର ରେଲୱେ ଓଭର ବ୍ରିଜ ପର୍ଯ୍ୟନ୍ତ ୭କି.ମି. ପିଚୁ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ସାରା ପିଚୁ ଉପରେ ବଡ ବଡ ଗାଡ ହୋଇ ପାଣି ଭରି ରହିଛି। ଉକ୍ତ ରାସ୍ତାରେ ସାଧାରଣ ପଥଚାରୀ, ବାଇକ ଆରୋହୀ ଯିବାକୁ ଭୟ କରୁଛନ୍ତି। ପ୍ରତ୍ୟହ ଦୁର୍ଘଟଣା ଘଟି ମୃତାହତଙ୍କ ସଂଖ୍ୟା ମଧ ବଢି ଚାଲିଛି। ସମୁଦାୟ ୨୮କି.ମି.ରୁ ଉର୍ଦ୍ଧ୍ୱ କିଡ୍‌କୋ ରାସ୍ତା ଦୁର୍ଘଟଣା ପ୍ରବଣ ଭାବେ ଗଣା ହେଲାଣି। ରାସ୍ତା ମଧ୍ୟରେ ରହିଥିବା ଅରଡେଇ ନଦୀ ପୋଲ ଏବଂ ବୈତରଣୀ ନଦୀ ପୋଲ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲ ଦ୍ୱୟ ବହୁ ପୁରୁଣା ହୋଇଥିବାବେଳେ ପୋଲ ଦ୍ୱୟର ଦୁଇପାର୍ଶ୍ୱ ସିମେଣ୍ଟ ଭାଙ୍ଗି ଯାଇଛି, ପୋଲ ଉପରେ ଗାଡ ହୋଇ ପୋଲ ଛାତର ଲୁହାରଡ ବାହାରି ପଡିଛି। ବାରମ୍ବାର ଦାବି ସତ୍ତ୍ୱେ କିଡ୍‌କୋ କର୍ତ୍ତୃପକ୍ଷ ରାସ୍ତା ମରାମତି ପାଇଁ ଧ୍ୟାନ ଦେଉ ନ ଥିବାରୁ କିଡ୍‌କୋ ରାସ୍ତା ପାର୍ଶ୍ୱସ୍ଥ ଗ୍ରାମ କଣ୍ଡରାପଶି, ଧନୁର୍ଜୟପୁର, ରେଙ୍ଗାଳବେଡା, ସତୀକୁଦର, ଆହାରପଶି, ଝଡାପଶି, ମଲଦା, ଧାତିକା ଆଦି ଗ୍ରାମର ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ରାସ୍ତା ମରାମତି ଦାବି କରି କଣ୍ଡରାପଶି ଛକଠାରେ ରାସ୍ତା ଅବରୋଧ ମଧ୍ୟ ହୋଇଛି। ହେଲେ ରାସ୍ତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏ ସମ୍ପର୍କରେ କିଡ୍‌କୋ ଅଧିକାରୀ ହିମାଂଶୁ କୁଅଁରଙ୍କୁ ପଚାରିବାରୁ ରାସ୍ତା ମରାମତି ସହିତ ପୋଲ ଦ୍ୱୟର ମରାମତି କାମ କରାଯିବା ପାଇଁ ପୂର୍ତ୍ତ ବିଭାଗକୁ ଚିଠି କରାଯିବା ସହିତ ଜିଲାପାଳଙ୍କୁ ଅବଗତ କରାଯାଇଛି। ତେବେ ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

- ଟୋଲ ଆଦାୟ ହେଉଛି, ହେଲେ ମରାମତି ହେଉନାହିଁ





ବିପଦସଙ୍କୁଳ ହୋଇପଡିଥିବା କିଡ୍‌କୋ ରାସ୍ତା।

## ସଂକ୍ଷେପରେ

### ମାସେ ପୂରିନି ବଦଳିଲେ ଥାନାଧିକାରୀ

ବନ୍ତ, ୧୧।୯ (ସ୍ୱ.ପ୍ର.): ବନ୍ତ ବ୍ଲକ ଆଗରପଡା ଥାନାରେ କିଛିଦିନ ତଳେ ଯୋଗ ଦେଇଥିବା ଥାନାଧିକାରୀଙ୍କ ବଦଳି ହୋଇଛି। ଗତ ଅଗଷ୍ଟ ୧୮ ତାରିଖରେ ଏହି ଥାନାରେ ଯୋଗ ଦେଇଥିବା ବେଳେ ମାସେ ନ ପୂରୁଣୁ ତାଙ୍କର ବଦଳି ହେବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ସ୍ଥାନରେ ନୂତନ ଥାନାଧିକାରୀ ଭାବେ ମୋନାଲିସା କର ବୁଧବାର ଯୋଗ ଦେଇଛନ୍ତି। ସେ ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ୫ ମାସ ମଧ୍ୟରେ ଏହି ଥାନାରେ ୩ ଥାନାଧିକାରୀଙ୍କ ବଦଳି ହେବା ଅଞ୍ଚଳବାସୀଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ସେବା ସପ୍ତାହ ପାଳନ ପାଇଁ ପ୍ରସ୍ତୁତି

ଧାମନଗର, ୧୧।୯ (ଡି.ଏନ.ଏ.): ଧାମନଗର ବ୍ଲକ ଭାଜପା ପକ୍ଷରୁ ଆସନ୍ତା ୧୪ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ଏହି ସପ୍ତାହ ପାଳନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ନବଭାରତ ନିର୍ମାଣ ଆହ୍ୱାନ ଏବଂ ଦେଶର ବିକାଶର ବାର୍ତ୍ତା ପ୍ରଚାର ଲାଗି ବ୍ୟବସ୍ଥା ହୋଇଛି। ଏ ନେଇ ଧାମନଗର ଜଳସେଚନ ଡାକବଙ୍ଗଳାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ସୁରତ ସେଠୀ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠନାଥ ସାହୁ, ନଗର ସଭାପତି କୈଳାସ ମହାପାତ୍ର, ଅରବିନ୍ଦ ପତି, ଦୀପ୍ତିରଞ୍ଜନ ଜେନା, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, ସ୍ମୃତିରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ପାତ୍ର, ବିଜୟ ରାମ, ରଞ୍ଜିତ ମହାନ୍ତି, ବୀରେନ୍ଦ୍ର ବାରିକ, ଗୟାଧର ନାୟକ, ସୁନୀଲ ଘୋଷ ଓ ଅମର ଜେନା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସେବା ସପ୍ତାହ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା।

### ୧୩୧ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ବନ୍ତ, ୧୧।୯ (ସ୍ୱ.ପ୍ର.): ବନ୍ତ ବ୍ଲକ ଆଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଅପରାହ୍ନରେ ୧୩୧ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ ହିତାଧିକାରୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କଲେ ପୁରସ୍କାର ରାଶି ବୋନସ ଆକାରରେ ଅଧିକ ୩୦ ହଜାର ଟଙ୍କା ମିଳିବ। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ମିଳି ନ ଥିଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶୌଚାଳୟ ନିର୍ମାଣ ପାଇଁ ୧୨ ହଜାର ଟଙ୍କା ପ୍ରଦାନ କରାଯିବ। ଅଳିଆ ଆବର୍ଜନା ବାହାରେ ନ ପକାଇ କୁଣ୍ଡ ନିର୍ମାଣ କରି ସେଥିରେ ପକାଇବା ସହିତ ପରିବେଶ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଇଥିଲେ। ପରେ ବିଡିଓ ଉପସ୍ଥିତ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସରପଞ୍ଚ ଶଶିବାଳା ସେଠୀ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଗ୍ରାମରୋଜଗାର ସେବକ ସରୋଜ କୁମାର ସାମଲ ଉପସ୍ଥିତ ଥିଲେ।

# ରାଶନକାର୍ଡ ପରେ ଅନ୍ତ୍ୟୋଦୟ ଯାଞ୍ଚ

- ଭଗବାନପୁର ପଞ୍ଚାୟତ
- ଯୋଗାଣ ବିଭାଗ ସ୍ୱତନ୍ତ୍ର ଟିମ୍‌ର ତଦନ୍ତ

ଭଦ୍ରକ ଅଫିସ, ୧୧।୯

ଭଦ୍ରକ ଜିଲା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପିଛା ଛାଡୁନି ବିବାଦ। କିଛିଦିନ ତଳେ ଟୁଇଟ୍‌ର ମାତ୍ର ଦେଢ଼ଘଣ୍ଟା ମଧ୍ୟରେ ଜଣେ ହିତାଧିକାରୀଙ୍କୁ ୯ ମାସର ଚାଉଳ ମିଳିବା ଘଟଣା ଲୋକଙ୍କ ମନରୁ ଲିଭିନି। ଏବେ ପୁଣି ଥରେ ଏହି ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ ପ୍ରିୟାପ୍ରୀତି ତୋଷଣ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଧାମନଗର ବ୍ଲକରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲା ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ଭଗବାନପୁର ପଞ୍ଚାୟତ ପଳିକିରି ଓ ଗୁଆପୋଖରୀରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ କେଦାର ନାୟକ ଓ ଧାମନଗର ବ୍ଲକ ଯୋଗାଣ ଅଧିକାରୀ ମନୋରଞ୍ଜନ ମହାପାତ୍ର ଏହି ଦୁଇ ଗାଁରେ ପହଞ୍ଚି ନିର୍ଦ୍ଦିଷ୍ଟ ଅଭିଯୋଗର ତଦନ୍ତ କରିଥିଲେ। ଜିଲା ଯୋଗାଣ ଅଧିକାରୀ ମିର୍ ରାଜା ଅଲ୍ଲୀଙ୍କ ନିକଟରେ ବୁଧବାର ସନ୍ଧ୍ୟାରେ ଉକ୍ତ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଥିବା ଜଣାଯାଇଛି।

ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ଯୋଗ୍ୟମାନଙ୍କୁ ବାଦ୍ ଦିଆଯାଇଛି। ଏପରିକି ବହୁ ଚାକିରିଆ, ଦୁଇ ମହଲା ଘର, ଟ୍ରାକ୍ଟର ଓ ବୋଲେରୋ ଥିବା ବ୍ୟକ୍ତିଙ୍କୁ ଏଥିରେ ଉଦ୍ଦେଶ୍ୟମୂଳକ ଭାବେ ସାମିଲ କରାଯାଇଛି। ଗୁରୁବାର ଏହି ଘଟଣାର ତଦନ୍ତ ପାଇଁ ଅନ୍ୟ ଏକ ଟିମ୍ ଉକ୍ତ ପଞ୍ଚାୟତ ପରିଦର୍ଶନରେ ଆସୁଥିବା ସୂଚନା ମିଳିଛି। ପଞ୍ଚାୟତର ସମୁଦାୟ ହିତାଧିକାରୀ ଯାଞ୍ଚ ପରେ ଅଧିକାଂଶ ଅଯୋଗ୍ୟ ହିତାଧିକାରୀ ସ୍ପଷ୍ଟ ହେବେ ବୋଲି ଜଣାପଡ଼ିଛି।

## ତୁରନ୍ତ ପଦକ୍ଷେପ ନିଅ: ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭଦ୍ରକ ଅଫିସ, ୧୧।୯

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ ପ୍ରିୟାପ୍ରୀତି ତୋଷଣ ନେଇ ସାମାଜିକ କର୍ମୀ ସୁଦୀପ୍ତ ଖଟୁଆ ମଙ୍ଗଳବାର ରାତିରେ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟୁଇଟ୍‌ର ପ୍ରତିଉତ୍ତର ଦେବାକୁ ଯାଇ ତୁରନ୍ତ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଭଦ୍ରକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଜ୍ଞାନରଞ୍ଜନ ଦାସ ବୁଧବାର ଘଟଣାର ତଦନ୍ତ କରାଯାଇ ଗୁରୁବାର ପଦକ୍ଷେପ ନିଆଯିବ ବୋଲି ଟୁଇଟ୍ ଯୋଗେ ମନ୍ତ୍ରୀଙ୍କୁ ଜଣାଇଥିବା ଟୁଇଟ୍‌ର ଆକାଉଣ୍ଟରୁ ଜଣାପଡ଼ିଛି।

# ବାଲ୍ ଗଣେଶ ଭସାଣି ଉତ୍ସବ



ଭସାଣି ପାଇଁ ବାଲଗଣେଶଙ୍କୁ ନିଆଯାଉଛି।

ଭଦ୍ରକ ଅଫିସ, ୧୧।୯

ଭଦ୍ରକ କୁଆଁସ ପୋଲିସ କଲୋନୀରେ ବାଲ୍ ଗଣେଶଙ୍କ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ବାଦ୍ୟରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଯୁବଗୋଷ୍ଠୀ ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ଟାଉନ ଥାନା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କଦମବେଡ଼ା ସାଳନ୍ଦୀ ନଦୀରେ ବାଲ୍ ଗଣେଶଙ୍କୁ ବିସର୍ଜନ କରାଯାଇଥିଲା।

# ପ୍ରତିଭା ସମ୍ମାନ ସମାରୋହ

ଭଣ୍ଡାରିପୋଖରୀ, ୧୧।୯ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମାଳଦାସ୍ଥିତ ପିଲା ଗଣେଶ ପୂଜା ଅବସରରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷ ସାମଲଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଯୋଗଦେଇ ଧାର୍ମିକ ଉତ୍ସବ ଗାଁ ଲୋକଙ୍କ ମଧ୍ୟରେ ଏକତା ବଜାୟ ରଖିବାର ମାଧ୍ୟମ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରୀତାଞ୍ଜଳି ସାମଲ, ମାଳଦା ସମବାୟ ସମିତି ସଭାପତି ଅରବିନ୍ଦ ନାୟକ ଓ ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହିଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ କିଶୋର ପଣ୍ଡା ଓ ଚିତ୍ରଶିଳ୍ପୀ କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡ଼ି ପରିବେଷଣ ହୋଇଥିଲା। ଚନ୍ଦ୍ରଶେଖର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ଓ ଦେବେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପୂଜା କମିଟିର ସପନ ଜେନା, ଅରୁଣ ଜେନା, ରାମ ଜେନା, ଗଣେଶ ଜେନା, କାର୍ତ୍ତିକ ଜେନା, ସତ୍ୟଜିତ ସାମଲ ଓ ସୁନାକର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପଞ୍ଚାୟତ କାର୍ଯ୍ୟନିର୍ବାହୀ ଗୋପାଳ କିଶୋର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମୁଖ୍ୟ ରାସ୍ତା ଜବରଦଖଲମୁକ୍ତ ଦାବି

ଭଦ୍ରକ ଅଫିସ,୧୧।୯

ଭଦ୍ରକ ସହରର ଗଳିକନ୍ଦି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ପୂର୍ବତନ କାଉନସିଲର ଅସରଫ୍ ଅଲ୍ଲି ଖାଁ ଓ କେତେକ ସ୍ଥାନୀୟ ଯୁବକ ମୁଖ୍ୟ ରାସ୍ତାଗୁଡ଼ିକ ଜବରଦଖଲ ମୁକ୍ତ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ମୁଖ୍ୟତଃ କଚେରି ବଜାରଠାରୁ ପୁରୁଣାବଜାର ରାସ୍ତା ସଙ୍ଗତ ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି ଜଣାଇଛନ୍ତି। ସେହିଭଳି ପୁରୁଣାବଜାର ଛକରୁ ବୋଖାରୀ ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଥିବା ରାସ୍ତାରେ ପ୍ରତ୍ୟହ ହଜାର ହଜାର ଲୋକ ଯାତାୟାତ କରୁଛନ୍ତି। ଏହି ରାସ୍ତା ଦେଇ ପୌରାଞ୍ଚଳର ୧୫ଟି ୱାର୍ଡର ପ୍ରାୟ ୬୦ ହଜାର ଲୋକ ଯିବାଆସିବା କରନ୍ତି। ଗୁଜିଦରଡ଼ା ପଞ୍ଚାୟତ ଲୋକ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। କିନ୍ତୁ ରାସ୍ତାର ଦୁଇପାର୍ଶ୍ୱରେ ଥିବା ନାଳ ଓ ନୟନଯୋରି ଜବରଦଖଲ କରାଯାଇଛି। ତୁରନ୍ତ ତଦନ୍ତ କରି ରାସ୍ତାକୁ ଜବରଦଖଲ ମୁକ୍ତ କରାଯିବା ପାଇଁ ପୂର୍ବତନ କାଉନସିଲରଙ୍କ ସହ ଏସ୍.କେ ଜାଫିରୁଦ୍ଦିନ, ରବୀନ୍ଦ୍ର ଘଡେଇ ଓ ବହୁ ସାମାଜିକ କର୍ମୀ ଦାବି କରିଛନ୍ତି।

## ମହିଳାଙ୍କ ମୃତଦେହ ଉଦ୍ଧାର

ଭଦ୍ରକ ଅଫିସ, ୧୧।୯

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଡ଼ ଗଦାଗଡ଼ିଆ ଛକ ନିକଟରୁ ଜଣେ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ମାନସିକ ବିକୃତ ବୋଲି ଅନୁମାନ କରାଯାଉଛି। ତେବେ ଭଦ୍ରକ ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସବୁଜ ବନାନୀ କାର୍ଯ୍ୟକ୍ରମ

ଧାମନଗର, ୧୧।୯ (ଡି.ଏନ.ଏ.)

ଧାମନଗର ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦଳାଙ୍ଗସ୍ଥିତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତଙ୍କ ସମେତ ବିଜୁ ଯୁବବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ। ସରେଇ ଚୁଡାକୁଟିସ୍ଥିତ ଯୁବବାହିନୀ ପକ୍ଷରୁ ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ସ୍ଲୋଗାନ ମାଧ୍ୟମରେ ଗଛଟିଏ ଲଗାଇବା, ସବୁଜିମା ବଢ଼ାଇବା ବାର୍ତ୍ତା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଇନ୍ଦ୍ରମଣି ବିଦ୍ୟାଳୟର ଶିକ୍ଷକ ଶେଖର ଚନ୍ଦ୍ର ଜେନା, ବ୍ଲକ ଯୁବବାହିନୀ ସଂଯୋଜକ ସଂଗ୍ରାମ ତ୍ରିପାଠୀ, ଜ୍ଞାନରଞ୍ଜନ ମହାକୁଡଙ୍କ ସହ ପଞ୍ଚାୟତ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସଦସ୍ୟ ଏବଂ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସ୍ୱେଚ୍ଛାସେବୀଙ୍କୁ ସଫେଇ ଦାୟିତ୍ୱ



ସ୍ୱେଚ୍ଛାସେବୀମାନେ ଟ୍ରଲିରେ ଅଳିଆ ସଂଗ୍ରହ କରୁଛନ୍ତି।

ବାସୁଦେବପୁର, ୧୧।୯ (ଡି.ଏନ.ଏ.)

ବାସୁଦେବପୁର ପୌରପାଳିକାର ୨୩ ୱାର୍ଡର ସଫେଇ ଦାୟିତ୍ୱ ଏବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଫାର୍ଡ ହାତକୁ ଯାଇଛି। ଏହି ଅନୁଷ୍ଠାନ ଦ୍ୱାରା ନିଯୁକ୍ତ କର୍ମଚାରୀ ପ୍ରତିଦିନ ସକାଳେ ବିଭିନ୍ନ ୱାର୍ଡ ବୁଲି ଅଳିଆ, ବର୍ଜ୍ୟବସ୍ତୁ ଲୋକଙ୍କଠାରୁ ସଂଗ୍ରହ କରିବେ। ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ବେଳେ କର୍ମଚାରୀମାନେ ୩ ଚକିଆ ଟ୍ରଲିରେ ଡ୍ରମ୍(ଅଳିଆପାତ୍ର) ଧରି ଗାଁ ରାସ୍ତାରେ ହୁଇସିଲ୍ ମାରି ଲୋକଙ୍କୁ ଅଳିଆ ଦେବା ସମ୍ପର୍କରେ ଅବଗତ କରିବେ। ଏଠାକାର ୨୩ଟି ୱାର୍ଡରେ ୪୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ନିୟୋଜିତ ହୋଇଥିବା ଜଣାପଡ଼ିଛି। ସରକାରଙ୍କ ଏପରି ଉଦ୍ୟମକୁ ସହରବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। କର୍ମଚାରୀମାନେ ସଂଗ୍ରହ କରିଥିବା ଅଳିଆକୁ ନେଇ ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡରେ ରଖାଯାଇଥିବା ଡଷ୍ଟବିନ୍‌ରେ ପକାଇବେ। ପରେ ଡଷ୍ଟବିନ୍‌ରୁ ଅଳିଆ ନେଇ ପୌରପାଳିକା ଟ୍ରାକ୍ଟର ମାଧ୍ୟମରେ ଡମ୍ପିଂୟାର୍ଡରେ ପକାଇବାର ବନ୍ଦୋବସ୍ତ କରାଯାଇଛି।

# ତାରିଣୀ ମନ୍ଦିରରୁ ଚୋରି



ମନ୍ଦିର ସମ୍ମୁଖରେ ପୋଲିସ ଓ ସ୍ଥାନୀୟ ଲୋକେ।

ଭଦ୍ରକ ଅଫିସ, ୧୧।୯

ଭଦ୍ରକ ଟାଉନ ଥାନା ଅଧୀନ ଗବସାହି ତାରିଣୀ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଚୋରମାନେ ତାଲା ଭାଙ୍ଗି ମା'ଙ୍କ ୩ଟି ଟାହାଲ ମଧ୍ୟରୁ ଗୋଟିଏ ସୁନା ଓ ୨ଟି ରୁପା, ସୁନାଚିତା ୭ଟି, ଗୋଟିଏ ମୁକୁଟ, ପଦୁକ ଓ ଦାନହୁଣ୍ଡି ଚୋରି କରି ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଦୁର୍ବୃତ୍ତମାନେ ଦାନହୁଣ୍ଡି ଭାଙ୍ଗି ଟଙ୍କା ନେଇ ପଛପାଖ ବାଉଁଶ ବୁଦାରେ ବାକ୍ସକୁ ଫିଙ୍ଗି ଦେଇଥିବା ବେଳେ ତାଲାଗୁଡ଼ିକ ମନ୍ଦିର ପାଖରେ ପକାଇ ଚାଲିଯାଇଛନ୍ତି। ଟାଉନ ଥାନାଧିକାରୀ ସରୋଜିନୀ ସିଂ ଘଟଣାସ୍ଥଳରେ ପହଞ୍ଚି ନିକଟରେ ଥିବା ଏକ କଲେଜ ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛନ୍ତି। ଏହି ଘଟଣାରେ ପୋଲିସ କେତେକ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଥାଉକି, ଗତ ମାସ ୩୧ ତାରିଖରେ ଏହି ଥାନା ଅନ୍ତର୍ଗତ ଚାରିଘରିଆ ଜାନୁଗଞ୍ଜ ଛକସ୍ଥିତ ତାରିଣୀ ମନ୍ଦିର ଏବଂ ୨ ଶହ ମିଟର ଦୂରରେ ଥିବା ମଙ୍ଗଳା ମନ୍ଦିରରୁ ସମାନ ଢଙ୍ଗରେ ଅଳଙ୍କାର ଓ ଦାନବାକ୍ସ ଭାଙ୍ଗି ଚୋରି ହୋଇଥିଲା। ସେହିପରି ଗତ ୫ ତାରିଖରେ ଗ୍ରାମାଞ୍ଚଳ ଥାନା ଏରେଇଁ ଗ୍ରାମର ହନୁମାନ ମନ୍ଦିରରୁ ମଧ୍ୟ ଅନୁରୂପ ଢଙ୍ଗରେ ଚୋରି ହୋଇଥିବା ନେଇ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ଜଣେ ମଧ୍ୟ ଚୋରଙ୍କୁ କାବୁ କରିପାରି ନାହିଁ। ଗୋଟିଏ ପରେ ଗୋଟିଏ ମନ୍ଦିରରୁ ଚୋରି ହେବା ଘଟଣା ପୋଲିସର ପାରିବାପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଭଣ୍ଡାରିପୋଖରୀ, ୧୧।୯ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧାକର ନନ୍ଦ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ, ତଥାଗତ ସାମଲ, ଲଳିତ ରାଉତ ଓ ପ୍ରଣିତକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖି ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୩୧ ତାରିଖ ସୁଦ୍ଧା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ୬୦ରୁ ୭୦ ହଜାର ସଭ୍ୟ ସଂଗ୍ରହ ପାଇଁ ନେତୃବୃନ୍ଦ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହାସହିତ ସମସ୍ତ ସଭ୍ୟଙ୍କ ଆଧାର ଲିଙ୍କ୍ ବାଧ୍ୟତାମୂଳକ ହୋଇଥିବା ବେଳେ ପ୍ରତ୍ୟେକ ୱାର୍ଡରେ ଅନ୍ୟୁନ ୧୦୦ ସଭ୍ୟ ସଂଗ୍ରହ ପାଇଁ ପରାମର୍ଶ ଦେଇଥିଲେ। ଯୁଧିଷ୍ଠିର ପରିଡ଼ା, ଶରତ ଜେନା, ସତ୍ୟାନନ୍ଦ ମହାପାତ୍ର, ବୀରେନ୍ଦ୍ର ନାୟକ, ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ସମେତ ୨୩ ପଞ୍ଚାୟତର କର୍ମୀ ବୈଠକରେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

# ତୁଳସୀ ତୁଳସୀ ବାସୁଛି ଗାଁ

- ୪୫୦ବର୍ଷ ଧରି ଚାଲିଛି ବାସୁଦେବଙ୍କ ପୂଜା
- ୭ ଦିନ ଧରି ଭାଗବତ ପଠନ

ଆରଡ଼ି, ୧୧।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କୁଳେଇପଦା ଗାଁ ପ୍ରଭୁ ବାସୁଦେବଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ୭ ଦିନ ଧରି ବିଭିନ୍ନ ଧାର୍ମିକ କାର୍ଯ୍ୟ ଚାଲିବା ସହ ଗାଁ ତୁଳସୀ ତୁଳସୀ ବାସୁଛି। ପୂଜା ଦେଖିବାକୁ ଗାଁରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ପ୍ରତିବର୍ଷ ପରି ଚଳିତବର୍ଷ ଏହି ଗାଁରେ ରବିବାରଠାରୁ ସପ୍ତା ପର୍ବ ଆରମ୍ଭ ହୋଇଛି। ଶନିବାର ଏହା ଉଦ୍‌ଯାପନ ହେବ। ଏହି ପୂଜାର ଆକର୍ଷଣ ହେଉଛି ବଳିଦାନ ପର୍ବ। ବୁଧବାର ଏହି ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଦ୍ୱାଦଶ ସ୍କନ୍ଧ ଭାଗବତ ମଧ୍ୟରୁ ଅଷ୍ଟମ ସ୍କନ୍ଧ ଊନବିଂଶ ଅଧ୍ୟାୟରେ ପୁରାଣ ବର୍ଣ୍ଣିତ ମହାରାଜ ବଳି ବାମନରୂପୀ ନାରାୟଣଙ୍କୁ ତିନିପାଦ ଭୂମିଦାନ ସ୍ୱରୂପ ଦେବା ପାଇଁ ସତ୍ୟ କରିଥିଲେ। ତାଙ୍କର ଗର୍ବ ଚୂର୍ଣ୍ଣ କରିବାକୁ ଭଗବାନ ଶେଷ ପାଦରେ ପାତାଳକୁ ଚାପି ଦେଇଥିଲେ। ଅତି ନିଖୁଣ ଭାବେ ବର୍ଣ୍ଣିତ ଏହି ଅଧ୍ୟାୟକୁ ଶୁଣିବା ଲାଗି କୁଳେଇପଦା ସମେତ ଆଖପାଖ ୫ ଖଣ୍ଡ ଗାଁର ଭାଗବତ ପ୍ରେମୀ ବୃନ୍ଦ ହୋଇଥିଲେ। ପଣ୍ଡିତ ଶଙ୍କର୍ଷଣ ଦାଶ ବଳିଦାନ ଅଧ୍ୟାୟ ପ୍ରାଞ୍ଜଳ ଭାବେ ପଠନ କରିଥିଲେ। ପଣ୍ଡିତ ଅନିଲ କୁମାର ପଣ୍ଡା, ପଣ୍ଡିତ ରାଜକିଶୋର ପଣ୍ଡାଙ୍କ ମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ହରିବୋଲ ହୁଳହୁଳି ଓ ଘଣ୍ଟ ଧ୍ୱନିରେ ପୂଜା ସ୍ଥାନ ପ୍ରକମ୍ପିତ ହୋଇଥିଲା।

ଉଲ୍ଲେଖନୀୟ ଯେ, ଗାଁରେ ଭକ୍ତି ଭାବନା ଓ ଆଧ୍ୟାତ୍ମିକ ଚେତନାକୁ ବଜାୟ ରଖିବା ପାଇଁ ଦୀର୍ଘ ୪୫୦ ବର୍ଷ ଧରି ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ବଳିଦାନ ପର୍ବରେ ଗାଁର ପ୍ରତ୍ୟେକ ପରିବାର ଭୋଗ ସାମଗ୍ରୀ ସହ ଘୃତ ଭଗବାନ ବାସୁଦେବଙ୍କୁ ଅର୍ପଣ କରିଥିଲେ। ଘୃତାହୁତି ଦିଆଯିବା ସହ ଚରୁଅନ୍ନ ପ୍ରସ୍ତୁତ ହୋଇଥିଲା। ସମସ୍ତ ଗ୍ରାମବାସୀ ଏହାକୁ ସେବନ କରିଥିଲେ। ଏହିଦିନ ୧୦ ଶ୍ରୋତାଙ୍କ ସମେତ ପ୍ରାୟ ଅଧିକାଂଶ ଶ୍ରଦ୍ଧାଳୁ ଉପବାସ କରିଥିଲେ। ଗ୍ରାମର ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ଗ୍ରାମବାସୀଙ୍କ ଉଦ୍ୟମ ଅବ୍ୟାହତ ରହିଛି। ବିଶେଷ କଥା ହେଲା ଗାଁରେ ଭାଗବତ ଗାଦି ରହିଥିବା ବେଳେ ଶହ ଶହ ବର୍ଷର ପ୍ରାଚୀନ ତାଳପତ୍ରରେ ରଚିତ ଭାଗବତ ମଧ୍ୟ ସୁରକ୍ଷିତ ରହିଛି। ଏହି ତାଳପତ୍ର ପୋଥି ପଠନ ସହ ୭ ଦିନ କାଳ ବାସୁଦେବ ମହାପ୍ରଭୁଙ୍କ ପୂଜା ଚାଲେ। ପ୍ରତ୍ୟହ ମଧ୍ୟାହ୍ନ ଓ ରାତ୍ରରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଏ। ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଭଗବତ ପ୍ରେମୀ ପ୍ରସାଦ ସେବନ କରି ଆତ୍ମତୃପ୍ତି ଲାଭ କରନ୍ତି। ଗାଁରେ ଏକ ସୁସ୍ଥ ପରମ୍ପରା ଓ ଧର୍ମୀୟ ଭାବନା ବଜାୟ ଲାଗି ପ୍ରୟାସ ରଖି ପ୍ରତିବର୍ଷ ଏଭଳି ପୂଜା ସଂଗଠିତ ହୋଇଆସୁଛି ବୋଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିମ୍ବାଧର ନାୟକ କହିଛନ୍ତି। ସେହିଭଳି ଗ୍ରାମର ୯୦ ବର୍ଷୀୟ ଦୁର୍ଯ୍ୟୋଧନ ବିଶ୍ୱାଳ ଅନୁରୂପ ମତବ୍ୟକ୍ତ କରିଛନ୍ତି।



ମନ୍ଦିରରେ ବିଜେ ପ୍ରଭୁ ବାସୁଦେବ।



"ମୁଁ ଭାରତକୁ ଭଲପାଏ,ଏହାର ସ୍ୱାର୍ଥ ଲାଗି ମୁଁ ସବୁବେଳେ ପ୍ରସ୍ତୁତ ଅଛି।"

-ଦିଲ୍‌ଜିତ୍ ଦୋସାନ୍‌ଜୀ,
ପଞ୍ଜାବୀ ଗାୟକ

# ହ୍ରଦରେ ଗଢ଼ିଉଠିଲା ସଭ୍ୟତା

ହ୍ରଦ ଭିତରେ ଗଢ଼ିଉଠିଛି ସଭ୍ୟତା। ପାଣି ଭିତରେ ଜୀବନ। ହୋଟେଲ, ଘର, ଦୋକାନ, ବ୍ୟାଙ୍କ, ଚର୍ଚ୍ଚ ସବୁକିଛି ଭାସୁଛି ପାଣିରେ। ସମସ୍ୟାକୁ ସମାଧାନରେ ରୂପାନ୍ତରିତ କରି ଶତାଧିକ ବର୍ଷ ଧରି ହଜାର ହଜାର ପରିବାର ଅତି ଖୁସିରେ ରହୁଛନ୍ତି ସେଠାରେ। ନିଆରା ଜୀବନ ଶୈଳୀ, ଅବସ୍ଥିତି ଏବଂ ବ୍ୟବହାର ପାଇଁ ପଶ୍ଚିମ ଆଫ୍ରିକାର ସବୁଠାରୁ ବଡ଼ ଗାଁ 'ଗେନ୍‌ଭି' ଏବେ ପାଲଟିଛି ବିଶ୍ୱର ଚିତ୍ତାକର୍ଷକ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରୁ ଗୋଟିଏ।

ସ୍ୱାଧୀନତା ମଣିଷର ଜନ୍ମସିଦ୍ଧ ଅଧିକାର। କେହି କେବେ ଚାହେଁନି ପରାଧୀନତାର ଶୃଙ୍ଖଳ ଭିତରେ ଆବଦ୍ଧ ଜୀବନ। ସେଇଥିପାଇଁ ସ୍ୱାଧୀନ ଭାବେ ଜୀବନ ବିତାଇବାକୁ ସାଧାରଣ ମଣିଷଟିଏ ଯେକୌଣସି ସ୍ତରକୁ ଯାଇପାରେ। ଏହାକୁ କରି ଦେଖାଇଛନ୍ତି ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ବେନିନ୍ ଗେନ୍‌ଭିବାସୀ।

ଗେନ୍‌ଭିର ଇତିହାସ ଜାଣିବାକୁ ହେଲେ ଆମକୁ ଓଲଟାଇବାକୁ ପଡ଼ିବ ଇତିହାସର ପୃଷ୍ଠା। ଏହାର ପଛରେ ରହିଥିବା କାରଣ ଯେତିକି ରୋମାଞ୍ଚକର ସେତିକି ଲୋମଟାଙ୍କୁରା ମଧ୍ୟ। ଏକ ରିପୋର୍ଟ ଅନୁଯାୟୀ ୧୬ଶହ କିମ୍ବା ୧୭ଦଶ ଶତାବ୍ଦୀରେ ତୋଫିନୁ ସମ୍ପ୍ରଦାୟର ଗ୍ରାମୀଣ ଇଲାକାରେ ନଜର ପକାଇଥିଲେ ଦୁର୍ଦ୍ଧର୍ଷ ଜନଜାତି 'ଫୋନ'। ସେମାନଙ୍କ ପ୍ରମୁଖ ଉଦ୍ଦେଶ୍ୟ ଥିଲା ତୋଫିନୁ ପରିବାର ସଦସ୍ୟଙ୍କୁ ନିଜର ଗୋଲାମ କରି ରଖିବା। ହେଲେ ଧର୍ମୀୟ ବିଶ୍ୱାସ ପାଇଁ ସେମାନେ ପାଣି ଭିତରେ ପ୍ରବେଶ କରୁ ନ ଥିଲେ। ତୋଫିନୁଙ୍କୁ ଗୋଲାମ ଜୀବନରୁ ବଞ୍ଚାଇବା ପାଇଁ ପାଣି ହିଁ ଥିଲା ସବୁଠାରୁ ସୁରକ୍ଷିତ ସ୍ଥାନ। ତେଣୁ ସେମାନେ



ବସତି ସ୍ଥାପନ ପାଇଁ ବାଛିଥିଲେ ଉକ୍ତ ହ୍ରଦକୁ। ସମୟକ୍ରମେ ଉକ୍ତ ଏହା ପାଲଟିଯାଇଛି ସେମାନଙ୍କ ସାମାଜିକ, ଆର୍ଥିକ, ଆଧ୍ୟାତ୍ମିକତାର କ୍ଷେତ୍ର। ୨୦ହଜାର ଜନସଂଖ୍ୟା ବିଶିଷ୍ଟ ଉକ୍ତ ସଭ୍ୟତାରେ ସ୍କୁଲକୁ ବାଦ୍‌ଦେଲେ କାଠ ନିର୍ମିତ ପ୍ରାୟତଃ ସବୁ ଘର ପାଣି ଭିତରେ। ଲୋକମାନଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଭାସମାନ ହାଟ ବି ରହିଛି ଏଠାରେ। ତୋଫିନୁ ସମ୍ପ୍ରଦାୟର ପିଲାମାନଙ୍କ ପାଠପଢ଼ିବା ପାଇଁ ନିର୍ମାଣ କରାଯାଇଥିବା ଏକମାତ୍ର ସ୍କୁଲ ଛୋଟ ଭୂଭାଗ ଉପରେ ଅବସ୍ଥିତ। ଉକ୍ତ ଭୂଖଣ୍ଡ ମଧ୍ୟ ହ୍ରଦମଧ୍ୟରେ ଲୋକଙ୍କ ଦ୍ୱାରା ପ୍ରସ୍ତୁତ। ଏଥିପାଇଁ ସେମାନଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଉପକୂଳରୁ ନୌକାରେ ମାଟି ଭର୍ତ୍ତି କରି ଏକାଠି କରି ସେମାନେ ଏହାକୁ ତିଆରି କରିଛନ୍ତି। ମାଛ ଧରିବା ସମ୍ପୃକ୍ତ ଅଧିବାସୀଙ୍କ ପ୍ରମୁଖ ବୃତ୍ତି। ଦୀର୍ଘବର୍ଷ ଧରି ପାଣି ଉପରେ ଘର କରି ରହିଯାଇଥିବାରୁ ତୋଫିନୁ ସମ୍ପ୍ରଦାୟର ଲୋକେ ଭୂଭାଗକୁ ଆସିବାକୁ ଇଚ୍ଛା କରୁନାହାନ୍ତି। ହ୍ରଦ ଭିତରେ ହିଁ ସେମାନେ ସମସ୍ତ ସୁଖସୁବିଧା ହାସଲ କରିବାରେ ଲାଗିପଡ଼ିଛନ୍ତି। ତୋଫିନୁଙ୍କ ଏପରି ଜୀବନଶୈଳୀ ପାଇଁ ଉକ୍ତ ଜନବସତିକୁ ୧୯୯୬ରେ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଛି।

## ଅମୂଲର ବିଶ୍ୱାସ 'ଚନ୍ଦ୍ରୟାନ-୨ ମିଶନ୍ ଖୁବଶୀଘ୍ର ପୂରା ହେବ'

**ନୂଆଦିଲ୍ଲୀ:** ଚନ୍ଦ୍ରୟାନ-୨ ମିଶନ୍‌ର ଶେଷ ମୁହୂର୍ତ୍ତରେ ବିକ୍ରମ୍ ଲ୍ୟାଣ୍ଡର ସହ ଇସ୍ରୋର ସମ୍ପର୍କ ଛିନ୍ନ ହୋଇଥିଲା। ଏଭଳି ଏକ ଐତିହାସିକ ଘଟଣାର ସାକ୍ଷୀ ରହିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ଉପସ୍ଥିତ ଥିଲେ। ଯେତେବେଳେ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବାର ଶେଷ କେଇଟା ମୁହୂର୍ତ୍ତ ପୂର୍ବରୁ ବିକ୍ରମ ସହ ସମ୍ପର୍କ କଟିଯାଇଥିଲା, ସେତେବେଳେ ଇସ୍ରୋ ମୁଖ୍ୟ ଡ.କେ ଶିବନ୍‌ଙ୍କ ଆଖିରେ ଲୁହ ଆସିଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଆଲିଙ୍ଗନ ପୂର୍ବକ ପିଠି ଥାପୁଡ଼ାଇ ସାରା ଦେଶ ତାଙ୍କୁ ନେଇ ଗର୍ବିତ ବୋଲି କହି ସାହସ ଯୋଗାଇଥିଲେ। ଏଭଳି ଏକ ଭାବବିହ୍ୱଳ ମୁହୂର୍ତ୍ତର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏବେ ଏହି ଦୃଶ୍ୟକୁ ନେଇ ଅମୂଲ କମ୍ପାନୀ ପ୍ରସ୍ତୁତ କରିଛି ଏକ ନିଆରା ଡୁଡଲ୍। ଯେଉଁଥିରେ ଲେଖାଅଛି "ଚାନ୍ଦ୍ ତାରୋଁ କୀ ଛୁନେ କି ଆଶା"। ଇସ୍ରୋ ଏବଂ ସାରା ଦେଶକୁ ଏହି ମହାନ୍ ପ୍ରଚେଷ୍ଟା ପାଇଁ ଗୌରବାନ୍ୱିତ କରିବା ଉଦ୍ଦେଶ୍ୟରେ ଅମୂଲ ଏହି ସ୍ୱତନ୍ତ୍ର ଡୁଡଲ୍‌କୁ ସୋସିଆଲ ମିଡିଆରେ ଶେୟାର କରିଛି ଏବଂ କହିଛି ମିଶନ୍ ଖୁବ୍‌ଶୀଘ୍ର ସଫଳ ହେବ।

**ମୋଦି-ଶିବନ୍‌ଙ୍କ ଆଲିଙ୍ଗନକୁ ନେଇ ଅମୂଲର ସ୍ୱତନ୍ତ୍ର ଡୁଡଲ୍**




## ଚନ୍ଦ୍ରୟାନ-୨କୁ ନେଇ ଟ୍ରେନ୍ ଉପରେ ଚଢ଼ି ହଙ୍ଗାମା



ଭୋପାଳ: ଚନ୍ଦ୍ରୟାନ-୨ର ଲକ୍ଷ୍ୟ ପୂରଣ ଦିଗରେ ଏବେବି ଇସ୍ରୋର ପ୍ରୟାସ ଜାରି ରହିଥିବାବେଳେ ସାମ୍ନାକୁ ଆସିଛି ଏକ ରୋଚକ ଘଟଣା। ଶତ ପ୍ରତିଶତ ସଫଳ ନ ହୋଇଥିବା ଚନ୍ଦ୍ରୟାନ-୨ ମିଶନ୍‌କୁ ନେଇ ଜଣେ ମଦ୍ୟପ ଯୁବକ ହଙ୍ଗାମା କରିଥିବା ଜଣାପଡ଼ିଛି। ଘଟଣାଟି ଥିଲା ଏପରି, ମଧ୍ୟପ୍ରଦେଶର ଜଣେ ଯୁବକ ସଗର ଅଞ୍ଚଳରେ ଭୋର୍ ସମୟରେ ଏକ ଯାତ୍ରୀବାହୀ ଟ୍ରେନ୍ ଇଞ୍ଜିନ୍ ଉପରେ ବସିପଡ଼ିଥିଲେ। ଫଳରେ ଟ୍ରେନ୍‌ର ସ୍ୱାଭାବିକ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏପରି କି ମୁଣ୍ଡ ଉପରେ ହାଇଟେନ୍‌ସନ୍ ବିଦ୍ୟୁତ୍ ତାର ଥିଲେ ମଧ୍ୟ ସେଥିପ୍ରତି ତାଙ୍କର ଖାତିର୍ ନ ଥିଲା। ଯୁବକଙ୍କ ଏପରି କାଣ୍ଡରେ ବ୍ୟସ୍ତ ବିବ୍ରତ ହୋଇ ରେଲୱେ କର୍ମଚାରୀ ବିଦ୍ୟୁତ୍ ସଂଯୋଗ କାଟିବା ସହିତ ସେ ସେଠାରେ କାହିଁକି ବସିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତେବେ ଉତ୍ତର ଶୁଣିବା ପରେ ସମସ୍ତେ ଚକିତ ହୋଇଯାଇଥିଲେ। ଯୁବକ ଜଣକ କହିଥିଲେ ଚନ୍ଦ୍ରୟାନ-୨ କାହିଁକି ବିଫଳ ହେଲା? ତେବେ ଯେତେବେଳେ ଯୁବକଙ୍କୁ ଇଞ୍ଜିନ୍ ଉପରୁ ଉଠିଆସିବାକୁ କୁହାଗଲା, ସେ ରୋକ୍‌ଠୋକ୍ ମନା କରିବା ସହିତ ଧମକ୍ ଦେବା ଆରମ୍ଭ କରିଥିଲେ। ପ୍ରାୟ ଅଧଘଣ୍ଟା ପରେ ବହୁକଷ୍ଟରେ ତାଙ୍କୁ ତଳକୁ ଅଣାଯାଇଥିଲା। ଯାତ୍ରୀବାହୀ ଟ୍ରେନ୍ ଦୀର୍ଘ ସମୟ ଅଟକି ରହିବା ପରେ ଗନ୍ତବ୍ୟ ପଥରେ ଯାତ୍ରା କରିଥିଲା। ମଦ୍ୟପାନ କରିଥିବା ଏହି ଯୁବକଙ୍କର ମାନସିକ ଅବସ୍ଥା ଠିକ ନ ଥିବା କୁହାଯାଉଛି। ତାଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

## ର୍‍ୟାପ୍‌ସଙ୍ଗ୍‌ରେ ଟ୍ରାଫିକ ସଚେତନତା

**ଜୟପୁର:** ର୍‍ୟାପ୍ ସଙ୍ଗ୍ ଜରିଆରେ ଟ୍ରାଫିକ୍ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି କୋରାପୁଟ ଜିଲା ଜୟପୁର ସହରର ସାର୍ଥକ ସାହୁ (୧୭)। ଦେଶରେ ନୂତନ ସଂଶୋଧିତ ମୋଟର ଯାନ ଆଇନ ଲାଗୁ ହେବା ପରେ ଧୀରେଧୀରେ ଲୋକେ ଏ ଦିଗରେ ସଚେତନ ହେବା ଆରମ୍ଭ କରିଛନ୍ତି। ତେବେ ମୋବାଇଲ ଜରିଆରେ ଛାତ୍ର ଓ ଯୁବବର୍ଗଙ୍କୁ ଅଧିକ ଟ୍ରାଫିକ୍ ସଚେତନ କରିବା ପାଇଁ ଭିଡିଓ ଶୋ' ମୋବାଇଲ ଆପ୍ ମାଧ୍ୟମରେ ସାର୍ଥକ ନିଜ ସ୍ୱର ଦେଇ ପ୍ରସ୍ତୁତ କରିଛନ୍ତି ଏକ ର୍‍ୟାପ୍ ସଙ୍ଗ୍। ସେ ନିଜ ଜୀବନରେ



ଅଙ୍ଗେ ନିଭେଇଥିବା ଘଟଣାକୁ ଗୀତର ରୂପ ଦେଇଛନ୍ତି। ଏଥିରେ ହେଲମେଟ୍ ପିନ୍ଧିବା, ନିଶା ଖାଇ କିମ୍ବା ଦ୍ରୁତଗତିରେ ଗାଡ଼ି ନ ଚଳାଇବା ପାଇଁ ବାର୍ତ୍ତା ରହିଛି। ଦୁଇ ମିନିଟ୍ ୩୪ ସେକେଣ୍ଡର ଏହି ର୍‍ୟାପ୍‌ସଙ୍ଗ୍ ଏବେ ଚର୍ଚ୍ଚାର ପରିଧିକୁ ଆସିଲାଣି। ଉଲ୍ଲେଖଯୋଗ୍ୟ, ଜୟପୁର ସହରର ଇନ୍ଦିରା ଛକର ବାସିନ୍ଦା ସାର୍ଥକ ଯୁକ୍ତ ୨ ପଢ଼ା ପରେ ଏବେ କୋଚିଂ ନେଉଛନ୍ତି।

**ମୋବାଇଲ ଆପ୍‌ରେ ଗୀତ ରେକର୍ଡ଼ କରିଛନ୍ତି ଜୟପୁରର ସାର୍ଥକ ସାହୁ**

## କର୍ପୋରେଟ୍ କର୍ମଚାରୀଙ୍କ ଓଜନ ଅଧିକ

ସୁସ୍ଥ ରହିବା ପାଇଁ କେନ୍ଦ୍ର ସରକାର ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ହେଲେ ଏହା ଭିତରେ ଏକ ତଥ୍ୟ ପଦାକୁ ଆସିଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କର୍ପୋରେଟ୍ କ୍ଷେତ୍ରରେ କାମ କରୁଥିବା ୬୩ ପ୍ରତିଶତ ଭାରତୀୟଙ୍କ ଓଜନ ଅଧିକ। ଗତ ୧୨ ମାସ ଧରି 'ହେଲ୍‌ଦି ମି' ନାମକ ଆପ୍ ମାଧ୍ୟମରେ କରାଯାଇଥିବା ଅଧ୍ୟୟନରୁ ଏହି ତଥ୍ୟ ହାସଲ ହୋଇଛି। ଚେନ୍ନାଇ, ବେଙ୍ଗାଲୁରୁ, କୋଲକାତା, ଦିଲ୍ଲୀ ଓ ହାଇଦ୍ରାବାଦ ଭଳି ବଡ଼ ସହର ସମେତ ଗୁଜରାଟର ଭାପି ଓ ଝଗଡ଼ିଆ ଏବଂ ମହାରାଷ୍ଟ୍ରର ଖଣ୍ଡାଲାରେ କର୍ପୋରେଟ୍ କ୍ଷେତ୍ରର କର୍ମଚାରୀଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା।

ବ୍ୟାଙ୍କିଂ, ଆଇଟି ଏବଂ ମାର୍କେଟିଂ ଆଦି ସେକ୍ଟରରେ କାମ କରୁଥିବା ୬୦ ହଜାର କର୍ମଚାରୀଙ୍କ ଖାଦ୍ୟାଭ୍ୟାସ ଓ ଗତିବିଧିକୁ ଲକ୍ଷ୍ୟ କରାଯାଇଥିଲା। ଏହି ଅଧ୍ୟୟନରୁ ଜଣାପଡ଼ିଛି, ୬୩ ପ୍ରତିଶତ କର୍ମଚାରୀଙ୍କ ଓଜନ ସ୍ୱାଭାବିକଠାରୁ ଅଧିକ ଥିବାବେଳେ ସେମାନଙ୍କ ବଡି ମାସ୍ ଇଣ୍ଡେକ୍ସ (ବିଏମ୍‌ଆଇ) ୨୩ ରୁ ଉର୍ଦ୍ଧ୍ୱରେ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଜଣେ ବ୍ୟକ୍ତିଙ୍କ



ବିଏମ୍‌ଆଇ ୧୮.୫ରୁ ୨୪.୫ ଭିତରେ ରହିବା କଥା। ୨୫ ରୁ ଉପରକୁ ବିଏମ୍‌ଆଇ ରହିଲେ ବ୍ୟକ୍ତିଙ୍କ ଓଜନ ଅଧିକ ଥିବା ଜଣାଯାଏ ଏବଂ ବିଏମ୍‌ଆଇ ୩୦ରୁ ଉପରକୁ ହେଲେ ସେମାନଙ୍କୁ ମୋଟା କୁହାଯାଏ। ବିଶେଷଜ୍ଞଙ୍କ କହିବା ଅନୁସାରେ ଜଣେ ସକ୍ରିୟ କର୍ମଚାରୀ ସୁସ୍ଥ ଓ ସୁଖୀ ଜୀବନଯାପନ କରିବା ଆବଶ୍ୟକ। 'ହେଲ୍‌ଦି ମି'ର ସିଇଓ ତଥା ସହସମ୍ପାଦକ ତୁଷାର ବଶିଷ୍ଠ କୁହନ୍ତି, ଏହାଦ୍ୱାରା କର୍ମଚାରୀମାନେ କର୍ମକ୍ଷେତ୍ରରେ ଅଧିକ ସକ୍ରିୟ ରହିବେ।

# ବିକାଶର ପଥ ଖୋଲୁଛି


**ନ୍ୟୁୟର୍କ:** ଜାତିସଂଘର ଦକ୍ଷିଣ- ଦକ୍ଷିଣ ସହଯୋଗ ଦିବସ ସେପ୍ଟେମ୍ବର ୧୨ ରେ ପାଳନ କରାଯାଉଛି। ଦକ୍ଷିଣ ଦେଶଗୁଡିକ ଓ ତା' ଲୋକମାନଙ୍କ ଏକତାର ଏହା ଏକ ଅଭିବ୍ୟକ୍ତି । ଏହି ଦେଶଗୁଡିକର ମଙ୍ଗଳ ପାଇଁ ଏହାର ଯୋଗଦାନ ରହିଛି । ଦେଶଗୁଡିକର ଜାତୀୟତା ଓ ସାମୂହିକ ଆତ୍ମନିର୍ଭରଶୀଳତା ଏବଂ ଆନ୍ତର୍ଜାତିକ ସ୍ତରରେ ବିକାଶର ଲକ୍ଷ୍ୟ ଏପରିକି ୨୦୩୦ ସୁଦ୍ଧା ପୂର୍ଣ୍ଣ ବିକାଶ ଲାଗି ଏଜେଣ୍ଡାକୁ ହାସଲ କରିବା ଉପରେ ଦକ୍ଷିଣ-ଦକ୍ଷିଣ ସହଯୋଗ ଘୋଷଣା କରେ, ଜୋର୍ ମଧ୍ୟ ଦିଏ। ସବୁ ଦେଶର ସହଭାଗିତାରେ ରାଜନୈତିକ, ଅର୍ଥନୈତକି, ସାମାଜିକ,ସାଂସ୍କୃତିକ, ପରିବେଶ ଓ ଜ୍ଞାନକୌଶଳ ଦିଗରେ ଏହାର ସହଯୋଗ ରହିଛି। ଦୁଇ କିମ୍ବା ଏହାଠାରୁ ଅଧିକ ଦେଶ ଦ୍ୱିପାକ୍ଷିକ, ଆଞ୍ଚଳିକ କିମ୍ବା ଆନ୍ତଃ ଆଞ୍ଚଳିକ ସ୍ତରରେ ଆଲୋଚନା ମାଧ୍ୟମରେ ଏହାର ଲକ୍ଷ୍ୟ ହାସଲ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଦକ୍ଷିଣ-ଦକ୍ଷିଣ ସହଯୋଗର ଗୁରୁତ୍ୱକୁ ପ୍ରତିପାଦନ କରିବା ପାଇଁ ଜାତିସଂଘ ଦକ୍ଷିଣ-ଦକ୍ଷିଣ ସହଯୋଗ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୨ରେ ପାଳନ କରୁଛି। ୧୯୭୮ରେ ଜାତିସଂଘ ବିକାଶଶୀଳ ଦେଶଗୁଡିକ ମଧ୍ୟରେ ଟେକ୍‌ନିକାଲ ସହଯୋଗକୁ ଆଗକୁ ନେବା ଲାଗି ଏକ ପ୍ରସ୍ତାବ ଗ୍ରହଣ କରିବା ଅବସରରେ ଦେଶଗୁଡିକର ବିକାଶ,ସମନ୍ୱୟ ପାଇଁ ଦକ୍ଷିଣ-ଦକ୍ଷିଣ ସହଯୋଗର ସ୍ୱତନ୍ତ୍ର କେନ୍ଦ୍ର ସ୍ଥାପନ କରିଥିଲା। ଏହି ଦିନକୁ ସ୍ମରଣ କରିବା ଲାଗି ପ୍ରଥମେ ୨୦୦୩ରେ ଜାତିସଂଘ ମହାସଭା ଡିସେମ୍ବର ୧୯କୁ ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ସ୍ୱତନ୍ତ୍ର ଦିବସ ପାଳନ କରିବାକୁ ସ୍ଥିର କରିଥିଲା। ବିକାଶର ମୂଳରେ ଅର୍ଥ ଓ ଜ୍ଞାନକୌଶଳ ଯାହା ଦକ୍ଷିଣ-ଦକ୍ଷିଣ ସହଯୋଗ ଲାଗି ଏକ କଷ୍ଟକର ବ୍ୟାପାର। ଆନ୍ତର୍ଜାତିକ ମୁଦ୍ରା କୋଷ ଓ ବିଶ୍ୱ ବ୍ୟାଙ୍କର ବିକଳ୍ପ ଭାବେ ଦକ୍ଷଣ-ଦକ୍ଷିଣ ବ୍ୟାଙ୍କ ପ୍ରତିଷ୍ଠା କରିବା କାଠିକର ପାଠ ଥିଲା। କିନ୍ତୁ ଦୁଇଟି ଦକ୍ଷିଣ-ଦକ୍ଷିଣ ବ୍ୟାଙ୍କ ଖୋଲିବା ପରେ ଏହି ଆଶଙ୍କା ଦୂର ହୋଇଛି। ଏଥିରେ ଭାରତ ସମେତ ବହୁ ବିକାଶଶୀଳ ଦେଶ ଯୋଡ଼ିହେବା



ପରେ ବିକାଶକୁ ଏକ ନୂଆ ବାଟ ମିଳିଯାଇଛି। ଚାଇନା ମଧ୍ୟ ଏସିଆନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍ ବେଜିଂରେ ଖୋଲିବା ପରେ ଏଥିରେ ଜର୍ମାନୀ, ଇଂଲଣ୍ଡ, ଉତ୍ତର କୋରିଆ ଓ ଫ୍ରାନ୍ସ ସମେତ ୫୦ଟି ଦେଶ ସାମିଲ ହେବା ଦ୍ୱାରା ଦକ୍ଷିଣ ଦକ୍ଷିଣ ଦେଶଗୁଡିର ବିକାଶ ତ୍ୱରାନ୍ୱିତ ହେବାକୁ ସହଜ ହୋଇପାରିଛି।

ଚଳିତ ବର୍ଷ ଜୁନ୍‌ରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଭାରତକୁ ଦକ୍ଷିଣ-ଦକ୍ଷିଣ ସହଯୋଗର ଏକ ଦୃଢ ସମର୍ଥକ ବୋଲି ଅଭିହିତ କରିଛନ୍ତି। ଜାତିସଂଘର ବିକାଶ ଧାରାର ଉନ୍ନତି ଆଣିବାରେ ଭାରତ ସଦାସର୍ବଦା ଚେଷ୍ଟା କରିଆସିଛି ବୋଲି ସେ କହିଛନ୍ତି। ଭାରତ- ଜାତିସଂଘ ବିକାଶ ଭାଗୀଦାରି କୋଷ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଯାହା ସମସ୍ତଙ୍କ ପାଇଁ ଏକ ସୁଯୋଗ ଓ ସମୃଦ୍ଧିର ବାଟ ଖୋଲି ଦେଇଛି। ଜାତିସଂଘରେ ଭାରତର ସ୍ଥାୟୀ ଲକ୍ଷ୍ୟ ଏବଂ ଦକ୍ଷିଣ-ଦକ୍ଷିଣ ସହଯୋଗ ପାଇଁ ଜାତିସଂଘ କାର୍ଯ୍ୟାଳୟରେ ବି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭାରତ-ଜାତିସଂଘ ବିକାଶ ଭାଗୀଦାରି କୋଷର ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୁଟେରେସଙ୍କ ସନ୍ଦେଶ ପଠ କରାଯାଇଥିଲା। ଦକ୍ଷିଣ-ଦକ୍ଷିଣ ସହଯୋଗ ଦିବସରେ ଜାତିସଂଘ ସହ କାର୍ଯ୍ୟକରିବାର ଲକ୍ଷ୍ୟ ନେଇ ବିକାଶଶୀଳ ଦେଶଗୁଡିକ ସେମାନଙ୍କ ପ୍ରତିବଦ୍ଧତାକୁ ସୁଦୃଢ କରିବା ଲାଗି ବିଭିନ୍ନ ଦେଶର ନେତୃବୃନ୍ଦ ଦୃଷ୍ଟିକୋଣ ଉପସ୍ଥାପନ କରନ୍ତି।

**ଜାତିସଂଘର ଦକ୍ଷିଣ-ଦକ୍ଷିଣ ସହଯୋଗ ଦିବସ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ବର୍ଷା ହେବାକୁ ଥିବାବେଳେ କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୬ | ୨୪.୭ |
| ଚାନ୍ଦବାଲି | ୨୮.୨ | ୨୫.୫ |
| କଟକ | ୨୮.୬ | ୨୨.୫ |
| ପାରାଦୀପ | ୨୮.୫ | ୨୪.୧ |
| ଭୁବନେଶ୍ୱର | ୨୯.୨ | ୨୫.୨ |
| ଗୋପାଳପୁର | ୩୦.୦ | ୨୬.୮ |
| ପୁରୀ | ୩୦.୦ | ୨୭.୦ |
| ଅନୁଗୋଳ | ୨୯.୨ | ୨୧.୦ |
| ବାରିପଦା | ୨୮.୦ | ୨୬.୪ |
| ଝାରସୁଗୁଡ଼ା | ୨୯.୮ | ୨୫.୨ |
| କେନ୍ଦୁଝର | ୨୮.୩ | ୨୫.୧ |
| ସମ୍ବଲପୁର | ୩୦.୦ | ୨୫.୫ |
| ସୁନ୍ଦରଗଡ଼ | ୨୯.୫ | ୨୨.୦ |
| ହୀରାକୁଦ | ୨୯.୩ | ୨୬.୫ |
| ତାଳଚେର | ୩୦.୧ | ୨୪.୩ |
| ଭବାନୀପାଟଣା | ୩୨.୦ | ୨୬.୨ |
| ବଲାଙ୍ଗୀର | ୨୯.୫ | ୨୫.୦ |
| କୋରାପୁଟ | ୨୪.୦ | ୨୧.୦ |
| ଫୁଲବାଣୀ | ୨୮.୦ | ୨୪.୦ |
| ଟିଟିଲାଗଡ଼ | ୩୧.୦ | ୨୨.୫ |
| ମାଲକାନଗିରି | ୨୭.୦ | -- |
| ସୋନପୁର | ୩୦.୨ | ୨୨.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୨ର ପ୍ରମୁଖ ଘଟଣା

୧୯୪୦ ସେପ୍ଟେମ୍ବର ୧୨ରେ ଆମେରିକାର ନ୍ୟୁ ଜର୍ସିସ୍ଥିତ କେନ୍‌ଭିଲ ହର୍କୁଲେସ୍ ପାଉଡର୍ କମ୍ପାନୀ ପ୍ଲାଣ୍ଟରେ ବିସ୍ଫୋରଣ ହେବା ଫଳରେ ୫୧ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୨୦୦ରୁ ଅଧିକ ଲୋକ ଆହତ ମଧ୍ୟ ହୋଇଥିଲେ। ଏହି ସିରିଜ୍ ବିସ୍ଫୋରଣରେ ପ୍ରାୟ ୨୦ କୋଠା କ୍ଷତିଗ୍ରସ୍ତ ହୋଇଥିଲା।

୨୦୧୫ ସେପ୍ଟେମ୍ବର ୧୨ରେ ମଧ୍ୟପ୍ରଦେଶର ଝାବୁଆ ଜିଲା ଅନ୍ତର୍ଗତ ପେଟ୍‌ଲାୱାଡ୍‌ରେ ବିସ୍ଫୋରଣ ହେବା ଫଳରେ ୧୦୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଦୁଇଟି ବିସ୍ଫୋରଣରେ ଆଖପାଖରେ ଥିବା ରେଷ୍ଟୁରାଣ୍ଟ ଓ କୋଠା କ୍ଷତିଗ୍ରସ୍ତ ହୋଇଥିଲା। ବେଆଇନ ଭାବେ ବିସ୍ଫୋରକଗୁଡ଼ିକ ରଖାଯାଇଥିବାବେଳେ ଗ୍ୟାସ୍ ସିଲିଣ୍ଡର ସଂସ୍ପର୍ଶରେ ଆସିବାରୁ ଏଭଳି ଅଘଟଣ ଘଟିଥିଲା ବୋଲି ଜଣାପଡ଼ିଛି।

## 'ଷ୍ଟେଜ୍‌ରେ ଗୀତ ଗାଇବି ବୋଲି ଆଶା ଥିଲା'

**ମୁମ୍ବାଇ:** ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ରାନୁ ମଣ୍ଡଳ ଦିନେ ନା ଦିନେ ଷ୍ଟେଜ୍‌ରେ ଗୀତ ଗାଇବେ ବୋଲି ବିଶ୍ୱାସ ରଖିଥିଲେ ବୋଲି କହିଛନ୍ତି। ରେଲ୍‌ୱେ ପ୍ଲାଟଫର୍ମରେ 'ଏକ୍ ପ୍ୟାର୍ କା ନଗ୍‌ମା ହୈ' ସେ ଗାଇଥିବା ଗୀତପରେ ଭାଇରାଲ ହୋଇଥିଲା। ତାଙ୍କ ସୁଲଳିତ କଣ୍ଠସ୍ୱର ସଙ୍ଗୀତକାର ହିମେଶ୍ ରେଶମିୟାଙ୍କୁ ଆକର୍ଷିତ କରିଥିଲା। ସେ ତାଙ୍କ ଅପ୍ କମିଂ ଫିଲ୍ମ 'ହାପି ହାର୍ଡି ଆଣ୍ଡ୍ ହୀର୍'ରେ ରାନୁଙ୍କୁ ଟାଲେଣ୍ଟ ଦେଖାଇବାର ସୁଯୋଗ ଦେଇଥିଲେ। ରାନୁଙ୍କ ଦୁଇଟି ଗୀତ ରେକର୍ଡ କରାଯାଇଥିଲା। ଲୋକଙ୍କ ଭଲପାଇବା ତାଙ୍କ ପାଇଁ ଆଶୀର୍ବାଦ ପାଲଟିଛି ବୋଲି ରାନୁ କହିଛନ୍ତି। ଏଥିଲାଗି ହିମେଶ୍‌ଜୀଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।



ଭଗବାନଙ୍କ ଆଶୀର୍ବାଦରୁ ଭଲ ଗୀତ ଗାଇପାରୁଥିବା ରାନୁ ଏମିତି ଦିନ ମୋ ପାଇଁ କେବେ ଆସିବ ବୋଲି ଭାବି ନ ଥିଲେ। ପଶ୍ଚିମବଙ୍ଗର ୫୮ ବର୍ଷୀୟା ଏହି ମହିଳା ଲତା ମେଙ୍ଗସ୍‌କରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ପ୍ରକାଶ କରିଛନ୍ତି। ଆଶା ହରାଇନି ଓ ଭବିଷ୍ୟତରେ ବି ଗୀତ ଗାଇବାକୁ ଉତ୍ସାହିତ ଥିବା ସେ କହିଛନ୍ତି। ମୋତେ ଏବେ ଷ୍ଟେଜ୍‌ରୁ କେହି ଅଲଗା କରିପାରିବେ ନାହିଁ, ସଙ୍ଗୀତ ସହ ମୁଁ ଯୋଡ଼ିହୋଇ ଯାଇଛି। ପିଲାବେଳରୁ ସଙ୍ଗୀତପ୍ରିୟ ରହିଥିବା ରାନୁ ରଫି, ମୁକେଶ, କିଶୋର କୁମାର, ଲତାଜୀ, କୁମାର ସାନୁ, ସୋନୁ ନିଗମ୍‌ଙ୍କ ଗୀତ ଶୁଣିବା କେବେ ବନ୍ଦ କରି ନ ଥିବା କହିଛନ୍ତି।

## ସଂକ୍ଷେପରେ

### ମୋବାଇଲ ଦୋକାନରୁ ଚୋରି ଘଟଣା
## ଜେଲ ଗଲେ ଯୁବକ

**ଆରଡ଼ି,୧୧।୯(ଡି.ଏନ.ଏ.)-** ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ଅନ୍ତର୍ଗତ ମଠଡିହ ଛକରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ସମ୍ପୃକ୍ତ ଦୀପକ ବାରିକ ନାମକ ଯୁବକଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ରବିବାର ରାତିରେ ଉକ୍ତ ଦୋକାନରୁ ଚୋରି ହୋଇଥିଲା। ଏହି ମାମଲାରେ ଛନ୍ଦି ହୋଇ ପଡ଼ିଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣଙ୍କୁ ଧୂଷୁରୀ ଥାନା ପୋଲିସ ସର୍ତ୍ତ ରଖି ବୁଧବାର ଛାଡ଼ି ଦେଇଛି। ପୋଲିସ ଥାନାରେ ଏକ ମାମଲା(ନଂ.୧୭୦/୧୯) ରୁଜୁ କରି ବୁଧବାର ଓଲଗ ଗ୍ରାମର ଦୀପକଙ୍କୁ ଗିରଫ ପୂର୍ବକ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭଦ୍ରକ ଜେଲ୍ ହାଜତକୁ ପଠାଯାଇଛି।

## ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ପ୍ରସ୍ତୁତି

**କେନ୍ଦୁଝର,୧୧।୯(ସ୍ୱ.ପ୍ର.)-**ମଙ୍ଗଳବାର ଅପରାହ୍ନରେ ଗୋଷ୍ଠୀଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ସଦର ବ୍ଲକର ବିଦ୍ୟାଳୟ ସମୂହର ୨୦୧୯-୨୦ ମସିହାର ଖେଳକୁଦ ପ୍ରତିଯୋଗିତାର କାର୍ଯ୍ୟସୂଚୀ ଏବଂ ସ୍ଥାନ ତାରିଖ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ତାରିଖ ଶୁକ୍ରବାର ସଦର ବ୍ଲକ ରାଇସୁଆଁ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି। ଏଥିରେ ୯ଗୋଟି ବିଭାଗର ୧୭ବର୍ଷରୁ କମ ବାଳିକାବାଳକ ଓ ୧୪ବର୍ଷରୁ କମ ବାଳିକା ବାଳକ ବିଭାଗରେ କବାଡ଼ି ଖୋ-ଖୋ ପ୍ରତିଯୋଗିତା ହେବ। କେବଳ ବରିଷ୍ଠ ବିଭାଗରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏ.ବି.ଇ.ଓ ରଘୁନାଥ ବେହେରା, ହୃଷିକେଶ ମହାନ୍ତ, ସିଆରସିସି ତମ୍ବୁରୁଧର ସାହୁ, ତିଲୋତ୍ତମା ସାହୁ, ଶାରିରୀକ କ୍ରିଡ଼ା ଶିକ୍ଷକ ପ୍ରଦୀପ ବାରିକ,ରଞ୍ଜନ ମହାନ୍ତ, ସସ୍ମିତା ବିଶ୍ୱାଳ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତଥିଲେ।

## ଆବାସ ଯୋଜନା ସମ୍ପର୍କିତ ସମ୍ମିଳନୀ

**ବନ୍ତ,୧୧।୯(ଡି.ଏନ.ଏ.)-**ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଡିଆର୍‌ଡିଏ ଏପିଡି, ବିଡିଓ ରେବେକା ବିଲୁଙ୍ଗ, ସରପଞ୍ଚ ରଞ୍ଜନ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ପ୍ରସାଦ ନାୟକ, ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ଗ୍ରାମରୋଜଗାର ସେବକ ନିରାକର ଘଡେଇ ପ୍ରମୁଖ ଯୋଗଦେଇ ଆବାସ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସାମିଲ ଥିବା ଶତାଧିକ ହିତାଧିକାରୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଅଶୋକ ବେହେରା, ଶ୍ରୀକାନ୍ତ ସାହୁ, ଅରବିନ୍ଦ ବିଶ୍ୱାଳ ଓ ପଦ୍ମନାଭ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସମସ୍ୟା ଘେରରେ କରଦାଙ୍ଗି ଆବାସିକ ଛାତ୍ରୀନିବାସ

**ତେଲକୋଇ,୧୧।୯(ଡି.ଏନ.ଏ.)-** ତେଲକୋଇ ବ୍ଲକ ଅନ୍ତର୍ଗତ କରଦାଙ୍ଗି ମୁଖ୍ୟାଳୟଠାରେ ଆବାସିକ ଛାତ୍ରୀନିବାସ ରହିଛି । ଉକ୍ତ ଛାତ୍ରୀନିବାସରେ ୫ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ ଜଣ ରହିବାପାଇଁ ସୁବିଧା ରହିଛି। ଯୋଜନା ମୁତାବକ ସଂପୃକ୍ତ ଛାତ୍ରୀ ମାନଙ୍କ ପାଇଁ ରୁଟିନ ଅନୁଯାଇ ଖାଦ୍ୟ ପେୟ, ଔଷଧ ମଶାରି, କମଳ ସମେତ ସମସ୍ତ ସୁବିଧା କରାଯାଇଛି। କିନ୍ତୁ ଛାତ୍ରୀ ମାନେ କେବଳ ଭାତ, ଡାଲିପାଣିରେ ସନ୍ତୁଷ୍ଟ ହେବାକୁ ପଡିଥିବା ଅଭିଭାବକ ମାନେ ବ୍ଲକ ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି । ସେହିପରି ଅଧିକାଂଶ ଛାତ୍ରୀ ବିନା ମଶାରିରେ ରହୁଥିବା ଯୋଗୁଁ ମାଲେରିଆ ଭୟ ରହୁଛି। ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକଙ୍କ ମଧ୍ୟରେ ବିବାଦ ଯୋଗୁ ଶିକ୍ଷାର୍ଥୀମାନେ ଅସହାୟ ଅବସ୍ଥାରେ ରହିଥିବା କୁହାଯାଇଛି । ପ୍ରଧାନ ଶିକ୍ଷକ ଅନୁପସ୍ଥିତ ରହିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ଯେ ଅଭିଭାବକଙ୍କ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିକ୍ଷକ ମାନଙ୍କ ବିବାଦ ପ୍ରଶ୍ନରେ କହିଲେ ଯେ ସଂପୃକ୍ତ ବିଦ୍ୟାଳୟକୁ ଯାଇ ସମସ୍ତ ଶିକ୍ଷକଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ।

### ■ ବାଉଁଶୂଳୀ-ଖିରେଇଟାଙ୍ଗିରୀ ରାସ୍ତା ଶୋଚନୀୟ
# ପକ୍କା ରାସ୍ତା କରିବାକୁ ଅଞ୍ଚଳବାସୀଙ୍କ ଦାବି

**କେନ୍ଦୁଝର, ୧୧।୯(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଗମନାଗମନ ସୁବିଧା କରିବା ପାଇଁ ରାସ୍ତା ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଦେଶ ସ୍ୱାଧିନତାର ୭୨ ବର୍ଷ ପରେ ମଧ୍ୟ ଅନେକ ଗାଁ ଅଛି ଯେଉଁଠି ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ଯିବା ପାଇଁ ଭଲ ପିଚୁ ରାସ୍ତାଟିଏ ନାହିଁ। ଏମିତି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ବାଉଁଶୂଳୀରୁ ଖିରେଇଟାଙ୍ଗିରୀ ପର୍ଯ୍ୟନ୍ତ ୩ କି.ମି. ରାସ୍ତା। ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ମାଟି ରାସ୍ତା ଥିବା ଏହି ଗ୍ରାମ୍ୟ ରାସ୍ତାରେ ଏବେ ଘାଇ ସୃଷ୍ଟି ହୋଇ ପାଣି ଚାଲୁଛି। ଉଖୁଣ୍ଡା-ବାଉଁଶୂଳୀ ରାସ୍ତାର ବାଉଁଶୂଳୀ ପୋଖରୀ ନିକଟରୁ ଏହି ଗ୍ରାମ୍ୟ ରାସ୍ତା ଦେଇ ଲୋକେ ଖିରେଇଟାଙ୍ଗିରୀକୁ ଯାତାୟାତ କରୁଥିବାବେଳେ ଏହି ରାସ୍ତାକୁ ଲୋକମାନେ ବାଇପାସ୍ ରାସ୍ତା ଭାବେ ବ୍ୟବହାର କରିଥାନ୍ତି। ଉଖୁଣ୍ଡା ପଟୁ କେନ୍ଦୁଝର ଆଡକୁ ଆସୁଥିବା ଲୋକମାନେ ବାଉଁଶୂଳୀ ଛକକୁ ନଯାଇ ଏହି ରାସ୍ତା ଦେଇ ଖିରେଇଟାଙ୍ଗିରୀଠାରେ ଜାତୀୟ ରାଜପଥ ୪୯କୁ ଧରିଥାନ୍ତି। ବର୍ତ୍ତମାନ ଜାତୀୟ ରାଜପଥ ୪୯ର ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ଯୋଗୁଁ ଅଧିକାଂଶ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଏବେ ଏହି ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହି ରାସ୍ତା ଦେଇ ଯିବା ଆସିବା କରିବାକୁ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଦିନ ହେବ ଏହି ରାସ୍ତାରେ ମୋରମ ମୁଠାଏ ପଡିନଥିବାରୁ ଅନେକ ସ୍ଥାନରେ ଖାଲଖମା ହୋଇ ପାଣି ଜମି ରହିଛି। ସ୍କୁଲ,କଲେଜ ଯାତାୟତ କରୁଥିବା ଛାତ୍ରଛାତ୍ରୀ,ମେଡିକାଲ ଯିବାକୁ ଥିବା ଗର୍ଭବତୀ ମହିଳା,ବରିଷ୍ଠ ନାଗରିକ ଏଠାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଏହି ରାସ୍ତାର ଦୁରବସ୍ଥା ପ୍ରତି ଦୃଷ୍ଟି ଦେଇ ପିଚୁ କିମ୍ବା କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ବାଉଁଶୂଳୀ-ଖିରେଇଟାଙ୍ଗିରୀ ରାସ୍ତା ଖାଲଖମାରେ ଭର୍ତ୍ତି।

# ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

**ବାରିପଦା ଅଫିସ,୧୧।୯**

ମୋରଡ଼ା ବ୍ଲକ ଅନ୍ତର୍ଗତ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ଚିତ୍ରଡ଼ାଠାରେ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ୧୭ ବର୍ଷରୁ କମ୍ ବର୍ଗର ବାଳିକାବାଳକମାନଙ୍କର ମୟୂରଭଞ୍ଜ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଏମପି ଇଂ. ବିଶେଶ୍ୱର ଟୁଡୁ, ସମ୍ମାନିତ ଅତିଥି ରୂପେ ଚିତ୍ରଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା, ମୋରଡ଼ା ବ୍ଲକ ଶିକ୍ଷା ଅଧିକାରୀ ସୁଦାମ ଚନ୍ଦ୍ର ଧଳ, ବରିଷ୍ଠ ଖବରଦାତା ରଞ୍ଜିତ କୁମାର ସାହୁ, ଚିତ୍ରଡ଼ାସ୍ଥିତ ଏସ୍‌ଏସ୍‌ବି ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଚେୟାର ପରସନ ଜେମାମଣି ମହାନ୍ତ, ଡି.କେ. ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରୋଦ ଚନ୍ଦ୍ର ମହାନ୍ତ, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତ, ଅୟୋଜକ ବିଦ୍ୟାଳୟ ଉନ୍ନୟନ ଓ ପରିଚାଳନା କମିଟିର ଚେୟାର ପରସନ ପ୍ରଦୀପ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

କ୍ରୀଡ଼ା ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରୁ ୨୩୧ ଜଣ କ୍ରୀଡ଼ାବିତ୍, ସେଣ୍ଟ୍ରାଲ ଅଫିସିଆଲ ୮ଜଣ, ୧୨ ଜଣ ଅଫିସିଆଲ ଓ ୫୩ ଜଣ ଟିମ୍ ମ୍ୟାନେଜର ଯୋଗ ଦେଇଛନ୍ତି। ସେଣ୍ଟ୍ରାଲ ଅଫିସିଆଲ ହରିଶ୍ଚନ୍ଦ୍ର ରାଉତ, ସନ୍ତୋଷ ମୁଖୀ, ଗଣେଶ୍ୱର ବିନ୍ଧାଣୀ, ଦୀପକ ରାମ, ଅବନୀ ଭଞ୍ଜ, ପଙ୍କଜ ବେହେରା, ବୀରେନ୍ଦ୍ର ଦଳେଇ , ବିଚାରକ ଭାବେ ନବକିଶୋର ଦଣ୍ଡପାଟ, ନିରଞ୍ଜନ ସିଂଦେବ ସଙ୍ଗୋନ, କାର୍ତ୍ତିକ ଚନ୍ଦ୍ର ସାମଲ, ପ୍ରଦୀପ ମହାନ୍ତ, ସୂର୍ଯ୍ୟସ୍ମିତା ବିଶ୍ୱାଳ, ହିମାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ପିଇଟି ଭାରତୀ ମହାନ୍ତ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।



ଉଦଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର

**ପାଟଣା,୧୧।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ସଭାଗୃହଠାରେ ଶ୍ରୀଅରବିନ୍ଦ ସାଧନା ପୀଠ କେନ୍ଦୁଝର ତରଫରୁ ଶ୍ରୀଅରବିନ୍ଦ ଜିଲା ସ୍ତରୀୟ ପାଠଚକ୍ର ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ଅରବିନ୍ଦ ସାଧନା ପୀଠର ଆବାହକ ଶ୍ରୀକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସି.ଏଚ. ନିରାକାର ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ କଥାମୃତ କହିବା ସହ ଆଶ୍ରିତ ଭକ୍ତଙ୍କର ବିଭିନ୍ନ ପ୍ରଶ୍ନ ଗୁଡିକର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ପାଟଣାର ସଭାପତି ରଜତ କୁମାର କର, ସଞ୍ଜିତ କୁମାର କର, ଖବରଦାତା କାମିନୀ କାନ୍ତ ଦ୍ୱିବେଦୀ, ଅଂଶୁମାଳୀ ସେଠୀ, ସଞ୍ଜୁଲତା ମହାନ୍ତ, ଶକୁନ୍ତଳା ପତି, ବବିତା ବାରିକ, ଲିପିକା ମଞ୍ଜରୀ ମହାନ୍ତ ଓ ଲକ୍ଷ୍ମୀକାନ୍ତି ବେହେରା ପ୍ରମୁଖ ସଂଯୋଜନା କରିଥିଲେ।

## ଶିଶୁକନ୍ୟା ଉଦ୍ଧାର

**ବେତନଟୀ,୧୧।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ସାପ୍ତାହିକ ହାଟ ପରିସରରେ ଏକ ଜଳଖିଆ ଦୋକାନରୁ ବୁଧବାର ୫ ବର୍ଷର କନ୍ୟା ସନ୍ତାନକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବେତନଟୀ ଥାନାକୁ ହସ୍ତାନ୍ତର କରିଛନ୍ତି। ଶିଶୁ କନ୍ୟା ନିକଟରେ ଏକ ବ୍ୟାଗରେ ଥିବା ଆଧାର ସୂଚନାରୁ ଶିଶୁ କନ୍ୟାଟିର ଘର କଟକ ଜିଲା ଜଗତପୁର ଅଞ୍ଚଳରେ ଓ ସେ ବୈଶିଙ୍ଗା ଥାନା ଅଧୀନରେ ରହୁଥିବା ଜଣାପଡିଛି। ବେତନଟୀ ଥାନା ପୋଲିସ ପକ୍ଷରୁ ଶିଶୁକନ୍ୟାଙ୍କୁ ବାରିପଦା ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ବେଞ୍ଚରେ ବସିବାକୁ ବିବାଦ

**କେନ୍ଦୁଝର, ୧୧।୯ (ସ୍ୱ.ପ୍ର.)**

ହରିଚନ୍ଦନପୁର ଏକ ବିଦ୍ୟାଳୟରେ ଏକ ବେଞ୍ଚକୁ ନେଇ ପ୍ରଧାନଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ କରିଥିବା ବେଳେ ପ୍ରଧାନଶିକ୍ଷକ ଏହାକୁ ଖଣ୍ଡନ କରିଛନ୍ତି। ଏହି ଘଟଣାକୁ ନେଇ ବିଦ୍ୟାଳୟର ଦୁଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ପ୍ରଧାନଶିକ୍ଷକ ବିବାଦ ସମାଧାନ ପାଇଁ ବୁଧବାର ଏକ ବୈଠକ ଡାକିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ୪ର୍ଥ ଶ୍ରେଣୀ କର୍ମଚାରୀ ଦ୍ୱୟ ବିଦ୍ୟାଳୟ ବାରଣ୍ଡାରେ ଆନ୍ଦୋଳନରେ ବସିଥିବା ଜଣାପଡିଛି । ୧୯୬୦ ମସିହାରୁ ଅଫିସ ଆଗରେ ଏକ କାଠ ବେଞ୍ଚରେ ୪ର୍ଥ ଶ୍ରେଣୀ କର୍ମଚାରୀ ବସାଉଠା କରିଆସୁଥିଲେ । ସେହିପରି ବିଦ୍ୟାଳୟକୁ ଆସୁଥିବା ପିଲାଙ୍କ ଅଭିଭାବକ ମାନେ ମଧ୍ୟ ଏହି ବେଞ୍ଚରେ ବସୁଥିଲେ । ତେବେ ଉକ୍ତ ବେଞ୍ଚକୁ ପ୍ରଧାନଶିକ୍ଷକ ଉଠାଇ ନେଇ ଏକ ଘରେ ଚାବି ପକାଇ ରଖିଦେବାରୁ ଏହିବିବାଦ ଦେଖାଦେଇଛି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ପ୍ରଧାନଶିକ୍ଷକ ଦୁଃଶାସନ ମହାନ୍ତଙ୍କୁ ପଚାରିବାରୁ ଅଭିଯୋଗକୁ ଅସ୍ୱୀକାର କରିବା ସହ ଅଭିଯୋଗକାରୀ ମାନେ ମଦ୍ୟପାନ କରି ବିଦ୍ୟାଳୟକୁ ଆସିଥିବା ଜଣେ ମ୍ୟାଡାମଙ୍କୁ ଅସଦାଚରଣ କରିଥିଲେ। ସେହିପରି ଅନେକ ସମୟରେ ଶିକ୍ଷକ ମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ଏଣୁ ଉକ୍ତ ବେଞ୍ଚରେ ଏକାଠି ବସୁଥିବାରୁ ଏଭଳି ଘଟଣା ଘଟୁଥିବାରୁ ଉକ୍ତ ବେଞ୍ଚକୁ ଉଠାଇନିଆଯାଇ ଚେୟାରରେ ଏକାକୀ ବସିବାକୁ କହିବାରୁ ଏଭଳି ମିଥ୍ୟା ଅଭିଯୋଗ କରୁଥିବା କହିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଜଣାଇଦିଆଯାଇଛି।

# ରାଜପୁର ତାଜିଆ ୧ମ, ଶାସନବାଡ଼ ୨ୟ, ଶେଖବାଡ଼ ୩ୟ

**ଜଳେଶ୍ୱର,୧୧।୯**

ବାଲେଶ୍ୱର ଜିଲା ଜଳେଶ୍ୱରରେ ପାରମ୍ପରିକ ତାଜିଆ ଶୋଭାଯାତ୍ରା ସମେତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ମହରମ ପର୍ବ ପାଳିତ ହୋଇଯାଇଛି। ତାଜିଆ ଶୋଭାଯାତ୍ରା ମଙ୍ଗଳବାର ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇ ରାତ୍ରି ୧୧ଟା ଯାଏ ଚାଲିଥିଲା। ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ରାଜପୁର, ଶେଖବାଡ଼, ଶାସନବାଡ଼ ଆଦି ବସ୍ତିରୁ ଆସିଥିବା ସୁସଜ୍ଜିତ ତାଜିଆକୁ ପ୍ରଥମେ ମୁଖ୍ୟ ସଡ଼କକୁ ଅଣାଯାଇଥିଲା । ଏହାପରେ ଶୋଭାଯାତ୍ରା ଜଳେଶ୍ୱର ଥାନା ପର୍ଯ୍ୟନ୍ତ ଯାଇଥିଲା। ପ୍ରତ୍ୟେକ ବସ୍ତିର ତାଜିଆ ସହ ବାଡ଼ିଖେଳ ଭଳି ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ପ୍ରଶାସନ ତରଫରୁ ଏକ କମିଟି ଗଠନ କରାଯାଇ ତାଜିଆର ସାଜସଜ୍ଜା, ବିଭିନ୍ନ ଆଖଡ଼ା ପକ୍ଷରୁ ବାଡ଼ିଖେଳ ଓ ଶାନ୍ତିଶୃଙ୍ଖଳା ପରିସ୍ଥିତି ଉପରେ ନଜର ଉପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମିଠା ପ୍ରଦାନ କରାଯାଇଥିଲା। ରାଜପୁର ତାଜିଆ ୧ମ ସ୍ଥାନ ଅଧିକାର କରିଥିବା ବେଳେ ଶାସନବାଡ଼ ୨ୟ ଓ ଶେଖବାଡ଼ ୩ୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା, ଜଳେଶ୍ୱର ବିଡିଓ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ, ଆଇଆଇସି ପ୍ରଦୀପ କୁମାର ମାଝି, ବିଦ୍ୟୁତ୍ ବିଭାଗ ଏସଡିଓ ଭୁବନ ସାହୁ, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, କୁଞ୍ଜବିହାରୀ ଦାସ, ପତିତପାବନ ପ୍ରଧାନ, ଗୋବିନ୍ଦ ସାହୁ, ରିୟାଜ ଖାଁ, ସେକ ଫରିଦ ଅହମ୍ମଦ, ସେକ ସାଜନ, ସେକ ଅବଦୁଲ ରହିମ, ମୀର ଆବାସ ଅଲ୍ଲୀ ଓ ହସିରୁଦ୍ଦିନ ବକ୍ସ ପ୍ରମୁଖ ଉପସ୍ଥିତ ଥିଲେ। ଏକ ନମ୍ବର ତାଜିଆର ଖଲିଫା ମମତାଜ ଖାନ ଓ ଅନ୍ୟ ତାଜିଆର ଖଲିଫାମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।


ତାଜିଆ ଶୋଭାଯାତ୍ରା।

## ବେଆଇନ ମଦ କାରବାର ବନ୍ଦ ପାଇଁ ଦାବିପତ୍ର

**ଭଦ୍ରକ ଅଫିସ, ୧୧।୯**

ପୁରୁଣାବଜାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚୋରାମଦ କାରବାର ଚାଲିଛି। ଏ ନେଇ ଅଞ୍ଚଳବାସୀ ଏସ୍‌ପି, ଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୨ ନଂ ୱାର୍ଡର ଛଡାକମହଲା, ୨୩ ନଂ ୱାର୍ଡ ମିର୍ଜାପୁର, ୨୬ ନଂ ୱାର୍ଡ ଭାଟମହଲା (ଚୌଖଣ୍ଡି), ୩୦ ନଂ ୱାର୍ଡ ଉତ୍ତରବାହିନୀ ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବେଆଇନ ମଦ ବିକ୍ରି କରାଯାଉଛି। ଏହି ଅଞ୍ଚଳରେ ଅନେକ ସମୟରେ ବିଶୃଙ୍ଖଳା ସାଙ୍ଗକୁ ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ କାଉନସିଲର ଅସରଫ୍ ଅଲ୍ଲୀ ଖାଁ, ଶରତ କୁମାର ସେଠୀ, ରିଆଜଉଦ୍ଦିନ ଖାନ୍, ଜାହିର ଖାନ୍, ମହମ୍ମଦ ସହେବୁର୍ ରହେମାନ, ରାଜ ଅଲ୍ଲୀ, ରିଆଜ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଶିବମ୍ ପୁରସ୍କୃତ

**ବାଲେଶ୍ୱର ଅଫିସ,୧୧।୯**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଯୁକ୍ତ୨ ଦ୍ୱିତୀୟବର୍ଷ ବିଜ୍ଞାନ ଛାତ୍ର ଶିବମ୍ ପାଢ଼ୀ ୨୦୧୮-୧୯ ଶିକ୍ଷାବର୍ଷରେ ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରି ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମାନପତ୍ର ଓ ଟ୍ରଫି ହାସଲ କରିଛନ୍ତି। ଯୁକ୍ତ୨ କାଉନ୍‌ସିଲର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ତାଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଛନ୍ତି। ମେଧାବୀ ଛାତ୍ର ଭାବରେ ସେ ରାଜ୍ୟସ୍ତରୀୟ ବକ୍ତୃତା, ସାଧାରଣ ଜ୍ଞାନ ଓ ପ୍ରବନ୍ଧ ରଚନା ପ୍ରତିଯାଗିତାରେ ମଧ୍ୟ କୃତିତ୍ୱ ହାସଲ କରି ମହାବିଦ୍ୟାଳୟର ମାନ ବୃଦ୍ଧି କରିଛନ୍ତି। ଏନେଇ ତାଙ୍କୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଅଭିନନ୍ଦନ ଜଣାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମିନତୀ ସେଠୀ, ଏନଏସ୍‌ଏସ୍ ଅଫିସର ବିଜୟ କୁମାର ସାହୁ, ନୋଡ଼ାଲ ନାମ ଲେଖା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିର୍ଲା ଟାୟାର୍ସ ୱାର୍କର୍ସ ୟୁନିୟନ୍ ପକ୍ଷରୁ ବିକ୍ଷୋଭ

**ବାଲେଶ୍ୱର ଅଫିସ,୧୧।୯**

ବାଲେଶ୍ୱର ଛଣପୁର ସ୍ଥିତ ବିର୍ଲା ଟାୟାର୍ସ କାରଖାନା ଆଗରେ ୱାର୍କର୍ସ ୟୁନିଅନ୍ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦିଆଯାଇଥିଲା। କାରଖାନା କ୍ଷତିରେ ଚାଲୁଛି ବୋଲି କୁହାଯାଇ ଶ୍ରମିକଙ୍କ ଦାବି ଓ ସମସ୍ୟାକୁ ଅଣଦେଖା କରାଯାଉଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ୟୁନିୟନ କର୍ମକର୍ତ୍ତା ଦର୍ଶାଇଥିଲେ ଯେ, ୧୯୯୧ ମସିହାରୁ ଆରମ୍ଭ ହୋଇଥିବା ଏହି କାରଖାନା ଭଲ ଉତ୍ପାଦନ କରି ଲାଭ କରି ଆସୁଥିଲା। ପରେ କାରଖାନା କ୍ଷତିରେ ଚାଲୁଥିବା କର୍ତ୍ତୃପକ୍ଷ ଦର୍ଶାଇ ଆସୁଛନ୍ତି। ଶ୍ରମିକ ସଂଗଠନ ପକ୍ଷରୁ ଏ ନେଇ ୨୦୧୦ରେ ୮ଟି ମାମଲା ରୁଜୁ କରାଯାଇଛି, ଯାହା ଏବେ କଲିକତାର ଚିଫ୍ ମେଟ୍ରୋପୋଲିଆନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ବିଚାରାଧୀନ ରହିଛି। କାରଖାନାରୁ ବେଆଇନ୍ ଭାବେ ଛଟେଇ ହୋଇଥିବା ୨୦୬ ଶ୍ରମିକଙ୍କୁ ପୁନଃନିଯୁକ୍ତି ଦେବା ଡିଗ୍ରେଡେସନ୍ କରାଯାଇଥିବା ୨୪ ଶ୍ରମିକଙ୍କୁ ପିଛିଲା ତାରିଖରୁ ବକେୟା ପ୍ରାପ୍ୟ ପ୍ରଦାନ, ଶ୍ରମିକମାନଙ୍କୁ କ୍ଷତି ପହଞ୍ଚାଇବା ଭଳି ପ୍ରୟାସ ବନ୍ଦ କରିବା ଏବଂ କାରଖାନା କ୍ଷତିରେ ଚାଲିବା ଘଟଣାର ସିବିଆଇ ତଦନ୍ତ କରିବା ଲାଗି ୟୁନିୟନ ଦାବି କରି ଆସୁଛି। ଏସବୁ ଦାବିପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ସଂଗଠନର ସଭାପତି ରାଜେନ୍ଦ୍ର ବଳ କହିଛନ୍ତି।



ବିର୍ଲା ଟାୟାର୍ସ ଗେଟ୍ ସମ୍ମୁଖରେ ବିର୍ଲା ଟାୟାର୍ସ ୱାର୍କର୍ସ ୟୁନିୟନ୍ ପକ୍ଷରୁ ଧାରଣା।


# ବିପଦସଙ୍କୁଳ ଗୃହରେ ପଞ୍ଚାୟତ ଅଫିସ

**ବନ୍ତ, ୧୧।୯(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ଅଫିସ୍ ବିପଦସଙ୍କୁଳ ଗୃହରେ ଚାଲିଛି। ଉକ୍ତ ପକ୍କାଗୃହ ଛାତରୁ ସିମେଣ୍ଟ ଖସି ପଡ଼ିଥିବା ବେଳେ କାନ୍ଥ ଫାଟି ଆଁ କରିଛି। ସେହିପରି ଏଠାରେ ପାଚେରି ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ଅସୁରକ୍ଷିତ ହୋଇପଡ଼ିଛି। ଏ ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବ୍ଲକ ସଦର ମହକୁମାଠାରୁ ମାତ୍ର ୨ କି.ମି. ଦୂରରେ ବନ୍ତ-ବାରିକପୁର ରାସ୍ତାର ହଦସାହି ଛକଠାରେ ରହିଛି ଏହି ପଞ୍ଚାୟତ ଅଫିସ୍। ୧୨ଟି ୱାର୍ଡକୁ ନେଇ ଏହି ପଞ୍ଚାୟତ ଗଠିତ ହୋଇଥିବା ବେଳେ ପ୍ରାୟ ୭ ହଜାର ଲୋକ ବସବାସ କରୁଛନ୍ତି। ୩୦ ବର୍ଷ ତଳେ ପଞ୍ଚାୟତ ଅଫିସ୍ ଚାଲିବା ନେଇ ଏଠାରେ ଏକ ପକ୍କାଘର ନିର୍ମିତ ହୋଇଥିଲା। ଗୋଟିଏ ହଲ୍ ଓ ଦୁଇଟି କୋଠରି ବିଶିଷ୍ଟ ଗୃହରେ ଅଫିସ ଚାଲୁଥିଲା। ପରେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅଫିସ୍‌ର ଏଭଳି ଦୁରବସ୍ଥା। ଅନ୍ୟପକ୍ଷେ ପଞ୍ଚାୟତ କାର୍ଯ୍ୟାଳୟକୁ ପୂର୍ବରୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ବାଚନ କାର୍ଯ୍ୟ ପାଇଁ ନିଆଯାଇଥିଲା। ମାତ୍ର ଅଦ୍ୟାବଧି ଉକ୍ତ କମ୍ପ୍ୟୁଟରକୁ ଫେରସ୍ତ କରାଯାଇ ନ ଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସେହିପରି ୮ ବର୍ଷ ତଳେ ରାଜୀବ ସେବାକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାହା ଏ ଯାଏ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ଏ ସମ୍ପର୍କରେ ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁଙ୍କୁ ପଚାରିବାରୁ ବିପଦସଙ୍କୁଳ ଅଫିସ ଗୃହ ବାବଦରେ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷେ ବିଡିଓ ରେବେକା ବିଲୁଙ୍ଗ ଡ୍ୟାମେଜ୍ ଗୃହ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।


ପଧାନପଡ଼ା ପଞ୍ଚାୟତ ଅଫିସ୍ ଛାତରୁ ପ୍ଲାଷ୍ଟର ଖସିଛି।


ଡ. ପ୍ରଦୀପ ଦାଶ

# ଶାଶୁ ବୋହୂ ଧାରାବାହିକ ଯୁଗରେ ସାହିତ୍ୟ ତିଷ୍ଠିବା ଅସମ୍ଭବ

**ଧରିତ୍ରୀ ଆଳାପ**

ବିଶିଷ୍ଟ ଲେଖକ ତଥା ପ୍ରଶାସକ ଡ. ପ୍ରଦୀପ ଦାଶ। ନିକଟରେ ସେ ନିଜ ରଚିତ ପୁସ୍ତକ 'ଚରୁ ଚିବର ଓ ଚର୍ଯ୍ୟା' ନିମନ୍ତେ ୪୦ତମ ଶାରଳା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସାହିତ୍ୟ ସୃଷ୍ଟି ମାଧ୍ୟମରେ ସାମାଜିକ ସମସ୍ୟାର ପ୍ରତିଫଳନ କରୁଥିବା ଡ. ଦାଶ ଏକାଧିକ ଓଡ଼ିଆ ପୁସ୍ତକର ରଚୟିତା। ନିଜ ପ୍ରଶାସନିକ ଅଭିଜ୍ଞତାକୁ ସାହିତ୍ୟରେ ପ୍ରତିଫଳନ କରାଉଥିବା ଏହି ସାହିତ୍ୟିକଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍କାର।

**ଶାରଳା ପୁରସ୍କାର ପାଇବେ ବୋଲି ଆଶା କରିଥିଲେ? କାହାକୁ ଶ୍ରେୟ ଦେବେ?**

▶ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଶ୍ରେୟ ଦେବି। ଜଣେ ନୀରବ ସାଧକ କେବେ ପୁରସ୍କାରକୁ ଆଶା କରେନା। ମୋର କେବେଳ ପୁରସ୍କାର ପାଇଁ ଆଶା ନଥିଲା କି ନାହିଁ। ସାହିତ୍ୟ ମୋ ପାଇଁ ସାଧନା, ଏଥିରେ ପ୍ରତ୍ୟାଶାର ସ୍ଥାନ ନାହିଁ।

**ଆପଣ ଭାବୁଛନ୍ତି କି ସାହିତ୍ୟ ମାଧ୍ୟମରେ ପରିବର୍ତ୍ତନ ଆଣିହେବ?**

▶ ପାଠାଗାର ଭିତରେ ବସି ୫, ୧୦ଟା ବହି ପଢି ସେଥିରୁ କିଛି ଭାଷା, ଭାବ, ଶୈଳୀ ଚୋରିକରି ଲେଖିବା ସାହିତ୍ୟ ନୁହେଁ। ସାହିତ୍ୟ ହେଉଛି ନିଜ ଅନୁଭବ ଓ ନିଜ ଅନୁଭୂତିକୁ ସାମାଜିକ ପରିବର୍ତ୍ତନ ପାଇଁ ଏକ ରୂପ ଦେଇ ତାହାକୁ ଲୋକଙ୍କ ସାମ୍ନାକୁ ଆଣିବା। ଆସାମ, ପଶ୍ଚିମବଙ୍ଗର ସାହିତ୍ୟିକମାନେ ସେଭଳି କରନ୍ତି। ଲୋକଙ୍କ ସହ ମିଶି ସେମାନଙ୍କ ଠାରୁ କାହାଣୀ ଆଣନ୍ତି। ହେଲେ ଆମେ ବହୁ ସାହିତ୍ୟ ସୃଷ୍ଟିକଲେ ବି ତାହାର ଗୁରୁତ୍ୱ ରୁହେନା। କାରଣ କିଛି ନଥିଲେ ଆମେ ପ୍ରେମର ତ୍ରିଭୁଜକୁ ସାହିତ୍ୟ କହୁ। ସେଭଳି ସାହିତ୍ୟରେ କେବେ ପରିବର୍ତ୍ତନ ସମ୍ଭବ ନୁହେଁ।

**ଧୀରେ ଧୀରେ ଓଡ଼ିଆ ପାଠକଙ୍କ ସଂଖ୍ୟା କମିଯାଉଛି। ଏହାର କାରଣ କ'ଣ ବୋଲି ଭାବୁଛନ୍ତି?**

▶ ଓଡ଼ିଆ ପାଠକଙ୍କ ସଂଖ୍ୟା କମିବା ପାଇଁ ଆମେ ନିଜେ ଦାୟୀ। କାରଣ ଆମେ ଆମ ପିଲାଙ୍କୁ ଓଡ଼ିଆ ପଢାଇବାକୁ କୁଣ୍ଠାବୋଧ କରୁଛୁ। ୬ବର୍ଷ ହେଲାବେଳକୁ ଷ୍ଟୁଆର୍ଟ, କେମ୍ବ୍ରିଜ୍ ସ୍କୁଲ୍ ଖୋଜୁଛୁ। ଏମିତି ହେଲେ ସେମାନେ ଓଡ଼ିଆ ସାହିତ୍ୟ ବିଷୟରେ ଜାଣିବା ତ ଦୂରର କଥା ସାହିତ୍ୟ ବଞ୍ଚିବା ଅସମ୍ଭବ ହୋଇଯିବ। ଓଡ଼ିଆ ସାହିତ୍ୟର ଐଶ୍ୱର୍ଯ୍ୟ ଅଛି ବୋଲି ଆମେ କେବଳ କଥାରେ କହୁ, ପ୍ରକୃତରେ କିନ୍ତୁ ବୁଝୁନା। ପ୍ରକୃତରେ ବୁଝୁଥିଲେ ଆମେ ଓଡ଼ିଆରେ କଥାହେବାକୁ କେବେ କୁଣ୍ଠାବୋଧ କରନ୍ତୁନି କି ନିଜ ପିଲାଙ୍କୁ ଓଡ଼ିଆ ପଢାଇବାକୁ ଲାଜ କରନ୍ତୁନି।

**ଆପଣଙ୍କର ଆଗାମୀ ଲେଖା କାହାଉପରେ ରହିବ?**

▶ ସମୟ କହିବ କାହା ଉପରେ ଲେଖିବି। ଆବଶ୍ୟକତାରୁ ସାହିତ୍ୟର ସୃଷ୍ଟି। ପ୍ରଶାସନିକ ସେବାରେ ପଶିବା ପରେ ଦୁଃଖ କେଉଁଠି, ଅଭାବ କେଉଁଠି, ଦୈନ୍ୟ କେଉଁଠି ଜାଣିଲି। ଲୋକେ କିଭଳି ନିର୍ଯାତିତ, ନିଷ୍ପେଷିତ ହେଉଛନ୍ତି, ତା'ର ପ୍ରକୃତ ଚିତ୍ର ମୁଁ ଦେଖିସାରିଲା ପରେ ମୋ ମନକୁ ସାହିତ୍ୟ ଆସୁଛି। ଯେଉଁଠାରେ ଦେଖେ ସରକାରୀ ସ୍ତରରେ ଏକ ସମସ୍ୟାର ସମାଧାନ କରିହେବନି ସେଠାରେ ମୁଁ ସାହିତ୍ୟର ସାହାରା ନିଏ। ଲୋକଙ୍କ ଦୁଃଖ ଓ ଯନ୍ତ୍ରଣାକୁ ସାହିତ୍ୟର ସ୍ୱର କରେ। ଯେତେବେଳେ ମନେହୁଏ ଆମର କିଛି କରିବାର କ୍ଷମତା ନାହିଁ ସେତେବେଳେ ଏ ସାହିତ୍ୟ କାମରେ ଆସେ।

**ଜଣେ ପ୍ରଶାସକ ଏବଂ ଜଣେ ଲେଖକ। କେମିତି ବାଲାନ୍ସ କରନ୍ତି?**

▶ ଦୁଇଜଣ ବ୍ୟକ୍ତିତ୍ୱ ମୋତେ ଏଥିପ୍ରତି ଉତ୍ସାହିତ କରିଛନ୍ତି। ସେମାନେ ହେଲେ ଫକୀରମୋହନ ସେନାପତି ଓ ଗୋପୀନାଥ ମହାନ୍ତି। ଜଣେ ଦେୱାନ୍ ହେଲେ ଆଉଜଣେ ଡେପୁଟି କଲେକ୍ଟର। ତେବେ ଦୁଇଜଣଙ୍କର ସାହିତ୍ୟ ଏତେ ଉର୍ବର, ବ୍ୟାପକ ଓ ବ୍ୟାପ୍ତ ତାହା ଜଣେ ପଢିଲେ ହିଁ ଜାଣିପାରିବ। ମୋ ମତରେ ଏସବୁ ସାହିତ୍ୟ ସୃଷ୍ଟି ପଛରେ ପ୍ରଶାସନିକ ଅଭିଜ୍ଞତା ରହିଛି। ମୋତେ ଲାଗିଥିଲା ଭଲ ସାହିତ୍ୟିକ ହେବାକୁ ହେଲେ ପ୍ରଥମେ ଜଣେ ପ୍ରଶାସକ ହେବାକୁ ପଡ଼ିବ।

**ସର୍ବଭାରତୀୟ ସ୍ତରରେ ଓଡ଼ିଆ ସାହିତ୍ୟର ସ୍ଥିତି କିଭଳି ରହିଛି?**

▶ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଆମେ ଶାସ୍ତ୍ରୀୟ ପରମ୍ପରାକୁ ଭିତ୍ତିକରି ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିବା ଉଚିତ। ତାମିଲ୍, ବଙ୍ଗଳା ଓ ଆସାମୀମାନେ କବି, କବିତା, ସାହିତ୍ୟ ଓ ସାହିତ୍ୟିକ ପ୍ରତି ଯେଉଁଭଳି ଅନୁରାଗ ପୋଷଣ କରୁଛନ୍ତି ସେଭଳି ଅନୁରାଗ ଆମର ନାହିଁ। ସେଥିପାଇଁ ତାଙ୍କ ସାହିତ୍ୟ କୃତି ବହୁତ ଆଗକୁ ଯାଉଛି। ଆମର ଯେତେ ଭଲ ହେଲେ ବି ଆମେ ପଛରେ ରହିଯାଉଛେ। ଯେଉଁ ସାରଳା ଆମ ସାହିତ୍ୟର ଭିତ୍ତି ସୃଷ୍ଟି କରିଥିଲେ ୪ କୋଟିରୁ ୧ କୋଟି ବି ସେଭଳି ମହାକବିଙ୍କୁ ମନେରଖିନାହାନ୍ତି। ମନେ ରଖିବା ତ ଦୂରର କଥା ସାରଳା ଦାଶ ଓ ସାରଳା ମହାଭାରତ ବିଷୟରେ ଓଡ଼ିଆମାନେ ଜାଣିନାହାନ୍ତି।

**ଓଡ଼ିଆ ସାହିତ୍ୟ ପ୍ରତି ଯୁବପିଢିମାନେ ଆକୃଷ୍ଟ ହେଉଛନ୍ତି ବୋଲି ଭାବୁଛନ୍ତି କି?**

▶ ସୁନାମ, ଖ୍ୟାତି ଓ ଗରିମା ପାଇଁ ଆଜିକାଲି ଲୋକେ ସାହିତ୍ୟ ଆଡ଼କୁ ମୁହାଁଉଛନ୍ତି। ଆଗପିଢିର ସାହିତ୍ୟିକମାନେ ନିଜ ଲେଖା ମାଧ୍ୟରେ ଯେଭଳି ସାମାଜିକ ପରିବର୍ତ୍ତନର ବାର୍ତ୍ତା ଦେଉଥିଲେ ଏବେକାର ସାହିତ୍ୟିକମାନଙ୍କ ମଧ୍ୟରେ ଆଉ ସେଭଳି ମାନସିକତା ନାହିଁ। ସାହିତ୍ୟ ଯଦି ସାମାଜିକ ପ୍ରତିବଦ୍ଧତା ଦେଇ ଗତିକରେ ତାହେଲେ ସେ ସାହିତ୍ୟ ଦୀର୍ଘସ୍ଥାୟୀ ହେବ। ସମାଜ ପ୍ରତି, ମଣିଷ ପ୍ରତି, ମାଟିର ସ୍ୱପ୍ନ ପ୍ରତି, ଭୂମିର ଆତ୍ମାପ୍ରତି ଥିବା ଆନ୍ତରିକତା ସାହିତ୍ୟରେ ପ୍ରତିଫଳନ ହେବା ଆବଶ୍ୟକ।

**ଜଣେ ଚାହିଁଲେ ସାହିତ୍ୟିକ ହୋଇ ତିଷ୍ଠିପାରିବ କି?**

▶ ଶାଶୁ ବୋହୂ ଧାରାବାହିକ ଯୁଗରେ ସାହିତ୍ୟକୁ ନେଇ ତିଷ୍ଠିବା କାଠିକର ପାଠ। ବିଶେଷକରି ଓଡ଼ିଶାରେ ଏହା ଅସମ୍ଭବ। ଆମ ମାନସିକତାରେ ଯେପର୍ଯ୍ୟନ୍ତ ପରିବର୍ତ୍ତନ ନ ହୋଇଛି ସେପର୍ଯ୍ୟନ୍ତ ଆମେ ସାହିତ୍ୟକୁ ପୁଞ୍ଜି କରି ବଞ୍ଚିପାରିବା ନାହିଁ। ଆଜି ମୁଁ ଯେଉଁଠାରେ ପହଞ୍ଚିଛି ତାହାର ଭିତ୍ତିଭୂମି 'ଧରିତ୍ରୀ'ରେ ସୃଷ୍ଟିହୋଇଛି। ସ୍ୱର୍ଗତ ଦେବେନ୍ଦ୍ର ଶତପଥୀ ଏବଂ ନନ୍ଦିନୀ ଶତପଥୀ ଆଜି ଯଦି ଜୀବିତ ଥା'ନ୍ତେ ତାଙ୍କୁ ମୁଁ ପ୍ରଥମେ କୃତଜ୍ଞତା ଜଣାଇଥାନ୍ତି। ଜଣେ ସାହିତ୍ୟ ଛାତ୍ରଭାବେ ସେମାନେ ମୋତେ ଆଗକୁ ବଢିବାର ସୁଯୋଗ ଦେଇଥିଲେ। କିନ୍ତୁ ଏବେ ଓଡ଼ିଆ ଭାଷା ଯେଉଁମାନେ ପଢୁଛନ୍ତି ସେମାନଙ୍କୁ ଲୋକେ ମୂର୍ଖ ଭାବନ୍ତି। ଆମ ଲୋକଙ୍କ ମାନସିକତା ଏମିତି ଯେ ସାହିତ୍ୟ ଛାତ୍ରକୁ ସମସ୍ତେ ପଛ ବେଞ୍ଚରେ ବସିଥିବା ପିଲା ଭାବନ୍ତି।

**ଆଗାମୀ ପିଢି ସାହିତ୍ୟିକଙ୍କୁ କ'ଣ ବାର୍ତ୍ତାଦେବେ?**

▶ ଅଧିକ ପଢ଼। ଲୋକଙ୍କ ସହ ମିଶ ଓ ସେମାନଙ୍କ କଥାକୁ କାହାଣୀ କର। ଦୁର୍ଭାଗ୍ୟର ବିଷୟ, ୯୮ରୁ ୯୯ ପ୍ରତିଶତ ଓଡ଼ିଆ ଛାତ୍ରୀଛାତ୍ର ନିଜର ଶିଖିବାର ପରିସୀମାକୁ ବ୍ୟାପ୍ତ କରୁନାହାନ୍ତି। ସାମୁଏଲ୍ ବେକେଟ୍‌ସଙ୍କ ବହି ନ ପଢିଲେ ଆବ୍‌ସର୍ଡ ଡ୍ରାମା ବିଷୟରେ ଜାଣିପାରିବେ ନାହିଁ ବୋଲି ସେମାନେ ଭୁଲିଯାଉଛନ୍ତି। ଯଦି ଜଣେ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଇଂଲିଶ ପଢି ନିଜକୁ ପ୍ରତିଷ୍ଠିତ କରିପାରୁଛି ତାହେଲେ ଓଡ଼ିଆ ପଢି କ'ଣ ପାଇଁ ଆମେ କରିପାରିବା ନାହିଁର ମାନସିକତା ରଖି ଆଗକୁ ବଢିବା ଉଚିତ।

– ସସ୍ମିତା ପାଇକରାୟ

# ବାଇକ୍ ଚଳାଇବା ଯୋଗୁ ସିନେମାରେ କାମ ପାଇଥିଲି

## ମୋ ଅନୁଭୂତି

'ବୋଉ' ଚଳଚ୍ଚିତ୍ର ମାଧ୍ୟମରେ ଓଡ଼ିଆ ସିନେ ଦୁନିଆରେ ପାଦ ଥାପି ବଳିଷ୍ଠ ଅଭିନୟ ଦ୍ୱାରା ପସନ୍ଦର କଳାକାର ପାଲଟିଛନ୍ତି ଅଭିନେତ୍ରୀ ଉଷସୀ ମିଶ୍ର। ଢେଙ୍କାନାଳ ଜିଲାର ସଦାଶିବପୁର ଗ୍ରାମରେ ଜନ୍ମିତ ଉଷସୀ 'ତୁ ଥା ମୁଁ ଯାଉଛି ରୁଷି' ଚଳଚ୍ଚିତ୍ର ନିମନ୍ତେ ରାଜ୍ୟ ପୁରସ୍କାର ମଧ ପାଇଛନ୍ତି। ତାଙ୍କ ଅନୁଭୂତିରୁ କିଛି..

ଯେତେ ବି ଅନୁଭୂତି ଥାଉ, ପ୍ରଥମ ଥର କ୍ୟାମେରା ସମ୍ମୁଖୀନ କରିବାର ଅନୁଭୂତି ଚିରସ୍ମରଣୀୟ।ମଡେଲିଂ କରୁଥିବା ଯୋଗୁ ମୋତେ ସିନେମାରେ ପ୍ରବେଶ କରିବା ସହଜ ହୋଇଥିଲା।ତେବେ କାମ କରିବାର ସୁଯୋଗ ମିଳିବା ପଛରେ ମଧ କିଛି କାହାଣୀ ରହିଛି।'ବୋଉ' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଥିଲେ ବରିଷ୍ଠ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର।ଚଳଚ୍ଚିତ୍ରର କାହାଣୀକୁ ନେଇ ଏକ ନାୟିକାର ଆବଶ୍ୟକତା ଥାଏ, ଯେଉଁଥିରେ ନାୟିକା ଜଣଙ୍କୁ ବାଇକ ଚଳାଇବା ଜଣାଥିବା ଦରକାର।ସବ୍ୟସାଚୀଙ୍କ ନିର୍ଦ୍ଦେଶ ରହିଲା ଏପରି ଜଣେ ଅଭିନେତ୍ରୀ ଖୋଜିବାକୁ।ଦୁଇ ଭାଇରେ ମୁଁ ଗୋଟିଏ ଭଉଣୀ ହୋଇଥିବାରୁ ଅତି ଗେହ୍ଲାରେ ବଢ଼ିଛି।କୌଣସି ଆକଟ ବିନା ମୋତେ ବାଇକ୍ ଚଳାଇବାର ସ୍ୱାଧୀନତା ମୋ ପରିବାର ଓ ଦୁଇ ଭାଇ ଦେଇଥିଲେ।ସବ୍ୟସାଚୀଙ୍କ ନିର୍ଦ୍ଦେଶ ମୁତାବକ ସିନେ ଦୁନିଆର ପରିଚିତ ମୁହଁ ଜୁଲି ସୁନ୍ଦରରାୟ ନାୟିକା ଖୋଜା ଦାୟିତ୍ୱରେ ଥାନ୍ତି।ଜୁଲିଙ୍କ ସହ ପୂର୍ବରୁ ପରିଚିତ ଥିଲି।ମୁଁ ରଙ୍ଗବତୀ ଗୀତ ଶୁଣିବାକୁ ଭଲ ପାଉଥିବାରୁ ଏହାର ସଙ୍ଗୀତ ନିର୍ଦ୍ଦେଶକଙ୍କୁ ଦେଖା କରାଇଦେବା କହି ଜୁଲି ମୋତେ ସବ୍ୟସାଚୀଙ୍କ କାର୍ଯ୍ୟାଳୟକୁ ନେଇଥିଲେ।ସେଠାରେ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଦେଖା ମଧ ହୋଇଥିଲା।ସେହିଠାରେ ହିଁ ସିନେମାରେ ନାୟିକା ହେବାର ପ୍ରସ୍ତାବ ଦେଇଥିଲେ ନିର୍ଦ୍ଦେଶକ ସବ୍ୟସାଚୀ।ହେଲେ ମୋ ଓଡ଼ିଆ କହିବା ଏତେ ଖରାପ ଥିଲା ଯେ, ଯିଏ ବି ଶୁଣିଥାନ୍ତା ମୋତେ ଓଡ଼ିଆ ଚଳଚ୍ଚିତ୍ରରେ ନେବାକୁ ସିଧାସଳଖ ମନା କରି ଦେଇଥାନ୍ତା।ଚାରି ପଦ କହିଲେ ସେଥିରେ ଓଡ଼ିଆ ହିନ୍ଦୀର ଫେଣ୍ଟାଫେଣ୍ଟି କଥା ଥାଏ।ଏଥିପାଇଁ ନିର୍ଦ୍ଦେଶକ ସବ୍ୟସାଚୀ ମୋତେ ୧୪ଦିନର କର୍ମଶାଳାରେ ରଖିଥିଲେ।କର୍ମଶାଳାରେ ଓଡ଼ିଆ କହିବା, କ୍ୟାମେରାକୁ ସମ୍ମୁଖୀନ କରିବା ଓ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିରେ କେମିତି ବ୍ୟବହାର କରିବାକୁ ପଡ଼ିବ ତାହାର ଶିକ୍ଷା ଦିଆଯାଇଥିଲା।ସୁଟିଂ ପ୍ରଥମ ଦିନରେ ମୋର ଅଭିନୟ ବହୁତ ଭଲ ଥିଲା।ମୋ ବିପକ୍ଷରେ ନାୟକ ଥିଲେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର।ମୋ ଅଭିନୟ ଦେଖି ସେ ତାଜୁବ ହୋଇ ଯାଇଥିଲେ।ଏହି ଫିଲ୍ମରେ ମୁଁ ବାଇକ୍ ଚଳାଉଥିବାର ଦୃଶ୍ୟ ରହିଛି।ବାଇକ୍ ଚଳାଇବା ଯୋଗୁଁ ଓଡ଼ିଆ ସିନେମାରେ ମୁଁ କାମ ପାଇଥିଲି।

–କୁମାରଶ୍ରୀ


ଉଷସୀ ମିଶ୍ର

# ଥାଇ କର୍ନ କେକ୍



ସୁଆଦିଆ ଖାଦ୍ୟ ସମସ୍ତଙ୍କର ପସନ୍ଦ। ସେଥିପାଇଁ ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ।ପର୍ଯ୍ୟଟନ ସହର ପୁରୀର ହୋଟେଲ,ରେଷ୍ଟୁରାଣ୍ଟଗୁଡ଼ିକରେ ଗ୍ରାହକଙ୍କ ମନପସନ୍ଦର ଖାଦ୍ୟ ପ୍ରସ୍ତୁତ ହେଉଛି। ହୋଟେଲ ମାଲିକମାନେ ମଧ ଗ୍ରାହକଙ୍କ ରୁଚିକୁ ଦେଖି ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ କରୁଛନ୍ତି। ସ୍ନାକ୍ସ ଆଇଟମ୍ ବି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ସି ବିଚ୍ ରୋଡ୍‌ରେ ରହିଥିବା ହୋଟେଲ ଗୋଲ୍‌ଡେନ ଟ୍ରିରେ ଥାଇ କର୍ନ କେକ୍‌ର ବେଶ୍ ଚାହିଦା ରହିଛି।ଏହି ସ୍ନାକ୍ସ ଆଇଟମ୍‌ର ପ୍ଲେଟ ଦାମ୍ ରହିଛି ୨୭୦ ଟଙ୍କା। ତେବେ ଏହାର ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶେଫ୍ ଦୋଳଗୋବିନ୍ଦ ବାରିକ କୁହନ୍ତି...



**ଆବଶ୍ୟକ ସାମଗ୍ରୀ**

- କର୍ନ– ୨୦୦ ଗ୍ରାମ୍
- ଅଦା ଚପ୍– ୨୦ ଗ୍ରାମ୍
- ରସୁଣ ଚପ୍– ୨୦ ଗ୍ରାମ୍
- ଲଙ୍କାଗୁଣ୍ଡ– ୫ ଗ୍ରାମ୍
- ଧନିଆପତ୍ର– ୫ ଗ୍ରାମ୍
- ଲେମ୍ବୁ ପତ୍ର– ୨ଟା
- ରେଡ୍ କରିପେଷ୍ଟ– ୧ ଚାମଚ
- ମକା ପାଉଡ଼ର– ୧୦ ଗ୍ରାମ୍
- ତେଲ– ୨୦୦ଗ୍ରାମ୍
- ନଡ଼ିଆରସ– ଅଧା ଚାମଚ
- ସ୍ୱାଦ ଅନୁଯାୟୀ ଲୁଣ

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କର୍ନକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ।ଲେମ୍ବୁରସ, ଲେମ୍ବୁପତ୍ର, ମକା ପାଉଡ଼ରରେ ଏହାକୁ ମିଶାଇ ଛୋଟଛୋଟ କେକ୍ ଭଳି କରନ୍ତୁ।ପରେ ନିଆଁରେ କଡ଼ାଇ ବସାଇ ତେଲ ଗରମ କରିଦିଅନ୍ତୁ।ତେଲ ଭଲ ଭାବେ ଗରମ ହୋଇଗଲା ପରେ ଏହି କେକ୍‌ଗୁଡ଼ିକୁ ଛାଣି ଦିଅନ୍ତୁ।ଅନ୍ୟ ଏକ କଡ଼ାଇରେ ତେଲ ପକାଇ ଅଦା ଚପ୍, ରସୁଣ ଚପ୍, ରେଡ୍‌କରି ପେଷ୍ଟ, ଲଙ୍କାଗୁଣ୍ଡ ପକାଇ ଭାଜନ୍ତୁ।ଏହା ଭାଜି ହୋଇଯିବା ପରେ ପୂର୍ବରୁ ଛଣା ଯାଇଥିବା କେକ୍ ଉପରେ ଏହାକୁ ଢାଳି ଦିଅନ୍ତୁ।ଶେଷରେ ଏହା ଉପରେ ନଡ଼ିଆ ରସ ଓ ଧନିଆପତ୍ର ଦେଇ ସଜାଇ ରଖନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା ଥାଇ କର୍ନ କେକ୍ ।

ମୁଖ୍ୟ ଶେଫ୍: ଦୋଳଗୋବିନ୍ଦ ବାରିକ

ରିପୋର୍ଟ: ହେମନ୍ତ ନାୟକ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


କାହ୍ନା


ନିର୍ମଳ


ପ୍ରଭାତ


ରଶ୍ମିତା


ରାକେଶ


ବାବୁ



ଝିଲି


ଶ୍ରୀନୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

ସୁନ୍ଦରଗଡ଼ ଏସ୍‌ପିଙ୍କ ମାନବିକତା

# ଆହତ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନା ନେଲେ



ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଆହତଙ୍କୁ ମେଡ଼ିକାଲ ନେବାକୁ ବ୍ୟବସ୍ଥା କରୁଛନ୍ତି।

**ସୁନ୍ଦରଗଡ଼, ୧୧।୯ (ଡି.ଏନ୍‌.ଏ):** ଜଣେ ଗର୍ଭବତୀଙ୍କୁ ମାଡ଼ ମାରିଥିବା ନେଇ ଗତ କିଛିଦିନ ତଳେ ଚର୍ଚ୍ଚାରେ ଥିବା ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରାଙ୍କୁ ମଙ୍ଗଳବାର ଏକ ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା। ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନା ନେଇ ସେ ନିଜର ମାନବିକତା ଦେଖାଇଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ପି ମିଶ୍ରା ଅପରାହ୍ନରେ ସୁନ୍ଦରଗଡ଼ରୁ ରାଜଗାଙ୍ଗପୁର ଯାଉଥିଲେ। କୁତ୍ରା ନିକଟ ବିଜୁ ଏକ୍ସପ୍ରେସ ୱେ ର ପୁରୁଣା ରାଞ୍ଚିରୋଡ ଛକ ନିକଟରେ ହଠାତ୍ ତାଙ୍କ ଗାଡି ସାମ୍ନାରେ ଏକ ଦୁର୍ଘଟଣା ଘଟିଥିଲା। ଜଣେ ବାଇକ୍ ଚାଳକ ଜଣେ ସାଇକେଲ ଚାଳକଙ୍କୁ ଧକ୍କା ଦେଇଥିଲେ। ଫଳରେ ସାଇକେଲ ଚାଳକ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ଛିଟିକି ପଡିଥିଲେ। ଏପରି ଦୁର୍ଘଟଣା ଏସ୍‌ପି ମିଶ୍ରା ଦେଖିବା ପରେ ତୁରନ୍ତ ନିଜ ଗାଡି ଅଟକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ସାଇକେଲ ଚାଳକଙ୍କୁ ନିଜେ ଉଠାଇ ନିଜ ଗାଡ଼ିରେ ପ୍ରଥମେ କୁତ୍ରା ଡାକ୍ତରଖାନା ନେଇଥିଲେ। ପରେ ତାଙ୍କୁ ରାଜଗାଙ୍ଗପୁର ଡାକ୍ତରଖାନାକୁ ନେଇ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଅବଶ୍ୟ ଆହତ ସାଇକେଲ ଆରୋହୀ ତଥା ଗମ୍ଭାରୀଡିହି ଗ୍ରାମର ରାଜେନ୍ଦ୍ର କିସ୍‌ପଟ୍ଟାଙ୍କ ଚିକିତ୍ସାଧୀନ ଅବସ୍ଥାରେ ରାଜଗାଙ୍ଗପୁର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ବାଇକ୍ ଆରୋହୀ ଚୁନିପଡାର ପ୍ରଦୀପ ସିଂ ଓ ତାଙ୍କ ଶାଳକ ଭୀମ ସିଂ ମଧ୍ୟ ଏହି ଦୁର୍ଘଟଣାରେ ଆହତ ହୋଇଥିଲେ। କୁତ୍ରା ପୋଲିସ ସେମାନଙ୍କୁ ନେଇ ରାଉରକେଲା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଛି। କୁତ୍ରା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂ.ଓଡି ୧୪ ଏଲ୍ ୨୪୪୩)କୁ ଜବତ କରି ଏକ ମାମଲା ରୁଜୁ କରିଛି।

# ଭିମ୍‌ସାରର ୪ ଡାକ୍ତରଙ୍କ ଅନଶନ ଚେତାବନୀ

ମାରାତ୍ମକ କୀଟନାଶକ ବନ୍ଦ ଦାବି

**ସମ୍ବଲପୁର/ଚିପିଲିମା, ୧୧।୯ (ବ୍ୟୁରୋ/ଡି.ଏନ.ଏ.):** ଘରୋଇ କଳି ଯୋଗୁ ମାନସିକ ଭାରସାମ୍ୟ ହରାଇ ଲୋକେ ବିଷ ପିଇ ଦେଉଛନ୍ତି। ଫସଲହାନୀ ବା ଋଣବୋଝରେ ଭାରାକ୍ରାନ୍ତ ଚାଷୀ ମଧ୍ୟ ସେହି ଚରମ ବାଟ ବାଛି ନେଉଛନ୍ତି। ବିଶେଷ କରି ଆତ୍ମହତ୍ୟା କରୁଥିବା ବ୍ୟକ୍ତିମାନେ ମାରାତ୍ମକ କୀଟନାଶକକୁ ପିଇ ଦେଉଥିବା ନଜିର ରହିଛି। ସେଭଳି କୀଟନାଶକ ବିକ୍ରି ବନ୍ଦ କରିବା ବା କଟକଣା ଲଗାଇବାକୁ ବୁର୍ଲା ମେଡିକାଲ କଲେଜ (ଭିମସାର)ର କେତେଜଣ ଡାକ୍ତର ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ଏ ନେଇ ସେମାନେ ପୂର୍ବରୁ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ମେଡିକାଲ ଅଧୀକ୍ଷକ, ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଏହାର କୌଣସି ସୁଫଳ ମିଳୁନି। ସ୍ୱାସ୍ଥ୍ୟ ବିଭାଗର ଏହି ଅଣଦେଖାକୁ ବିରୋଧ କରି ଭିମ୍‌ସାରର କେତେଜଣ ଡାକ୍ତର ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଡାକ୍ତରମାନେ ଭିମସାର ଅଧୀକ୍ଷକଙ୍କୁ ଏ ନେଇ ଚିଠି ଜରିଆରେ ସୂଚନା ଦେଇଛନ୍ତି। ଆସନ୍ତା ଶୁକ୍ରବାର ଡାକ୍ତର ଶଙ୍କର ରାମଚନ୍ଦନୀ, ରାଜେଶ ମେହେର, ବିତନ ମହାନ୍ତି ଓ କିରଣ କେ ଭିମ୍‌ସାରରେ ଅନଶନ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଅବଶ୍ୟ ଏହି ଡାକ୍ତରମାନେ କାର୍ଯ୍ୟ ବନ୍ଦ କରିବେ ନାହିଁ। ସେଦିନ ସେମାନେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ସହ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଖାଦ୍ୟ, ପାନୀୟ ଗ୍ରହଣ ନ କରି ଶୃଙ୍ଖଳିତ ଭାବେ ଅନଶନ କରିବେ ବୋଲି ଜଣାଇଛନ୍ତି। ରୋଗୀଙ୍କ ପାଇଁ ଡାକ୍ତରମାନେ ଅନଶନରେ ବସିବାକୁ ନିଷ୍ପତ୍ତି ନେବା ଏକ ଉଦାହରଣ ସୃଷ୍ଟି କରିଛି।

# ଭାଗବତ ଟୁଙ୍ଗିର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଜିଲା ସଂସ୍କୃତି ଅଧିକାରୀ ସମ୍ମିଳନୀ

- ବ୍ଲକ୍‌ସ୍ତରରେ ପ୍ରତିଷ୍ଠା ହେବ ନାଟ୍ୟମଣ୍ଡପ
- ଟେକ୍ନୋଲୋଜିର ବ୍ୟବହାର କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଭଲ କାମ କଲେ ମିଳିବ ପୁରସ୍କାର

ଭୁବନେଶ୍ୱର ୧୧।୯ (ବ୍ୟୁରୋ)

ଭାଗବତ ଟୁଙ୍ଗିର ପୁନରୁଦ୍ଧାର, ପୁନଃପ୍ରତିଷ୍ଠା ଓ ଭାଗବତ ପଠନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୧୪-୧୫ ମସିହାରୁ ଭାଗବତ ଟୁଙ୍ଗି ପୁନରୁଦ୍ଧାର ଓ ପ୍ରତିଷ୍ଠା ପାଇଁ ଯୋଜନା ହାତକୁ ନିଆଯାଇଛି। ବିଭିନ୍ନ ଗ୍ରାମରୁ ଆସିଥିବା ଆବେଦନକୁ ଆଧାର କରି ପ୍ରାରମ୍ଭରେ ୩,୬୦୦ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ସହ ନବାକ୍ଷରୀ ଭାଗବତ ପଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ ୨୦୧୭ ମସିହାରେ ୭,୨୦୦ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ପ୍ରତ୍ୟେକ ଭାଗବତ ଟୁଙ୍ଗି ପାଇଁ ୨୫,୦୦୦ ଟଙ୍କା ଦିଆଯାଉଥିଲା, ଏବେ ଏହାକୁ ୫୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫,୪୦୦ ଟୁଙ୍ଗିର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ ଆହୁରି ୧୮୦୦ ଟୁଙ୍ଗି କାମ ବାକି ଅଛି। ଏହି ବକୟା କାମ ତୁରନ୍ତ ଶେଷ କରିବା ସହ ପ୍ରଦାନ କରାଯାଉଥିବା ରାଶିର ଉଚିତ ଉପଯୋଗ ହେଉଛି କି ନାହିଁ ଏବଂ ଭାଗବତ ଟୁଙ୍ଗିରେ ଭାଗବତ ପଢ଼ାଯାଉଛି କି ତାହା ନିଜେ ବୁଲି ଦେଖିବାକୁ ଜିଲା ସଂସ୍କୃତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ସଂସ୍କୃତି ଭବନଠାରେ ଜିଲା ସଂସ୍କୃତି ଅଧିକାରୀଙ୍କ ସମ୍ମିଳନୀ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ବିଭାଗ ପକ୍ଷରୁ ହେଉଥିବା ଯୋଜନାର ସଫଳ ରୂପାୟନ ପାଇଁ ସଂସ୍କୃତି ଅଧିକାରୀମାନେ ଯତ୍ନବାନ ହେବାକୁ କହିଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ଲୋକକଳା ଗ୍ରାମ ଯୋଜନା, ମୁଖ୍ୟମନ୍ତ୍ରୀ ଟ୍ରଫି ଯୋଜନା ଆଦିର ସହାୟତା ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ ତାହାଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦିଷ୍ଟ ଅଫିସ୍‌ରେ ଚେୟାର ଟେବୁଲରେ ବସି କାମ କରିବା ଢାଞ୍ଚା ଛାଡ଼ି ଗାଁ ଗାଁ ବୁଲି ପ୍ରତି ଯୋଜନାର ତଦାରଖ କର। ୫ଟି ସହ ପ୍ରତିକ୍ଷେତ୍ରରେ ଟେକ୍ନୋଲୋଜିର ଉପଯୋଗ କର। ଭଲ କାମ କଲେ ବିଭାଗ ଅଧିକାରୀମାନଙ୍କୁ ଷ୍ଟାର୍ ପର୍ଫମର୍ ଆଖ୍ୟା ଦେବାସହ ପୁରସ୍କୃତ କରିବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଭାଗବତ ଟୁଙ୍ଗି ପୁନରୁଦ୍ଧାର ପାଇଁ ଆସିଥିବା ଆବେଦନ ପତ୍ର, ଆବେଦନ ପାଇଁ ସଚେତନତା ଓ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ଅବଲମ୍ବନ କରିବାକୁ କହିଥିଲେ। କଳାକାର ସଂଘ ଲୋକକଳା ଗ୍ରାମ ପ୍ରତିଷ୍ଠା, ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ପାଇଁ କଳାକାର ଚୟନ ଓ ଆଗାମୀ ଦିନରେ ବ୍ଲକ୍‌ସ୍ତରରେ ନାଟ୍ୟମଣ୍ଡପ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ସମ୍ମିଳନୀରେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ପ୍ରକଳ୍ପ ସଂଯୋଜକ ମାଳବିଶୋୟୀ ଓ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥୀ, ମନସ୍ୱିନୀ ସାହୁଙ୍କ ସମେତ ସମସ୍ତ ଜିଲାର ସଂସ୍କୃତି ଅଧିକାରୀ ଏବଂ ବିଭିନ୍ନ କଳାକାର ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପ୍ରତି ଜିଲାରେ ରହିବ ଗୋଟିଏ ଗାନ୍ଧୀମାର୍ଗ

ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରତି ଜିଲାକୁ ୨ଲକ୍ଷ ଏବଂ କଟକ ଜିଲାକୁ ସର୍ବାଧିକ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥର ଉଚିତ ଉପଯୋଗ ସହ ପ୍ରତ୍ୟେକ ଜିଲା ସଦର ମହକୁମାର ଏକ ନିର୍ଦ୍ଦିଷ୍ଟ ମାର୍ଗକୁ ଗାନ୍ଧୀଙ୍କ ନାମରେ ନାମିତ କରିବାକୁ ବୈଠକରେ କୁହାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀମାନେ ସଂପୃକ୍ତ ଜିଲାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାର୍ଗ ଚୟନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପ୍ରତି ଜିଲାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଗାନ୍ଧୀ ଜୟନ୍ତୀରୁ ଲୋକକଳା ଗ୍ରାମର ଶୁଭାରମ୍ଭ ହେବାକୁଥିବାବେଳେ ଏ ପର୍ଯ୍ୟନ୍ତ ୨୪ଟି ଲୋକକଳା ଗ୍ରାମ ଚିହ୍ନଟ ହୋଇଛି। ବଳକା ୬ଟି ଜିଲାରେ ତୁରନ୍ତ ଚିହ୍ନଟ କରି ପର୍ଯ୍ୟଟନ ବିଭାଗ ସହ ମିଶି ସମ୍ପୃକ୍ତ ଗ୍ରାମର ବିକାଶ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ସଚିବ ସଂସ୍କୃତି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବାମନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୧୧।୯

ଶ୍ରୀମନ୍ଦିର ରତ୍ନସିଂହାସନରେ ବୁଧବାର ମହାପ୍ରଭୁ ଶ୍ରୀଜଗନ୍ନାଥ ବାମନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅପୂର୍ବ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଦ୍ୱିପ୍ରହର ଧୂପ ବଢ଼ିବା ପରେ ମହାପ୍ରଭୁଙ୍କ ବାମନ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ବାମନ ବେଶ, ଦେବୀ ସୁଭଦ୍ରା ସାଧାରଣ ବେଶ ଏବଂ ଶ୍ରୀବଳଭଦ୍ର ହାତରେ ଧନୁଶର ଧରି ରାଜ ବେଶରେ ସଜ୍ଜିତ ହୋଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଭୁଜ, ଶ୍ରୀପୟର ଓ ସ୍ୱର୍ଣ୍ଣ କିରୀଟରେ ଆଭୂଷିତ ହେବା ସହ ବାମ ହସ୍ତରେ ଛତା ଏବଂ ଡାହାଣ ହସ୍ତରେ କୁଶବଟୁ ଓ ଗଡୁ ଧାରଣ କରି ବାମନରୂପୀ ନୈଷ୍ଠିକ ବ୍ରାହ୍ମଣ ବେଶରେ ଦର୍ଶନ ଦେଇଥିଲେ। ଏ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସ୍ୱୟଂ ବିଷ୍ଣୁ। ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ହେଉଛି ବାମନ ଅବତାର। ସତ୍ୟଯୁଗରେ ମହାପ୍ରଭୁ ଏହି ଅବତାରରେ ବଳି ରାଜାଙ୍କୁ ପାତାଳଗାମୀ କରିଥିଲେ। ଭଗବାନ ବିଷ୍ଣୁ ହେଉଛନ୍ତି ସ୍ୱୟଂ ବାମନ। ଶ୍ରୀଜଗନ୍ନାଥ ରଥରେ ଥିବାବେଳେ ବାମନ ଭାବେ ତାଙ୍କୁ ବର୍ଣ୍ଣନା କରାଯାଇଛି।

ଏନ୍‌ଏଚ୍‌ଆର୍‌ସିରେ କୋରାପୁଟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ମାମଲା

# ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୧୧।୯:** କୋରାପୁଟରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ହୋଇଥିବା ମାମଲାର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ୮ ମାସ ମଧ୍ୟରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ କୋରାପୁଟର ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏକ ରିପ୍ରେଜେଣ୍ଟେଶନ ଦେବେ। ଉକ୍ତ ରିପ୍ରେଜେଣ୍ଟେଶନ ଅନୁଯାୟୀ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଏନ୍‌ଏଚ୍‌ଆର୍‌ସି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

ଆଇନଜୀବୀ ପାତ୍ର ଅଭିଯୋଗରେ ଦର୍ଶାଇଥିଲେ, କୋରାପୁଟ ଆଦିବାସୀ ଅଧ୍ୟୁଷିତ ଜିଲା। ଏହି ଜିଲାରେ ମୋଟ୍ ଲୋକସଂଖ୍ୟାର ୬୦ ପ୍ରତିଶତରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ। ଏହି ଜିଲା ବିଭାଜନ ହେବା ପରେ ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲା ସୃଷ୍ଟି ହୋଇଥିଲା। କଟକସ୍ଥିତ ହାଇକୋର୍ଟଠାରୁ ଏହି ଅଞ୍ଚଳର ଦୂରତ୍ୱ ପ୍ରାୟ ୬୦୦ କିମି। ସେଠାକୁ ଯିବା ପାଇଁ ଏହି ଜିଲାର ଲୋକମାନଙ୍କୁ ପ୍ରାୟ ଗୋଟିଏ ଦିନ ଲାଗିଥାଏ। ଏଣୁ ଅଞ୍ଚଳବାସୀଙ୍କୁ ନ୍ୟାୟ ପାଇଁ ହାଇକୋର୍ଟ ଯିବା କଷ୍ଟକର ବ୍ୟାପାର। ପୂର୍ବରୁ ଏଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଜଶୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ। ସେହିପରି ରାଜ୍ୟ ସରକାର ଏହି ମାମଲାରେ ଜଷ୍ଟିସ ସି.ଆର. ପାଲଙ୍କ ଅଧ୍ୟକ୍ଷତାରେ ମଧ ଆଉ ଏକ କମିଶନ ଗଠନ କରିଥିଲେ। ଇତିମଧ୍ୟରେ କମିଶନ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇସାରିଛନ୍ତି। ହେଲେ ରାଜ୍ୟ ସରକାର ଉକ୍ତ ରିପୋର୍ଟକୁ ଏ ପର୍ଯ୍ୟନ୍ତ ବିଧାନସଭାରେ ଉପସ୍ଥାପନ କରିନାହାନ୍ତି। ଫଳରେ ଆଇନଜୀବୀ ପାତ୍ର ଏନ୍‌ଏଚ୍‌ଆର୍‌ସିରେ ଏ ନେଇ ମାମଲା ରୁଜୁ କରିଥିଲେ।


**OFFICE OF THE NOTIFIED AREA COUNCIL, KHARIAR ROAD**

Phone: 7328882121, e-mail: nackhrd@rediffmail.com
No. 3249 Date: 10.09.2019
1st Corrigendum to Tender Call Notice No. 3228 Dt. 07.09.2019

Date of opening of Tender may be read as 11.30 AM of 30.09.2019 instead of 11.30 AM of 06.09.2019.

All other terms and conditions of above Tender Call Notice are remain unaltered.

Sd./- Executive Officer, NAC, Khariar Road



**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA) PIN - 764051
Phones: 06861-232581(O)/232641 (R), Fax: 06861-232541, E-mail: <unit.head_balimela@yahoo.com>
**REGD. OFFICE: ODISHA HYDRO POWER CORPORATION LIMITED**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22
Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER, E-mail: ohpc.co@gmail.com/md@ohpcltd.com, WEB: www.ohpcltd.com

**NOTICE INVITING TENDER NO.- BHEP/DE-III/30/2019-20, Dtd. 10.09.2019**

No.: CAD-373: Sealed tenders are invited in single part from the eligible class of Contractors/Firms/Agencies having experience in State/Central PSU/ Govt. of Odisha having **valid licence** & fulfilling the eligibility criteria as per the tender specification for the work as mentioned below.

| Group | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|---|---|
| A | Repair of two(02) Nos. of Security Post (One at Dumping Yard and another at AB-7), BHEP, Balimela | Rs.1,97,988/- | Rs.600/- (+ GST @ 18%) = Rs.708/- | Rs.2000/- | 12.09.2019 | 24.09.2019 12.00 Noon | 24.09.2019 12.30 P.M. |

For details of the tender documents, terms & conditions, please visit our website **www.ohpcltd.com**.

04019/11/0038/1920 Sd./- Unit Head, BHEP, Balimela



**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA) PIN - 764051
Phones: 06861-232581(O)/232641 (R), Fax: 06861-232541, E-mail: <unit.head_balimela@yahoo.com>
**REGD. OFFICE: ODISHA HYDRO POWER CORPORATION LIMITED**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22
Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER, E-mail: ohpc.co@gmail.com/md@ohpcltd.com, WEB: www.ohpcltd.com

**TENDER CALL NOTICE NO.: BHEP/DE-III/IT/002/32/2019-20, Dtd. 11.09.2019**

No.: CAD-374: Sealed tenders are invited from the reputed Computer firms for supply of Spares/Accessories, T&P items of Computer & Peripherals for BHEP, Balimela as mentioned below:

| Sl. No. | Description of Materials | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of Spares/ Accessories, T&P items of Computer, Printer, UPS & Peripherals for BHEP, Balimela | Rs.708/- (Rs.600/- + GST @ 18%) (Rupees Seven Hundred Eight) only | Rs.2124/- (Rs.1800 + GST @ 18%) (Rupees two thousand one hundred twenty four only) | 12.09.2019 to 24.09.2019 | 24.09.2019 upto 12.00 Hrs. | 24.09.2019 at 12.30 P.M. |

For details of the tender documents, terms & conditions, please visit our website **www.ohpcltd.com**.

04019/11/0039/1920 Sd./- Unit Head, BHEP, Balimela



**GANGADHAR MEHER UNIVERSITY, SAMBALPUR**
SAMBALPUR-768004, ODISHA

**RE-ADVERTISEMENT FOR THE RECRUITMENT OF FACULTY**

Gangadhar Meher University invites application from eligible Indian citizens for the following positions for which very less number of eligible applications have been received.

1. Professor [Pay Band of Rs. 37,400 - 67,000 with AGP of Rs. 10,000.00] - 11 Posts (One post each in the Department of Anthropology, Commerce, Education, English, Geography, Hindi, History, Library & Information Science, Psychology, Sociology, Statistics)
2. Associate Professor [Pay Band of Rs. 37,400 - 67,000 with AGP of Rs. 9,000.00] - 02 Posts (One each in Psychology and Economics)

**General Conditions:**

i. The Advertisement is for Regular Positions.
ii. There is an application fee of INR 2750.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1750.00. Those who have applied earlier against the Advertisement No. 003/REC/GMU/FAC, Sambalpur dated 23.07.2019 need not apply again. Those who had applied last year against the Advertisement No. 001/REC/GMU/FAC, Sambalpur dated 28.05.2018 but have not applied against the Advertisement No. 003/REC/GMU/FAC, Sambalpur dated 23.07.2019 need to pay facilitation charges of INR 250.00 only. Further, those who apply for the first time against this Advertisement No. 004/REC/GMU/FAC, Sambalpur dated 12.09.2019 need to pay the fee of INR 2750.00 or INR 1750.00 as the case may be.
iii. The link for the detailed advertisement and online application submission module is given herewith: https://recruitment.gmuniversity.ac.in
iv. The last date for submission of online applications complete in all respects is 5th October 2019 at 23.59. The last date of receipt of print copy of the applications with all supporting documents is 12th October 2019 at 17.00. Online submission of application is mandatory.
v. Application fee is non-refundable. Seven printed hard copies of the application form will be accepted, when sent through Speed Post / Registered Post / Courier only. The candidate must send one set of supporting documents to validate their data.

**Advt. No. 004/REC/GMU/FAC; Sambalpur, Dated: 12th September 2019.**

*Sd./- Registrar, Gangadhar Meher University, Sambalpur*



319-E

**Odisha State Health & Family Welfare Society,**
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79

Adv. No.: 42/19 CONTRACTUAL APPOINTMENT Date: 12.09.2019

Applications are invited in prescribed format from eligible candidates for filling up the following positions under **National Health Mission, Odisha** on contractual basis with monthly remuneration as noted against each and subject to renewal as per OSH&FW Society terms and conditions. The positions are purely temporary and co-terminus with the scheme.

| Sl. No. | Name of the Position | Remuneration (in Rs.), Performance Incentive & other allowances as admissible | Date of Registration & Original Certificate Verification |
|---|---|---|---|
| 01 | Assistant Manager -ASHA | Rs. 32,761/-+PI | 26.09.2019 |
| 02 | Assistant Manager -GKS & Health System Strengthening | Rs. 32,761/-+PI | 30.09.2019 |

Interested candidates can log on to www.nhmodisha.gov.in for details of vacancy, eligibility criteria, ToR, age, application form, selection procedure etc. Candidates fulfilling the eligibility criteria may appear for registration in between 10.30 A.M. to 12 Noon on the date as mentioned against each position. No registration will be allowed in any case after scheduled date and time of registration. After registration of the candidate, original certificate verification shall be made. If the number of candidates registered will be high then, the original certificate verification will be continued for other date/s, which will be notified to the candidates on the date of registration.

**Venue:- Amar Singh Auditorium, Dr. Abhin Chandra Homoeopathic Medical College & Hospital, Unit-III, Bhubaneswar.**

Sd/-
Mission Director, NHM
Member Secretary, OSH&FWS, Odisha

10084/11/0024/1920



**GOVERNMENT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION, KUCHINDA**
Email: eerw_kuchinda@yahoo.com

**2nd Corrigendum to Bid Identification No. Tender online 01/RWD/KCD/2019-20**

**No. 340-O:-** Due to unavoidable circumstances, the following changes have been made in this office Bid Identification No. tender online 01/RWD/KCD/2019-20.

The availability of tender for online bidding has been extended from 18.09.2019 at (11.00 AM) to 11.10.2019 upto (5.00PM).

All other terms and conditions remain unchaged.

*Sd./- Executive Engineer*
*Rural Works Division, Kuchinda*

25151/11/0003/1920



**OFFICE OF THE NOTIFIED AREA COUNCIL, NUAPADA**

Tender Reference No. NPD-NAC-01/2019-20
Bid Reference No.-2019 ORULB 56176
Tender Call Notice No. 2202/Works Dt. 10.09.2019

Bid documents consisting of specification, the scheduled of quantities and the set of terms and condition of contract and other necessary documents can be seen in the office Notice Board.

| | | |
|---|---|---|
| 1. | Nature of Work | Civil Construction works as mentioned in Website. |
| 2. | Estimated Cost | Rs. 8.43 Lakhs to 57.47 Lakhs. |
| 3. | Period of Completion | As per DTCN. |
| 4 | Date and time of availability of the documents in the portal | 10.00 AM of Dt. 12.09.2019 to 05.00 PM of 24.09.2019. |
| 5. | Last date/ time for receipt of Bids document in the Office | Dtd. 27.09.2019 upto 04.00 PM. |
| 6. | Date of Opening | Dtd. 30.09.2019 at 11.00 AM. |
| 7. | Name and Address of the Officer inviting Bid | Executive Officer, Nuapada NAC, Dist- Nuapada |

Further the details can be seen from the "e" procurement portal-www.tendersorissa.gov.in.

Sd./- Executive Officer,
NAC, Nuapada



**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
3RD FLOOR, HEADS OF DEPARTMENT BUILDING,
BHUBANESWAR-751001
Email-secyelbo@nic.in, Phone-0674-2394572

**INDICATIVE ADVERTISEMENT FOR WORKMAN PERMIT (EHT) EXAMINATION-2019**

No.ELBO/WP-EHT EXAM/948 Dated : 27.08.2019

No.11-AA :- Indicative advertisement inviting ONLINE application for Workmen Permit (EHT) Examination-2019 as per the ELBO Regulation Odisha, 2014.

**IMPORTANT**

1. Online application will be available from 16.09.2019 till 15.10.2019 (up to 11.59 PM).
2. Applications will be received ONLINE only through the E.I.C. (Electricity)-cum-PCEI, Odisha Website: eicelectricityodisha.nic.in
3. No printed copy of application is required to be sent to the ELBO Office.
4. Candidates must ensure their eligibility before applying.
5. Candidates need to upload scanned copy of required documents during the online application process.
6. Candidates meeting the eligibility requirements only shall be shortlisted.
7. No individual admit card will be sent to candidates by Post for appearing the Examination.
8. The shortlisted candidates shall be intimated by SMS and have to download the admit card from E.I.C. (Electricity)-cum-PCEI, Odisha website.
9. These candidates shall have to furnish the original documents for verification on the date of the examination.
10. In case of any discrepancy between the documents uploaded (with the online application) and the original documents submitted for verification, the applicant shall be disqualified.
11. Online applications incomplete in any shape shall be rejected.

For Detailed advertisement visit the EIC (E) Web Site: eicelectricityodisha.nic.in

**EXAMINATION FEES of Rs.300/-** is to be remitted on line through Odisha Treasury Portal (e-challan) under the prescribed Head of Account: "0043-00-102-0034-01001-000"

In case of SC & ST applicants, the examination fees shall be Rs.150/- subject to furnishing self attested copy of the caste certificate issued by Tehsildar / Additional Tehsildar.

**NOTE:** This advertisement is indicative in nature and provisional. The candidates are advised to go through the detailed advertisement available in the official website of the E.I.C. (Electricity)-cum-PCEI, Odisha: -eicelectricityodisha.nic.in.

The E.I.C. (Electricity)-cum-PCEI reserves the right to reject any application or cancel the examination without assigning any reason thereof.

Sd./- SE-cum-Secretary, ELBO
Bhubaneswar

04009/11/0001/1920



**COLLECTORATE, NAYAGARH**
(ST & SC Dev. Section)

Order No. 1706 Dt.10.09.19

**ADVERTISEMENT OF LADY MATRON RECRUITMENT**

No. 33-V: Applications are invited in prescribed proforma from intending female candidates ST/SC/OBC/SEBC women age of 35 years & above as on **1st January 2019** of Nayagarh District only to fill up **05 Nos.** of Lady Matron Posts purely on Contractual Basis (Graduation Pass @ 7500/- per month / +2 or Intermediate pass @ 6500/- per month) for engagement in ST/SC Girls Hostels under ST&SC Dev. Deptt. in Nayagarh District. The details regarding educational qualification, eligibility criteria, monthly remuneration, selection procedure can be obtained from the district website **www.nayagarh.nic.in** or from the Office of District Welfare Officer, Nayagarh in the working days from 10.00 A.M. to 5.30 P.M.

The last date for receipt of application in the Office of District Welfare Office, Collectorate, Nayagarh is 30.09.19 till 5.30 P.M. by Speed Post/Regd. Post only. Incomplete application & application after due date shall not be taken into consideration. The application should be addressed to **"The District Welfare Officer, Nayagarh"** and the envelope containing the application should be superscribed with **"APPLICATION FOR THE POST OF LADY MATRON"**.

**Vacany Position of Lady Matron engaged in 05 Nos. of SSD Girls Hostels of Nayagarh District.**

| Sl. No. | Name of the Block | GP/NAC | Village | Vacancy of the School |
|---|---|---|---|---|
| 1 | 2 | 3 | 4 | 5 |
| 1 | Daspalla | NAC, Dasapalla | NAC, Dasapalla | Dasapalla High School, Daspalla |
| 2 | Daspalla | Nuagaon | Nuagaon | Nuagaon Ashram School |
| 3 | Khandapada | Singhapada | Kandhamirigi | Kandhamirigi Ashram School |
| 4 | Nayagarh | NAC, Nayagarh | NAC, Nayagarh | Brajendra High School, Nayagarh |
| 5 | Khandapada | Kantilo | Kantilo | Kunjabihari GHS, Kantilo |


24009/11/0002/1920 Sd./- Collector, Nayagarh



# ଲୁଚାଉଛନ୍ତି ହୁମା

ଯେମିତି ବୁଲେଇ ବଙ୍କେଇ ପଚାରିଲେ ହୁମାଙ୍କ ମୁହଁରୁ ସେହି ଗୋଟିଏ ଉତ୍ତର ଶୁଣିବାକୁ ମିଳୁଛି- 'ସେ ମୋ ପ୍ରେମିକ ନୁହନ୍ତି ଭଲ ବନ୍ଧୁ।' କଥା କ'ଣ କି ହିନ୍ଦୀ ସିନେମା 'ପତି ପତ୍ନୀ ଔର ଓ'ର ନିର୍ଦ୍ଦେଶକ ମୁଦ୍ଦାଶର ଅଜିଜ୍‌ଙ୍କ ସହ ହୁମାଙ୍କର କୁଆଡେ ପୂରା ଦମ୍‌ରେ ରୋମାନ୍ସ ଚାଲିଛି। ଯେତେବେଳେ ଏକଥା ତାଙ୍କ କାନରେ ବାଜିଲା ଶେଷକୁ ବାଧ ହୋଇ ମୁହଁ ଖୋଲିଛନ୍ତି। ଏ ବିଷୟରେ ସଫେଇ ଦେଇ ସେ କହନ୍ତି, 'ମୋ ସହ ମୁଦ୍ଦାଶରଙ୍କ ନାମକୁ ଯୋଡି ବିଭିନ୍ନ ଲୋକ ବିଭିନ୍ନ କଥା କହୁଛନ୍ତି। ହେଲେ ସତ କ'ଣ ତାହା ମୁଁ ଜାଣେ। ସେ ମୋର ପ୍ରେମିକ ନୁହନ୍ତି। ସେ ମୋର ଜଣେ ଭଲ ବନ୍ଧୁ।' ସେପଟେ ଏପରି କଥାକୁ ନେଇ ମୁଦ୍ଦାଶର ନୀରବ ରହୁଛନ୍ତି। ତେବେ କ'ଣ ବୁଝାଯିବ ଯେ, ମୌନମ୍ ସମ୍ମତି ଲକ୍ଷଣମ୍ !

## ବ|ଲି|ଉ|ଡ୍|ହା|ଲ|ଚା|ଲ



ପ୍ରଭାସ

- ନିକଟରେ ରିଲିଜ ହୋଇଥିବା 'ଶାହୋ' ପରେ ଏହାର ନାୟକ ପ୍ରଭାସ ନିଜ କ୍ୟାରିୟର ୨୦ତମ ଫିଲ୍ମ ପାଇଁ ସଜବାଜ ହେଉଛନ୍ତି। ଏଥର ସେ ଏକ ପିରିଓଡିକ୍ ଫିଲ୍ମରେ ଆକ୍ଟିଂ କରିବେ। ରାଧା କ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ ଏହାର ଶୁଟିଂ ଖୁବ୍‌ଶୀଘ୍ର ଲଣ୍ଡନରେ ଆରମ୍ଭ ହେବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।
- 'କବୀର ସିଂ'ର ସଫଳତା ପରେ ଏହାର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଆଉ ଏକ ହିନ୍ଦୀ ସିନେମାର ପ୍ରାରମ୍ଭିକ କାମ ଆରମ୍ଭ କରିଦେଇଛନ୍ତି।
- ଯଶ୍‌ରାଜ ପ୍ରଡକ୍ସନର ଆଗାମୀ ଫିଲ୍ମ 'ଜୟଶଭାଇ ଜୋର୍‌ଦାର'ର ମେଲ୍ ଲିଡ୍‌ରେ ଅଭିନୟ କରିବେ ରଣବୀର ସିଂ। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଦକ୍ଷିଣ ଭାରତୀୟ ସିନେମାର ଚୁଲ୍‌ବୁଲି ନାୟିକା ଶାଲିନୀ ପାଣ୍ଡେ। ଦିବ୍ୟାଙ୍ଗ ଥାକ୍କର ଏହାର ନିର୍ଦ୍ଦେଶନା ଦେବେ।
- ସଲମାନ ଖାନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା 'ଦବଙ୍ଗ-୩'ରେ ସଲମାନଙ୍କ ଭୂମିକାଟି ହେଲା 'ଚୁଲବୁଲ ରବୀନହୁଡ ପାଣ୍ଡେ'। ଏହାର ପ୍ରଥମ ପୋଷ୍ଟର ନିକଟରେ ରିଲିଜ ହୋଇଛି। ଏହାର କ୍ୟାଚ୍ ଲାଇନ୍ ରହିଛି 'ସ୍ୱାଗତ ନେହିଁ କରୋଗେ ହମାରା'।

## ଅ|ପେ|ରା|ହା|ଲ|ଚା|ଲ

# ମାୟା ଲଗାଇବ ମାୟା ନଗରୀ

ଆଉ ଏକ ନବଗଠିତ ଅପେରା ପାର୍ଟି ଲଢ଼େଇ ମଇଦାନକୁ ଓହ୍ଲାଉଛି। ଚଳିତ ମାସ ୧୬ରେ ଏହି ପାର୍ଟି ନିଜର ଯାତ୍ରା ଅଭିଯାନ ଆରମ୍ଭ କରିବାକୁ ଯାଉଛି। 'ଯାତ୍ରା ମାୟାନଗରୀ' ନାମରେ ନାମିତ ଉକ୍ତ ପାର୍ଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ମୁଖ୍ୟ ପରିଚାଳକ ତଥା ନାଟ୍ୟକାର ମନୋଜ ପଣ୍ଡା। ସତ୍ୟାନନ୍ଦ ଦଳବେହେରାଙ୍କ ପ୍ରଯୋଜିତ ଏବଂ ହେମନ୍ତ ଜେନା ନିବେଦିତ ଏହି ପାର୍ଟିର ରିହର୍ସାଲ ଚାଲୁ ରହିଛି। ପ୍ରସ୍ତୁତିପଥେ ନାଟକଗୁଡିକ ମଧ୍ୟରେ



ମନୋଜ ପଣ୍ଡା

ରହିଛି : ଧନ ପାଖେ ମନ ବନ୍ଧା ପଡିଛି (ରଚନା-ମନୋଜ ପଣ୍ଡା, ନିର୍ଦ୍ଦେଶନା -ଏସ. କ୍ରିଷ୍ଣା), କଥା ଦିଅ ମୋତେ କରିବନି ପର (ରଚନା-ଅଧ୍ୟାପକ ଗୋଲେଖ ମହାରଣା, ନିର୍ଦ୍ଦେଶନା-ଅଶ୍ରୁମୋଚନ ମହାନ୍ତି), ଦେଲେ ଧରା କଥା ସରେ (ରଚନା-ଦାମ ପ୍ରଧାନ, ଯୋଗେନ୍ଦ୍ର ମଲ୍ଲିକ) ଏବଂ ନିଜ ନିଜର ରାମାୟଣ (ରଚନା-କୈଳାସ ମଲ୍ଲିକ, ନିର୍ଦ୍ଦେଶନା-ଲାଲା ବୀରେନ ରାୟ)। ଏହି ପାର୍ଟିର ମୁଖ୍ୟ ଆକର୍ଷଣ ସାଜିବେ ଜଲିଉଡ୍‌ର ଟ୍ରାଜେଡି କୁଇନ୍ ଭାବରେ ପରିଚିତା ତୁନିଆ ମଲ୍ଲିକ। ନାୟକ ଚିକୁ କର ନିଜର ଅଭିନୟ ବଳରେ ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଦେବାକୁ ତୟାର। ଏହି ଦୁଇ କଳାକାରଙ୍କ ବ୍ୟତୀତ ବୈକୁଣ୍ଠ-ବାସନ୍ତୀ (ବାରେକ), ରବି ଶତପଥୀ, ପହିଲି, ସନ୍ତୋଷ-କୁସୁମ, ଧୀର ମିଶ୍ର, ପ୍ରିୟ, ଅଭିରାଜ, ସୁବ୍ରତ, କେକେ-ସୋନାଲି, ବେବିନା, ଶୀତୁରା, ପୁଷ୍ପା, ଚିତ୍ରାଙ୍କ ବଳିଷ୍ଠ ଅଭିନୟ ପାର୍ଟିକୁ ମାଇଲେଜ ଦେବ ବୋଲି ପ୍ରଯୋଜକ ଆଶା ରଖିଛନ୍ତି। କେବଳ ସେତିକି ନୁହେଁ, ବିଶ୍ୱଜିତ, ସଞ୍ଜୀବ ଜେନା, ଅଭିରାମଙ୍କ ଖଳନାୟକୀ ନାଟକଗୁଡିକୁ ସଫଳ ହେବାରେ ସାହାଯ୍ୟ କରିବ ବୋଲି କହନ୍ତି ମୁଖ୍ୟ ପରିଚାଳକ ମନୋଜ। ତେବେ ଚଳିତ ଯାତ୍ରା ସିଜନ୍‌ରେ ଯାତ୍ରା ମାୟାନଗରୀ ଦର୍ଶକଙ୍କୁ କେତେ ମାୟାରେ ବାନ୍ଧି ରଖୁଛି ତାହା ଦେଖିବାକୁ ବାକି ରହିଲା।

# ଚର୍ଚ୍ଚାରେ ମଜ୍‌ନୁ

ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ଏବଂ ଜାଗୀ ମଙ୍ଗତ ପଣ୍ଡାଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ମିଷ୍ଟର ମଜ୍‌ନୁ'। କମେଡି ଫ୍ଲେଭର ଥିବା ଏହି ଫିଲ୍ମର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ବାବୁସାନ୍। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ତିନି ଜଣ ନାୟିକା-ଶୀତଲ, ଦିବ୍ୟା ଏବଂ ସୂର୍ଯ୍ୟମୟୀ। ଖାସ୍ କଥା ହେଲା, ଏହାର ନିର୍ଦ୍ଦେଶନା ସିଟ୍‌ରେ ବସିଛନ୍ତି ପୂର୍ବରୁ ବାବୁସାନଙ୍କ ଅଭିନୀତ ବେଶ୍ କେତୋଟି ହିଟ୍ ସିନେମାର ନିର୍ଦ୍ଦେଶନା ଦେଇଥିବା ଅଶୋକ ପତି। ସିନେମାଟିକୁ ଆହୁରି ଦର୍ଶକାଦୃତ କରିବାକୁ ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଉଛନ୍ତି ଓଡ଼ିଆ ସିନେମାର ଅନ୍ୟତମ ଲୋକପ୍ରିୟ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ତାଙ୍କ ସଂଯୋଜିତ ତଥା ବାବୁସାନ୍ ଅଭିନୀତ 'ତାଟୁୱାଲି, ନାଗିନ୍ ନାଗିନ୍, ମୋ ତୁନି ତଳେ ବ୍ଲାକ୍ ମନି, ଶେହେଜାଦୀ ଓ ଶେହଜାଦୀ, ତୁ ମୋ ସାୟରୀ, ପ୍ୟାର ବାଲା ହିଚକି, ଗେଲୁ ତୁ ଚିପୁଡି ଦେଲୁ ଦିଲଟା ଏବଂ ସର୍ଜିକାଲ ଷ୍ଟ୍ରାଇକ୍ ବେଶ୍ ଶ୍ରୋତାଦୃତ ହୋଇପାରିଛି। ଅଭିଜିତ ଏବେ 'ମିଷ୍ଟର ମଜନୁ'ର ଏକ ଜବରଦସ୍ତ ଗୀତର କମ୍ପୋଜିଶନ୍‌ରେ ବ୍ୟସ୍ତ ଅଛନ୍ତି। ଯେହେତୁ ଗୀତଟି ଏବେ ପ୍ରସ୍ତୁତି ପର୍ଯ୍ୟାୟରେ ଅଛି ତେଣୁ ଗୀତର ପ୍ରଥମ ଧାଡି କିମ୍ବା ସେ ବିଷୟରେ ସବିଶେଷ ବିବରଣୀ ଦେବାକୁ ଉଚିତ ମନେ କରୁନି। କିନ୍ତୁ ଅଳ୍ପ ଦିନ ଭିତରେ ଏକଥା ସମ୍ପର୍କରେ ସୂଚନା ମିଳିଯିବ ଏବଂ ଏହି ଗୀତ ଫିଲ୍ମର ଅନ୍ୟତମ ଆକର୍ଷଣ ସାଜିବ ବୋଲି କହନ୍ତି ଅଭିଜିତ। 'ମିଷ୍ଟର ମଜନୁ'ରେ ରାଇମୋହନ ମଧ୍ୟ ଏକ ଦମ୍‌ଦାର ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବେ। ଫିଲ୍ମଟି ଚଳିତବର୍ଷ ଦଶହରାରେ ରିଲିଜ ହେବାର ଯୋଜନା ରହିଛି।



'ମିଷ୍ଟର ମଜନୁ' ଚଳଚ୍ଚିତ୍ରରେ (ବାମରୁ) ଶୀତଲ-ଦିବ୍ୟା-ବାବୁସାନ୍-ସୂର୍ଯ୍ୟମୟୀ

# ସେଲ୍‌ଫି ଅନ୍ତକାଳେ..




ଆଜିକାଲି ସେଲ୍‌ଫି ନେବା ଏକ ମାନିଆ ପାଲଟି ଗଲାଣି। ଫଟୋରେ କମେଡିଆନ୍ ହରିହର ମହାପାତ୍ର ଓରଫ ହରି ଭାଇ ଅଭିନେତ୍ରୀ ପିଙ୍କି ପ୍ରିୟଦର୍ଶିନୀଙ୍କ ସହ ଏକ ସେଲ୍‌ଫି ନେଉଛନ୍ତି। ପୁଣି କେଉଁ ପୋଜ୍‌ରେ ଥରେ ଦେଖନ୍ତୁ ନା ! ଫଟୋ ଫଛରେ ସତ୍ୟତା ତ ନିଶ୍ଚୟ ରହିଛି, ହେଲେ ଏହା ହରି ଭାଇଙ୍କ ବାସ୍ତବ ଜୀବନ ନୁହେଁ, ଅଭିନୟ ଜୀବନରେ ହିଁ ଘଟିଛି। ରିଲିଜ ଅପେକ୍ଷାରେ ଥିବା ଓଡିଆ ସିନେମା 'ଜୋର୍ କା ଝଟକା'ରେ ସେ ଏକ ଦମ୍‌ଦାର ଭୂମିକାରେ ଅଭିନୟ କରୁଛନ୍ତି। ସେହି କୌତୂହଳ ନାମଟି ହେଲା- 'ଏବିସି' ଯାହାର ଫୁଲଫର୍ମ ହେଉଛି 'ଅନୁଭବ ବାବୁସାନ୍‌ଙ୍କ କକ୍‌ଟେଲ'। ଏବିସି ଏକ ୟୁନିଭର୍ସିଟିରେ ପାଠ ପଢୁଛି। ଜଣେ ଝିଅକୁ ସେ ମନେ ମନେ ଭଲ ପାଇ ବସିଛି। ହେଲେ ସେ ଝିଅ ତାକୁ ଭଲ ପାଏ କି ଆଉ କାହାର ପ୍ରେମିକା ସେକଥା ସେ ଜାଣେନା। ବାସ୍ ଏବିସି ନିଜ ଭାବନା ରାଇଜରେ ବୁଡି ସେ ଝିଅକୁ ନେଇ ଅନେକ ସ୍ୱପ୍ନ ଦେଖୁଛି। ହେଲେ ଏହି ପ୍ରେମ ନିଶାରେ ଏକ ଜୋର୍ କା ଝଟକା ଲାଗୁଛି। ତାହା କ'ଣ ଏବଂ ପରବର୍ତ୍ତୀ ସମୟରେ ଏବିସି ନିଜ ପ୍ରେମକୁ କିପରି ଶେଷ ରୂପ ଦେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ନିଜ ପ୍ରେମ ପାଇଁ ସେ କେତେବେଳେ ଖଳନାୟକ ପାଲଟି ଯାଉଛି ତ କେତେବେଳେ ନିଜର ଭୁଲ ପାଇଁ ଅନୁତାପ କରୁଛି। ସେପଟେ ଏପରି ଏକ ମନଲାଖି କମେଡି ଭୂମିକା ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ହରି। ଅଶୋକ ବେହେରା-ଶିବାନୀ ବେହେରାଙ୍କ ପ୍ରଯୋଜିତ ଏହି ସିନେମାର ନାୟକ ଭୂମିକାରେ ଅଭିନୟ କରିଛନ୍ତି ଦୀପକ। ହାସ୍ୟାଭିନେତା ପ୍ରଜ୍ଞା ଏବଂ ଚରିତ୍ର ଅଭିନେତା ମିହିର ଦାସ ଚରିତ୍ର ଏହାର ଅନ୍ୟତମ ଆକର୍ଷଣ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ପିନୁ ନାୟକ। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।

# ମହୁମାଛି କଥା ମନେ ପଡ଼େ

**ଶୁଟିଂ ସମୟରେ ଅନେକ ଘଟଣା କଳାକାରଙ୍କ ମନରେ ସ୍ମୃତି ହୋଇ ରହିଥାଏ। ସେଭଳି କେତୋଟି ଘଟଣାକୁ ସ୍ମରଣ କରନ୍ତି ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ବିଶ୍ୱରୂପ-ବର୍ଣ୍ଣ ଟୁ ଫାଇଟ୍'ରୁ ଓଲିଉଡ୍‌ର ନବାଗତ ତାଲିକାରେ ନିଜର ନାମ ଏଣ୍ଟ୍ରି କରିବାକୁ ଯାଉଥିବା ବିଶ୍ୱରୂପ ମିଶ୍ର।**

ଶୁଟିଂ ସମୟରେ..



ମୋର ପ୍ରଥମ ସିନେମାର ଟାଇଟଲ ଗୀତର ଶୁଟିଂ ଫୁଲବାଣୀରେ ହେଉଥାଏ। ସେଥିପାଇଁ ପାହାଡ ଉପରେ ସବୁପ୍ରକାର ବ୍ୟବସ୍ଥା ହୋଇ ସାରିଥାଏ। ସିକ୍ୱେନ୍ସ ଅନୁସାରେ ସ୍ମଟ ବୟ ଧୂଆଁ ଲଗାଇଲେ। ହେଲେ ବିଡମ୍ବନା। ପାହାଡର ଗୋଟିଏ କୋଣରେ ମହୁମାଛି ବସା ଅଛି ବୋଲି ଆମେ କେହି ଜାଣି ନ ଥିଲୁ। ଧୂଆଁ ସଂସ୍ପର୍ଶରେ ଆସିବା ମାତ୍ରେ ମହୁମାଛି ଆମ ଆଡକୁ ମାଡି ଆସିଲେ। ଏହା ଦେଖି ୟୁନିଟ୍‌ର କେତେକ ସଦସ୍ୟ ଦୌଡି ପଳାଇଲେ। ହେଲେ କ'ଣ ହୋଇଛି ବୋଲି ବୁଝିବା ପୂର୍ବରୁ ମହୁମାଛିର ଆକ୍ରମଣର ଶିକାର ହେଲି। ମୋ ମୁହଁ,ହାତ ଫୁଲିଗଲା। ଏପରି ଅବସ୍ଥା ହେଲା ଯେ ସୁସ୍ଥ ହେବାକୁ ମୋତେ ଫୁଲବାଣୀ ସରକାରୀ ହସ୍‌ପିଟାଲରେ ଆଡମିଶନ ହେବାକୁ ପଡିଥିଲା। ସୁସ୍ଥ ହେବା ପରେ ପୁଣି ଥରେ ଶୁଟିଂ ଆରମ୍ଭ ହୋଇଥିଲା। ଏ କଥା ଏବେ ମୋର ମନେ ପଡିଲେ ଶିହରଣ ଖେଳିଯାଏ। ଆଉ ଏକ କଥା। ଏହି ଫିଲ୍ମର ଏକ ଗୀତର ଶୁଟିଂ ପାଇଁ ପ୍ରାୟ ପାହାଡ଼ର ୧୮୦୦ ଫୁଟ ତଳକୁ ଯିବାକୁ ପଡିଥିଲା। ଯେହେତୁ ରାସ୍ତା ବହୁତ ଖରାପ ଥିଲା ଏବଂ ଗାଡି ଯିବାର କୌଣସି ସୁବିଧା ନ ଥିଲା ତେଣୁ କ୍ୟାମେରାମ୍ୟାନ, ନିର୍ଦ୍ଦେଶକ ଏବଂ ୟୁନିଟ୍‌ର ସଦସ୍ୟମାନେ ଚାଲି ଚାଲି ସେଠାକୁ ଯାଇ ଶୁଟିଂ କରିଥିଲୁ। ଗୋଟିଏ କଥା, ଏହି ଫିଲ୍ମଟି ଯେହେତୁ ଆକ୍ସନ ଉପରେ ପର୍ଯ୍ୟବସିତ ତେଣୁ ଏଥିରେ ଅନେକ ଏକ୍ସପେରିମେଣ୍ଟ କରାଯାଇଛି।

## ସଂକ୍ଷେପରେ

### ଦୁର୍ଦ୍ଦଶା ଲାଗି ଅଟୋ ସେକ୍ଟର ନିଜେ ଦାୟୀ: ରାଜୀବ ବଜାଜ


**ମୁମ୍ବାଇ,୧୧-୯:** ଅଟୋମୋବାଇଲ ସେକ୍ଟରରେ ସଙ୍କଟ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକଙ୍କ ମାନସିକତାକୁ ଦାୟୀ କରିଛନ୍ତି। ଲୋକେ ଇଏମ୍ଆଇ ଭରିବା ବଦଳରେ ଓଲା ଓ ଉବର କ୍ୟାବ୍‌ରେ ଯିବାକୁ ପସନ୍ଦ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ବଜାଜ ଅଟୋ ଏମ୍‌ଡି ରାଜୀବ ବଜାଜଙ୍କର ଏ କ୍ଷେତ୍ରରେ ଭିନ୍ନମତ ଦେଇଛନ୍ତି। ସେ କହିଛନ୍ତି ଯେ, ଅତ୍ୟଧିକ ଉତ୍ପାଦନ ଯୋଗୁ ଗାଡ଼ି ଗଦା ହେଉଛି। ଏଥିପାଇଁ ଅଟୋ ସେକ୍ଟର ନିଜେ ଦାୟୀ ବୋଲି ସେ କହିଛନ୍ତି। ଜିଏସ୍‌ଟି ହାର ହ୍ରାସ ଉଚିତ ନୁହେଁ ବୋଲି ସେ କହିଛନ୍ତି।

### ଆସାମରେ ୧୩ ହଜାର କୋଟି ନିବେଶ କରିବ ଓଏନ୍‌ଜିସି

**ନୂଆଦିଲ୍ଲୀ,୧୧-୯:** ତୈଳ ଏବଂ ପ୍ରାକୃତିକ ବାଷ୍ପ ନିଗମ(ଓଏନ୍‌ଜିସି) ଆସାମରେ ୧୩ ହଜାର କୋଟି ଟଙ୍କା ନିବେଶ କରିବ। ଏହି ଅର୍ଥରେ କମ୍ପାନୀ ଆସନ୍ତା ୫ ବର୍ଷରେ ରାଜ୍ୟରେ ୨୨୦ ତୈଳ କୂପ ଖୋଳିବ। କମ୍ପାନୀ ପକ୍ଷରୁ ବୁଧବାର ଏ ସମ୍ପର୍କରେ ଉଲ୍ଲେଖ କରି କୁହାଯାଇଛି ଯେ, ଆସାମରେ ତୈଳ ଖୋଜିବା ଏବଂ ଉତ୍ପାଦନ ଗତିବିଧିକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାରଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଓଏନ୍‌ଜିସି ଦେଶର ଅଶୋଧିତ ତୈଳ ନିର୍ଭରତା ୧୦ ପ୍ରତିଶତ କମାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ପୂରା କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି ବୋଲି ବୟାନରେ କୁହାଯାଇଛି।



> ଯୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ସହ ମିଶି ଏକ ୱାର୍କିଂଗ୍ରୁପ୍ ଗଠନ ହୋଇଛି। ଏହି ଗ୍ରୁପ୍ ତିନି ବ୍ୟାଙ୍କର ମିଶ୍ରଣ ପ୍ରକ୍ରିୟା ସ୍ଥିର କରିବ।
> **– ସୁନୀଲ ମେହଟା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏମ୍‌ଡି ତଥା ସିଇଓ**



> ମାନ୍ଦାବସ୍ଥା କାରଣରୁ ଦୁଇଚକିଆ ଯାନ ବିକ୍ରି କମୁଥିବା ବେଳେ ବିଏସ୍-୬ ଆପଣାଇବା ଯୋଗୁ ଗାଡ଼ି ଦାମ ବଢ଼ିବ।
> **– ମିନୋରୁ କାଟୋ, ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆ ଏମ୍‌ଡି ଓ ସିଇଓ**

## ଆସିଆନ ଦେଶକୁ ବୁଝାଇବାରେ ଭାରତ ସଫଳ


# ଏଫ୍‌ଟିଏ ସମୀକ୍ଷା ପାଇଁ ରାଜି

**ନୂଆଦିଲ୍ଲୀ,୧୧-୯**

ଆର୍ଥିକ ମାନ୍ଦାବସ୍ଥା ଏବଂ ରପ୍ତାନି ହ୍ରାସକୁ ନେଇ ଚିନ୍ତିତ ଭାରତ ପାଇଁ ଖୁସି ଖବର ଆସିଛି। ମୋଦି ସରକାରଙ୍କ ସଫଳ ଉଦ୍ୟମ କାରଣରୁ ୧୦ ଦେଶ ବିଶିଷ୍ଟ ଆସିଆନ ଦେଶ ଭାରତ ସହ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି(ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ ବା ଏଫ୍‌ଟିଏ)ର ସମୀକ୍ଷା ଲାଗି ରାଜି ହୋଇଛନ୍ତି। ଏଫ୍‌ଟିଏକୁ ନେଇ ଭାରତ ସହ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଆସିଆନ ଦେଶ ଆଗ୍ରହ ଦେଖାଇଛନ୍ତି।

ଏଫ୍‌ଟିଏ ସର୍ତ୍ତରେ ପରିବର୍ତ୍ତନ କରିବାକୁ ଭାରତ କ୍ରମାଗତ ଆସିଆନ ଦେଶକୁ ମନାଇବାକୁ ଚେଷ୍ଟା କରୁଥିଲା। ବର୍ତ୍ତମାନର ଏଫ୍‌ଟିଏରେ ଚୁକ୍ତିର ସମୀକ୍ଷା କରିବା ଅଥବା ଏଥିରୁ ବାହାରି ଆସିବା ଲାଗି କୌଣସି ବ୍ୟବସ୍ଥା ବା ଧାରା ଉଲ୍ଲେଖ କରାଯାଇନାହିଁ। ଆକଳନ ମୁତାବକ ଆସିଆନ ଦେଶ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ପରେ ସେମାନଙ୍କ ସହ ଭାରତର ବାଣିଜ୍ୟ ନିଅଣ୍ଟ ୨୫୦ ପ୍ରତିଶତ ବଢ଼ିଯାଇଛି। ଉପା ଶାସନ କାଳରେ ୨୦୧୦ ଜାନୁୟାରୀରେ ଆସିଆନ ଦେଶ ସହ ଭାରତର ଏଫ୍‌ଟିଏ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ନୀତି ଆୟୋଗର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆସିଆନ ଦେଶ ସହ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୨୦୧୧ରୁ ୨୦୧୭ ମଧ୍ୟରେ ଦୁଇଗୁଣା ବୃଦ୍ଧି ପାଇ ୧୦ ବିଲିୟନ ଡଲାରରେ ପହଞ୍ଚିଯାଇଛି। ୨୦୧୧ରେ ଏହା ୫ ବିଲିୟନ ଡଲାର ଥିଲା। ଏହି ତୁଳନାରେ ଆସିଆନ ଦେଶଗୁଡ଼ିକର ପ୍ରାରମ୍ଭିକ ତଥ୍ୟ କହୁଛି ଯେ, ୨୦୧୮ରେ ଭାରତ ସହିତ ଆସିଆନ ଦେଶଗୁଡ଼ିକର ଦ୍ୱିପାକ୍ଷିକ ବାଣିଜ୍ୟ ୯.୮% ବୃଦ୍ଧି ପାଇ ୮୦.୮ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଉଦ୍ୟୋଗ ସଂଗଠନ ଆସୋଚାମ ପକ୍ଷରୁ ଜୁଲାଇରେ ଜାରି ଏକ ସର୍ଭେରେ ଚେତାବନୀ ଦେଇ କୁହାଯାଇଛି ଯେ, ଆସିଆନ ଦେଶଗୁଡ଼ିକୁ ଭାରତରୁ ରପ୍ତାନି ୨୦୦୫-୦୬ର ୧୦.୪୧ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨୦୧୫-୧୬ରେ ୨୫.୨୦ ବିଲିୟନ ଡଲାରରେ ପହଞ୍ଚିଯାଇଛି। ତେବେ ଏହି ଅବଧିରେ ଆମଦାନୀ ୪ଗୁଣା ବଢ଼ି ୩୯.୮୪ ବିଲିୟନ ଡଲାର ହୋଇଛି। ବ୍ୟାଙ୍କକ୍‌ରେ ଚଳିତ ସପ୍ତାହରେ ଆୟୋଜିତ ଆସିଆନ ଦେଶଗୁଡ଼ିକର ଅର୍ଥମନ୍ତ୍ରୀ ଓ ଭାରତ ମଧ୍ୟରେ ଅନୁଷ୍ଠିତ ପରାମର୍ଶ ବୈଠକ ପରେ ଯୁଗ୍ମ ରୂପରେ ଏକ ବୟାନ ଜାରି କରାଯାଇଥିଲା। ଏଫ୍‌ଟିଏ ଚୁକ୍ତିର ସମୀକ୍ଷା କିଭଳି ଭାବେ ହେବ ସେ ସମ୍ପର୍କରେ ଆସନ୍ତା ବୈଠକରେ ଉପସ୍ଥାପନ କରାଯିବ। ସୂଚନାଥାଉ କି, ଆସିଆନ ଦେଶଗୁଡ଼ିକ ସହ ଭାରତର ଏଫ୍‌ଟିଏର ସମୀକ୍ଷା ପାଇଁ ଭାଜପାର ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ଏହାର ସହଯୋଗୀ ସଂଗଠନ ସ୍ୱଦେଶୀ ଜାଗରଣ ମଞ୍ଚ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଏହି ଚୁକ୍ତିର ସମୀକ୍ଷା କରାଯିବା ଦ୍ୱାରା ଦେଶର ରପ୍ତାନିକାରୀଙ୍କୁ ଫାଇଦା ମିଳିବ ଏବଂ ଅନ୍ୟ ଦେଶରୁ ଆମଦାନୀ କମିବ।



- ୨୦୧୦ ଜାନୁୟାରୀରେ ହୋଇଥିଲା ଚୁକ୍ତି
- ବାଣିଜ୍ୟ ନିଅଣ୍ଟ ଦୁଇଗୁଣା ବୃଦ୍ଧି
- ଦ୍ୱିପାକ୍ଷିକ ବାଣିଜ୍ୟ ୯.୮% ବଢ଼ିଛି

## ପାକିସ୍ତାନରେ ମହଙ୍ଗା ମାଡ଼

# କ୍ଷୀର ଦର ପେଟ୍ରୋଲଠୁ ଅଧିକ

**ଇସଲାମାବାଦ୍,୧୧-୯**

ଜମ୍ମୁ-କଶ୍ମୀରକୁ ନେଇ ଭାରତ ସହିତ ଶତ୍ରୁତା ବୃଦ୍ଧି ପାକିସ୍ତାନ ଅର୍ଥନୀତିର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ପନିପରିବା ଠାରୁ ଆରମ୍ଭ କରି ସାଧାରଣ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବା ବେଳେ ପିଲା ପିଉଥିବା କ୍ଷୀର ମଧ୍ୟ ଏବେ ସାଧାରଣ ଲୋକଙ୍କ ହାତାପାହାନ୍ତାରୁ ଚାଲିଯାଇଛି। ଦେଶରେ କ୍ଷୀର ଦର ଏତେ ଉଚ୍ଚ ଯେ, ପେଟ୍ରୋଲ ଓ ଡିଜେଲ ଦର ଠାରୁ ଏହା ମହଙ୍ଗା ହୋଇଯାଇଛି। ମୁହର୍ରମ ଦିନ ପେଟ୍ରୋଲ ଦର ଲିଟର ପିଛା ୧୧୩ ଟଙ୍କା ଥିବା ବେଳେ ଡିଜେଲ ଲିଟର ପିଛା ୯୧ ଟଙ୍କା ଥିଲା। ତେବେ ଏହାକୁ ବଳି ଯାଇଛି କ୍ଷୀର ଦର। ପାକିସ୍ତାନରେ ଏବେ କ୍ଷୀର ଦର ଲିଟର ପିଛା ୧୪୦ ଟଙ୍କାରେ ପହଞ୍ଚିଯାଇଛି। ସବୁ ସାମଗ୍ରୀ ସହ କ୍ଷୀର ଦର ପାକିସ୍ତାନରେ ବୃଦ୍ଧି ପାଇଚାଲିଥିଲା। କିନ୍ତୁ ମୁହର୍ରମ ଅବସରରେ କ୍ଷୀର ଦରରେ ନିଆଁ ଲାଗିଛି। ଦେଶର ସବୁଠାରୁ ବଡ଼ ସହର କରାଚି ଏବଂ ସିନ୍ଧ ପ୍ରଦେଶରେ କ୍ଷୀର ଲିଟର ୧୪୦ ଟଙ୍କା ହୋଇଛି। ପାକିସ୍ତାନ ଖବର କାଗଜ 'ଏକ୍ସପ୍ରେସ ନ୍ୟୁଜ୍'ରେ ଏକ ରିପୋର୍ଟ ପ୍ରକାଶ କରି କୁହାଯାଇଛି ଯେ, ଡେୟାରୀ ମାଫିଆ ମାନେ ମୁହର୍ରମ ଅବସରରେ କ୍ଷୀର ଚାହିଦା ବୃଦ୍ଧିର ଫାଇଦା ଉଠାଇ ଲୋକଙ୍କୁ ଲୁଟିଛନ୍ତି। ସେମାନେ ମନଇଚ୍ଛା ଦର ଆଦାୟ କରିଛନ୍ତି। ମୁହର୍ରମ ଅବସରରେ ୯ ଓ ୧୦ରେ ଲୋକେ କ୍ଷୀରରେ ନିର୍ମିତ ସରବତ,କ୍ଷିରି ଆଦି ବାଣ୍ଟନ୍ତି। ପାକିସ୍ତାନରେ ଟମାଟୋ ଓ କ୍ଷୀର ବ୍ୟତୀତ ଅନ୍ୟ ପନିପରିବା ଦର ବହୁଗୁଣ ବଢ଼ିଯାଇଛି। ପିଆଜ କେଜି ୬୦ ଟଙ୍କାରେ ପହଞ୍ଚିଯାଇଥିବା ବେଳେ ଟମାଟୋ କିଲୋ ୨୦୦ ଟଙ୍କାରେ ପହଞ୍ଚିଯାଇଛି।

# ଇଣ୍ଡିଆନ ଅଏଲ ପକ୍ଷରୁ ପାର୍ବଣ ଅଭିଯାନ

## ଇନ୍ଧନ କ୍ରୟରେ କାର ସହ ଅନ୍ୟ ପୁରସ୍କାର ଜିତିବା ସୁବିଧା



**ଭୁବନେଶ୍ୱର, ୧୧-୯(ବ୍ୟୁରୋ)**

ଇଣ୍ଡିଆନ ଅଏଲ ଭୁବନେଶ୍ୱର ଡିଭିଜନାଲ କାର୍ଯ୍ୟାଳୟ ପକ୍ଷରୁ ପାର୍ବଣ ଅଭିଯାନ 'ତ୍ୟୋହାର କି ଉମଙ୍ଗ ଇଣ୍ଡିଆନ ଅଏଲ କି ସଙ୍ଗ' ଶୁଭାରମ୍ଭ ଘୋଷଣା କରାଯାଇଛି। ସ୍ଥାନୀୟ ନୟାପଲ୍ଲୀସ୍ଥିତ ଭମ୍‌ରା ସର୍ଭିସେସ ସେଣ୍ଟରଠାରେ କମ୍ପାନୀର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ରିଟେଲ ସେଲ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜ୍ଞାନ କୁମାର, ଓଡ଼ିଶା କାର୍ଯ୍ୟାଳୟ ମୁଖ୍ୟ ମହାପ୍ରବନ୍ଧକ ଶୁଭଜିତ ଘୋଷ, ରିଟେଲ ସେଲ୍‌ସ ସାଧାରଣ ପ୍ରବନ୍ଧକ କୁମାର ଜ୍ୟୋତି ରାଏ ଏବଂ ସାଧାରଣ ପ୍ରବନ୍ଧକ ବାଣୀ ମହାନ୍ତି ଏହାର ଉନ୍ମୋଚନ କରିଛନ୍ତି। ଭୁବନେଶ୍ୱର ଡିଭିଜନ ପରିସରରେ ଥିବା କମ୍ପାନୀର ୨୩୧ ଫଲିଂ ଷ୍ଟେଶନରେ ଉକ୍ତ ଯୋଜନା ଆରମ୍ଭ ହୋଇଛି। ଏହା ନଭେମ୍ବର ଶେଷ ଯାଏ ଚାଲିବ। ଅଭିଯାନ ଶେଷରେ ବମ୍ପର ଲକି ଡ୍ର ଅନୁଷ୍ଠିତ ହେବ। ପ୍ରଥମ ପୁରସ୍କାର ଭାବେ ଗୋଟିଏ ହ୍ୟୁଣ୍ଡାଇ ଗ୍ରାଣ୍ଡ ଆଇ୧୦ ନିଓସ କାର ଗ୍ରାହକ ଲାଭ କରିପାରିବେ। ସେହିଭଳି ୨ଟି ସ୍କୁଟି, ୨ଟି ଏଲ୍‌ଇଡିଟିଭି, ୧୮ଟି ସ୍ମାର୍ଟଫୋନ, ୧୮ଟି ମିକ୍ସର ଗ୍ରାଇଣ୍ଡର ଏବଂ ୩୬ଟି ଆଇରନ ପୁରସ୍କାର ରହିଛି। ୨ ଏବଂ ୪ ଚକିଆ ଗ୍ରାହକ ଯଥାକ୍ରମେ ଅନ୍ୟୂନ ୩୦୦ ଓ ୧୨୦୦ ଟଙ୍କାର ତେଲ ପକାଇଲେ ଲକି ଡ୍ରରେ ଭାଗ ନେଇ ପାରିବେ। ଗୋଟିଏ ମେସେଜରେ ସେମାନେ ଏଥିରେ ଭାଗ ନେବେ। ମେସେଜ ମଧ୍ୟରୁ ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ଚୟନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ସୁକନ୍ୟା ସମୃଦ୍ଧିରେ ନିବେଶ ପୂର୍ବରୁ ବର୍ଷ ବ୍ୟବଧାନକୁ ଦୃଷ୍ଟି ଦିଅନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER℠, CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୋ ଝିଅର ଭବିଷ୍ୟତ ପାଠପଢ଼ା ଓ ବାହାଘର ଖର୍ଚ୍ଚ ସବୁ ପାଇଁ ସୁକନ୍ୟା ସମୃଦ୍ଧି ସ୍କିମରେ ସଞ୍ଚୟ କରିବା ଉଚିତ ହେବ କି? ଏହି ସ୍କିମରେ ଜଣେ ମାସିକ କେତେ ଟଙ୍କା ସଞ୍ଚୟ କରିପାରିବ? ଏଥିରେ କ'ଣ ସବୁ ସୁବିଧା ଅଛି?**
**– ସଙ୍ଗୀତା ସ୍ୱାଇଁ, ଢେଙ୍କାନାଳ**

▶ ଝିଅମାନଙ୍କ ଭବିଷ୍ୟତ ପାଠପଢ଼ା ଓ ବାହାଘର ଖର୍ଚ୍ଚକୁ ଧ୍ୟାନରେ ରଖି କେନ୍ଦ୍ର ସରକାର 'ସୁକନ୍ୟା ସମୃଦ୍ଧି ସ୍କିମ' ଜାନୁୟାରୀ ୨୦୧୫ରେ ଆରମ୍ଭ କରିଥିଲେ। ଗୋଟିଏ ଝିଅର କେଉଁ ବୟସରେ ପାଣ୍ଠିର ଆବଶ୍ୟକତା ରହିବ ଏହା ଅନିଶ୍ଚିତ। ତେଣୁ ସ୍କିମରେ କିଛିଟା ନମନୀୟତା ରଖାଯାଇଛି। ସବୁଠାରୁ ମୁଖ୍ୟ ଦିଗ ହେଉଛି ଜଣେ ନିବେଶକାରୀ ସୁକନ୍ୟା ସମୃଦ୍ଧି ସ୍କିମରେ ନିବେଶ ପୂର୍ବରୁ ୫ଟି ମୁଖ୍ୟ ବର୍ଷ ବା ବର୍ଷର ବ୍ୟବଧାନକୁ ଦୃଷ୍ଟି ଦେବା ନିହାତି ଜରୁରୀ। ଅର୍ଥାତ୍ ଝିଅର ବୟସ ଏବଂ ଝିଅର ପାଠପଢ଼ା ଓ ବାହାଘର ଖର୍ଚ୍ଚସବୁ ବର୍ଷ ହିସାବରେ ଦେଖିବାକୁ ପଡ଼ିବ।

*** ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲିବା ବୟସ:** ସୁକନ୍ୟା ସମୃଦ୍ଧି ସ୍କିମ ଆକାଉଣ୍ଟ କେବଳ ଝିଅ ପିଲା ନାମରେ ଖୋଲାଯାଇପାରିବ, ଯାହାଙ୍କର ବୟସ ୧୦ ବର୍ଷ ଭିତରେ ଥିବ (ଆକାଉଣ୍ଟ ଖୋଲିବା ସମୟରେ)। ଝିଅର ଜନ୍ମ ସାର୍ଟିଫିକେଟ ପ୍ରମାଣପତ୍ର ନିହାତି ଆବଶ୍ୟକ। ଏହି ସ୍କିମର ନିୟମ ଅନୁଯାୟୀ ଗୋଟିଏ ପରିବାରର ସର୍ବାଧିକ ୨ଟି ଝିଅ ପିଲାଙ୍କ ନାମରେ ଆକାଉଣ୍ଟ ଖୋଲାଯାଇପାରିବ। ଜଣେ ଝିଅ ପିଲା ନାମରେ ୨ଟି ଆକାଉଣ୍ଟ ଖୋଲିପାରିବେ ନାହିଁ। ଏହି ସ୍କିମରେ ନିବେଶ କ୍ଷେତ୍ରରେ ଓ ସ୍କିମର ସମୟସୀମା ନିର୍ଦ୍ଧାରଣ କ୍ଷେତ୍ରରେ ଝିଅର ବୟସ ହେଉଛି ସବୁଠାରୁ ମୁଖ୍ୟ ଦିଗ।

*** ୫ ବର୍ଷ:** ୫ ବର୍ଷ ବୟସ ପରେ ଅର୍ଥାତ୍ ଆକାଉଣ୍ଟ ଖୋଲିବାର ୫ବର୍ଷ ପରେ ଆପଣ ପ୍ରଥମ ସମୟ ପୂର୍ବରୁ ଆକାଉଣ୍ଟ ବନ୍ଦ କରିବା ପାଇଁ ଅନୁରୋଧ କରିପାରିବେ। ଏହି ସ୍କିମର ନିୟମ ଅନୁଯାୟୀ ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା ଅନ୍ୟ କିଛି କାରଣ ପାଇଁ ଆକାଉଣ୍ଟ ବନ୍ଦ କରିପାରିବେ କିନ୍ତୁ ସମୁଦାୟ ନିବେଶ ରାଶି ଉପରେ ଆପଣ ଡ଼ାକଘର ସଞ୍ଚୟ ଜମାଖାତାର ସୁଧହାର ଯାହାକି ବାର୍ଷିକ ୪.୦୦% ସୁଧହାର ପାଇବେ।

*** ୧୦ ବର୍ଷ:** ଯେତେବେଳେ ଝିଅର ବୟସ ୧୦ ବର୍ଷରୁ ଅଧିକ ହେବ ସେତେବେଳେ ସେ ନିଜେ ଆକାଉଣ୍ଟ ପରିଚାଳନା କରିପାରିବ। ସେ ନିଜର ଭବିଷ୍ୟତ ପାଇଁ ନିଜ ଆକାଉଣ୍ଟରେ ସଞ୍ଚୟ କରିପାରିବ। ପିତାମାତା ମଧ୍ୟ ସଞ୍ଚୟ କରିପାରିବେ।

*** ୧୫ ବର୍ଷ:** ଏକ ସୁକନ୍ୟା ସମୃଦ୍ଧି ଆକାଉଣ୍ଟ ଖୋଲିବା ପାଇଁ ସର୍ବନିମ୍ନ ପ୍ରାରମ୍ଭିକ ୨୫୦/- ଟଙ୍କା ଜମା (ପୂର୍ବରୁ ଏହା ୧୦୦୦/- ଟଙ୍କା ଥିଲା) କରିବାକୁ ପଡ଼ିବ। ପରବର୍ତ୍ତୀ ସମୟରେ ସର୍ବନିମ୍ନ ୨୫୦/- ଟଙ୍କା (ପୂର୍ବରୁ ଏହା ୧୦୦୦/- ଟଙ୍କା ଥିଲା) ଓ ସର୍ବାଧିକ ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ଜମା କରିପାରିବେ। ଏହି ଆକାଉଣ୍ଟକୁ ସକ୍ରିୟ ରଖିବା ପାଇଁ ଆପଣଙ୍କୁ ପ୍ରଥମ ୧୫ ବର୍ଷ ସଞ୍ଚୟ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ – ୯ ବର୍ଷର ଝିଅ ପାଇଁ, ଆପଣଙ୍କ ଝିଅକୁ ୨୪ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସଞ୍ଚୟ କରିବାକୁ ପଡ଼ିବ।

*** ୧୮ ବର୍ଷ ବୟସ:** ପରବର୍ତ୍ତୀ ଉଠାଣ କରିବାର ବୟସ ହେଉଛି ୧୮ ବର୍ଷ। ନିୟମ ଅନୁଯାୟୀ ଉଠାଣ ଅର୍ଥ ଝିଅର ଆବଶ୍ୟକତା ଖର୍ଚ୍ଚ ପାଇଁ ବ୍ୟବହାର ହେବ ଅନ୍ୟ କୌଣସି କାର୍ଯ୍ୟରେ ଖର୍ଚ୍ଚ କରାଯାଇପାରିବ ନାହିଁ। ପୂର୍ବ ବର୍ଷ ଆକାଉଣ୍ଟରେ ଥିବା ବଳକା ଅର୍ଥର ୫୦% ଅର୍ଥ ଉଠାଣ ସର୍ବାଧିକ କରାଯାଇପାରିବ ନାହିଁ କି ଝିଅର ପାଠପଢ଼ା ଖର୍ଚ୍ଚ ପାଇଁ ବ୍ୟବହାର କରାଯିବ।

*** ୨୧ ବର୍ଷ ବୟସ:** ଝିଅର ବୟସ ଯାହା ବି ହେଉନା କାହିଁକି, ଏକ ସୁକନ୍ୟା ସମୃଦ୍ଧି ସ୍କିମ ଆକାଉଣ୍ଟ ଖୋଲିବା ଦିନଠାରୁ ୨୧ ବର୍ଷ ପର୍ଯ୍ୟନ୍ତ ଚାଲୁରହିବ। ଅର୍ଥାତ ଯଦି ଝିଅର ବୟସ ଆକାଉଣ୍ଟ ଖୋଲିବା ସମୟରେ ୯ ବର୍ଷ, ତେବେ ସ୍କିମଟି ୩୦ବର୍ଷ ବୟସ ବେଳକୁ ପରିପକ୍ୱ ହେବ। ସବୁଠାରୁ ବଡ଼ ସୁବିଧା ହେଉଛି ଆୟକରମୁକ୍ତ ସୁଧରାଶି। ବର୍ତ୍ତମାନ ଏହି ସ୍କିମର ବାର୍ଷିକ ସୁଧହାର ୮.୪% ଅଛି। ଆୟକର ନିୟମ ଅନୁଯାୟୀ ଆପଣ ୩ଟି ସୁବିଧା ପାଉଛନ୍ତି ଯଥା-ବାର୍ଷିକ ସଞ୍ଚୟ ରାଶି ଆୟକର ନିୟମ ୟୁ/ଏସ୍ ୮୦ସି ଅନୁଯାୟୀ ଆୟକର ଛାଡ଼ ପାଇବେ, ସୁଧରାଶି ଆୟକରମୁକ୍ତ ଏବଂ ପରିପକ୍ୱ ରାଶି ମଧ୍ୟ ଆୟକରମୁକ୍ତ। ଝିଅର ଭବିଷ୍ୟତ ପାଠପଢ଼ା ଓ ବାହାଘର ଖର୍ଚ୍ଚ ପାଇଁ ସଞ୍ଚୟ କରିବାର ଏକ ଉପଯୁକ୍ତ ସ୍କିମ ହେଉଛି ସୁକନ୍ୟା ସମୃଦ୍ଧି ସ୍କିମ। 'ବେଟି ବଚାଓ ବେଟି ପଢ଼ାଓ' ପାଇଁ ଏହି ସ୍କିମ।

**୧୪ ବର୍ଷ ସମୟସୀମା ଭିତରେ ୧ କୋଟି ଟଙ୍କାର ଏକ ପାଣ୍ଠି ତିଆରି କରିବା ପାଇଁ ମ୍ୟୁଚୁଆଲ ଫଣ୍ଡରେ ମାସିକ କେତେ ଟଙ୍କା ନିବେଶ କରିବାକୁ ପଡ଼ିବ?**
**– ସୁବ୍ରତ ମିଶ୍ର, ଯାଜପୁର**

▶ ଯଦି ୧୨% ବାର୍ଷିକ ସୁଧହାର ଧରିନେବା ତେବେ ୧୪ ବର୍ଷ ସମୟ ମଧ୍ୟରେ ୧ କୋଟି ଟଙ୍କା ପାଣ୍ଠି ଗଠନ କରିବା ପାଇଁ ମାସିକ ୧,୨୧,୨୩୧/- ଟଙ୍କା ସଞ୍ଚୟ କରିବାକୁ ପଡ଼ିବ।

**ମୋ ବୟସ ୩୪ ବର୍ଷ। ପରିବାରର ଆବଶ୍ୟକତା ଓ ଅନ୍ୟ ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବା ପାଇଁ କୌଣସି ରିସ୍କ ନେବା ପାଇଁ ଚାହୁଁ ନାହିଁ। ଏଲ୍‌ଆଇସି ପଲିସି ମାଧ୍ୟମରେ ସମସ୍ତ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା ପାଇଁ ଆର୍ଥିକ ଯୋଜନା କରାଯାଇପାରିବ କି?**
**– ସଦାନନ୍ଦ ସାହୁ, ଛତ୍ରପୁର**

▶ ହଁ। ଜୀବନବୀମା ପଲିସି ମାଧ୍ୟମରେ ଆପଣ ଆର୍ଥିକ ଯୋଜନା କରିପାରିବେ। ଭାରତୀୟ ଜୀବନବୀମା ନିଗମର ଅନେକ ଜୀବନବୀମା ପଲିସି ଅଛି। ଆପଣଙ୍କ ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟିରେ ରଖି ସ୍କିମ କରିପାରିବେ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ମାନ୍ଦାବସ୍ଥା ସତ୍ତ୍ୱେ ବୋନସ ଦେବେ କମ୍ପାନୀ

**ନୂଆଦିଲ୍ଲୀ/କୋଲକାତା,୧୧-୯**

ଆର୍ଥିକ ମାନ୍ଦାବସ୍ଥା କାରଣରୁ କମ୍ପାନୀଗୁଡ଼ିକ ନିଜ କର୍ମଚାରୀଙ୍କୁ ପାର୍ବଣ ବୋନସ୍ ଦେବେ। ସେମାନେ ଏହାକୁ ବନ୍ଦ ଅଥବା ବିଳମ୍ବ କରିବେ ନାହିଁ ବୋଲି ଜଣାପଡିଛି। ଫଳରେ କଞ୍ଜ୍ୟୁମର ଗୁଡ୍ସ ଏବଂ ରିଟେଲର କମ୍ପାନୀ ସ୍ୱସ୍ତିର ନିଃଶ୍ୱାସ ମାରୁଛନ୍ତି। ଏହାଦ୍ୱାରା ଗ୍ରାହକଙ୍କ ମନରେ ଉତ୍ସାହ ଆସିବ ଏବଂ ପାର୍ବଣ ଋତୁରେ କିଣାବିକା ଜୋରଦାର ହେବ ବୋଲି ସେମାନେ ମନେକରୁଛନ୍ତି। ହିନ୍ଦୁସ୍ତାନ ୟୁନିଲିଭର, ଆଇଟିସି, ଗୋଦ୍‌ରେଜ ଗ୍ରୁପ୍, ଆକ୍ସିସ୍ ବ୍ୟାଙ୍କ, ଫ୍ୟୁଚର ଗ୍ରୁପ୍, ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ, ମାରୁତି ସୁଜୁକି, ଆର୍‌ପିଜି ଗ୍ରୁପ୍, ବିଗ୍‌ବାସ୍କେଟ, ଗ୍ରୋଫର୍ସ, ପ୍ୟୁମା, ପାନାସୋନିକ ଏବଂ ଡିକ୍ସନ ଟେକ୍ନୋଲୋଜିସ୍ ଭଳି ବୃହତ୍ କମ୍ପାନୀଗୁଡ଼ିକ ନିଜ କର୍ମଚାରୀଙ୍କୁ ଫେଷ୍ଟିଭ ବୋନସ୍ ଦେବେ ବୋଲି କମ୍ପାନୀ ଏକ୍‌ଜିକ୍ୟୁଟିଭମାନେ ପ୍ରକାଶ କରିଛନ୍ତି। କଞ୍ଜ୍ୟୁମର ଗୁଡ୍‌ସ କମ୍ପାନୀଙ୍କ କହିବାନୁଯାୟୀ, କେରଳରେ ଓଣମ୍ ପର୍ବ ପାଳନ ପାଇଁ ଚଳିତ ମାସର ପ୍ରଥମ ସପ୍ତାହରେ ଫେଷ୍ଟିଭ ପେମେଣ୍ଟ ପ୍ରଦାନ କରାଯାଇଛି। ଫଳସ୍ୱରୂପ, ଗତବର୍ଷ ତୁଳନାରେ ଚଳିତ ବର୍ଷ ବିକ୍ରି ୩-୪% ବଢ଼ିଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19589/ଭୁ.ଉ.କ., ଭୁବନେଶ୍ୱର ତା.21.08.19ରିଖ
KVH-56/94

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ବିହାର, ଫେଜ୍-୧, ହାଉସିଂ ସ୍କିମ୍ ଅନ୍ତର୍ଗତ HIG ଘର ନଂ. 371କୁ ଶ୍ରୀ ନିରଞ୍ଜନ ତ୍ରିପାଠୀ, ପିତା- ଶତ୍ରୁଘ୍ନ ତ୍ରିପାଠୀ, ଗ୍ରାମ- ଅନ୍ତେଇ, ପୋ.- ଅନ୍ତେଇ, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ତ୍ରିପାଠୀ ତା୧୨।୦୧।୨୦୧୭ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ ଶ୍ରୀମତୀ ଭାବିନୀ ତ୍ରିପାଠୀ, ପୁତ୍ର- ହିମାଂଶୁ ତ୍ରିପାଠୀ, ଶଶାଙ୍କ ତ୍ରିପାଠୀ ଏବଂ କନ୍ୟା ପ୍ରଜ୍ଞା ପରିମିତା ତ୍ରିପାଠୀ ଉପରୋକ୍ତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୨

**Office of the D.G & I.G. of Police, Odisha, Cuttack**

No.109-D :- **TENDER CALL NOTICE**

1. Sealed tenders are invited from the Original Equipment Manufacturers (OEM) or their Authorized Agents for purchase of different FSL equipment, Hardware & Software equipment, HID Sequencing DNA Kits, Chemical Reagents, Plastic Wares and other articles for Odisha Police (State FSL, Bhubaneswar) under MPF Schemes 2018-19 and 2019- 20 and State Budget Grant 2019 - 20 during the current financial year, 2019-20.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of Issue of Tender documents from dtd.13.9.2019 at 10.00 AM to dtd. 9.10.2019 upto 5.00 PM.
4. Last date for receipt of sealed Tender on dtd. 10.10.2019 up to 5.00 PM.
5. Date for opening of sealed Tenders / Technical Bids on dtd. 11.10.2019 at 11.30 AM at the Office of the Director, State Forensic Science Laboratory, Rasulgarh, Bhubaneswar.

A.I.G. of Police (Provisioning),
Odisha, Cuttack.
(Tender Calling Authority)
12018/11/0008/1920

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 20258/ଭୁ.ଉ.କ., ଭୁବନେଶ୍ୱର ତା.29.08.19ରିଖ
BSRP-75/85

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଡଗଡ଼ ପ୍ଲଟେଡ ଡେଭଲପ୍‌ମେଣ୍ଟ ପ୍ରକଳ୍ପର ପ୍ଲଟ୍ ନଂ. SR-12କୁ ଶ୍ରୀ ବିଜୟ ଶଙ୍କର ପାତ୍ର, ପିତା- ସ୍ୱର୍ଗତ ଗୋବିନ୍ଦ ଚରଣ ପାତ୍ର, ଗ୍ରାମ- ଦରଜିସାହି, ପୋ.ଅ.- ଚାନ୍ଦିନଚୌକ, ଥାନା- ଲାଲ୍‌ବାଗ, ଜିଲ୍ଲା- କଟକଙ୍କ ନାମରେ ତା୦୯।୦୭।୨୦୧୯ରିଖରେ ଉକ୍ତ ପ୍ଲଟର ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ତା୧୨।୦୨।୨୦୧୯ରିଖରେ Registered Deed of Relinquishment ଆଧାରରେ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟଗ୍ରାହୀ ଶ୍ରୀ ବିଜୟ ଶଙ୍କର ପାତ୍ର ଉକ୍ତ ପ୍ଲଟ୍‌ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ସୁଶ୍ରୀ ସଙ୍ଗୀତା ଶତପଥୀ, ସ୍ୱାମୀ- ଶ୍ରୀ ବିଦ୍ୟାସାଗର ମିଶ୍ର, ଗ୍ରାମ- ଶ୍ୟାମପୁର, ପୋ.ଅ.- ତୁଳସୀପୁର, ଥାନା- କୋରେଇ, ଜିଲ୍ଲା- ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 19773/ଭୁ.ଉ.କ., ଭୁବନେଶ୍ୱର ତା.26.08.19ରିଖ
MB-15/78

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନୟାପଲ୍ଲୀ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ. MB-3କୁ ଶ୍ରୀ କେ.ବି.ଭି. ସୁନ୍ଦରମ ପଟନାୟକ, ପିତା- କେ.ରାମାରାଓ ପଟନାୟକ, ଗ୍ରାମ/ପୋ.ଅ./ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ କେ.ବି.ଭି. ସୁନ୍ଦରମ ପଟନାୟକ ତା୦୧।୦୬।୨୦୧୨ରିଖରେ ଏବଂ ତାଙ୍କ ସ୍ତ୍ରୀ କେ. ଗଜଲକ୍ଷ୍ମୀ ପଟନାୟକ ତା୦୩।୦୯।୨୦୧୭ରିଖରେ ମୃତ୍ୟୁବରଣ କରିଅଛନ୍ତି। ବର୍ତ୍ତମାନ ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ଅନ୍ତେ ତାଙ୍କର ଉତ୍ତରାଧିକାରୀ (୧) ଶ୍ରୀ ହେମ ଚନ୍ଦ୍ର ପଟନାୟକ (ପୁତ୍ର), (୨) ଶ୍ରୀ କୈଳାଶ ଚନ୍ଦ୍ର ପଟନାୟକ (ପୁତ୍ର), (୩) ଶ୍ରୀ କ୍ରିଷ୍ଣା ଚନ୍ଦ୍ର ପଟନାୟକ (ପୁତ୍ର), (୪) ଶ୍ରୀ ହରିଶ ଚନ୍ଦ୍ର ପଟନାୟକ (ପୁତ୍ର), (୫) ଶ୍ରୀ ରାମ ଚନ୍ଦ୍ର ପଟନାୟକ (ପୁତ୍ର), (୬) ଶ୍ରୀ ପ୍ରେମ ଚନ୍ଦ୍ର ପଟନାୟକ (ପୁତ୍ର), (୭) ଶ୍ରୀମତୀ ଶାନ୍ତା କୁମାରୀ ପଟନାୟକ (ବିବାହିତା କନ୍ୟା), (୮) ଶ୍ରୀମତୀ ପ୍ରଶାନ୍ତି ଲକ୍ଷ୍ମୀ ପଟନାୟକ (ବିବାହିତା କନ୍ୟା) ଏବଂ (୯) ଶ୍ରୀମତୀ ପ୍ରଶନ୍ନ ଲକ୍ଷ୍ମୀ ପଟନାୟକ (ବିବାହିତା କନ୍ୟା) ଉକ୍ତ ଗୃହର ମାଲିକାନା ଉତ୍ତରାଧିକାରୀ ସୂତ୍ରେ ସେମାନଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସେମାନଙ୍କ ନାମରେ ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

## ଗେଲ୍‌ଙ୍କ ବିସ୍ଫୋରକ ଶତକ ବେକାର

ସେଣ୍ଟ କିଟ୍ସ, ୧୧।୯: ୱାର୍ନର ପାର୍କଠାରେ ଅନୁଷ୍ଠିତ କାରିବିଅନ ପ୍ରିମିୟର ଲିଗ୍ (ସିପିଏଲ) ମ୍ୟାଚ୍‌ରେ ଜାମାଇକା ତାଲାୱାସ ଦଳର ଅଧିନାୟକ କ୍ରିସ୍ ଗେଲ୍‌ଙ୍କ କ୍ୟାରିୟରର ୨୨ତମ ଶତକ ନିଷ୍ଫଳ ହୋଇଛି। ଗେଲ୍‌ଙ୍କ ଶତକ ଓ ଚାଡ୍ୱିକ ୱାଲଟନଙ୍କ ୩୬ ବଲରୁ ୭୩ ରନ୍‌ର ଇନିଂସ ଯୋଗୁ ଜାମାଇକା ତାଲାୱାସ ୨୪୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହା ସିପିଏଲ ଇତିହାସର ସର୍ବାଧିକ ଦଳଗତ ସ୍କୋର ଥିଲା। ହେଲେ ଏହି ରେକର୍ଡ ମାତ୍ର କିଛି ସମୟ ପାଇଁ ତିଷ୍ଠି ପାରିଥିଲା। ବ୍ୟାଟ୍ସମ୍ୟାନଙ୍କ ମିଳିତ ଉଦ୍ୟମରେ ସେଣ୍ଟ କିଟ୍ସ ଓ ନେଭିସ ପାଟ୍ରିଓଟ୍ସ ଦଳ ବିଶାଳ ବିଜୟ ଲକ୍ଷ୍ୟକୁ ୭ ବଲ ପୂର୍ବରୁ ହାସଲ କରିନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଜାମାଇକା ତାଲାୱାସ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୨୪୧ ରନ୍ କରିଥିଲା। ଦଳ ପାଇଁ ଗେଲ୍ ୬୨ ବଲରୁ ୧୧୬ ରନ୍ କରିଥିଲେ। ତାଙ୍କ ଇନିଂସରେ ୧୦ ଛକା ଓ ୭ ଚୌକା ସାମିଲ ଥିଲା। ସେହିଭଳି ୮ ଛକା ଓ ୩ ଚୌକା ସହାୟତାରେ ୱାଲଟନ ୭୩ ରନ୍ କରିଥିଲେ। ଜବାବରେ ଡେଭନ ଥୋମାସ ୭୧, ଇଭିନ ଲୁଇସ ୫୩, ଲୌରି ଇଭାନ୍ସ ୪୧ ଓ ଫାବିଆନ ଆଲେନଙ୍କ ୩୭ ରନ୍‌ର ଇନିଂସ ବଳରେ ସେଣ୍ଟ କିଟ୍ସ ଓ ନେଭିସ ପାଟ୍ରିଅଟ୍ସ ଦଳ ୧୮.୫ ଓଭରରେ ୬ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଜାମାଇକା ଦଳ ପାଇଁ ଓଶାନେ ଥୋମାସ ୪ ଓ ଆଣ୍ଡ୍ରେ ରସେଲ ୨ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଲୁଇସ ୧୭ ବଲରୁ ଅର୍ଦ୍ଧଶତକ ଲଗାଇଥିଲେ, ଯାହାକି ଲିଗ୍ ଇତିହାସର ଦ୍ରୁତତମ।



❝ ଚଳିତ ବର୍ଷ ନଭେମ୍ବରରେ ଲଣ୍ଡନରେ ହେବାକୁ ଥିବା ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ସରେ ସ୍ଥାନ ହାସଲ କରିବି ବୋଲି ଦୃଢ଼ ବିଶ୍ୱାସ ରହିଛି।

–ବିଶ୍ୱନାଥନ ଆନନ୍ଦ, ଭାରତୀୟ ଷ୍ଟାର୍ ଚେସ୍ ଖେଳାଳି



❝ ଏସୀୟ ଚାମ୍ପିୟନ କାତାର ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌କୁ ଭାରତ ଡ୍ର' ରଖିବା ପରେ ମୁଁ ବହୁତ ଗର୍ବିତ। ଫୁଟ୍‌ବଲରେ ସବୁକିଛି ସମ୍ଭବ।

–ଗୁରପ୍ରୀତ୍ ସିଂ, ଭାରତୀୟ ଫୁଟ୍‌ବଲ ଗୋଲ୍‌କିପର୍

# ସିରିଜ୍ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

## ଆଶେସ ପଞ୍ଚମ ଟେଷ୍ଟ ଆଜିଠାରୁ

ଲଣ୍ଡନ,୧୧।୯(ଏଏଫ୍‌ପି)

ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ଆଶେସର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆରମ୍ଭ ହେବ। ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି। ଟିମ୍ ପେନ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ସିରିଜରେ ୨–୧ରେ ଅଗ୍ରଣୀ ରହିଛି। ଫଳରେ ସିରିଜ ଜିତିବା ପାଇଁ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡ଼ିଛି। ଅନ୍ତିମ ମ୍ୟାଚ୍ ଜିତିଲେ ଅଷ୍ଟ୍ରେଲିଆ ୨୦୦୧ ପରେ ପ୍ରଥମ ଥର ପାଇଁ ଇଂଲଣ୍ଡ ମାଟିରେ ଆଶେସ୍ ଜିତିବାର ଗୌରବ ଅର୍ଜନ କରିବ। ଅନ୍ୟପଟେ ଘରୋଇ ଇଂଲଣ୍ଡ ଏହି ମ୍ୟାଚ୍‌ରେ ବିଜୟୀ ହୋଇ ସିରିଜକୁ ସମାନସ୍ତରରେ ବରାବର ରଖି ୨–୨ରେ ଡ୍ର ରଖିବାକୁ ଚେଷ୍ଟା କରିବ।

ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଜବରଦସ୍ତ ଫର୍ମରେ ରହିଛନ୍ତି। ଚଳିତ ସିରିଜ୍‌ରେ ଏପର୍ଯ୍ୟନ୍ତ ସେ ୫ଟି ଇନିଂସରୁ ୧୩୪ ରନ ଆଭରେଜ୍‌ରେ ୬୭୧ ରନ ସଂଗ୍ରହ କରି ଇଂଲଣ୍ଡ ପାଇଁ ସମସ୍ୟା ସୃଷ୍ଟି କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ର୍‍ୟାଙ୍କିଂରେ ସ୍ମିଥ୍ ଏବେ ଶୀର୍ଷରେ ରହିଛନ୍ତି। ଏପର୍ଯ୍ୟନ୍ତ ସେ ୩ଟି ଶତକ ହାସଲ କରିବା ସହ ଗୋଟିଏ ଦୁଇଟି ଅର୍ଦ୍ଧଶତକ ମଧ୍ୟ ହାସଲ କରିଛନ୍ତି। ଏଥିରେ ଗୋଟିଏ ଦ୍ୱିଶତକ ସାମିଲ ରହିଛି। ସ୍ମିଥ୍‌ଙ୍କୁ ବାଦ୍ ଦେଲେ ମାର୍ନସ ଲାବୁସ୍କାନ ବ୍ୟାଟିଂରେ ସ୍ଥିର ପ୍ରଦର୍ଶନ କରିଛନ୍ତି। ବଲ୍ ଟ୍ୟାମ୍ପରିଂ ମାମଲାରେ ୧୨ ମାସ ବାସନ୍ଦର ସମ୍ମୁଖୀନ ହୋଇ ପ୍ରତ୍ୟାବର୍ତ୍ତନ କରିବା ପରେ ସ୍ମିଥ୍‌ଙ୍କ ପ୍ରଦର୍ଶନ ଆହୁରି ଉନ୍ନତ ହୋଇଛି। ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବାଉନ୍ସର ଦ୍ୱାରା ଆହତ ହେବା କାରଣରୁ ସେ ୩ଟି ଇନିଂସ ଖେଳିପାରି ନ ଥିଲେ ମଧ୍ୟ ତାଙ୍କର ରନ୍ ସଂଗ୍ରହ ହାର କମିନାହିଁ। ଯଦି ସେ ପୂରା ସିରିଜ ଖେଳିଥାନ୍ତେ ତାହାଲେ ଡନ୍ ବ୍ରାଡମ୍ୟାନ ୧୯୩୦ରେ ହାସଲ କରିଥିବା ୯୭୪ ରନ ରେକର୍ଡର ନିକଟବର୍ତ୍ତୀ ହୋଇଥାନ୍ତେ।

ଅଷ୍ଟ୍ରେଲୀୟ ଦ୍ରୁତ ବୋଲରମାନେ ମଧ୍ୟ ଏହି ସିରିଜ୍‌ରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଜୋଶ ହାଜେଲଉଡ ଓ ବିଶ୍ୱର ୧ ନମ୍ବର ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ମିଳିତ ଭାବେ ଏପର୍ଯ୍ୟନ୍ତ ସିରିଜ୍‌ରେ ୪୨ଟି ଉଇକେଟ ମିଳିତ ଭାବେ ଅକ୍ତିଆର କରିଛନ୍ତି। ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ୍ ଲାଙ୍ଗର ଦଳର ବ୍ୟାଟ୍ସମ୍ୟାନଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ ଜାରି ରଖିବାକୁ କହିଛନ୍ତି। ସ୍ମିଥ୍‌ଙ୍କ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ଏଭଳି ବ୍ୟାଟିଂ ପୂର୍ବରୁ କେବେ ଦେଖିନାହିଁ ବୋଲି ସେ କହିଛନ୍ତି। ଏହା ସତ୍ତ୍ୱେ ସେ ଆହୁରି ଭଲ ପ୍ରଦର୍ଶନ କରିବାକୁ ବ୍ୟାଟ୍ସମ୍ୟାନଙ୍କୁ କହିଛନ୍ତି। ଅଭିଜ୍ଞ ହୁଅନ୍ତୁ କିମ୍ବା ଅନଭିଜ୍ଞ ହୁଅନ୍ତୁ ମ୍ୟାଚ୍ ଜିତିବାକୁ ହେଲେ ସମସ୍ତଙ୍କୁ ଭଲ ଖେଳିବାକୁ ପଡିବ।



ଇଂଲଣ୍ଡ–ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଆଶେସ ସିରିଜର ପଞ୍ଚମ ମ୍ୟାଚ୍ ପୂର୍ବରୁ ମେଘାଚ୍ଛନ୍ନ କେନିଂଟନ ଓଭାଲ ଗ୍ରାଉଣ୍ଡ।

ଅପରପକ୍ଷରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ତାଙ୍କ ଦଳକୁ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିବା ଆବଶ୍ୟକ। ଦିନିକିଆ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବା ପରେ ଇଂଲଣ୍ଡ ଘରୋଇ ମାଟିରେ ଚଳିତ ଆଶେସରେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହିଁ। ଆଶେସ ବିଫଳତା ପାଇଁ ରୁଟ୍‌ଙ୍କ ପ୍ରଦର୍ଶନ ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ କୋଚ୍ ଟ୍ରେଭର ବେଲିସ୍ ଅଧିନାୟକ ରୁଟ୍‌ଙ୍କୁ ସମର୍ଥନ ଜଣାଇଛନ୍ତି। ରୁଟ୍‌ଙ୍କ ଖରାପ୍ ଫର୍ମ ଦେଇ ଗତିକରୁଥିବାରୁ ଦଳର ପ୍ରଦର୍ଶନ ପ୍ରଭାବିତ ହେଉଛି। ତେବେ ସବୁବେଳେ ସବୁ ବ୍ୟାଟ୍ସମ୍ୟାନ ସମାନ ପ୍ରଦର୍ଶନ କରି ନ ଥାନ୍ତି। ଅଷ୍ଟ୍ରେଲିଆ ବୋଲରମାନେ ଉନ୍ନତ ପ୍ରଦର୍ଶନ କରିଛନ୍ତି ବୋଲି ବେଲିସ୍ କହିଛନ୍ତି।

ମ୍ୟାଚ୍ ପାଇଁ ଇଂଲଣ୍ଡ ୧୩ ଜଣିଆ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଛି। ଖରାପ ଫର୍ମ ଦେଇ ଗତି କରୁଥିବା ଜାସନ ରୟ ଓ କ୍ରେଗ୍ ଓଭରଟନଙ୍କୁ ବାଦ୍ ଦିଆଯାଇଛି। ଏହି ଦୁଇ ଖେଳାଳିଙ୍କ ସ୍ଥାନରେ କ୍ରିସ୍ ୱକ୍ସ ଓ ସାମ କୁରାନଙ୍କୁ ସାମିଲ କରାଯାଇଛି। ତାରକା ଇନ୍‌ଫର୍ମ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ମଧ୍ୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ତେବେ ଇଞ୍ଜୁରି କାରଣରୁ ସେ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବୋଲିଂ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗତ ମ୍ୟାଚ୍‌ରେ ସେ ଦ୍ୱିତୀୟ ଇନିଂସରେ ବୋଲିଂ କରି ନ ଥିଲେ। ପ୍ରଥମ ଇନିଂସ ଖେଳିବା ବେଳେ ଷ୍ଟୋକ୍ସ ଡାହାଣ କାନ୍ଧରେ ଆଘାତ ଲାଗିଥିଲା। ଯଦି ସେ ବୋଲିଂ କରି ନ ପାରନ୍ତି ତା,ହେଲେ ସେ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଖେଳିବେ। ଷ୍ଟୋକ୍ସ ଇଂଲଣ୍ଡ ପାଇଁ ଦୁଇଟି ଶତକ ସହ ୩୫୪ ରନ କରି ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ତେବେ ଦଳର ଅନ୍ୟ ବ୍ୟାଟ୍ସମ୍ୟାନ ବିଫଳ ହୋଇଛନ୍ତି।

ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ଅନୁପସ୍ଥିତିରେ ଷ୍ଟୁଆର୍ଟ ବ୍ରଡ ଓ ଆର୍ଚରଙ୍କ ପ୍ରଦର୍ଶନ ଉପରେ ଇଂଲଣ୍ଡର ଭାଗ୍ୟ ନିର୍ଭର କରିବ। ସ୍ମିଥ୍‌ଙ୍କୁ ରୋକିବାରେ ବିଫଳ ହେଲେ ଅଷ୍ଟ୍ରେଲିଆ ୧୮ ବର୍ଷ ପରେ ଇଂଲଣ୍ଡ ମାଟିରେ ଆଶେସ୍ ଜିତି ଇତିହାସ ସୃଷ୍ଟି କରିବ।

# ରୋନାଲ୍ଡୋଙ୍କ ଏକାଧିକ କୀର୍ତ୍ତିମାନ

ଲିସବନ (ପର୍ତ୍ତୁଗାଲ), ୧୧।୯

ୟୁରୋ ୨୦୨୦ ପ୍ରତିଯୋଗିତାର ଏକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ତାରକା ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ପର୍ତ୍ତୁଗାଲ ୫–୧ ଗୋଲରେ ଲିଥୁଆନିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଏକାକୀ ୪ ଗୋଲସ୍କୋର କରି ରୋନାଲ୍ଡୋ ପର୍ତ୍ତୁଗାଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚ୍‌ର ୭ମ, ୬୧, ୬୫ ଓ ୭୬ତମ ମିନିଟରେ ଏହି ୪ଟି ଗୋଲସ୍କୋର କରିଥିଲେ। ଏଥିସହ ସେ ୟୁରୋ ଯୋଗ୍ୟତା ପର୍ଯ୍ୟାୟରେ ସର୍ବାଧିକ ଗୋଲସ୍କୋରର ହେବାର ରେକର୍ଡ କରିଛନ୍ତି। ୩୪ ବର୍ଷୀୟ ରୋନାଲ୍ଡୋ ୨୫ ଗୋଲ ଦେଇଛନ୍ତି। ଏହିକ୍ରମରେ ସେ ଆୟର୍ଲାଣ୍ଡ ଷ୍ଟ୍ରାଇକର ରୋବି କେନ୍ (୨୩ ଗୋଲ)ଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ସେହିଭଳି ଅନ୍ତର୍ଜାତୀୟସ୍ତରରେ ରୋନାଲ୍ଡୋଙ୍କ ଗୋଲ ସଂଖ୍ୟା ୯୩ରେ ପହଞ୍ଚିଛି। ପ୍ରଥମ ୟୁରୋପିଆନ୍ ଖେଳାଳି ଭାବେ ଅନ୍ତର୍ଜାତୀୟସ୍ତରରେ ସେ ଏହି ମ୍ୟାଜିକ୍ ସଂଖ୍ୟକ ଗୋଲସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ରୋନାଲ୍ଡୋଙ୍କ ରେକର୍ଡ ଧାରା ଏତିକିରେ ଅଟକି ନ ଥିଲା। ଲିଥୁଆନିଆ ବିପକ୍ଷ ଗୋଲ ସହ ବିଶ୍ୱର ପ୍ରଥମ ଖେଳାଳି ଭାବେ ରୋନାଲ୍ଡୋ ୪୦ଟି ଭିନ୍ନ ଦେଶ ବିପକ୍ଷରେ ଗୋଲସ୍କୋର କରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ଯେଉଁଥିରେ ୨୬ ୟୁରୋପୀୟ ଦେଶ ରହିଥିବାବେଳେ ଏସିଆର ୬, ଆଫ୍ରିକାର ୪, ନର୍ଥ ଓ ସାଉଥ୍ ଆମେରିକାର ୩ ଓ ଓସେନିଆର ଗୋଟିଏ ଦେଶ ରହିଛି।



ଗୋଲ ସ୍କୋର ପରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସେଲିବ୍ରେଶନ।

## ପାଉଣା ୨୪୫ କୋଟି

ରୋମ,୧୧।୯: ପର୍ତ୍ତୁଗାଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସିରି ଏ' ଲିଗ୍‌ରେ ସର୍ବାଧିକ ଦରମା ପାଉଥିବା ଖେଳାଳି। ତାଙ୍କ ବାର୍ଷିକ ଦରମା ଅନ୍ୟ ଖେଳାଳିଙ୍କ ଆୟଠାରୁ ପ୍ରାୟ ୩ ଗୁଣା ଅଧିକ। ଗତବର୍ଷ ଜୁଭେଣ୍ଟସ କ୍ଲବରେ ସାମିଲ ହୋଇଥିବା ଫରୱାର୍ଡ ରୋନାଲ୍ଡୋ ବର୍ଷକୁ ୩୧ ନିୟୁତ ୟୁରୋ ଦରମା ପାଉଛନ୍ତି। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ୨୪୫ କୋଟି ଟଙ୍କା। ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଜୁଭେଣ୍ଟସ ଖେଳାଳି ମାଥିସ ଡି ଲାଇଟ (୨୫ ନିୟୁତ)। ଗାଜେଟା ଡେଲୋ ସ୍ପୋର୍ଟ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ଇଟାଲିଆନ କର୍ମକର୍ତ୍ତା ଟ୍ୟାକ୍ସ କାଟିବା ପରେ ପ୍ରଦାନ କରାଯାଉଥିବା ଦରମାକୁ ହିସାବକୁ ନିଆଯାଇଛି। ରୋନାଲ୍ଡୋ ଆସିବା ପରେ ଇଟାଲିଆନ ଲିଗ୍‌ର ଲୋକପ୍ରିୟତା ବୃଦ୍ଧି ପାଇଛି। ପୂର୍ବରୁ ଖେଳାଳିଙ୍କ ଦରମା ବାବଦକୁ ଇଟାଲିଆନ ଫୁଟ୍‌ବଲ ବୋର୍ଡ ୧.୪ ବିଲିୟନ ୟୁରୋ ଖର୍ଚ୍ଚ କରୁଥିଲା। ଏବେ ରୋନାଲ୍ଡୋଙ୍କ ଆସିବା ପରେ ଖେଳାଳିଙ୍କ ଦରମା ବାବଦକୁ ୧.୧୩ ବିଲିୟନକୁ ବୃଦ୍ଧି ପାଇଛି। ଖେଳାଳିଙ୍କ ଦରମା ବାବଦକୁ କ୍ରମାଗତ ୮ ଥର ଚାମ୍ପିୟନ ଜୁଭେଣ୍ଟସ ସର୍ବାଧିକ ୨୯୪ ନିୟୁତ ୟୁରୋ ଖର୍ଚ୍ଚ କରୁଛି। ଏହି କ୍ଲବ ପଛକୁ ଇଣ୍ଟର ମିଲିନ (୧୩୯ ନିୟୁତ ୟୁରୋ), ରୋମା (୧୨୫ ନିୟୁତ ୟୁରୋ), ଏସି ମିଲାନ (୧୧୫ ନିୟୁତ ୟୁରୋ) ଓ ନାପୋଲି (୧୦୩ ନିୟୁତ ୟୁରୋ) ରହିଛନ୍ତି।

## କ୍ରୁନାଲଙ୍କୁ କ୍ଷମାପ୍ରାର୍ଥନା କଲେ ହାର୍ଦ୍ଦିକ

ମୁମ୍ବାଇ,୧୧।୯

ହାର୍ଦ୍ଦିକ ପାଣ୍ଡ୍ୟା ଓ କ୍ରୁନାଲ ପାଣ୍ଡ୍ୟାଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରେ ବ୍ଲୁ ଜର୍ସିରେ ଦେଖିବାକୁ ମିଳିବ। ବୁଧବାର ପାଣ୍ଡ୍ୟା ବ୍ରଦର୍ସ ଅଭ୍ୟାସ କରୁଥିବାବେଳେ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ନେଟ୍ସରେ କ୍ରୁନାଲଙ୍କ ବୋଲିଂରେ ହାର୍ଦ୍ଦିକ ହେଲିକପ୍ଟର ଶଟ୍ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ବଲଟି ସିଧା କ୍ରୁନାଲଙ୍କ ମୁଣ୍ଡ ଆଡ଼କୁ ଚାଲିଯାଇଥିଲା। ସୌଭାଗ୍ୟବଶତଃ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାର ଏକ ଭିଡିଓ ଟୁଇଟରରେ ଅପ୍‌ଲୋଡ କରିବା ସହ ହାର୍ଦ୍ଦିକ ବଡ଼ ଭାଇଙ୍କୁ କ୍ଷମାପ୍ରାର୍ଥନା କରିଛନ୍ତି। ଏଥିସହ ଲେଖିଛନ୍ତି, ମୁଁ ଉକ୍ତ ରାଉଣ୍ଡକୁ ଜିତିଛି। ଏହାର ଜବାବ ଦେଇଛନ୍ତି ବାମହାତୀ ସ୍ପିନର କ୍ରୁନାଲ। ସେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ କ୍ରୁନାଲଙ୍କ ବଲକୁ ଖେଳିବାରେ ୨୫ ବର୍ଷୀୟ ହାର୍ଦ୍ଦିକ ବିଫଳ ହେଉଛନ୍ତି। ଖେଳରେ ସବୁ ଚଳେ। କିନ୍ତୁ ତୁମେ ଏ ଭିଡିଓକୁ ଭୁଲି ଗଲ ବୋଲି ଏହାର କ୍ୟାପଶନରେ କ୍ରୁନାଲ ଲେଖିଛନ୍ତି। ବିଶ୍ୱକପ୍ ପରେ ହାର୍ଦ୍ଦିକ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯାଉଛନ୍ତି। ବିସ୍ଫୋରକ ବ୍ୟାଟ୍ସମ୍ୟାନଙ୍କୁ ୱେଷ୍ଟଇଣ୍ଡିଜ ସିରିଜ୍‌ରୁ ବିଶ୍ରାମ ଦିଆଯାଇଥିଲା। ଆସନ୍ତା ୧୫ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଧର୍ମଶାଳାଠାରେ ପ୍ରଥମ ଟି୨୦ ଅନୁଷ୍ଠିତ ହେବ। ପରବର୍ତ୍ତୀ ଦୁଇଟି ମୋହାଲି ଓ ବେଙ୍ଗାଲୁରୁଠାରେ ଖେଳାଯିବ।

# ଜାତୀୟ ରେକର୍ଡ ସହ ବ୍ରୋଞ୍ଜ ଜିତିଲେ ସ୍ୱସ୍ତି

କଟକ ଅଫିସ, ୧୧।୯

ଓଡ଼ିଶାର ସ୍ୱସ୍ତି ସିଂ ଟ୍ରାକ୍ ଏସିଆ ଅନ୍ତର୍ଜାତୀୟ ସାଇକ୍ଲିଂ ପ୍ରତିଯୋଗିତାରେ ନୂଆ ଜାତୀୟ ରେକର୍ଡ଼ ପ୍ରତିଷ୍ଠା କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଜୁନିୟର ମହିଳା ୨ କିମି ଇଣ୍ଡିଭିଜୁଆଲ୍ ପର୍ସୁଟ୍ ଇଭେଣ୍ଟକୁ ୨ମିନିଟ୍ ୩୫ ସେକେଣ୍ଡରେ ଶେଷ କରି ଏହି ସଫଳତା ହାସଲ କରିଛନ୍ତି । ଗତବର୍ଷ ମଧ୍ୟ ସ୍ୱସ୍ତି ଏହି ଇଭେଣ୍ଟକୁ ୨ମିନିଟ୍ ୪୧ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହି ପ୍ରତିଯୋଗିତା ୯ତାରିଖରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି । ଇଭେଣ୍ଟରେ କାଜାକସ୍ତାନ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଉଜବେକିସ୍ତାନ ପ୍ରତିଯୋଗୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ବୁଧବାର ଅନୁଷ୍ଠିତ ୭କିମି ବିଶିଷ୍ଟ ସ୍କ୍ରାଚ୍ ଇଭେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସ୍ୱସ୍ତି ୪ର୍ଥ ସ୍ଥାନରେ ରହିଥିଲେ । ଏହି ସଫଳତା ପାଇଁ ବଲିଉଡ୍ ଷ୍ଟାର ଦିଶା ପଟାନୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ରାଉରକେଲା ପାନପୋଷ କ୍ରୀଡ଼ା ସଂଗଠନ ପକ୍ଷରୁ ମଧ୍ୟ ତାଙ୍କୁ ଶୁଭେଚ୍ଛା ଦିଆଯାଇଛି । ସୂଚନାଯୋଗ୍ୟ ସ୍ୱସ୍ତିଙ୍କ ବାପା ଅମର ସିଂ ଉତ୍ତରପ୍ରଦେଶର ହୋଇଥିବାବେଳେ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କାର୍ଯ୍ୟରତ। ସ୍ୱସ୍ତି ଓଡ଼ିଶାରେ ଜନ୍ମ ହେବା ସହ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି ।

## ପଦକ ତାଲିକାର ଶୀର୍ଷରେ ଭାରତ

### ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ

ନୂଆଦିଲ୍ଲୀ, ୧୧।୯ (ପି.ଟି.)– ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ ପ୍ରତିଯୋଗିତାରେ ଭାରତର ରୋନାଲ୍ଡୋ ଲାଇତୋଞ୍ଜାମ ବ୍ୟକ୍ତିଗତ ୪ର୍ଥ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଭାରତ ଏହି ପ୍ରତିଯୋଗିତାର ପଦକ ତାଲିକାର ଶୀର୍ଷରେ ରହି ଚାମ୍ପିୟନ ହୋଇଛି। ଭାରତ ମୋଟ୍ ୧୦ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ ବ୍ରୋଞ୍ଜ ସହ ମୋଟ୍ ୨୫ ପଦକ ଜିତି ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିଛି। ବୁଧବାର ଅନ୍ତିମ ଦିବସରେ ଘରୋଇ ଭାରତ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲା। ପଦକ ତାଲିକାରେ ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ ଜିତି ଉଜବେକିସ୍ତାନ ୨ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ରୋନାଲ୍ଡୋ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଅନ୍ତିମ ଦିବସରେ ଅନୁଷ୍ଠିତ ପୁରୁଷ ବିଭାଗ ଜୁନିୟର କେଇରିନ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହାସଲ କରିଛନ୍ତି।



ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀଙ୍କ ସହ ସ୍ୱସ୍ତି ସିଂ (ବାମ)।

# କଳିଙ୍ଗରେ ଭାରତ-କାତାର ମ୍ୟାଚ ସମ୍ଭାବନା

## ୨୦୨୨ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ

ଭୁବନେଶ୍ୱର, ୧୧।୯(କ୍ରୀଡ଼ା ପ୍ରତିନିଧି)

ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀଭାବେ ବିବେଚିତ ହେଉଥିବା ଭୁବନେଶ୍ୱରକୁ ଆସିବାରେ ଲାଗିଛି ଗୋଟିଏ ପରେ ଗୋଟିଏ ବଡ଼ ମ୍ୟାଚ। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ଏଠାରେ ହକି ବିଶ୍ୱକପଠାରୁ ଆରମ୍ଭ କରି ଅନେକ ଜାତୀୟ/ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜିତ ହୋଇସାରିଛି। ଆଗାମୀ ନଭେମ୍ବରରେ ଏଠାରେ ଉଭୟ ମହିଳା ଓ ପୁରୁଷ ବିଭାଗର ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି ମ୍ୟାଚ ଅନୁଷ୍ଠିତ ହେବ। ଏବେ ମିଳିଛି ଆଉ ଏକ ବଡ଼ ଖବର। ୨୦୨୨ ଫିଫା ବିଶ୍ୱକପ ପାଇଁ ଆସନ୍ତା ବର୍ଷ ମାର୍ଚ୍ଚରେ ଏଠାରେ ଭାରତ ଓ କାତାର ମଧ୍ୟରେ ଯୋଗ୍ୟତା ପର୍ଯ୍ୟାୟ ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହେବା ସମ୍ଭାବନା ଅଛି। ମଙ୍ଗଳବାର ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣାଙ୍କ ଟୁଇଟ୍ ପରେ ଏହି ସମ୍ଭାବନା ଦୃଢ଼ୀଭୂତ ହୋଇଯାଇଛି। ଆସନ୍ତାବର୍ଷ ମାର୍ଚ୍ଚରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ କାତାର ମ୍ୟାଚର ଆହ୍ୱାନ ନିକଟରୁ ଦେଖିବା ଆଶା ରହିଛି ବୋଲି ଭିନିଲ ଟୁଇଟ କରିଛନ୍ତି। ଫିଫା ବିଶ୍ୱକପର ୨୨ତମ ସଂସ୍କରଣ କାତାରରେ ନଭେମ୍ବର ୨୧ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆୟୋଜକ ଦେଶଭାବେ କାତାର ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛି। ତେଣୁ ସବୁକିଛି ଠିକ୍ ରହିଲେ ବିଶ୍ୱକପ ଖେଳିବାକୁ ଯାଉଥିବା ଏକ ଦଳର ଖେଳକୁ ଓଡ଼ିଶାର ଫୁଟବଲପ୍ରେମୀମାନେ ଅତି ନିକଟରୁ ଦେଖିବାର ସୁଯୋଗ ପାଇବେ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ମହିଳା ଗୋଲ୍ଡକପ୍, ଆଇ–ଲିଗ୍, ଇଣ୍ଡିଆନ ସୁପର କପ୍, ଇଣ୍ଡିଆନ ସୁପରଲିଗ୍ ପରି ସମ୍ମାନଜନକ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇ ସାରିଥିବାବେଳେ ୨୦୨୦ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଅନୁଷ୍ଠିତ ହେବାକୁ ଯାଉଛି। ଏବେ ପ୍ରଥମଥରପାଇଁ ଭାରତୀୟ ସିନିୟର ପୁରୁଷ ଦଳ ଏଠାରେ ଏକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଏକପ୍ରକାର ନିଶ୍ଚିତ ମନେହେଉଛି। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ଭାରତ ଓ କାତାର ମ୍ୟାଚ ୨୦୨୦ ମାର୍ଚ୍ଚ ୨୬ରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଯଦି କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ହୁଏ ତେବେ କଳିଙ୍ଗ ଷ୍ଟାଡିୟମ ଇତିହାସରେ ଆଉଏକ ନୂତନ ଫର୍ଦ୍ଦ ଯୋଡ଼ିହେବ। ଭାରତୀୟ ସିନିୟର ଫୁଟବଲ ପୁରୁଷ ଦଳ ପ୍ରଥମଥର ପାଇଁ ଏଠାରେ ଏକ ମ୍ୟାଚ ଖେଳିବ। ଏହା ଓଡ଼ିଶାରେ ଫୁଟବଲକୁ କ୍ୟାରିୟର କରୁଥିବା ଖେଳାଳି ଓ ଫୁଟବଲପ୍ରେମୀଙ୍କ ପାଇଁ ନିଶ୍ଚିତଭାବେ ଏକ ଖୁସି ଖବର ଆଣିବ।



# ଯୁବରାଜଙ୍କୁ ଆଶ୍ୱସ୍ତି

## ଘରୋଇ ହିଂସା ମାମଲା ମିଥ୍ୟା ପ୍ରମାଣିତ

ନୂଆଦିଲ୍ଲୀ,୧୧।୯(ପିଟି)

ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ (ଯୁବି)ଙ୍କ ନାମକୁ ତାଙ୍କ ଭାଇ ଜୋରାଭରଙ୍କ ପୂର୍ବତନ ପତ୍ନୀ ଘରୋଇ ହିଂସା ମାମଲାକୁ ଟାଣିଥିଲେ। ତେବେ ଶେଷରେ ଏହା ମିଥ୍ୟା ସାବ୍ୟସ୍ତ ହୋଇଛି। ଅଭିଯୋଗକାରୀଙ୍କ କ୍ଷମାପ୍ରାର୍ଥନା ପରେ ମାମଲା ରଫାଦଫା ହୋଇଛି। ଜୋରାଭରଙ୍କ ପୂର୍ବତନ ପତ୍ନୀ ଆକାଂକ୍ଷା ଶର୍ମା ଘରୋଇ ହିଂସା ନେଇ ଅଭିଯୋଗ ଆଣିଥିଲେ। ଦୀର୍ଘ ୩ ବର୍ଷ ଧରି ଚାଲିଥିବା ଆଇନ ଲଢ଼େଇ ପରେ ଚଳିତ ମାସରେ ଆକାଂକ୍ଷା ଓ ଜୋରାଭରଙ୍କ ଡାଇଭର୍ସ ହୋଇଛି। ଜୋରାଭରଙ୍କ ପୂର୍ବତନ ପତ୍ନୀ ଯୁବି ଓ ତାଙ୍କ ପରିବାର ବିରୋଧରେ ମିଥ୍ୟା ଅଭିଯୋଗ ଆଣିଥିବା ସ୍ୱୀକାର କରିବା ସହ କ୍ଷମା ମାଗିଥିଲେ। ଜୋରାଭର ଓ ଆକାଂକ୍ଷାଙ୍କ ବିବାହ ମାତ୍ର ୬ ମାସ ତିଷ୍ଠି ପାରିଥିଲା। ଆଇନରୁ ବଞ୍ଚିବାକୁ ଆଉ ବାଟ ନ ମିଳିବାରୁ ଆକାଂକ୍ଷା ଶେଷରେ ନିଜ ଦୋଷ ସ୍ୱୀକାର କରିଛନ୍ତି। ଯୁବିଙ୍କ ସହ ତାଙ୍କ ମା' ଶବନମଙ୍କ ନାମରେ ୨୦୧୭ ଅକ୍ଟୋବରରେ ଘରୋଇ ହିଂସା ଅଭିଯୋଗ ଆଣିଥିଲେ ଆକାଂକ୍ଷା। ଯୁବିଙ୍କ ଲୋକପ୍ରିୟତା ଯୋଗୁ ତାଙ୍କୁ ଟାର୍ଗେଟ କରାଯାଇଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି।



“ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଲାଗି ସକାରାତ୍ମକ ମାନସିକତା ନେଇ କଠିନ ପରିଶ୍ରମ କରୁଛି। ସିରିଜରେ ଭଲ ଆରମ୍ଭ ସହ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି ।

-ରିଷଭ ପନ୍ତ, ଭାରତୀୟ ଉଇକେଟ୍‌କିପର



“ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡଠାରୁ ହାରିବାର ୨ ମାସ ପରେ ମଧ୍ୟ ଦଳର ପ୍ରତ୍ୟେକ ଖେଳାଳି ଏହି ମ୍ୟାଚ୍‌କୁ ନେଇ ଭାବୁଛନ୍ତି ଏବଂ ବୁଝିବାକୁ ଚେଷ୍ଟା କରୁଛନ୍ତି।

-କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ୍ ଅଧିନାୟକ



## ସଂକ୍ଷେପରେ

### ଭାରତ-ଶ୍ରୀଲଙ୍କା ସେମିଫାଇନାଲ ଆଜି

କଲମ୍ବୋ, ୧୧।୯- ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ। ପ୍ରଥମ ସେମିଫାଇନାଲରେ ଗ୍ରୁପ୍-ଏ'ର ଶୀର୍ଷ ସ୍ଥାନରେ ରହିଥିବା ଭାରତ ଗ୍ରୁପ୍-ବି'ର ୨ୟ ସ୍ଥାନରେ ରହିଥିବା ଶ୍ରୀଲଙ୍କାକୁ ଭେଟିବ। ସ୍ଥାନୀୟ ପି. ସାରା ଓଭାଲ ଗ୍ରାଉଣ୍ଡରେ ସକାଳ ୯ଟା ସମୟରେ ଏହି ମ୍ୟାଚ୍ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଯଥାକ୍ରମେ କୁଏତ୍ (୭ ଉଇକେଟ୍), ପାକିସ୍ତାନ (୬୦ ରନ୍) ଓ ଆଫଗାନିସ୍ତାନ (୩)କୁ ପରାସ୍ତ କରି ପ୍ରତିଯୋଗିତାରେ ଅପରାଜେୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ଗ୍ରୁପ୍-ବି'ରେ ଶ୍ରୀଲଙ୍କା ୩ ମ୍ୟାଚ୍‌ରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ଅନ୍ତିମ-୪ରେ ସ୍ଥାନ ହାସଲ କରିଛି। ସେହିଭଳି ଗୁରୁବାର ଖେଳାଯିବାକୁ ଥିବା ୨ୟ ସେମିଫାଇନାଲରେ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନରେ ରହିଥିବା ବାଂଲାଦେଶ ଗ୍ରୁପ୍-ଏ'ର ୨ୟ ସ୍ଥାନରେ ଥିବା ଆଫଗାନିସ୍ତାନକୁ ଭେଟିବ।

### ବ୍ରାଡମ୍ୟାନଙ୍କ ରେକର୍ଡ ଭାଙ୍ଗିପାରନ୍ତି ସ୍ମିଥ

ଓଭାଲ,୧୧।୯- ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ ଚଳିତ ଆଶେସ ସିରିଜ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଏପର୍ଯ୍ୟନ୍ତ ଆଶେସ ସିରିଜ୍‌ରେ ଏକ ଦ୍ୱିଶତକ ସହ ଦୁଇଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ଲଗାଇ ସାରିଛନ୍ତି। ସିରିଜ୍‌ରେ ୩ ମ୍ୟାଚ୍ ଖେଳିଥିବା ସ୍ମିଥ ୬୭୧ ରନ୍ କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନ ୩ୟ ଟେଷ୍ଟରୁ ବାଦ୍ ପଡ଼ି ନ ଥିଲେ, ସେ ଆହୁରି ରନ୍ କରିଥାନ୍ତେ। ବିଶ୍ୱର ନଂ ୧ ର୍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ସ୍ମିଥ ଆଗାମୀ ତଥା ଅନ୍ତିମ ଆଶେସ ଟେଷ୍ଟରେ ସାର. ଡନ ବ୍ରାଡମ୍ୟାନଙ୍କ ୮୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ପାରନ୍ତି। ୧୯୩୦ ଆଶେସରେ ବ୍ରାଡମ୍ୟାନ ୯୭୪ ରନ୍ କରିଥିଲେ। ଏହା କୌଣସି ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଲାଗି ସର୍ବାଧିକ। ଓଭାଲ ଟେଷ୍ଟର ଉଭୟ ଇନିଂସରେ ୩୦୪ ରନ୍ କରିବାକୁ ସକ୍ଷମ ହେଲେ ସ୍ମିଥ ବ୍ରାଡମ୍ୟାନଙ୍କ ଉକ୍ତ ରେକର୍ଡ ଭାଙ୍ଗିବେ।

### ମହିଳା ବାଇକ୍ ରାଲି ୨୨ରେ

ଭୁବନେଶ୍ୱର, ୧୧।୯(କ୍ରୀଡ଼ା ପ୍ରତିନିଧି)- ସ୍ଥାନୀୟ ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ ଆନୁକୂଲ୍ୟରେ ଚଳିତମାସ ୨୨ ତାରିଖରେ ଏକ ମହିଳା ବାଇକ୍ ରାଲି ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। କ୍ଲବର ବାର୍ଷିକ ଉତ୍ସବ ଅବସରରେ ଏହି ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାମମନ୍ଦିର, ରୂପାଲି, ଆଚାର୍ଯ୍ୟବିହାର ଛକ ଦେଇ ରବୀନ୍ଦ୍ରମଣ୍ଡପଠାରେ ଶେଷ ହେବ। ରାଲିରେ ଭାଗନେବାକୁଥିବା ସମସ୍ତ ମହିଳା ବାଇକ୍ ଆରୋହିଙ୍କୁ ଅନୁଷ୍ଠାନ ପକ୍ଷରୁ ଟି-ଶାର୍ଟ ଏବଂ କ୍ୟାପ୍ ପ୍ରଦାନ କରାଯିବ। ଏହି ରାଲିରୁ ଜଣେ ଦୁଃଶାହସିକ ମହିଳାଙ୍କୁ ଚୟନ କରାଯାଇ ଟ୍ରଫି ଏବଂ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦିକା ମଧୁସ୍ମିତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନେ ଏହି ରାଲିରେ ଭାଗନେଇ ପାରିବେ। ଅଧିକରୁ ଅଧିକ ମହିଳା ଏହି ବାଇକ୍ ରାଲିରେ ଯୋଗ ଦେବାପାଇଁ ମଧୁସ୍ମିତା ଅନୁରୋଧ କରିଛନ୍ତି। ଭାଗ ନେବାପାଇଁ ଚାହୁଁଥିବା ମହିଳାମାନେ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।

# ଭାରତୀୟ ଟେଷ୍ଟ ଦଳ ଘୋଷଣା ଆଜି

## ରାହୁଲଙ୍କୁ ନେଇ ଦ୍ୱନ୍ଦ୍ୱ, ରୋହିତ ଫେରିବା ସମ୍ଭାବନା, ଈଶ୍ୱରନ ଡାର୍କ ହର୍ଷ

ନୂଆଦିଲ୍ଲୀ,୧୧।୯ (ପି.ଟି.)

ଆସନ୍ତାମାସ ଠାରୁ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଗୁରୁବାର ଭାରତୀୟ ଘୋଷଣା ହେବ। ଚୟନକର୍ତ୍ତାମାନେ ବୈଠକରେ ବସି ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜ ପାଇଁ ଦଳ ଚୟନ କରିବେ। ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ଲୋକେଶ ରାହୁଲ ଏବେ ରୋହିତ ଶର୍ମାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଦିନିକିଆ ଉପ-ଅଧିନାୟକ ରୋହିତ ଶର୍ମା ଖେଳିବାର ସୁଯୋଗ ପାଇ ନ ଥିଲେ। ହନୁମା ବିହାରୀ ଓ ଆଜିଙ୍କ୍ୟ ରାହାନେ ଯଥାକ୍ରମେ ୫ ଓ ୬ ନମ୍ବରରେ ନିଜର ସ୍ଥାନ ପକ୍କା କରିବା ପରେ ରୋହିତଙ୍କୁ ଓପନର ହିସାବରେ ଦଳରେ ସାମିଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ରୋହିତ ଶେଷଥର ପାଇଁ ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଖେଳିଥିଲେ। ଟେଷ୍ଟ ସ୍ପେଶଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ୩, ଅଧିନାୟକ ବିରାଟ କୋହଲି ୪ ନମ୍ବରରେ


ରୋହିତ ଶର୍ମା


ଲୋକେଶ ରାହୁଲ

ବ୍ୟାଟିଂ କରିବେ। ବୀରେନ୍ଦ୍ର ସେହ୍ୱାଗଙ୍କ ଉଦାହରଣକୁ ଦୃଷ୍ଟିରେ ରଖି ବିସ୍ଫୋରକ ରୋହିତଙ୍କୁ ସୁଯୋଗ ଦେବା ପାଇଁ କୋଚ୍ ଶାସ୍ତ୍ରୀ ଓ କୋହଲି ନିଷ୍ପତ୍ତି ନେଇପାରନ୍ତି। ସେହିପରି ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ବେଙ୍ଗଲ ଓପନର ଅଭିମନ୍ୟୁ ଈଶ୍ୱରନଙ୍କୁ ରିଜର୍ଭ ଓପନର ହିସାବରେ ସ୍ଥାନ ମିଳିପାରେ। ତେବେ ରାହୁଲଙ୍କୁ ବାଦ୍ ଦିଆଗଲେ ଈଶ୍ୱରନଙ୍କୁ ସୁଯୋଗ ମିଳିପାରେ। ସେହିପରି ଗୁଜୁରାଟ ଓପନର ପ୍ରିୟଙ୍କ ପଞ୍ଚାଲ ଓ ପଞ୍ଜାବ ଓପନର ଶୁବମନ ଗିଲଙ୍କ ନେଇ ମଧ୍ୟ ଚୟନକର୍ତ୍ତା ବିଚାର କରିପାରନ୍ତି। ରାହୁଲ ଗତ ୩୦ଟି ଟେଷ୍ଟ ଇନିଂସରେ ୬୬୪ ରନ ସଂଗ୍ରହ କରି କରି ଖରାପ୍ ଫର୍ମ ଦେଇ ଗତି କରୁଛନ୍ତି।

**ଦକ୍ଷିଣ ଆଫ୍ରିକା ସିରିଜ**

ମୟଙ୍କ ଅଗ୍ରୱାଲ ସ୍ଥାନ ବଜାୟ ରଖିବା ଏକ ପ୍ରକାର ନିଶ୍ଚିତ ମନେହେଉଛି। ଦ୍ୱିତୀୟ ଓପନର ସ୍ଥାନ ପାଇଁ ରୋହିତ ଓ ଈଶ୍ୱରନଙ୍କୁ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ବୋଲିଂରେ ଫିଟ୍ ନ ଥିବାରୁ ଭୁବନେଶ୍ୱର କୁମାରଙ୍କୁ ସ୍ଥାନ ନ ମିଳିପାରେ। ଯଦି ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ଫେରନ୍ତି ତାହାଲେ ନବଦୀପ ସଇନି ବ୍ୟାକ୍ ଅପ୍ ଦ୍ରୁତ ବୋଲର ଭାବେ ଦଳରେ ସାମିଲ ହୋଇପାରନ୍ତି। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ପ୍ରଥମ ପସନ୍ଦ ହୋଇଥିଲେ ମଧ୍ୟ ଅଭିଜ୍ଞ ଋଦ୍ଧିମାନ ଶାହ ମଧ୍ୟ ଦଳରେ ସ୍ଥାନ ପାଇବା ସମ୍ଭାବନା ରହିଛି। ୩ ସ୍ପିନର ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ରବିଚନ୍ଦ୍ରନ ଅଶ୍ୱିନ ଦଳରେ ସାମିଲ ହେବା ନିଶ୍ଚିତ। ସେହିପରି ଦ୍ରୁତ ବୋଲିଂରେ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି ଓ ଈଶାନ୍ତ ଶର୍ମା ସାମିଲ ହେବା ନିଶ୍ଚିତ। ଯଦି ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଏ ତା,ହେଲେ ଉମେଶ ଯାଦବଙ୍କୁ ସୁଯୋଗ ମିଳିବ।


ନ୍ୟୁୟର୍କ ଫ୍ୟାସନ ୱିକ୍ ଶୋ' ଅବସରରେ ରନ୍‌ୱେରେ ୨ ବର୍ଷୀୟା ଝିଅ ଆଲେକ୍ସି ସହ ୟୁଏସ୍ ଓପନ ରନର୍ସଅପ୍ ସେରେନା ୱିଲିୟମ୍ସ।

# ଏଫ୍‌ଆଇଏଚ୍ ମେଡିକାଲ ଅଫିସର ପ୍ୟାନେଲରେ ଓଡ଼ିଶାର ବିଭୁ

ଭୁବନେଶ୍ୱର, ୧୧।୯(କ୍ରୀଡ଼ା ପ୍ରତିନିଧି)

**୨୦୨୦ ଟୋକିଓ ଅଲିମ୍ପିକ୍ସ**



ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୨ତମ ସଂସ୍କରଣ ଜାପାନର ଟୋକିଓଠାରେ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟ ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ପକ୍ଷରୁ ପ୍ରକାଶିତ ଅଫିସିଆଲ ତାଲିକାରେ ଓଡ଼ିଶାର ମାତ୍ର ୩ ଜଣ ସ୍ଥାନ ପାଇଛନ୍ତି। ଏଥିମଧ୍ୟରେ ୨ ଜଣ ଅମ୍ପାୟର ରଘୁ ପ୍ରସାଦ ଓ ଜାଭେଦ ଶେଖ ଥିବାବେଳେ ୩ ମେଡିକାଲ ଅଫିସର ପ୍ୟାନେଲରେ ଓଡ଼ିଶାର କର୍ଣ୍ଣେଲ ଡକ୍ଟର ବିଭୁ କଲ୍ୟାଣ ନାୟକ ରହିଛନ୍ତି।


ଭୁବନେଶ୍ୱରର ବିଭୁ କଲ୍ୟାଣ ପୂର୍ବରୁ ୨୦୧୮ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପରେ ଏଫଆଇଏଚ୍ ପକ୍ଷରୁ ମେଡିକାଲ ଅଫିସର ନିଯୁକ୍ତ ହୋଇ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ପ୍ରତିଯୋଗିତା ଗତବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିଥିଲା। କେବଳ ଓଡ଼ିଶାର ନୁହେଁ ପ୍ରଥମ ଭାରତୀୟ ଭାବେ ସେ କୌଣସି ହକି ବିଶ୍ୱକପରେ ଏଫଆଇଏଚ୍ ପକ୍ଷରୁ ମେଡିକାଲ ଅଫିସର ନିଯୁକ୍ତ ହୋଇଥିଲେ। ବିଭୁକଲ୍ୟାଣ ସ୍ପେନର ମାଡ୍ରିଡସ୍ଥିତ ନ୍ୟାଶନାଲ ସ୍ପୋର୍ଟ୍ସ ସେଣ୍ଟର ଏବଂ କ୍ୟୁବାର ହାଭାନାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ ମେଡିସିନରେ ସ୍ପୋର୍ଟ୍ସ ଟ୍ରାଉମାଟୋଲଜି ଆଣ୍ଡ ସ୍ପୋର୍ଟ୍ସ ଆଣ୍ଡ ଏକ୍ସରସାଇଜ୍ ଫିଜିଓଲୋଜିରେ ଟ୍ରେନିଂପ୍ରାପ୍ତ। ୨୦୦୭ରେ ସେ ଟିମ୍ ଡାକ୍ତରଭାବେ ଇଣ୍ଡିଆନ ୟୁଥ୍ ବକ୍ସିଂ ଟିମ୍ ସହିତ ୨ ବର୍ଷ କାର୍ଯ୍ୟ କରି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୦୯ରୁ ସେ ଭାରତୀୟ ହକି ଦଳସହ ଜଡ଼ିତ ରହି ଆସିଛନ୍ତି। ୨୦୧୬ ରିଓ ପାରାଅଲିମ୍ପିକ୍ ଗେମ୍ସରେ ସେ ଭାରତୀୟ ପ୍ରତିନିଧି ଦଳର ଫିଜିସିଆନ ଟିମ୍ ମୁଖ୍ୟଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସେ ଭାରତୀୟ ଦଳର ଡାକ୍ତର ନିଯୁକ୍ତ ହୋଇଥିଲେ। ଏହା ବ୍ୟତୀତ ୨୦୦୯ ଓ ୨୦୧୦ ସୁଲତାନ ଆଜଲାନଶାହ କପ୍, ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୦ ଏସିଆନ ଗେମ୍ସ, ୨୦୧୦ ପୁରୁଷ ହକି ବିଶ୍ୱକପ, ୨୦୧୨ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ହକି ଦଳ ସହ ଜଡ଼ିତ ଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ ଗତ ଏପ୍ରିଲରେ ତାଙ୍କୁ ଏଫଆଇଏଚ୍ ହେଲ୍‌ଥ ଆଣ୍ଡ ସେଫ୍‌ଟି କମିଟିର ମୁଖ୍ୟଭାବେ ୨ ବର୍ଷିଆ ନିଯୁକ୍ତି ଦେଇଛି।

# ଥିରିମାନେ, ସନକାଙ୍କୁ ଶ୍ରୀଲଙ୍କା ଦଳର ନେତୃତ୍ୱ

କଲମ୍ବୋ, ୧୧।୯ (ଏଏଫ୍‌ପି)

ବହୁଚର୍ଚ୍ଚିତ ପାକିସ୍ତାନ ଗସ୍ତ ଲାଗି ବୁଧବାର ଶ୍ରୀଲଙ୍କା ସୀମିତ ଓଭର କ୍ରିକେଟ ଦଳ ଘୋଷଣା କରାଯାଇଛି। ଲାହିରୁ ଥିରିମାନେଙ୍କୁ ଦିନିକିଆ ଓ ଦସୁନ ସନକାଙ୍କୁ ଟି୨୦ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଲସିଥ୍ ମାଲିଙ୍ଗା ଓ ଦିମୁଥ କରୁଣାରତ୍ନେଙ୍କ ସମେତ ୧୦ଜଣ ପ୍ରମୁଖ ଶ୍ରୀଲଙ୍କା କ୍ରିକେଟର୍ ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନ ଗସ୍ତରୁ ଓହରିଯାଇଛନ୍ତି। ଦିନିକିଆ ଦଳର ନିୟମିତ ଅଧିନାୟକ କରୁଣାରତ୍ନେ ସୁରକ୍ଷା କାରଣରୁ ଏହି ଗସ୍ତରୁ ଓହରିଯିବା ଫଳରେ ଥିରିମାନେଙ୍କୁ ତାଙ୍କ ସ୍ଥାନରେ ନୂଆ ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଟି୨୦ ଅଧିନାୟକ ମାଲିଙ୍ଗାଙ୍କ ସ୍ଥାନରେ ଦଳର ନେତୃତ୍ୱ ଭାର ସନକାଙ୍କୁ ଦିଆଯାଇଛି। ଏଠାରେ ସ୍ମରଣଯୋଗ୍ୟ, ୨୦୦୯ ମାର୍ଚ୍ଚ ପାକିସ୍ତାନ ଗସ୍ତରେ ଲାହୋରରେ ଏକ ଟେଷ୍ଟ ମ୍ୟାଚ୍ ସମୟରେ ଶ୍ରୀଲଙ୍କା କ୍ରିକେଟ୍ ଖେଳାଳିଙ୍କ ବସ ଉପରକୁ ଆତଙ୍କବାଦୀଙ୍କ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବଡ଼ ଧରଣର ଅଘଟଣ ହୋଇ ନ ଥିଲେ ମଧ୍ୟ ସେତେବେଳେ ପାକିସ୍ତାନକୁ


ଲାହିରୁ ଥିରିମାନେ


ଦସୁନ୍ ସନକା

ବିଶ୍ୱରେ ବେଶ୍ ନିନ୍ଦିତ ହେବାକୁ ପଡ଼ିଥିଲା। ଏହାପରଠାରୁ କୌଣସି ବଡ଼ କ୍ରିକେଟ୍ ଦଳ ପାକିସ୍ତାନ ଗସ୍ତରେ ଯିବାକୁ ରାଜି ହେଉନାହାନ୍ତି। ମାଲିଙ୍ଗା, କରୁଣାରତ୍ନେଙ୍କ ସମେତ ଥିସାରା ପେରେରା, ଆଞ୍ଜେଲୋ ମାଥ୍ୟୁସ, ନିରୋଶାନ ଡିକ୍‌ୱେଲା, କୁସଲ ପେରେରା, ଧନଞ୍ଜୟ ଡି ସିଲ୍‌ଭା, ଅକିଲ ଧନଞ୍ଜୟ, ସୁରଙ୍ଗ ଲାକମଲ ଓ ଦିନେଶ ଚାଣ୍ଡିମାଲ ଚଳିତ ଶ୍ରୀଲଙ୍କା ଦଳରୁ ଓହରି ଯାଇଛନ୍ତି। **ଶ୍ରୀଲଙ୍କା ଦିନିକିଆ ଦଳ:** ଲାହିରୁ ଥିରିମାନେ (ଅଧିନାୟକ), ଦନୁସ୍କା ଗୁଣଥିଲକ, ସଦିରା ସମରବିକ୍ରମା, ଅଭିଷ୍କା ଫର୍ନାଣ୍ଡୋ, ଓଶାଡା ଫର୍ନାଣ୍ଡୋ, ଶେହାନ ଜୟସୁରିୟା, ଦସୁନ ସନକା, ମିନୋଦ ଭାନୁକା, ଆଞ୍ଜେଲୋ ପେରେରା, ୱାନିନ୍ଦୁ ହସରଙ୍ଗା, ଲ ନ ସନ୍ଦାକନ, ନୁୱାନ ପ୍ରଦୀପ, ଇସୁରୁ ଉଦାନା, କସୁନ ରଜିଥା ଓ ଲାହିରୁ କୁମାର। **ଶ୍ରୀଲଙ୍କା ଟି୨୦ ଦଳ:** ଦସୁନ ଶନକା (ଅଧିନାୟକ), ଦନୁଷ୍କା ଗୁଣଥିଲକ, ଅଭିଷ୍କା ଫର୍ନାଣ୍ଡୋ, ଓଶାଡା ଫର୍ନାଣ୍ଡୋ, ଶେହାନ ଜୟସୁରିୟା, ଆଞ୍ଜେଲୋ ପେରେରା, ଭାନୁକା ରାଜାପକଶା, ମିନୋଦ ଭାନୁକା, ଲାହିରୁ ମାଦୁଶନକା, ୱାନିନ୍ଦୁ ହସରଙ୍ଗା, ଲଖନ ସନ୍ଦାକନ, ଇସୁରୁ ଉଦାନା, ନୁୱାନ ପ୍ରଦୀପ, କସୁନ ରଜିଥା ଓ ଲାହିରୁ କୁମାର।

**ପାକିସ୍ତାନ ସିରିଜ କାର୍ଯ୍ୟସୂଚୀ**

- ପ୍ରଥମ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୭
- ୨ୟ ଦିନିକିଆ: କରାଚୀ, ସେପ୍ଟେମ୍ବର ୨୯
- ୩ୟ ଦିନିକିଆ: କରାଚୀ, ଅକ୍ଟୋବର ୨
- ପ୍ରଥମ ଟି୨୦: ଲାହୋର, ଅକ୍ଟୋବର ୫
- ୨ୟ ଟି୨୦: ଲାହୋର, ଅକ୍ଟୋବର ୭
- ୩ୟ ଟି୨୦: ଲାହୋର, ଅକ୍ଟୋବର ୯

## ନେମାରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ମହିଳାଙ୍କ ନାମରେ ଏକାଧିକ ମାମଲା

ସାଓ ପାଉଲୋ,୧୧।୯

ବ୍ରାଜିଲିଆନ ଫୁଟ୍‌ବଲ ଷ୍ଟାର ନେମାର ଜୁନିୟରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ମହିଳାଙ୍କ ନାମରେ ସାଓ ପାଉଲୋ ରାଜ୍ୟର ପୋଲିସ ନିକଟରେ ଧମକ ଦେଇ ଅର୍ଥ ଆଦାୟ, ଠକାମି ଭଳି ବହୁ ମାମଲା ଦାଏର କରିଛି। ଏହା ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଫରୱାର୍ଡ ନେମାରଙ୍କୁ ଆଶ୍ୱସ୍ତି ଦେଇଛି। ପୂର୍ବତନ ବ୍ରାଜିଲ ଦଳର ଅଧିନାୟକ ନେମାରଙ୍କ ନାମରେ ନାଜିଲା ଟ୍ରିନଡାଡେ ବଳାତ୍କାର ଅଭିଯୋଗ ଆଣିଥିଲେ। କିନ୍ତୁ ଦୁହେଁ ସହମତି କ୍ରମେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିବା ନେମାରଙ୍କ ଓକିଲ ଦର୍ଶାଇଥିଲେ। ପ୍ରମାଣ ଅଭାବରୁ ଗତ ଅଗଷ୍ଟରେ ମାମଲାକୁ ବନ୍ଦ କରି ଦିଆଯାଇଥିଲା। ସାଓ ପାଉଲୋ ରାଜ୍ୟର ପୋଲିସ କହିଛି, ଟ୍ରିନଡାଡେଙ୍କ ପୂର୍ବତନ ସ୍ୱାମୀ ଇଷ୍ଟିଭେନ୍ସ ଆଲଭେସଙ୍କ ନାମରେ ଠକାମି ଅଭିଯୋଗ ଆସିଛି। ତେବେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଟ୍ରିନଡାଡେଙ୍କ ଓକିଲ। ଉଲ୍ଲେଖଥାଉ କି, ନେମାରଙ୍କ ନାମରେ ଆସିଥିବା ବଳାତ୍କାର ମାମଲା ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ଯାହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରକୁ ବାଧା ଦେବା ସହ ସ୍ପନସରଙ୍କ ମୁଣ୍ଡବିନ୍ଧା ବଢ଼ାଇ ଦେଇଥିଲା।


# ବୃହତ୍ ବିଜୟର ନିକଟତର ଭାରତ ଏ'

ଥିରୁଭାନନ୍ତପୁରମ,୧୧।୯(ପି.ଟି.)

**ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ**

ସ୍ଥାନୀୟ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଚାଲିଥିବା ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତ ଏ' ବୃହତ୍ ବିଜୟର ନିକଟତର ହୋଇଛି। ତୃତୀୟ ଦିନର ଖେଳ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ଭାରତର ସ୍ଥିତି ଆହୁରି ଦୃଢ଼ ହୋଇଛି। ଓଭରନାଇଟ୍ ବର୍ଷା ଓ ଓଦା ଆଉଟ୍ ଫିଲ୍ଡ କାରଣରୁ ଅଧିକାଂଶ ଓଭର ଖେଳ ସମ୍ଭବ ହୋଇପାରି ନାହିଁ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୫୧.୫ ଓଭରରେ ୧୬୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ଅଧିନାୟକ ତଥା ଓପନର ଶୁବମନ ଗିଲଙ୍କ ୯୦ ରନର ଅର୍ଦ୍ଧଶତକୀୟ ପାଳି ଓ ଜଲାଜ ସାକସେନାଙ୍କ ଅପରାଜିତ ୬୧ ରନର ଅର୍ଦ୍ଧଶତକୀୟ ପାଳି ବଳରେ


ଶାହବାଜ ନଦିମ

୮୭.୫ ଓଭରରେ ୩୦୩ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ୧୩୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବୁଧବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୫୫ ଓଭରରେ ୯ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଦକ୍ଷିଣ ଆଫ୍ରିକା ଗୋଟିଏ ଉଇକେଟ ବାକି ଥାଇ ୪୦ ରନରେ ଅଗ୍ରଣୀ ହୋଇଛି ବ୍ୟାକ୍‌ଫୁଟ୍ ଚାଲିଯାଇଛି। ଷ୍ଟମ୍ପ ଅପସାରଣ ବେଳକୁ ଲୁଥୋ ସପମ୍ଲା ୫ ଓ ଲୁଙ୍ଗି ଏନ୍‌ଗିଡି ବିନା ସ୍କୋରରେ ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୨୫/୫ରୁ ଦକ୍ଷିଣ ଆଫ୍ରିକା ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ହେନରିଚ୍ କ୍ଲାସେନ ୩୫ରୁ ଖେଳ ଆରମ୍ଭ କରି ୪୮ ଓ ୱିଆନ ମୁଲ୍‌ଡେର ୧୨ରୁ ଖେଳ ଆରମ୍ଭ କରି ୪୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ପୂର୍ବରୁ ଜୁବେର ହମ୍‌ଜା ୪୪ ଓ ଖାୟା ଜୋଣ୍ଡୋ ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଶାହବାଜ ନଦିମ ୩, ଜଲାଜ ସାକସେନା ୨, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତୃତୀୟ ଦିନରେ ନଦିମ ୧୭ର ବ୍ୟୟ କରି ୩ ଓ ସାକସେନା ୨୨ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୫୧.୫ ଓଭରରେ ୧୬୪ ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୮୭.୫ ଓଭରରେ ୩୦୩ ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୫୫ ଓଭରରେ ୧୭୯/୯ (ହେନରିଚ୍ କ୍ଲାସେନ- ୪୮, ୱିଆନ ମୁଲଡର- ୪୬, ଜୁବେର ହମଜା- ୪୪, ଶାହାବାଜ ନଦିମ- ୩/୧୭, ଜାଲାଜ ସାକସେନା- ୨/୨୨)।

■ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ

# ଭୁବନେଶ୍ୱର ସମେତ ୫ ସହର ଅନୁଧ୍ୟାନ

ମୁମ୍ବାଇ, ୧୧।୯(ପି.ଟି.)

୨୦୨୦ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଅନୁଷ୍ଠିତ ହେବ। ଏଥିପାଇଁ ବିଶ୍ୱରେ ଫୁଟବଲ ପରିଚାଳନାର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଭୁବନେଶ୍ୱର ସମେତ ମୋଟ ୫ଟି ସହରକୁ ଅନୁଧ୍ୟାନ କରାଯାଇଛି। ଟୁର୍ନାମେଣ୍ଟ ଆୟୋଜନ ଦୌଡ଼ରେ ଥିବା ଅନ୍ୟ ସହରଗୁଡ଼ିକ ହେଲା କୋଲକାତା, ଅହମ୍ମଦାବାଦ, ଗୋଆ ଓ ନଭି ମୁମ୍ବାଇ। ୨୦୨୦ରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଭାରତରେ ଆୟୋଜନ ହେବ ବୋଲି ଗତ ମାର୍ଚ୍ଚରେ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଘୋଷଣା କରିଥିଲେ।

ବର୍ତ୍ତମାନ ସୁଦ୍ଧା ଆମେ ୫ଟି ସହରର ଭିତ୍ତିଭୂମିକୁ ଅନୁଧ୍ୟାନ କରିଛୁ। ଅନ୍ୟ କେତେକ ସହର ମଧ୍ୟ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ରୋମା ଖାନ୍ନା ପ୍ରକାଶ କରିଛନ୍ତି। "ଗତ ମାସରେ ଆମେ ଭୁବନେଶ୍ୱରର ଭିତ୍ତିଭୂମି ଅନୁଧ୍ୟାନ କରି ବିଶ୍ୱକପ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁମତି ପ୍ରଦାନ କରିଛୁ। ଆଉ ତିନୋଟି ଭେନ୍ୟୁକୁ ଆମେ ଆସନ୍ତା ମାସରେ ବାଛିବୁ। ଆସନ୍ତା କିଛିମାସ ମଧ୍ୟରେ ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ ଚିତ୍ର ସ୍ପଷ୍ଟ ହୋଇଯିବ" ବୋଲି ରୋମା କହିଛନ୍ତି। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ସ୍ଥାନୀୟ ଆୟୋଜକ କମିଟି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଘରୋଇ ସହର ଗୁଡ଼ିକୁ ପ୍ରାରମ୍ଭିକ ଚୟନ କରିବାପରେ ଫିଫା ତାହାକୁ ଅନୁଧ୍ୟାନ କରିବ ବୋଲି ସେ କହିଛନ୍ତି। "ଆମେ ଏପର୍ଯ୍ୟନ୍ତ ଭେନ୍ୟୁ ପାଇଁ ସହରଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ହୋଇ ପାରିନାହୁଁ। ଭୁବନେଶ୍ୱରରେ ଟୁର୍ନାମେଣ୍ଟ ଆୟୋଜନ ପାଇଁ କ'ଣ କରିବାକୁ ହେବ ସେ ସମ୍ପର୍କରେ ଆଲୋଚନା କରି ସାରିଛୁ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହୋଇପାରିଲେ ଆମେ ଭୁବନେଶ୍ୱରକୁ ଭେନ୍ୟୁଭାବେ ସ୍ପଷ୍ଟ କରିବୁ। ସେହିପରି ଆମେ ଏବେ ଅନ୍ୟ ସହରଗୁଡ଼ିକୁ ଯାଇ ସେଠାକାର ଭିତ୍ତିଭୂମି ଦେଖିବୁ ଏବଂ ସନ୍ତୋଷଜନକ ମନେ ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁମତି ଦେବୁ। ଏହାପରେ ଆମେ ଫିଫାକୁ ସବୁକିଛି ଜଣାଇବୁ ବୋଲି ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଆୟୋଜନ ଦୌଡ଼ରେ ଥିବା ସହର ଗୁଡ଼ିକର ଭିତ୍ତିଭୂମିକୁ ଫିଫା ପକ୍ଷରୁ ଆଉଥରେ ଅନୁଧ୍ୟାନ କରାଯିବ। ଆୟୋଜକ ଦେଶଭାବେ ଭାରତ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଖେଳିବା ପାଇଁ ସିଧାସଳଖ ଏଣ୍ଟ୍ରି ପାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୧୯ Balasore, Thursday, September 12/2019


## ସଂକ୍ଷେପରେ

### ଗାଁ ରାସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଉଦଳା,୧୧।୯(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ସହରତଳି ଅଞ୍ଚଳରେ ଥିବା ଟଣକାସାହି ଗାଁ ରାସ୍ତା ଉପରେ ପଡ଼ିଥିବା ଜଣେ ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର କରିଛି। ଏଥିନେଇ ଏକ ଅପମୃତ୍ୟୁ ମାମଲା(ନଂ.୪୧/୧୯) ରୁଜୁ କରି ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଛି । ମୃତକ ଜଣକ ହେଲେ ରତ୍ନାକର ପାତ୍ର(୨୬)। ପୋଲିସ ସୂଚନା ଅନୁଯାୟୀ, ଟଣକାସାହି ଗ୍ରାମର ରତ୍ନାକର କଲିଆଛକ ନିକଟରେ ଥିବା ଏକ କୋଚିଂ ସେଣ୍ଟରରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ କୋଚିଂ ସେଣ୍ଟରକୁ ରୋଷେଇ କରିବାକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ତାଙ୍କ ମାଆ ତାଙ୍କୁ ଅନେକ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ପତ୍ତା ପାଇ ନ ଥିଲେ । ବୁଧବାର ସକାଳେ ତାଙ୍କ ମୃତଦେହ ଗାଁ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଉଦଳା ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ କହିଛନ୍ତି।

### ନାଳରେ ବୁଡି ଜଣେ ମୃତ

**କେନ୍ଦୁଝର, ୧୧।୯(ଡି.ଏନ.ଏ.):** କେନ୍ଦୁଝର ସହରର ଜଣେ ବ୍ୟକ୍ତି ଗାଧୋଇବା ଅବସ୍ଥାରେ ନାଳରେ ବୁଡି ମୃତ୍ୟୁବରଣ କରଛନ୍ତି। ଖବରରୁ ପ୍ରକାଶ ଯେ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗାଁର ସୁବାଶ ନାଏକଙ୍କ ପୁଅ ହେମନ୍ତ କୁମାର ନାଏକ(୩୫) ତାଙ୍କ ଶ୍ୱଶୁର ଘର ବାରିଆ ଥାନା ଅନ୍ତର୍ଗତ ଉଚ୍ଚବାଲି ଗ୍ରାମକୁ ଯାଇଥିଲେ। ସେ ମେରେମେଦା ନାଳକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡି ଯାଇଥିଲେ। ନାଳ କୂଳରେ ତାଙ୍କ ଚପଲ ପଡ଼ିଥିବା ଦେଖି ଶ୍ୱଶୁର ଘର ଲୋକେ ସନ୍ଦେହରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିବା ଜଣାପଡିଛି। ହେମନ୍ତଙ୍କର ଦୁଇ ଝିଅ ଏବଂ ସ୍ତ୍ରୀଙ୍କ ପ୍ରତିପୋଷଣ ପାଇଁ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

### ପାଗଳା କୁକୁର କାମୁଡ଼ାରେ ୨୦ ଆହତ

**କେନ୍ଦୁଝର,୧୧।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଳ ଗ୍ରାମାଞ୍ଚଳରେ ଏକ ପାଗଳା କୁକୁର ଆତଙ୍କ ଖେଳାଇଛି। ଗତ ଦୁଇଦିନ ମଧରେ ପ୍ରାୟ ୨୦ ଲୋକଙ୍କୁ କୁକୁର କାମୁଡିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଆହତଙ୍କ ମଧରୁ ଜଣେ ଶିଶୁ ଓ ଜଣେ ଗର୍ଭବତୀ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଆହତ ଶିଶୁଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଏବଂ ଗର୍ଭବତୀଙ୍କୁ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତମାନେ ବ୍ରାହ୍ମଣୀପାଳ ଓ ଯାଜପୁର ଜିଲା ଦାନଗଦି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ବୁଧବାର ପୋଲିସ ଘଟଣାସ୍ଥଳକୁ ଯାଇ ପାଗଳା କୁକୁରକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଥିବା ଜଣାପଡ଼ିଛି।

# ବୁଡ଼ିଗଲାଣି ବୋଳଂ ଲୁଣଚାଷ

- ଅତୀତକୁ ଝୁରୁଛି ମାଟି, ଝୁରୁଛନ୍ତି ଚାଷୀ
- ୫୦୦ ପରିବାର ବୃତ୍ତିହରା
- ସରକାରୀ ମେଗା ପ୍ରକଳ୍ପର ପତ୍ତା ନାହିଁ



ଅଲୋଡା ଲୁଣ କାରଖାନା ଅଫିସ ଗୃହ ।



ଜଣେ ଚାଷୀ ଘରୋଇ ଭାବେ ଲୁଣ ଉତ୍ପାଦନ କରୁଛନ୍ତି।

**ବାଲିଆପାଳ, ୧୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଉପକୂଳବର୍ତ୍ତୀ ବୋଳଂ ପଞ୍ଚାୟତ ଓ ଆଖପାଖ ଅଞ୍ଚଳରେ ହେଉଥିବା ଲୁଣ ଚାଷ ଏବେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଲୁଣ ଚାଷ କରି ଜୀବିକା ନିର୍ବାହ କରୁଥିବା ଚାଷୀ ବୃତ୍ତିହରା ହୋଇପଡିଛନ୍ତି। ଏଠାରେ ଗଢି ଉଠିଥିବା ସମବାୟ ସମିତି 'ସଲ୍ଟ ମାନୁଫାକଚରିଂ ଇଣ୍ଡଷ୍ଟ୍ରିଜ' ଅକାମୀ ହୋଇପଡିଛି। ଓଡିଶାରେ ଲୁଣ ଉତ୍ପାଦିତ ହେଉଥିବା ଗଞ୍ଜାମ ଜିଲାର ହୁମ୍ମା, ସୁରନ୍ଦା, ସୁମଣି ଆଦି ସ୍ଥାନର ଲୁଣଠାରୁ ବୋଳଂ ଲୁଣର ଗୁଣବତ୍ତା ଅଧିକ । ଏଥିରେ ଶତକଡା ୧୫ ଭାଗ ଆୟୋଡିନ ରହିଥାଏ। ବୋଳଂ ଲୁଣ ଚାଷର ପୁନଃ ଉଦ୍ଧାର ଓ କାରଖାନ ପ୍ରତିଷ୍ଠା ସକାଶେ ସରକାରୀ ସ୍ତରରେ ହୋଇଥିବା ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଛି ବୋଲି ଲୁଣ ଚାଷୀ ଲକ୍ଷ୍ମୀଧର ସାମନ୍ତ, ସୁଧୀର ମଣ୍ଡଳ, ବିକାଶ ମଣ୍ଡଳ, ଅରୁଣ ମଇକାପ,ସୁମତୀ ମଇକାପ, ସାଧନା ମଣ୍ଡଳ ପ୍ରମୁଖ ଅଭିଯୋଗ କରିଛନ୍ତି।

ଅତୀତରେ ଲୁଣ ଚାଷକୁ ଜୀବିକା କରି କେବଳ ବୋଳଂ ପଞ୍ଚାୟତର ୫ଶହରୁ ଉର୍ଦ୍ଧ୍ୱ ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ଆୟୋଡିନ ମିଶ୍ରିତ ଲୁଣ ବିକ୍ରି ହେବା ପରେ ଏଠାକାର ଚାଷୀ ଉତ୍ପାଦନ କରୁଥିବା ଲୁଣକୁ ଆୟୋଡିନ ଯୁକ୍ତ କରିବା ପାଇଁ ସରକାର ଆବଶ୍ୟକ ମେଶିନ ଓ ପରୀକ୍ଷା ଗୃହ ଯୋଗାଇ ଦେଇଥିଲେ । ପ୍ରାୟ ୭୦ ଦଶକରୁ ବୋଳଂ ଲୁଣ ଚାଷ ନିଜର ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲା। ସରକାର ଯୋଗାଇଥିବା ମେଶିନ ଅଳ୍ପ କିଛି ମାସ ଚାଲି ଅଚଳ ହୋଇପଡିବାରୁ ଲୁଣ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଚାଷୀମାନେ ବାଧ ହୋଇ ଉତ୍ପାଦିତ ଲୁଣକୁ ଦଲାଲଙ୍କ ମାଧ୍ୟମରେ ଖୁବ କମ ଦରରେ ବିକ୍ରି କରି କ୍ଷତି ସହିଥିଲେ। ଏଭଳି ସ୍ଥିତିରେ କେତେକ ଚାଷୀ ଲୁଣଚାଷ ଛାଡି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଚାଲିଯାଇଥିଲେ । ଲୁଣ ଚାଷୀଙ୍କଠାରୁ ସରକାର ଭୂମି କର ବାବଦରେ ଅଧିକ୨୦ ଗୁଣ ଅର୍ଥ ଆଦାୟ କରିବାରୁ ଏହା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଥିଲା। ୧୯୭୦ରୁ ୧୯୯୬ ପର୍ଯ୍ୟନ୍ତ ଲାଭରେ ଚାଲିଥିବା ସମବାୟ ସମିତି କ୍ରମେ ରୁଗ୍ଣ ହୋଇପଡିଥିଲା। ବୋଳଂ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ ପରିବାର ସେହି ଦିନରୁ ବୃତ୍ତିହରା ହୋଇ ଦୁର୍ଦ୍ଦଶାମୟ ଜୀବନକୁ ଆଦରି ନେଇଛନ୍ତି।

ଲୁଣ ଉତ୍ପାଦନ ପାଇଁ ବୋଳଂରେ ବ୍ୟାପକ ଭିତ୍ତିଭୂମି ଥିଲେ ମଧ୍ୟ ଏହାର ଉପଯୋଗ କରାଯାଉ ନାହିଁ। ଏବେ ଲୋକେ ଖୋଲା ବଜାରରୁ ବିଭିନ୍ନ କମ୍ପାନୀର ଆୟୋଡିନଯୁକ୍ତ ଲୁଣ କିଲୋପ୍ରତି ୧୫ରୁ୨୦ ଟଙ୍କାରେ କିଣୁଛନ୍ତି।ହେଲେ ବୋଳଂ ଲୁଣକୁ ଉପଯୋଗ କରାଯାଇ ପାରିଲେ ଲୋକେ କିଲୋପ୍ରତି ୮ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରନ୍ତେ । ଚାଷୀମାନେ ପୂର୍ବଭଳି କର୍ମନିଯୁକ୍ତି ପାଇ ଏହି ପାରମ୍ପରିକ ଲୁଣ ଚାଷକୁ ବଞ୍ଚାଇ ରଖି ପାରନ୍ତେ। ଏଥର ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ବୋଳଂ ଲୁଣ ଚାଷର ପୁନଃ ଉଦ୍ଧାର କରାଯିବା ସହ କାରଖାନ ପ୍ରତିଷ୍ଠା ଲାଗି ଏକ ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏ ଦିଗରେ କୌଣସି କାମରେ ଅଗ୍ରଗତି ହୋଇନାହିଁ ବୋଲି ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି।

# ହଳଦିଆ ଘାଟ ଓ ପୋଲ ନିର୍ମାଣ ସ୍ଥିତି ପରଖିଲେ

- ଡଙ୍ଗା ଓଲଟିବା ଘଟଣା ପରେ ପ୍ରଶାସନ ତତ୍ପର
- ପୋଲ ନିର୍ମାଣ ବିଳମ୍ବ ନେଇ ଥାନାରେ ଏତଲା



ଲୋକଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଲୋଚନା କରୁଛନ୍ତି।

**ରେମୁଣା,୧୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କଲ୍ୟାଣପୁର ଠାରେ ବୁଢ଼ାବଳଙ୍ଗ ନଦୀର ହଳଦିଆ ଘାଟରେ ରବିବାର ସନ୍ଧ୍ୟାରେ ଲୋକଙ୍କୁ ନଦୀ ପାର କରିବା ବେଳେ ଡଙ୍ଗା ଓଲଟି ପଡ଼ିଥିଲା। ୩୦ରୁ ଉର୍ଦ୍ଧ୍ୱ ଲୋକ ପହଁରି ପହଁରି କୂଳରେ ପହଞ୍ଚି ଥିଲେ। ଏହି ଡଙ୍ଗାବୁଡି ଘଟଣା ନେଇ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୋଲ ନିର୍ମାଣ କାର୍ଯ୍ୟ ବିଳମ୍ବ ହେବା ନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆରଡ଼ିର ନିର୍ବାହୀଯନ୍ତ୍ରୀ ନନ୍ଦ ଦୁଲାଲ ଘଡ଼େଇ ସୋମବାର ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ରେମୁଣା ଥାନାରେ ଏତାଲା ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ସୂଚନା ପାଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ଅପରାହ୍ନରେ ହଳଦିଆ ଘାଟ ନିକଟକୁ ଯାଇ ନିର୍ମାଣାଧୀନ ଥିବା ପୋଲ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସ୍ଥାନୀୟ କଲ୍ୟାଣପୁର, ଗଣ୍ଡର୍ଦ୍ଧା ଓ ନିଜାମପୁର ପଞ୍ଚାୟତର ଶତାଧିକ ମହିଳାଙ୍କ ସମେତ ବହୁ ଲୋକ ମନ୍ଥର ଗତିରେ ପୋଲ ନିର୍ମାଣ କରାଯାଉଥିବା ଅଭିଯୋଗ କରି ଏସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହଳଦିଆ ଘାଟ ଦେଇ ଶ୍ରମିକ, କୃଷକ, ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ସରକାରୀ ଚାକିରିଆ ପର୍ଯ୍ୟନ୍ତ କିଭଳି ବିପଜ୍ଜନକ ଭାବେ ନଦୀ ପାର ହୋଇ ଯାଉଛନ୍ତି ସେମାନେ ତାହା ଦର୍ଶାଇଥିଲେ। ପୋଲ କାମ ଶେଷ ନ ହେବା ପର୍ଯ୍ୟନ୍ତ ବର୍ଷା ଦିନେ ଏକ ଯନ୍ତ୍ର ଚାଳିତ ଡଙ୍ଗା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଏସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ରେମୁଣା ବ୍ଲକ ଚେୟାରମ୍ୟାନ ସୁଶାନ୍ତ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ବିପିନ ମାରାଣ୍ଡି, ନିଜାମପୁର ସରପଞ୍ଚ ସଞ୍ଜିତ କୁମାର ପ୍ରଧାନ, ଗଣ୍ଡର୍ଦ୍ଧା ସରପଞ୍ଚ ଗଜେନ୍ଦ୍ର ସେଠୀ, ସମିତିସଭ୍ୟା ମଧୁସ୍ମିତା ମହାଳିକ, କଲ୍ୟାଣପୁର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମିତିସଭ୍ୟ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥ ଲୁଟେରା ପିଣ୍ଟୁ ଗିରଫ



ଗିରଫ ଅଭିଯୁକ୍ତ ପିଣ୍ଟୁ ସାହୁ।

**ରୂପ୍‌ସା/ବସ୍ତା,୧୧।୯(ଡି.ଏନ.ଏ.)**

ବିଭିନ୍ନ ଅପରାଧ ମାମଲାରେ ଅଭିଯୁକ୍ତ ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅନ୍ତର୍ଗତ ନୟାପଡ଼ା ଗ୍ରାମର ଅମିତ ଓରଫ ପିଣ୍ଟୁ ସାହୁଙ୍କୁ ବସ୍ତା ପୋଲିସ ମଙ୍ଗଳବାର ରାତିରେ ଗିରଫ କରିଛି। ତାଙ୍କ ବିରୋଧରେ ୩୯୨ ଦଫାରେ ଏକ ମାମଲା (ନଂ. ୨୩୫/୧୯) ରୁଜୁ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ସେକ ନସିମ ବାଲେଶ୍ୱର ଯାଉଥିବାବେଳେ ହଳଦୀପଦା ରାଜଧାନୀ ଢ଼ାବାଠାରେ ଅଭିଯୁକ୍ତ ପିଣ୍ଟୁ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ୨ହଜାର ୫ଶହ ଟଙ୍କା ଓ ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ସେକ ନସିମ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଧନେଶ୍ୱର ସାହୁ ରାତିରେ ଚଢ଼ାଉ କରି ବାଲେଶ୍ୱରରୁ ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଅଭିଯୁକ୍ତଙ୍କଠାରୁ ଚୋରି ଟଙ୍କା ସହ ଏକ ବାଇକ୍ ଓ ମୋବାଇଲ ଫୋନ ଜବତ ହୋଇଛି। ବିଭିନ୍ନ ସମୟରେ ସେ ଲୁଟ୍, ଛିନ୍‌ତାଇ, ରାହାଜାନି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ତାଙ୍କ ବିରୋଧରେ ବସ୍ତା ଥାନାରେ ୧୬, ସହଦେବଖୁଣ୍ଟା ଥାନାରେ ୩, ରୂପ୍‌ସା ଥାନାରେ ୧ ଓ ବୈଶିଙ୍ଗା ଥାନାରେ ୧ ମାମଲା ରହିଥିବା ଆଇଆଇସି ସାହୁ ସୂଚନା ଦେଇଛନ୍ତି।

## ନୟନଯୋରିରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ଥାନା ସମ୍ମୁଖରେ ଉତ୍ତେଜନା

**ଭଦ୍ରକ ଅଫିସ, ୧୧।୯**

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ମିର୍ଜାପୁରସ୍ଥିତ ନୟନଯୋରିରୁ ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ଧନାଟୋଲା ଗ୍ରାମର ନସିମ୍ ଖାଁ(୩୮)। ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ବେଳେ ଥାନାଧିକାରୀ ପ୍ରଜ୍ଞା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଥିଲେ। ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୧୯) ରୁଜୁ ହୋଇଛି। ତେବେ ଏହି ଘଟଣାକୁ ନେଇ ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ନେଇ ଯାଉଥିବା ରାସ୍ତାରେ ପୁରୁଣାବଜାର ଥାନା ସମ୍ମୁଖରେ ପରିବାର ଲୋକ ରାସ୍ତାରୋକୋ କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ ସହ ଏହି ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରେତାଙ୍କୁ ଗିରଫ କରାଯିବା ପାଇଁ ସେମାନେ ଦାବି କରିଥିଲେ। ପୋଲିସ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ଉକ୍ତ ସ୍ଥାନରୁ ପୂର୍ବରୁ ଅନୁରୂପ ଭାବେ ୪ ଟି ମୃତଦେହ ମିଳିସାରିଛି। ମଦ ପିଇ ମୃତ୍ୟୁ ଘଟୁଥିବା କିମ୍ବା ହତ୍ୟାକାଣ୍ଡ ପଛରେ ଏହା ମୁଖ୍ୟ କାରଣ ବୋଲି ଅଭିଯୋଗ ହୋଇଛି। ପୁରୁଣାବଜାର ଥାନାରେ ୩ ଥାନା ଅଧିକାରୀ ଓ ଏସ୍‌ଡିପିଓ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଠିକା ଶ୍ରମିକଙ୍କ ଆତ୍ମହତ୍ୟା

**କେନ୍ଦୁଝର, ୧୧।୯(ଡି.ଏନ.ଏ.)**

କେନ୍ଦୁଝର ଟାଉନ ଥାନା ନିକଟରେ ରହୁଥିବା ଜଣେ ଠିକା ଶ୍ରମିକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଓଡଗାଁ ବ୍ଲକ ଗୁଆଁଦି ଗ୍ରାମର କାହ୍ନୁ ନାଏକ(୧୮) କେନ୍ଦୁଝର ଜଳଯୋଗାଣ କାର୍ଯ୍ୟାଳୟରେ ପାଣି ପାଇପ୍ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ କିଛିଦିନ ତଳୁ କେନ୍ଦୁଝର ଟାଉନ ଥାନା ନିକଟସ୍ଥ ଏକ ଭଡା ଘରେ ରହୁଥିଲେ। କୌଣସି କାରଣବଶତଃ ମଙ୍ଗଳବାର ବିଳମ୍ବିତ ରାତିରେ ସେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ପୋଲିସକୁ ଖବର ମିଳିଥିଲା। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିବା ଜଣାପଡିଛି।


## ପୁରୁଣା ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରୋଗୀମାନଙ୍କ ପାଇଁ ଶୁଭ ଖବର




ଡା. ଅର୍ଥୋ ହିଁ କାହିଁକି କିଣିବେ?

ସମଗ୍ର ଭାରତରେ ମିଳିଛି ପରିଣାମ

Rajasthan — ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛି ଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Delhi — ମାୟା ଚାଓ୍ୱଲା, ବୟସ ୭୧ ବର୍ଷ, ହାଉସ୍ ଓ୍ୱାଇଫ୍। ଅନେକ ବର୍ଷ ଧରି ମୁଁ ଆଣ୍ଠୁ ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲି। ଡାକ୍ତରମାନେ ସର୍ଜରୀ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଦିନେ ଜଣେ ବାନ୍ଧବୀଙ୍କ କଥାମାନି ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାରେ ସେବନ କରିବା ଆରମ୍ଭ କରିଦେଲି। ଏବେ ୪୫ ଦିନ ମଧ୍ୟରେ ହିଁ ମୋ ଆଣ୍ଠୁ ଯନ୍ତ୍ରଣା କ'ଣ ଭୁଲିଯାଇଛି।

Gujarat — ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥିଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

Maharashtra — ଦେବୀଦାସ ତିଂଘା ସୋନବଡ଼େ, ୫୫ ବର୍ଷ, ବ୍ୟାଙ୍କ କର୍ମଚାରୀ। ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରହୁଥିଲେ। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲେ। ସେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାରେ ମାଲିସ୍ କଲେ ଏବଂ ଡା. ଅର୍ଥୋର ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ସେବନ କଲେ। ମାତ୍ର ୨ ମାସର ବ୍ୟବହାର ପରେ ସେ କୁହନ୍ତି ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।

Gujarat — ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କସ କହିବାକୁ ଚାହୁଁଛି ।

Haryana — ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରୀରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।

'ଡା. ଅର୍ଥୋ'ର ସବୁ ପ୍ରଡକ୍ଟ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି ଓ ବିକ୍ରି ହୋଇଥାଏ । ବଜାରରେ ସମାନ ଧରଣର ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ଇତ୍ୟାଦିରୁ ଭ୍ରମିତ ହୁଅନ୍ତୁ ନାହିଁ ।


## ଭୁଶୁଡ଼ିଲା ପୁରୁଣା ପୋଲ

# ୩ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ



ଭୁଶୁଡ଼ି ପଡ଼ିଥିବା ପୋଲ।

**ଖୁଣ୍ଟା,୧୧।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ବଡଫେଣି ପଞ୍ଚାୟତ ଅଧୀନ ଛତ୍ରମା ଓ ବଡ଼ ସାତଶୋଲ ଗ୍ରାମ ମଧ୍ୟବର୍ତ୍ତୀ ଆରଡି ରାସ୍ତାର ଗଙ୍ଗାହାର ନଦୀ ଉପରେ ଥିବା ଏକ ପୁରୁଣା ପୋଲ ବୁଧବାର ପୂର୍ବାହ୍ନରେ ଭୁଶୁଡି ପଡିଛି। ଫଳରେ ପୋଲର ଅପର ପାର୍ଶ୍ୱରେ ଥିବା ୩ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଖୁଣ୍ଟା-ବାରିପଦା ରାଜ୍ୟ ରାଜପଥର ସାହାଡାଗ କେନାଲ ଛକଠାରୁ କୁସୁମଘାଟି ପର୍ଯ୍ୟନ୍ତ ଲମ୍ବିଥିବା ପ୍ରଧାନମନ୍ତ୍ରୀ ସଡକକୁ ବଡ଼ଫେଣି, ବଡ଼ପଥରା ଓ ବାହାନଡା ପଞ୍ଚାୟତ ବାସିନ୍ଦାଙ୍କ ପାଇଁ ଲାଇଫ ଲାଇନ ବୋଲି କୁହାଯାଏ। ମାତ୍ର ଏହି ରାସ୍ତାରେ ଥିବା ପୁରୁଣା ପୋଲଟି ଭୁଶୁଡି ପଡିବା ଯୋଗୁଁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବୁଧବାର ଛତ୍ରମା ଅଙ୍ଗନୱାଡି କେନ୍ଦ୍ରରେ ଟୀକାକରଣ କାର୍ଯ୍ୟକ୍ରମ ଥିବାବେଳେ ଉକ୍ତ ପୋଲର ଅପର ପାର୍ଶ୍ୱରୁ ତାପସ କୁମାର ବେହେରା ନାମକ ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପୂର୍ବାହ୍ନ ୧୦ଟା ସମୟରେ ବାଇକ ଯୋଗେ ଏହି କାର୍ଯ୍ୟକ୍ରମକୁ ଯାଉଥିଲେ। ତେବେ ଉକ୍ତ ପୋଲଟି ପୂର୍ବରୁ ଭୁଶୁଡି ପଡ଼ିଥିଲେ ହେଁ ଅତ୍ୟଧିକ ବର୍ଷା ଓ ସେ ହେଲମେଟ ପିନ୍ଧିଥିବା ଯୋଗୁ ଜାଣି ନ ପାରି ନଦୀ ମଧ୍ୟକୁ ବାଇକ ସହିତ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦଉଡି ପକାଇ ବାଇକ ସହିତ ତାଙ୍କୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ବଡଫେଣି ପଞ୍ଚାୟତର ସରପଞ୍ଚ ଶ୍ରୀନିବାସ ନାଏକଙ୍କୁ ପଚାରିବାରୁ ଆରଡି ବିଭାଗ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ସେ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କୁ ଜଣାଇଥିବା କହିଛନ୍ତି। ତେବେ ଲୋକଙ୍କ ଯାତାୟତ ପାଇଁ ବିଭାଗ ପକ୍ଷରୁ ଖୁବଶୀଘ୍ର ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସରପଞ୍ଚ ନାଏକ ସୂଚନା ଦେଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ